# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୩/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, June 23/2023 | Page 16 | ₹ 7.00

୪୯ଶ ଭାଗ ୨୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 208 | ମୂଲ୍ୟ ₹୭/-




## ଗୋବିନ୍ଦ ପୋଦ୍ଦାରଙ୍କ ଶତକ

ଓଡ଼ିଶା ଟି୨୦ କ୍ରିକେଟ ଲିଗ୍‌ରେ ଓଡ଼ିଶା ଜାଗୁଆର୍ସ ତରଫରୁ ଖେଳୁଥିବା ଗୋବିନ୍ଦ ପୋଦ୍ଦାର ଶତକ ହାସଲ କରିଛନ୍ତି।

୧୪

୧୨

## ବିବାହ ନେଇ ଗୁଜବ

ଦକ୍ଷିଣ ଭାରତୀୟ ଫିଲ୍ମ ଅଭିନେତ୍ରୀ ରଶ୍ମିକା ମନ୍ଦାନା ଓ ନାୟକ ବିଜୟ ଦେବରକୋଣ୍ଡାଙ୍କ ବିବାହକୁ ନେଇ ଚର୍ଚ୍ଚା ଜୋର ଧରିଛି।



**ଆଜିର ସମ୍ପାଦକୀୟ**

**ଅସହିଷ୍ଣୁ ବିଚାର**

୨୦୨୪ରେ ଇସ୍ରୋ-ନାସାର ମିଳିତ ସ୍ପେସ୍ ମିଶନ

ପୃଷ୍ଠା-୨

# ବିରୋଧୀ ମଞ୍ଚ ପ୍ରସ୍ତୁତ

## ମିଶନ ୨୦୨୪: ପାଟନାରେ ଆଜି ଏକାଠି ହେବେ ୧୫ ଦଳର ନେତା

**ସାଧାରଣ ନିର୍ବାଚନକୁ ପ୍ରାୟ ୧୦ ମାସ ବାକି ଥିବାବେଳେ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରକୁ କ୍ଷମତାଚ୍ୟୁତ କରିବା ପାଇଁ ବିରୋଧୀ ଜୋର୍‌ଦାର ପ୍ରସ୍ତୁତି ଚଳାଇଛନ୍ତି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନିମନ୍ତ୍ରଣକ୍ରମେ ଶୁକ୍ରବାର ପାଟନାରେ ବିରୋଧୀ ଦଳଗୁଡ଼ିକର ବିଶାଳ ସମାବେଶ ଆୟୋଜିତ ହେବାକୁ ଯାଉଛି। ଏଥିରେ ପ୍ରାୟ ୧୫ ବିପକ୍ଷ ଦଳର ନେତାମାନେ ଯୋଗଦେଇ ଶକ୍ତି ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରତିଟି ଲୋକ ସଭା ଆସନରେ ଭୋଟ ବିଭାଜନକୁ ଏଡ଼ାଇବା ପାଇଁ ଭାଜପା ବିପକ୍ଷରେ ବିରୋଧୀଙ୍କ ପକ୍ଷରୁ ମିଳିତ ପ୍ରାର୍ଥୀ ଦେବା ବୈଠକର ମୁଖ୍ୟ କାର୍ଯ୍ୟସୂଚୀ ହୋଇଥିବାରୁ ଏହା ଉପରେ ଦେଶବାସୀଙ୍କ ନଜର କେନ୍ଦ୍ରୀଭୂତ ହୋଇଛି।**



ରାହୁଲ ଗାନ୍ଧୀ



ନୀତୀଶ କୁମାର



ମମତା ବାନାର୍ଜୀ

ପାଟନା/ନୂଆଦିଲ୍ଲୀ,୨୨।୬ (ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ ଓ ୨୦୧୯ରେ ଲଗାତର ଦୁଇଥର ଭାଜପା ପାଇଁ ଅଭୂତପୂର୍ବ ସଫଳତା ଆଣିଦେଇ ନିରଙ୍କୁଶ କ୍ଷମତା ଉପଭୋଗ କରୁଛନ୍ତି। ମୋଦିଙ୍କ ଲୋକପ୍ରିୟତା ଆଗରେ ବିରୋଧୀଙ୍କ ଅଧିକାଂଶ ରଣନୀତି ଫେଲ୍ ମାରୁଛି। ତାଙ୍କୁ ଟକ୍କର ଦେବା ଭଳି ବ୍ୟକ୍ତିତ୍ୱ ବିପକ୍ଷର କୌଣସି ନେତାଙ୍କଠାରେ ଥିବା ଭଳି ମନେହେଉନାହିଁ। ମୋଦିଙ୍କ ସମକକ୍ଷ ହେବା ପାଇଁ ଅତୀତରେ ଅନେକ ନେତା ଉଦ୍ୟମ କରିବା ସତ୍ତ୍ୱେ ବିଭିନ୍ନ କାରଣରୁ ସଫଳ ହୋଇନାହାନ୍ତି। ତେଣୁ 'ଏକତା ହିଁ ବଳ'କୁ ପୁଞ୍ଜି କରି ଆସନ୍ତା ବର୍ଷର ଲୋକ ସଭା ନିର୍ବାଚନରେ ଭାଜପାର ବିଜୟ ଧାରାରେ ବ୍ରେକ୍ ଦେବା ନିମନ୍ତେ ବିଧିବଦ୍ଧ ପ୍ରୟାସ ଆରମ୍ଭ ହୋଇଛି। ସାଧାରଣ ନିର୍ବାଚନ ପଇଁ ମିଳିତ ରଣନୀତି ପ୍ରସ୍ତୁତି ସକାଶେ ବିରୋଧୀ ସଜବାଜ ହେଉଥିବାବେଳେ ବିହାର ମୁଖ୍ୟମନ୍ତ୍ରୀ ତଥା ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ନୀତୀଶ କୁମାରଙ୍କ 'ଏକତା ଉଦ୍ୟମ' ଏହାକୁ ବଳ ଦେଇଛି। ସବୁ ବିରୋଧୀ ଏକାଠି ହୋଇପାରିଲେ ଶୁକ୍ରବାର ହେବାକୁ ଥିବା ପାଟନା ରାଲି ବିରୋଧୀ ଦଳଗୁଡ଼ିକର ନୈତିକ ମନୋବଳ ବୃଦ୍ଧି କରିପାରେ। ଏହାର ସଫଳତା ଭାଜପାର ନିଦ ହଜାଇ ଦେଇପାରେ। କିନ୍ତୁ ଏଥିପାଇଁ ଆଞ୍ଚଳିକ ଦଳଗୁଡ଼ିକର ନେତାମାନଙ୍କୁ ବ୍ୟକ୍ତିଗତ ମହତ୍ତ୍ୱାକାଂକ୍ଷା ପରିତ୍ୟାଗ କରିବାକୁ ପଡ଼ିବ ବୋଲି ରାଜନୈତିକ ବିଶ୍ଳେଷକ ମତ ଦେଉଛନ୍ତି। ନୀତୀଶ କୁମାରଙ୍କ

☞ପୃଷ୍ଠା-୪













**ଏଲ୍‌ପିଜି ସିଲିଣ୍ଡର ଫାଟି ୩୧ ମୃତ**

ଚାଇନାର ୟିନଚୁଆନ ସହରରେ ଥିବା ଏକ ବାର୍ବିକ୍ୟୁ ରେଷ୍ଟୁରାଣ୍ଟରେ ଏଲ୍‌ପିଜି ସିଲିଣ୍ଡର ଫାଟି ୩୧ ଜଣଙ୍କ ମୃତ୍ୟୁ ଘଟିଛି। ଡ୍ରାଗନ୍ ବୋଟ୍ ଫେଷ୍ଟିଭାଲ ପାଇଁ ବହୁ ଲୋକ ନିଜ ପ୍ରିୟଜନଙ୍କ ସହ ରେଷ୍ଟୁରାଣ୍ଟକୁ ଆସିଥିବାବେଳେ ଏହି ଅଘଟଣ ଘଟିଛି। ହୋଟେଲ ମାଲିକ ଓ ଷ୍ଟାଫ୍‌ଙ୍କ ସମେତ ୯ ଜଣଙ୍କୁ ପୋଲିସ ଅଟକ ରଖିଛି। ୭ ଗୁରୁତର ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।


ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ଫାଷ୍ଟ ଲେଡି ଜିଲ୍ ବାଇଡେନ୍‌ଙ୍କ ସହ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି (ମଝି)।

# ୨୦୨୪ରେ ଇସ୍ରୋ-ନାସାର ମିଳିତ ସ୍ପେସ୍ ମିଶନ



ଆମେରିକାର ମହାକାଶ ସଂସ୍ଥା ନାସା (ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେଶନ) ଏବଂ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଚଳିତବର୍ଷ ମହାକାଶକୁ ମାନବ ପ୍ରେରଣ ଲାଗି ଏକ ରଣନୀତିକ କାର୍ଯ୍ୟଯୋଜନା ପ୍ରସ୍ତୁତ କରୁଛନ୍ତି। ଆମେରିକାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ଷ୍ଟେଟ୍ ଭିଜିଟ୍ ଅବସରରେ ଗୁରୁବାର ଭାରତ ଆର୍ଟେମିସ୍ ଆକର୍ଡସ୍‌ରେ ଯୋଗଦେବା ପାଇଁ ନିଷ୍ପତ୍ତି ନେଇଛି। ୨୦୨୪ରେ ନାସା ଏବଂ ଇସ୍ରୋ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍)କୁ ଏକ ମିଳିତ ମିଶନ କରିବା ଲାଗି ସହମତ ହୋଇଛନ୍ତି। ଆର୍ଟେମିସ୍ ଆକର୍ଡସ୍‌ରେ ଭାରତ ସ୍ୱାକ୍ଷର କରିଥିବା ଆମେ ଘୋଷଣା କରିପାରିବା ବୋଲି ନାସାର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ କହିଛନ୍ତି। ସମସ୍ତ ମାନବଜାତିର ଲାଭ ପାଇଁ ମହାକାଶ ଆବିଷ୍କାର ଲାଗି ଦୁଇ ଦେଶର ମିଳିତ ଦୂରଦୃଷ୍ଟି ରହିଥିବା ସେ କହିଛନ୍ତି। ୧୯୬୭ର ଆଉଟର ସ୍ପେସ୍ ଟ୍ରିଟି (ଓଏସ୍‌ଟି) ଆଧାରରେ ଆର୍ଟେମିସ୍ ଆକର୍ଡସ ନିୟମାବଳୀ ପ୍ରସ୍ତୁତ କରାଯାଇଛି ଯାହା ବେସାମରିକ ମହାକାଶ ଆବିଷ୍କାରକୁ ମାର୍ଗଦର୍ଶନ ଦେଇଥାଏ। ଏକବିଂଶ ଶତାବ୍ଦୀରେ ଏହାର ବ୍ୟବହାର ହେଉଛି। ୨୦୨୫ ସୁଦ୍ଧା ଚନ୍ଦ୍ରପୃଷ୍ଠରେ ଲୋକଙ୍କୁ ପହଞ୍ଚାଇବା ଲାଗି ଆମେରିକା ନେତୃତ୍ୱରେ ଏହି ଉଦ୍ୟମ ଜାରି ରହିଛି। ଏଥିସହିତ ମଙ୍ଗଳ ଓ ଅନ୍ୟ ଗ୍ରହକୁ ମହାକାଶ ଆବିଷ୍କାରରେ ସାମିଲ କରିବା ଲାଗି ଲକ୍ଷ୍ୟ ରଖାଯାଇଛି।

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଆମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଥମ ଷ୍ଟେଟ୍ ଭିଜିଟ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ସମ୍ମାନ ଆମେରିକା କେବଳ ଏହାର ଘନିଷ୍ଠ ବନ୍ଧୁ ରାଷ୍ଟ୍ରକୁ ଦେଇଥାଏ। ଏହି ଆମନ୍ତ୍ରଣ ଦୁଇଦେଶର ସମ୍ପର୍କକୁ ଅଧିକ ମଜଭୁତ କରିବାର ସଙ୍କେତ ଦେଉଛି। ମୋଦିଙ୍କ ଗସ୍ତ ଅବସରରେ ପ୍ରତିରକ୍ଷା ସହଯୋଗ ସ୍ୱରୂପ ଭାରତରେ ଯୁଦ୍ଧବିମାନ ଇଞ୍ଜିନ ନିର୍ମାଣ ଲାଗି ଜିଇ ଏରୋସ୍ପେସ୍ ହିନ୍ଦୁସ୍ତାନ ଏରୋନଟିକ୍ସ ଲିଃ ସହ ଚୁକ୍ତିନାମା ସ୍ୱାକ୍ଷର କରିଛି। ଦୁଇ ଦେଶ ଏଚ୍-୧ବି ଭିଜା ପ୍ରକ୍ରିୟାରେ ପରିବର୍ତ୍ତନ ଏବଂ ନୂଆ ବାଣିଜ୍ୟିକ ଦୂତାବାସ ଖୋଲିବା ନେଇ ଘୋଷଣା କରିବାକୁ ଯାଉଛନ୍ତି। କୂଟନୈତିକ ସମ୍ପର୍କ ବୃଦ୍ଧି ଦିଗରେ ଏହା ଏକ ବଡ଼ ପଦକ୍ଷେପ। ଭାରତର ଆମେରିକାରେ ୫ଟି କନ୍‌ସୁଲେଟ ଥିବାବେଳେ ସିଟଲ୍‌ରେ ଆଉ ଏକ କନ୍‌ସୁଲେଟ୍ ଖୋଲିବାକୁ ଯାଉଛି। ସେହିପରି ଆମେରିକା ବେଙ୍ଗାଲୁରୁ ଏବଂ ଅହମଦାବାଦରେ ନୂଆ ବାଣିଜ୍ୟିକ ଦୂତାବାସ ଖୋଲିବ। ନୂଆ ଭିଜା ନିୟମ ଦ୍ୱାରା ଭାରତୀୟମାନଙ୍କୁ ଆମେରିକାରେ ରହିବା ଓ କାମ କରିବାରେ ସହଜ ହେବ। ସେହିପରି ମୋଦିଙ୍କ ଆମନ୍ତ୍ରଣକ୍ରମେ ମାଇକ୍ରନ୍ ଟେକ୍ନୋଲୋଜି ଭାରତରେ ସେମିକଣ୍ଡକ୍ଟର ଉତ୍ପାଦନ କରିବାକୁ ଯାଉଛି।

# ବିଶ୍ୱଶାନ୍ତି ପାଇଁ ଭାରତ-ଆମେରିକା ପ୍ରତିଶ୍ରୁତିବଦ୍ଧ

ୱାଶିଂଟନ, ୨୨।୬
ପ୍ରସ୍ତୁତି: ଅରୂପାନନ୍ଦ ଦେଠୀ

## ହ୍ୱାଇଟ୍ ହାଉସ୍‌ରେ ମୋଦି-ବାଇଡେନ୍ ଆଲୋଚନା





ଆମେରିକା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବିଶ୍ୱ ଶାନ୍ତି ଲାଗି ଭାରତ ଓ ଆମେରିକା ଏକାଠି କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି। ଦୁଇଦେଶ ଦାରିଦ୍ର୍ୟ ଦୂରୀକରଣ, ଜଳବାୟୁ ପରିବର୍ତ୍ତନର ମୁକାବିଲା, ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଖରେ ପହଞ୍ଚାଇବା ଏବଂ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ଏହା କେବଳ ଭାରତ ଏବଂ ଆମେରିକାର ବିଷୟ ନୁହେଁ, ସାରା ବିଶ୍ୱ ପାଇଁ ଉଦ୍ଦିଷ୍ଟ ବୋଲି ରାଷ୍ଟ୍ରପତି ବାଇଡେନ୍ କହିଛନ୍ତି। ଦୁଇ ବୃହତ୍ ରାଷ୍ଟ୍ର, ଦୁଇ ମହାଶକ୍ତି ଓ ଦୁଇ ମହାନ୍ ବନ୍ଧୁ ଏକବିଂଶ ଶତାବ୍ଦୀକୁ ଉପଯୁକ୍ତ ମାର୍ଗଦର୍ଶନ କରିପାରିବେ ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି।

ଆମେରିକା କଂଗ୍ରେସର ମିଳିତ ଅଧିବେଶନକୁ ଉଦ୍‌ବୋଧନ ଦେବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ବାଇଡେନ୍‌ଙ୍କ ସହ ହ୍ୱାଇଟ୍ ହାଉସ୍‌ରେ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ସେଠାରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହ ୧୯ ତୋପ

### ଦ୍ୱିପାକ୍ଷିକ ସମ୍ପର୍କର ନୂଆ ଅଧ୍ୟାୟ

ସଲାମୀ ଦିଆଯାଇଥିଲା। ବିଶ୍ୱର ସାମ୍ପ୍ରତିକ ସ୍ଥିତି ଅନୁଯାୟୀ ଭାରତ-ଆମେରିକା ଏକାଠି କାର୍ଯ୍ୟ କରିବା ଅତ୍ୟନ୍ତ ଜରୁରୀ ବୋଲି ବାଇଡେନ୍ ମତ ଦେଇଥିଲେ। ଭାରତ ଓ ଆମେରିକା ସମ୍ପର୍କ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ପର୍ଯ୍ୟବସିତ। ଉଭୟ ଦେଶ ଆମ ବିବିଧତାକୁ ନେଇ ଗର୍ବ ଅନୁଭବ କରେ। ବୈଶ୍ୱିକ ସୁବିଧା, ବିଶ୍ୱ ଶାନ୍ତି ଓ ସ୍ଥିରତା ପାଇଁ ଆମେ ଏକାଠି କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଦୁଇଦେଶ ଆଜି ନେଉଥିବା ନିଷ୍ପତ୍ତିର ଗୁରୁତ୍ୱ ସମ୍ପର୍କରେ ବାଇଡେନ୍ କହିଥିଲେ, ତାହା ଭବିଷ୍ୟତ ପିଢ଼ିଙ୍କୁ ପ୍ରଭାବିତ କରିବ। ସ୍ୱାସ୍ଥ୍ୟସେବା, ଜଳବାୟୁ ପରିବର୍ତ୍ତନ, ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ଭଳି ଚ୍ୟାଲେଞ୍ଜ ଏବଂ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦୁଇ ଦେଶ ଏକାଠି କାର୍ଯ୍ୟ କରୁଛନ୍ତି। ହ୍ୱାଇଟ୍ ହାଉସ୍‌ରେ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ପ୍ରଧାନମନ୍ତ୍ରୀ ବାଇଡେନ୍ ଦମ୍ପତିଙ୍କ ସମେତ ଆମେରିକା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। ଆଜିର ଭବ୍ୟ ସ୍ୱାଗତ ଉତ୍ସବ ୧.୪ ବିଲିୟନ ଭାରତୀୟଙ୍କ ପାଇଁ ସମ୍ମାନ ଓ ଗର୍ବର ବିଷୟ ବୋଲି ମୋଦି କହିଥିଲେ।

### ଭାରତରେ ପକ୍ଷପାତିତାର ସ୍ଥାନ ନାହିଁ: ମୋଦି

ଭାରତରେ ଧର୍ମ, ଜାତି, ବର୍ଣ୍ଣ ଆଧାରରେ ପକ୍ଷପାତିତାର ସ୍ଥାନ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗଣମାଧ୍ୟମକୁ କହିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ପରେ ଦୁଇ ନେତା ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ଭାରତରେ ଧର୍ମୀୟ ସଂଖ୍ୟାଲଘୁମାନଙ୍କ ଅଧିକାର ଉପରେ ଆମେରିକା ଗଣମାଧ୍ୟମ ପ୍ରଶ୍ନ କରିବାରୁ ମୋଦି କହିଥିଲେ, ଭାରତ ଓ ଆମେରିକା ଗଣତାନ୍ତ୍ରିକ ରାଷ୍ଟ୍ର। ଉଭୟଙ୍କ ଡିଏନ୍ଏରେ ଗଣତନ୍ତ୍ର ରହିଛି। ଏହା ଆମ ଆତ୍ମା। ଏହା ଆମ ସମ୍ବିଧାନରେ ଲେଖାଯାଇଛି। ଜାତି, ଧର୍ମ, ବର୍ଣ୍ଣ ଆଧାରରେ ପାତରଅନ୍ତରର ଆଦୌ ସ୍ଥାନ ନାହିଁ। ଭାରତ ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସରେ ବିଶ୍ୱାସ କରେ। ଭାରତ-ଆମେରିକା ସମ୍ପର୍କର କୌଣସି ସୀମା ନାହିଁ ବୋଲି ବାଇଡେନ୍‌ଙ୍କ ସହ ମିଳିତ ବିବୃତିରେ ମୋଦି କହିଛନ୍ତି।

# ଭାରତରେ ଯୁଦ୍ଧବିମାନ ଇଞ୍ଜିନ ନିର୍ମାଣ ହେବ



ଭାରତୀୟ ବାୟୁସେନାର ହାଲୁକା ଯୁଦ୍ଧବିମାନ ଏମ୍‌କେ-୨ ତେଜସ୍ ନିମନ୍ତେ ଆମେରିକାର ଜିଇ ଏରୋସ୍ପେସ୍ ଏବଂ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ଏଚ୍ଏଏଲ୍) ମିଳିତ ଭାବେ ଇଞ୍ଜିନ ନିର୍ମାଣ କରିବେ। ଏଥିପାଇଁ ଦୁଇ ସଂସ୍ଥା ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହୋଇଥିବା ଗୁରୁବାର ଜିଇ ଏରୋସ୍ପେସ୍ ପକ୍ଷରୁ ଘୋଷଣା କରାଯାଇଛି। ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଆମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାକୁ ପ୍ରଥମ ଷ୍ଟେଟ୍ ଗସ୍ତରେ ଯାଇଥିବାବେଳେ ଏହି ଘୋଷଣା କରାଯାଇଛି। ଚୁକ୍ତିନାମା ଅନୁଯାୟୀ ଭାରତରେ ଜିଓ ଏରୋସ୍ପେସ୍‌ର ଏଫ୍୪୧୪ ଇଞ୍ଜିନ୍ ମିଳିତ ଭାବେ ନିର୍ମାଣ କରାଯିବ। ଏଥିପାଇଁ ଆବଶ୍ୟକ ରପ୍ତାନି ଅଧିକାର ପାଇବା

### ଜିଇ ଏରୋସ୍ପେସ୍, ଏଚ୍ଏଏଲ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷର

ନିମନ୍ତେ ଜିଇ ଏରୋସ୍ପେସ୍ କ୍ରମାଗତ ଭାବେ ଆମେରିକା ସରକାରଙ୍କ ସହ କାର୍ଯ୍ୟ କରିବ ବୋଲି ଉକ୍ତ କମ୍ପାନୀ ପକ୍ଷରୁ କୁହାଯାଇଛି। ଏଚ୍ଏଏଲ୍ ସହ ହୋଇଥିବା ବୁଝାମଣା ପତ୍ର ଭାରତ-ଆମେରିକା ପ୍ରତିରକ୍ଷା ସହଯୋଗକୁ ସୁଦୃଢ଼ କରିବାରେ ପ୍ରମୁଖ ଉପାଦାନ। ଏହା ଏକ ଐତିହାସିକ ଚୁକ୍ତିନାମା। ଭାରତ ଏବଂ ଏଚ୍ଏଏଲ୍ ସହ ଆମର ଦୀର୍ଘଦିନର ସହଭାଗିତା ପାଇଁ ଏହା ସମ୍ଭବ ହୋଇଥିବା ଜିଇ ଏରୋସ୍ପେସ୍‌ର ସିଇଓ ତଥା ଜିଇର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏଚ୍. ଲରେନ୍ସ କଲ୍ପ ଜୁନିୟର କହିଛନ୍ତି।

# ମୋଦିଙ୍କ ପାଇଁ ହ୍ୱାଇଟ୍ ହାଉସ୍‌ରେ ନୈଶଭୋଜି

ଭାରତ-ଆମେରିକା ଭବ୍ୟ ବନ୍ଧୁତ୍ୱର ପ୍ରତୀକ ସ୍ୱରୂପ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଫାଷ୍ଟ ଲେଡି ଜିଲ୍ ବାଇଡେନ୍ ବୁଧବାର ରାତିରେ ହ୍ୱାଇଟ୍ ହାଉସ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ମାନାର୍ଥେ ଏକ ଅନ୍ତରଙ୍ଗ ନୈଶଭୋଜିର ଆୟୋଜନ କରିଥିଲେ। ବାଇଡେନ୍ ଦମ୍ପତି ମୋଦିଙ୍କୁ ହ୍ୱାଇଟ୍ ହାଉସ୍‌କୁ ପାଛୋଟି ନେଇଥିଲେ। ମୋଦି ରାଷ୍ଟ୍ରପତି ବାଇଡେନ୍‌ଙ୍କ ପରିବାର ସଦସ୍ୟମାନଙ୍କୁ ଭେଟିଥିଲେ। ଏହି ଅବସରରେ ବାଇଡେନ୍‌ଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା ବୋଲି ମୋଦି ଟୁଇଟ୍ କରିଛନ୍ତି। ବାଇଡେନ୍ ଦମ୍ପତି ଓ ପ୍ରଧାନମନ୍ତ୍ରୀ ଭାରତୀୟ ଅଞ୍ଚଳର ସଙ୍ଗୀତ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଆମେରିକା ଜାତୀୟ ସୁରକ୍ଷା ପରାମର୍ଶଦାତା ଜାକ୍ ସୁଲିଭାନ୍ ଏବଂ ତାଙ୍କ ଭାରତୀୟ ପ୍ରତିପକ୍ଷ ଅଜିତ ଡୋଭାଲ ସେମାନଙ୍କ ସହ ସାମିଲ ହୋଇଥିଲେ।

ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ହ୍ୱାଇଟ୍ ହାଉସ୍‌ର ସାଉଥ୍ ଲନ୍‌ରେ ରାଷ୍ଟ୍ରପତି ବାଇଡେନ୍ ଏବଂ ଫାଷ୍ଟ ଲେଡି ଗୁରୁବାର ଷ୍ଟେଟ୍ ଡିନରର ଆୟୋଜନ କରିଥିଲେ। ଏଥିରେ ୪୦୦ ଅତିଥି ଯୋଗ ଦେଇଥିଲେ।

# ଗୁଜରାଟରେ ସେମିକଣ୍ଡକ୍ଟର ଉତ୍ପାଦନ କରିବ ମାଇକ୍ରନ୍

ନୂଆଦିଲ୍ଲୀ, ୨୨।୬ (ପି.ଟି.)

ଆମେରିକାର କମ୍ପ୍ୟୁଟର ଷ୍ଟୋରେଜ୍ ଚିପ୍ ନିର୍ମାତା ମାଇକ୍ରନ୍ ୨.୭୫ ବିଲିୟନ ଡଲାର (ପ୍ରାୟ ୨୨,୫୪୦ କୋଟି ଟଙ୍କା) ବିନିଯୋଗରେ ଗୁଜରାଟରେ ଏକ ସେମିକଣ୍ଡକ୍ଟର ଆସେମ୍ବ୍ଲି ଏବଂ ପରୀକ୍ଷା କାରଖାନା ବସାଇବ। ଦୁଇ ପର୍ଯ୍ୟାୟରେ ପ୍ଲାଣ୍ଟ ନିର୍ମାଣରେ ୮୨୫ ନିୟୁତ ଡଲାର ନିବେଶ ହେବ ବୋଲି ମାଇକ୍ରନ୍ ପକ୍ଷରୁ କୁହାଯାଇଛି। ସରକାରଙ୍କ ବିକଶିତ ଆସେମ୍ବ୍ଲି, ପରୀକ୍ଷା, ମାର୍କେଟିଂ ଏବଂ ପ୍ୟାକେଜିଂ (ଏଟିଏମ୍‌ପି) ଯୋଜନାରେ ମାଇକ୍ରନ୍‌ର ଏହି ପ୍ଲାଣ୍ଟକୁ ଅନୁମୋଦନ ମିଳିଛି। ମାଇକ୍ରନ୍ ମୋଟ ପ୍ରକଳ୍ପ ଖର୍ଚ୍ଚର ୫୦ ପ୍ରତିଶତ ଭାରତ ସରକାରଙ୍କଠାରୁ ଏବଂ ୨୦ ପ୍ରତିଶତ ଗୁଜରାଟ ସରକାରଙ୍କଠାରୁ ପ୍ରୋତ୍ସାହନ ଭାବେ ପାଇବ। ନୂଆ ଆସେମ୍ବ୍ଲି ଓ ଟେଷ୍ଟ କାରଖାନାର ନିର୍ମାଣ କାର୍ଯ୍ୟ ଚଳିତ ବର୍ଷ ଆରମ୍ଭ ହେବା ଆଶା କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ୫ ଲକ୍ଷ ବର୍ଗଫୁଟ୍‌ର କ୍ଲିନ୍‌ରୁମ୍ ସ୍ପେସ୍ ୨୦୨୪ ଶେଷ ବେଳକୁ କାର୍ଯ୍ୟକ୍ଷମ ହେବ। ଏହି ପ୍ଲାଣ୍ଟ ଆଗାମୀ କେତେବର୍ଷ ଯାଏ ୫,୦୦୦ ନୂଆ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ୧୫,୦୦୦ ଗୋଷ୍ଠୀ ନିଯୁକ୍ତି ସୃଷ୍ଟି କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏଠାରେ ଉଭୟ ଡିଆର୍ଏଏମ୍ ଏବଂ ଏନ୍ଏଏନ୍‌ଡି ଉତ୍ପାଦ ନିର୍ମାଣ କରାଯିବ ଯାହା ଘରୋଇ ଓ ଅନ୍ତର୍ଜାତୀୟ ବଜାରର ଆବଶ୍ୟକତା ପୂରଣ କରିବ ବୋଲି ଏକ ବିବୃତିରେ କୁହାଯାଇଛି।

# ବାଇଡେନ୍‌ଙ୍କୁ ଚନ୍ଦନକାଠ ବାକ୍ସ, ସବୁଜ ହୀରା ଉପହାର ଦେଲେ ମୋଦି



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ଷ୍ଟେଟ୍ ଭିଜିଟ୍ ଅବସରରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଫାଷ୍ଟ ଲେଡି ଜିଲ୍ ବାଇଡେନ୍‌ଙ୍କୁ ଚନ୍ଦନ କାଠରେ ନିର୍ମିତ ସ୍ୱତନ୍ତ୍ର ବାକ୍ସ ସାଙ୍ଗକୁ ୭.୫ କ୍ୟାରେଟ୍‌ର ସବୁଜ ହୀରା ଉପହାର ପ୍ରଦାନ କରିଛନ୍ତି। କର୍ଣ୍ଣାଟକର ମହୀଶୂରରୁ ଅଣାଯାଇଥିବା ଚନ୍ଦନକାଠରେ ଜୟପୁରର ଜଣେ ମାଷ୍ଟର କାରିଗର ସ୍ୱତନ୍ତ୍ର ବାକ୍ସ ପ୍ରସ୍ତୁତ କରିଛନ୍ତି। ଉକ୍ତ ବାକ୍ସରେ ରୁପା ଗଣେଶ ମୂର୍ତ୍ତି, ଦୀପ, ତମ୍ବା ପାତ୍ର ଏବଂ ଦଶ ଦାନର ପ୍ରତୀକ ସ୍ୱରୂପ ୧୦ଟି ରୁପା ବାକ୍ସ ରହିଛି। ବାଇଡେନ୍‌ଙ୍କୁ ମୋଦିଙ୍କ ଅନ୍ୟ ଉପହାର ହେଉଛି ଇରିଶ୍ କବି ୱିଲିୟମ ବଟଲର ୟାଟ୍ସଙ୍କ ଉଦ୍ଦେଶ୍ୟରେ ଆମେରିକା ରାଷ୍ଟ୍ରପତିଙ୍କ ପ୍ରଶାସନକୁ ଏକ ଶ୍ରଦ୍ଧାଞ୍ଜଳି। ଫାଷ୍ଟ ଲେଡି ଜିଲ୍ ବାଇଡେନ୍‌ଙ୍କୁ ମୋଦି ୭.୫ କ୍ୟାରେଟ୍‌ର ଲାବରେଟୋରି ପ୍ରସ୍ତୁତ ଗ୍ରୀନ୍ ଡାଇମଣ୍ଡ ଉପହାର ଦେଇଛନ୍ତି। ଏହା ଭାରତର ସ୍ୱାଧୀନତାର ୭୫ ବର୍ଷ ଏବଂ ସ୍ଥାୟୀ ଅନ୍ତର୍ଜାତୀୟ ସମ୍ପର୍କର ପ୍ରତୀକ ସ୍ୱରୂପ ଦାୟିତ୍ୱସମ୍ପନ୍ନ ଆଲୋକବର୍ତ୍ତିକା।

# କୋୱିନ୍ ତଥ୍ୟ ପ୍ରଘଟ: ୨ ଧରାପଡ଼ିଲେ




**ନୂଆଦିଲ୍ଲୀ,୨୨।୬:** କୋଭିଡ୍-୧୯ ଟିକାକରଣ ପାଇଁ ଉଦ୍ଦିଷ୍ଟ କୋୱିନ୍ ପୋର୍ଟାଲର ଡେଟା ଲିକ୍ ମାମଲାରେ ଗୁରୁବାର ବିହାରରୁ ଜଣେ ବ୍ୟକ୍ତି ଗିରଫ ହୋଇଥିବାବେଳେ ଅନ୍ୟ ଜଣେ ନାବାଳକ ମଧ୍ୟ ଧରାପଡ଼ିଛନ୍ତି। ଗିରଫ ବ୍ୟକ୍ତି ଜଣକ ଟେଲିଗ୍ରାମ୍ ଆପ୍ ଜରିଆରେ ତଥ୍ୟ ପ୍ରଘଟ କରିଥିବା ପୋଲିସ କହିଛି।

କରୋନା ଭୂତାଣୁ ସଂକ୍ରମଣ ବେଳେ କେନ୍ଦ୍ର ସରକାର କୋୱିନ୍ ପ୍ଲାଟ୍‌ଫର୍ମ ଜରିଆରେ ଟିକା ନେବାକୁ ଚାହୁଁଥିବା ଲୋକଙ୍କୁ ନାମ ପଞ୍ଜୀକରଣ କରାଇବାକୁ କହୁଥିଲେ। ଏଥିରୁ ତଥ୍ୟ ପ୍ରଘଟ ହେବା ନେଇ ପୂର୍ବରୁ ବିରୋଧୀ ଦଳଗୁଡ଼ିକ କେନ୍ଦ୍ରକୁ ଟାର୍ଗେଟ କରିଆସିଛନ୍ତି। କିନ୍ତୁ ନାଗରିକମାନଙ୍କ ବ୍ୟକ୍ତିଗତ ଗୋପନୀୟ ତଥ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ଦର୍ଶାଇ ସରକାର ଏଭଳି ଅଭିଯୋଗକୁ ଖଣ୍ଡନ କରିଆସିଛନ୍ତି। ତେବେ ଦେଶର ନୋଡାଲ୍ ସାଇବର ସିକ୍ୟୁରିଟି ଏଜେନ୍ସି ସିଇଆର୍‌ଟି-ଇନ୍ ଏହି ପ୍ରସଙ୍ଗରେ ସମୀକ୍ଷା ପରେ ଟେଲିଗ୍ରାମ୍‌ରେ ତଥ୍ୟ ଲିକ୍ ହୋଇଥିବା ଏହାର ପ୍ରାରମ୍ଭିକ ରିପୋର୍ଟରେ ଦର୍ଶାଇଛି। ବର୍ତ୍ତମାନର ସୁରକ୍ଷା ପଦକ୍ଷେପକୁ ନେଇ ଆଭ୍ୟନ୍ତରୀଣ ସମୀକ୍ଷା ଆରମ୍ଭ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

# ୫ ଜଣଙ୍କ ଜଳ ସମାଧି: ଓସେନ୍‌ଗେଟ୍

■ **ନିଖୋଜ ଟାଇଟାନ୍‌ରେ ଥିବା ୯୬ ଘଣ୍ଟାର ଅମ୍ଳଜାନ ସରିଯାଇଥିଲା**

ଦୁବାଇ,୨୨।୬

ଟାଇଟାନିକ୍ ଜାହାଜର ଭଗ୍ନାବଶେଷ ଦେଖିବା ଲାଗି ରବିବାର ସକାଳେ ବୁଡ଼ାଜାହାଜରେ ଉତ୍ତର ଆଟଲାଣ୍ଟିକ ମହାସାଗର ଜଳରାଶି ମଧ୍ୟକୁ ଯାଇଥିବା ୫ ଜଣଙ୍କ ମୃତ୍ୟୁ ଘଟିଥିବା ବିଶ୍ୱାସ କରାଯାଉଛି ବୋଲି ବୁଡ଼ାଜାହାଜ ନିର୍ମାଣକାରୀ କମ୍ପାନୀ ଓସେନ୍‌ଗେଟ୍ ମାଲିକ କହିଛନ୍ତି। ସିଇଓ ଷ୍ଟକଟୋନ ରଶ୍, ଶେହଜାଦା ଦାଉଦ୍ ପୁଅ ସୁଲେମାନ ଦାଉଦ୍, ହାମିଶ୍ ହାର୍ଡିଂ ଏବଂ ପଲ୍-ହେନରି ନାରଜିଓଲେଟ୍ ଆଉ ଜୀବିତ ନ ଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ସେମାନଙ୍କ ପ୍ରିୟଜନଙ୍କୁ ଓସେନ୍‌ଗେଟ୍ ସମବେଦନା ଜଣାଉଛି।

ଗୁରୁବାର ବୁଡ଼ାଜାହାଜ ଟାଇଟାନରେ ୯୬ ଘଣ୍ଟାର ଅମ୍ଳଜାନ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଯାଇଥିଲା। ଟାଇଟାନିକ୍ ଜାହାଜର ଭଗ୍ନାବଶେଷ ପଡ଼ିରହିଥିବା ସ୍ଥାନ ନିକଟରେ ରେସ୍କ୍ୟୁ ଟିମ୍ ଏକ ଡେବ୍ରିସ୍ ଫିଲ୍ଡ (ବର୍ଜ୍ୟ କ୍ଷେତ୍ର) ଚିହ୍ନଟ କରିଥିଲା। ଅନ୍ୟପକ୍ଷେ ବୁଧବାରଠୁ ଗଭୀର ଜଳରାଶି ତଳୁ ଶୁଣାଯାଉଥିବା ଧ୍ୱନି ଟାଇଟାନ୍‌କୁ ଖୋଜିବାରେ ସହାୟକ ହେବ ବୋଲି ରେସ୍କ୍ୟୁ ଟିମ୍ ସଦସ୍ୟଙ୍କ ବିଶ୍ୱାସ ଥିଲା। ବୁଡ଼ାଜାହାଜ ଉଦ୍ଧାର କାର୍ଯ୍ୟରେ କାନାଡାର ଏକ ଜାହାଜ ନିର୍ମାଣକାରୀ କମ୍ପାନୀ ଅଣ୍ଡରସି ରୋବୋକୁ ରେସ୍କ୍ୟୁ ଅପରେଶନରେ ସାମିଲ କରିଥିଲା। ଗୁରୁବାର ଘଟଣାସ୍ଥଳରେ ରୋବୋ ପହଞ୍ଚି ସର୍ଚ୍ଚ ଅପରେଶନ ଆରମ୍ଭ କରିଦେଇଥିବା ଆମେରିକା କୋଷ୍ଟ ଗାର୍ଡ ସୂଚନା


ରେସ୍କ୍ୟୁ ଅପରେଶନରେ ନିୟୋଜିତ ରିମୋଟ୍‌ଚାଳିତ ଅଣ୍ଡରୱାଟର ଭେହିକଲ।

ଦେଇଥିଲା। ରେସ୍କ୍ୟୁ ଅପରେଶନରେ ବ୍ୟବହାର କରାଯାଉଥିବା ଉପକରଣକୁ ସମୁଦ୍ର ଭିତରକୁ ନେଇ ଯିବାରେ ବହୁ ଅସୁବିଧା ହେଉଥିବାବେଳେ ଜଳରାଶିର ଅନ୍ଧକାର ବାତାବରଣ ମଧ୍ୟ ରେସ୍କ୍ୟୁ ଅପରେଶନ୍ ପାଇଁ ବାଧକ ସାଜିଛି। ଉତ୍ତର ଆଟଲାଣ୍ଟିକର, ଯେଉଁ ସ୍ଥାନରେ ଟାଇଟାନ ନିଖୋଜ ହୋଇଛି, ସେ ସ୍ଥାନଟି ଝଡ଼ ଓ କୁହୁଡ଼ି ପ୍ରବଣ ଅଞ୍ଚଳ ବୋଲି କୋଷ୍ଟାଲ ଗାର୍ଡସ୍ ଇଣ୍ଟରନ୍ୟାଶନାଲ ଆଇସ୍ ପାଟ୍ରୋଲର ବରିଷ୍ଠ ବୈଜ୍ଞାନିକ ଡୋନାଲ୍ଡ ମର୍ଫି କହିଛନ୍ତି।




# ଆଶ୍ୱସ୍ତି ଆଣିଲା ମୌସୁମୀ

## ମାଲକାନଗିରି, କୋରାପୁଟ, ଗଜପତି ଜିଲାକୁ ଛୁଇଁଲା

ଭୁବନେଶ୍ୱର,୨୨।୬(ଅନିଲ ଦାସ)

ଦୀର୍ଘପ୍ରତୀକ୍ଷାର ଅନ୍ତ ଘଟିଛି। ଗୁରୁବାର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାକୁ ପ୍ରବେଶ କରିଛି। ମୌସୁମୀ ଦକ୍ଷିଣ ଓଡ଼ିଶାର ମାଲକାନଗିରି, କୋରାପୁଟ, ଗଜପତି ଜିଲାକୁ ପ୍ରବେଶ କରିଥିବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ କିଛିଦିନ ଧରି ରାଜ୍ୟରେ ପ୍ରଚଣ୍ଡ ଗରମ ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଥିଲା। ମୌସୁମୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା

### ୨୬ ଯାଏ ପ୍ରବଳ ବର୍ଷା

ହୋଇଛି। ଭୁବନେଶ୍ୱର ସମେତ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱରରେ ସର୍ବାଧିକ ୯୨.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଜଗତ୍‌ସିଂହପୁର ୬୪.୩, ଗୋପାଳପୁର ୩୬, ଅନୁଗୋଳ ୩୮, ବାରିପଦା ୨୦.୪, କଟକ ୧୬.୪, କେନ୍ଦୁଝର ୭, ତାଳଚେର ୧୨, କୋରାପୁଟ ୧୪, ସୁନ୍ଦରଗଡ଼ ୨୯.୨, ହୀରାକୁଦ ୧୦.୪, ଦାରିଙ୍ଗବାଡି ୧୪, ଛତ୍ରପୁର ୨୦.୪, ନୟାଗଡ଼ ୩, ଭଦ୍ରକ ୨୭.୮, ଢେଙ୍କାନାଳ ୬, ଖୋର୍ଦ୍ଧା ୧୧ ଏବଂ ବ୍ରହ୍ମପୁରରେ ୩୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆଗାମୀ ୨ ଦିନ ମଧ୍ୟରେ ମୌସୁମୀ ସମଗ୍ର ରାଜ୍ୟକୁ ଘେରିଯିବ ବୋଲି ଅନୁମାନ କରାଯାଇଛି। ଆସନ୍ତା ୨୬ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ଲାଗିରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।






# ଓଡ଼ିଶାର ୨ ସ୍ୱାସ୍ଥ୍ୟକର୍ମୀଙ୍କୁ ନାଇଟିଙ୍ଗେଲ୍ ଆୱାର୍ଡ

କଣାସ(ବିଭୂତି ଭୂଷଣ ତ୍ରିପାଠୀ) / ନବରଙ୍ଗପୁର (ସଦାଶିବ ପ୍ରହରାଜ),୨୨।୬

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ଦେଶର ୩୦ ସ୍ୱାସ୍ଥ୍ୟକର୍ମୀଙ୍କୁ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ୍ ଆୱାର୍ଡ ପ୍ରଦାନ କରାଯାଇଛି। ୨୦୨୨ ଓ ୨୦୨୩ ବର୍ଷ ନିମନ୍ତେ ୧୫ ଜଣ ଲେଖାଏ ସ୍ୱାସ୍ଥ୍ୟକର୍ମୀଙ୍କୁ ଗୁରୁବାର ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଓଡ଼ିଶାର ମଞ୍ଜୁଲତା ମହାରଣା ଏବଂ ସେବତୀ ସାହୁ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ ଆୱାର୍ଡ ପାଇଛନ୍ତି।

ସୂଚନା ଅନୁଯାୟୀ, ପୁରୀ ଜିଲା କଣାସ ବ୍ଲକ କାଦୁଆ ପଞ୍ଚାୟତ ଅଧୀନ ସାହାସପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ମଞ୍ଜୁଲତା ଦୀର୍ଘ ୧୯ ବର୍ଷ ଧରି ସେବା ଯୋଗାଇ ଆସୁଛନ୍ତି। ସେ ଏଏନ୍‌ଏମ ତାଲିମ ସମାପ୍ତ କରିବା ପରେ ୨୦୦୭ରେ ଜାତୀୟ ସ୍ୱାସ୍ଥ୍ୟ ମିଶନରେ ପ୍ରଥମେ ଚାକିରି ଆରମ୍ଭ କରିଥିଲେ। ଗତ ୩ବର୍ଷ ମଧ୍ୟରେ ନିଜ ଅଞ୍ଚଳରେ ସେ ଶିଶୁ ମୃତ୍ୟୁହାର ଶୂନ୍ୟ, ୮୯ ପ୍ରତିଶତ ଟିକା ପ୍ରଦାନ କରିବା ସହିତ କୋଭିଡ୍ ଓ ବନ୍ୟା ସମୟରେ ୧୦୪ ଜଣ ମହିଳାଙ୍କ ପ୍ରସବ କରାଇବା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ। ଫଳରେ ସେ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ଲାଗି ଉଦାହରଣ ପାଲଟିଥିଲେ। ସେହିପରି ନବରଙ୍ଗପୁର ଜିଲାର ସେବତୀ ଦୀର୍ଘ ୨୦ବର୍ଷ ଧରି ନିଜ କାର୍ଯ୍ୟ ପ୍ରତି ସମର୍ପିତ ରହିଛନ୍ତି। ସମ୍ପ୍ରତି ସେ ଜିଲା ମୁଖ୍ୟ ଚିକିତ୍ସାଳୟର ଆଇସିୟୁ ବିଭାଗରେ ନର୍ସିଂ ଅଫିସର ଭାବେ କାର୍ଯ୍ୟରତ ଅଛନ୍ତି। ସେବତୀ ଜିଲାର ଅନେକ ଅପହଞ୍ଚ ଇଲାକାରେ ପହଞ୍ଚି ଲୋକଙ୍କୁ ସଚେତନ କରିବା ସହିତ ସେବା ଯୋଗାଇ ଦେଇଛନ୍ତି।


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ନବରଙ୍ଗପୁରର ସେବତୀ ସାହୁ ଓ କଣାସ ଅଞ୍ଚଳର ମଞ୍ଜୁଲତା ମହାରଣା ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ ଆୱାର୍ଡ ଗ୍ରହଣ କରୁଛନ୍ତି।

# ବାହାନଗା ବିଦ୍ୟାଳୟକୁ ୨.୪୯ କୋଟି ମଞ୍ଜୁର

## ବାହାନଗା ପଞ୍ଚାୟତ ହେବ ମଡେଲ ପଞ୍ଚାୟତ


ବାହାନଗାରେ ସ୍କୁଲ ପରିସରରେ ୫-ଟି ସଚିବ ଭି.କେ. ପାଣ୍ଡିଆନ।

ବାହାନଗା/ଭୁବନେଶ୍ୱର, ୨୨।୬(ଅରୂପ କୁମାର ଦାସ/ଅନିଲ ଦାସ)

ବାଲେଶ୍ୱର ଜିଲାର ବାହାନଗା ବିଦ୍ୟାଳୟ ୫-ଟି କ୍ରମରେ ପୁନଃ ନିର୍ମାଣ ହେବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨କୋଟି ୪୯ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏହି ଅର୍ଥ ମଞ୍ଜୁର କରାଯାଇଛି। ଗୁରୁବାର ବାଲେଶ୍ୱର ଗସ୍ତରେ ଆସିଥିବା ୫-ଟି ସଚିବ ଭି.କେ. ପାଣ୍ଡିଆନ ବାହାନଗା ବିଦ୍ୟାଳୟ ପରିଦର୍ଶନରେ ଆସି ରାଜ୍ୟ ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଥିବା ଚିଠିକୁ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ସେହିପରି ଦୁର୍ଘଟଣା ପରେ ମୃତାହତଙ୍କୁ ସ୍ଥାନୀୟ ଲୋକେ ଭଗବାନ ଭଳି ଉଦ୍ଧାର କରିଥିବାରୁ ବାହାନଗା ପଞ୍ଚାୟତକୁ ଏକ ମଡେଲ ପଞ୍ଚାୟତ ଭାବେ ନିର୍ମାଣ ହେବ ବୋଲି ଘୋଷଣା କରିଥିଲେ। ଉପସ୍ଥିତ ଲୋକମାନେ ଦେଇଥିବା ବିଭିନ୍ନ ପ୍ରକଳ୍ପର ଦରଖାସ୍ତଗୁଡିକୁ ପାଣ୍ଡିଆନ ଗ୍ରହଣ କରିବା ସହ ୭ ଦିନ ମଧ୍ୟରେ ଏସବୁର ବିଚାର କରାଯାଇ ଏକ ଭଲ ଖବର ପହଞ୍ଚିବ ବୋଲି ଉପସ୍ଥିତ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

ଅପରାହ୍ନ ପ୍ରାୟ ଗୋଟାଏ ବେଳେ ସୋରରୁ କାର୍ ଯୋଗେ ବାହାନଗା ଉଚ୍ଚ ବିଦ୍ୟାଳୟ ପଡିଆକୁ ଆସିଥିଲେ ୫-ଟି ସଚିବ ଭି.କେ. ପାଣ୍ଡିଆନ। ସେ ପହଞ୍ଚିବା ପରେ ତାଙ୍କୁ ସଭାସ୍ଥଳକୁ ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇ ପାଛୋଟି ନେଇଥିଲେ। ସଭାସ୍ଥଳରେ ପହଞ୍ଚିବା ପରେ ମିଶନଶକ୍ତିର ମହିଳାମାନେ ପ୍ରଥମେ ତାଙ୍କୁ ସ୍ୱାଗତ କରିଥିଲେ। ପରେ ସେ ସଭାସ୍ଥଳରେ ବସିଥିବା ମହିଳା, ପୁରୁଷ, ଯୁବକ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, କଲେଜ ଛାତ୍ରୀଛାତ୍ରଙ୍କ ନିକଟକୁ ଯାଇ ସେମାନଙ୍କ ଭଲମନ୍ଦ ବୁଝିବା ସହିତ ସେମାନଙ୍କଠାରୁ ଦାବିପତ୍ର ଗହଣ କରିଥିଲେ। ୫-ଟି ସଚିବଙ୍କ ସହିତ ମହିଳା ଓ ଛାତ୍ରୀଛାତ୍ର ସେଲ୍‌ଫି ଉଠାଇବାର ମଜା ନେଇଥିଲେ। ସଭା ଆରମ୍ଭ ହେବା ପୂର୍ବରୁ ରେଳ ଦୁର୍ଘଟଣାରେ ମୃତକଙ୍କ ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ରେଳ ଦୁର୍ଘଟଣାରେ କିଭଳି ବାହାନଗାବାସୀ ଉଦ୍ଧାର କରି ସାରାବିଶ୍ୱକୁ ଆଦର୍ଶର ବାର୍ତ୍ତା ଦେଇଛନ୍ତି ସେଥିଲାଗି ସେ ହୃଦୟରୁ ସମସ୍ତଙ୍କୁ ପ୍ରଣାମ କରିଥିଲେ। ଦୁର୍ଘଟଣାରୁ ରକ୍ଷା ପାଇଯାଇଥିବା ଲୋକଙ୍କ ପାଇଁ ଆପଣମାନେ ଭଗବାନ ସଦୃଶ ବୋଲି ବିଭିନ୍ନ ରାଜ୍ୟର ଚିକିତ୍ସିତ ହେଉଥିବା ବ୍ୟକ୍ତି ଓ ମହିଳାଙ୍କ ପରିବାରର ଲୋକମାନେ ପ୍ରକାଶ କରିଛନ୍ତି। ସେଥିପାଇଁ ଉଦ୍ଧାରକାରୀଙ୍କୁ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ସମ୍ମାନିତ କରିବେ। ସେଥିପାଇଁ ଆପଣମାନଙ୍କୁ ଭୁବନେଶ୍ୱରକୁ ଡକାଯିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ବୋଲି ପାଣ୍ଡିଆନ କହିଥିଲେ। ମୁଖ୍ୟମନ୍ତ୍ରୀ ମହିଳାମାନଙ୍କ ଉନ୍ନତି କଥା ସବୁବେଳେ ଚିନ୍ତା କରନ୍ତି ସେଥିପାଇଁ ସେ ମିଶନ ଶକ୍ତିକୁ ତ୍ୱରାନ୍ୱିତ କରିବା ସହ ମା'ମାନଙ୍କ ହାତକୁ କିପରି ଟଙ୍କା ଆସିବ ସେ ବାବଦରେ ସେ ବିଭିନ୍ନ ଯୋଜନା କରିଛନ୍ତି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବ୍ଲକ ଅଧକ୍ଷ

ବିଶ୍ୱନାଥ ମିଶ୍ର ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ୧୦ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ସେଥିରେ ବ୍ଲକର ଉନ୍ନତି, ଏକ ଗେଷ୍ଟ ହାଉସ୍ ବା ଆଇବି ନିର୍ମାଣ, ବ୍ଲକରେ ଏକ ଭିଡିଓ କନଫରେନ୍ସ ହଲ୍, ମିଟିଂ ହଲ୍, ଷ୍ଟାଫ୍ କ୍ୱାର୍ଟର୍ସ, ବିଭିନ୍ନ ବିଭାଗର କର୍ମଚାରୀ ଅଭାବ ସମେତ ଓଡଶାଳ ପଞ୍ଚାୟତରେ ଥିବା ସୁଲୋଚନା ଗୋଦାବରୀ ହାଇସ୍କୁଲର ଉନ୍ନତି ଓ ସରକାର ତାକୁ ହାତକୁ ନେବାପାଇଁ ଏକ ଦାବିପତ୍ର ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲାପାଳ, ଏସ୍‌ପି, ବିଡିଓ, ତହସିଲଦାର ପ୍ରମୁଖ ଜିଲା ଅଧିକାରୀମାନେ ଉପସ୍ଥିତ ଥିଲେ।







**ଆଜିର ମନ୍ତବ୍ୟ**

"ମଣିପୁର ୫୦ ଦିନ ଧରି ଜଳୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା ଉପରେ ନୀରବ ରହିଛନ୍ତି। ପ୍ରଧାନମନ୍ତ୍ରୀ ଦେଶରେ ନ ଥିବାବେଳେ ଏକ ସର୍ବଦଳୀୟ ବୈଠକ ଡକାଯାଇଛି। ଉକ୍ତ ବୈଠକ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ବୁଝାପଡୁଛି।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗାଆଁ ଧୋଅରା , ସାଇ ବେହେରା**
**ନ ମିଳେ ଋଣ, ପିତା ତିଉଣ**
**ସରସ ଲୁଣ, ଝିଅ ମରଣ**
**ଆଗେ ଦୁଃଖ, ପଛେ ସୁଖ।**

ଉପରୋକ୍ତ ବର୍ଣ୍ଣିତ ଅବସ୍ଥା ଭୁକ୍ତଭୋଗୀ ବ୍ୟକ୍ତି ପକ୍ଷେ ସହ୍ୟ କରିବା ଅତୀବ କଷ୍ଟକର ବା ଦୁଃଖ ଦାୟୀ ହୋଇଥାଏ। ପରନ୍ତୁ ଏହା ପଛରେ ଲୁଚି ରହିଥିବା ପ୍ରକୃତ ବାସ୍ତବତା ପରିଶେଷରେ ଉକ୍ତ ବ୍ୟକ୍ତି ଲାଗି ହିତକର ସାବ୍ୟସ୍ତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗଛରେ ପାକଲା କେନ୍ଦୁ**
**ଘଇତା ଆଗରେ ସକେଇ କାନ୍ଦୁ**
**ଦିଅର ସଙ୍ଗତେ ବନ୍ଧୁ।**

ଅବୈଧ ସମ୍ପର୍କ ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଭୁଲ୍ ହେବନାହିଁ। ଦିଅର ସହ ଚୋରା ପୀରତିକୁ ଘୋଡାଇବା ପାଇଁ ସ୍ୱାମୀ ପାଖରେ ବାହାନା କରୁଥିବା ବ୍ୟଭିଚାରିଣୀ ନାରୀ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସ୍ମୃତିରଞ୍ଜନ ପ୍ରଧାନ ଗଜପତି ଜିଲାପାଳ

ଭୁବନେଶ୍ୱର,୨୨।୬(ଅନିଲ ଦାସ)



ରାଜ୍ୟ ସରକାର ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କୁ ବଦଳି କରିଛନ୍ତି। ତାଙ୍କ ସ୍ଥାନରେ ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଗଜପତି ଜିଲାପାଳ ଭାବେ ନିଯୁକ୍ତି ଦେଇଛନ୍ତି। ଗୁରୁବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଲିଙ୍ଗରାଜ ପଣ୍ଡାଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ସାମାଜିକ କଲ୍ୟାଣ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି।

# ହାତୀ ଆକ୍ରମଣରେ ୩ କେନ୍ଦୁପତ୍ର ତୋଳାଳି ସମେତ ୪ ଆହତ

କେନ୍ଦୁଝର,୨୨।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳରେ ଗୁରୁବାର ଦୁଇଟି ସ୍ଥାନରେ ହାତୀ ଆକ୍ରମଣରେ ୪ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ କୁଣ୍ଢେଇହତା ଗ୍ରାମର ହେମନ୍ତ ସେଠୀ(୩୮), ଦ୍ୱିତୀକୃଷ୍ଣ ଦେହୁରୀ(୩୭), ଗୋପୀନାଥ ଦେହୁରୀ(୫୫) ଓ ମାଳଣ୍ଡା ଗ୍ରାମର ଚୁଟିଆ ମୁଣ୍ଡା(୫୭)। ସେମାନଙ୍କ ମଧ୍ୟରୁ ହେମନ୍ତ ଓ ଚୁଡ଼ିଆ ଗୁରୁତର ଥିବାରୁ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆହତଙ୍କ ମଧ୍ୟରେ ୩ ଜଣ କେନ୍ଦୁପତ୍ର ତୋଳାଳି ହୋଇଥିବା ବେଳେ ଜଣେ ଚାଷୀଥିବା ଜଣାପଡ଼ିଛି।



ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ଆହତ।

ସୂଚନା ଅନୁଯାୟୀ, କୁଣ୍ଢେଇହତା। ଗ୍ରାମର ୩ ଜଣ ପୁରୁଷୋତ୍ତମପୁର ଗ୍ରାମକୁ କେନ୍ଦୁପତ୍ର ଫଡ଼ିକୁ ପତ୍ର ବାନ୍ଧିବାକୁ ସାଇକେଲରେ ଯାଉଥିଲେ। ବାଟରେ ଏକ ଦନ୍ତାହାତୀ ସେମାନଙ୍କ ଆଗକୁ ପଳାଇଆସିଥିଲା। ସମସ୍ତେ ସାଇକେଲ ଛାଡ଼ି ପ୍ରାଣବିକଳରେ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ମଧ୍ୟରୁ ହେମନ୍ତ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି ଫୋପାଡ଼ି ଦେଇଥିଲେ। ସେ ଏକ ବୁଦାରେ ପଡ଼ି ଆହତ ହୋଇଥିଲେ। ଗ୍ରାମବାସୀ ପହଞ୍ଚି ପାଟି କରିବାରୁ ହାତୀ ତାଙ୍କ ସାଇକେଲକୁ ଦଳି ଜଙ୍ଗଲ ଭିତରକୁ ଚାଲିଯାଇଥିଲା। ଅନ୍ୟ ୨ ଜଣ ତଳେ ପଡ଼ି ଖଣ୍ଡିଆଖାବରା ହୋଇଥିଲେ। ଖବରପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

ସେହିପରି ମାଳଣ୍ଡା ଗ୍ରାମର ଚୁଟିଆ ମୁଣ୍ଡା ପାଖ ଗ୍ରାମ ବନ୍ଧନଝରରେ ଥିବା ଜମିକୁ ଯାଉଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀ ଆକ୍ରମଣରେ ସେ ଗୁରୁତର ହୋଇଥିବା ବେଳେ ବନ ବିଭାଗ କର୍ମଚାରୀ ଉଦ୍ଧାର କରି ତେଲକୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେଲକୋଇ ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓ କହିଛନ୍ତି, ୨ ଘଟଣାରେ ୩ ଜଣ ଆହତ ହୋଇଛନ୍ତି। ତେବେ ସେଥିରୁ ୨ ଜଣଙ୍କୁ ହାତୀ ଆକ୍ରମଣ କରିଥିବା ବେଳେ ଅନ୍ୟ ଜଣେ ଧାଇଁ ପଳାଇଥିବା ବେଳେ ପଡ଼ି ଆହତ ହୋଇଛନ୍ତି। ବନ କର୍ମଚାରୀ ଆନ୍ଦୋଳନରେ ରହି ଜଙ୍ଗଲକୁ ଯାଉ ନ ଥିଲେ ହେଁ ହାତୀ ଘଉଡ଼ାଇବା ପାଇଁ ଥିବା ସ୍କ୍ୱାଡ୍ କାମ କରୁଛନ୍ତି ବୋଲି କହିଥିଲେ।

# ଭିଜିଲାନ୍ସ ଜାଲରେ କୋଟିପତି ପୂର୍ବତନ ଡିଏସ୍‌ଡବ୍ଲ୍ୟୁଓ

ଭୁବନେଶ୍ୱର(ସତ୍ୟଜିତ୍ ରାଉତ)/ଭଦ୍ରକ (ସନାତନ ରାଉତ)/ବାଲେଶ୍ୱର(ମାନସ ବିଶ୍ୱାଳ) ୨୨।୬



## ୧୧ ସ୍ଥାନରେ ଚଢ଼ାଉ, ବିପୁଳ ସମ୍ପତ୍ତି ଠାବ

- ୩ ବହୁ ମହଲା ବିଶିଷ୍ଟ କୋଠା, ୨ ଫ୍ଲାଟ୍, ୮ ପ୍ଲଟ୍, ୨ କେଜିରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର
- ନଗଦ ୨.୭୯ ଲକ୍ଷ ଟଙ୍କା, ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମା ଜମା ୧.୬୧ କୋଟି
- ଛତୁଆ ଦୁର୍ନୀତିରୁ ସମ୍ପତ୍ତି ଅର୍ଜନ ସନ୍ଦେହ, ପୁଅ କହିଲେ ଏହା ଷଡ଼ଯନ୍ତ୍ର

ଭଦ୍ରକର ପୂର୍ବତନ ଜିଲା ସମାଜ ମଙ୍ଗଳ ଅଧିକାରିଣୀ (ଡିଏସ୍‌ଡବ୍ଲ୍ୟୁଓ) ଜୟନ୍ତୀ ବେହେରା ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଗୁରୁବାର ଭିଜିଲାନ୍ସର ୧୧ଟି ଟିମ୍ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜୟନ୍ତୀଙ୍କ ଘର ସମେତ ଭଦ୍ରକ, ବାଲେଶ୍ୱର ଓ ଭୁବନେଶ୍ୱରର ୧୧ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ବେହେରା ଗତ ଜୁନ ୬ରେ ଭୁବନେଶ୍ୱରକୁ ବଦଳି ହୋଇଆସିଛନ୍ତି। ସମ୍ପ୍ରତି ସେ ମହିଳା ଓ ଶିଶୁ କଲ୍ୟାଣ ବିଭାଗରେ ସାମାଜିକ ମଙ୍ଗଳ ଅଧିକାରିଣୀ (ଏସ୍‌ଡବ୍ଲ୍ୟୁଓ) ଭାବେ କାର୍ଯ୍ୟ କରୁଛନ୍ତି। ତେବେ ସେ ଏପର୍ଯ୍ୟନ୍ତ ତାଙ୍କ ପୂର୍ବ ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି। ଚଢ଼ାଉ ହେଉଥିବା ସ୍ଥାନ ମଧ୍ୟରେ ଜୟନ୍ତୀଙ୍କ ଭଦ୍ରକସ୍ଥିତ ଭଡ଼ାଘର, ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ଗଣେଶ୍ୱରପୁର ସିଦ୍ଧେଶ୍ୱର କଲୋନୀସ୍ଥିତ ଅର୍ଦ୍ଧନିର୍ମିତ ଦୁଇମହଲା କୋଠା, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟ କୋଠରି, ଭଦ୍ରକ ଜିଲା ସାମାଜିକ ମଙ୍ଗଳ କାର୍ଯ୍ୟାଳୟସ୍ଥିତ କୋଠରି, ବାଲେଶ୍ୱର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସିସିଇ (କଲ୍ ସେଣ୍ଟର୍ ଏକ୍‌ଜିକ୍ୟୁଟିଭ୍) ଥିବା ପୁଅ ରୋହିତ କୁମାର ମଣ୍ଡଳଙ୍କ ଅଫିସ ଚାମ୍ବର, ବାଲେଶ୍ୱର ସୁନହଟସ୍ଥିତ ସମ୍ପର୍କୀୟଙ୍କ ଘର ଏବଂ ସହଯୋଗୀ ଛତୁଆ ବଣ୍ଟନ କରୁଥିବା କଣ୍ଟ୍ରାକ୍ଟରଙ୍କ ବାଲେଶ୍ୱର ଚିଡ଼ିଆପୋଲସ୍ଥିତ ଘର ଆଦି ରହିଛି। ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ଭିଜିଲାନ୍ସର ଜଣେ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି, ୮ ଇନ୍ସପେକ୍ଟର, ୨ ଏସ୍‌ଆଇ, ୩ ଏଏସ୍‌ଆଇ ଏବଂ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏହି ଚଢ଼ାଉରେ ଜୟନ୍ତୀଙ୍କଠାରୁ ବିପୁଳ ପରିମାଣର ସମ୍ପତ୍ତି ଠାବ ହୋଇଛି।

ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ବାଲେଶ୍ୱର ଜିଲାର ଗଣେଶ୍ୱରପୁରରେ ୪୦୦୭ ବର୍ଗଫୁଟରେ ଥିବା ୩ ମହଲା କୋଠା, ୧୧୪୦ ବର୍ଗଫୁଟରେ ଥିବା ଅନ୍ୟ ଏକ ଦୁଇମହଲା କୋଠା, ଫିରିଙ୍ଗିପାଟଣାସ୍ଥିତ ୪୩୬୬ ବର୍ଗଫୁଟରେ ଏକ ୩ ମହଲା କୋଠା, ଭୁବନେଶ୍ୱର ଓଲ୍ଡ ଟାଉନସ୍ଥିତ ଷ୍ଟୁଲୱାର୍ଟ ପ୍ୟାଲେସ୍‌ରେ ୩ ବିଏଚ୍‌କେ ଫ୍ଲାଟ, ଗୌତମ ନଗରସ୍ଥିତ ଉତ୍କଳ ରେସିଡେନ୍ସିରେ ୫୧ ଲକ୍ଷ ଟଙ୍କାର ୩ ବିଏଚ୍‌କେ ଫ୍ଲାଟ ଓ ବାଲେଶ୍ୱରର ମୁଖ୍ୟ ଅଞ୍ଚଳରେ ୮ଟି ପ୍ଲଟ୍ ଠାବ ହୋଇଛି। ଏସବୁ ସମ୍ପତ୍ତିର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଙ୍ଗ୍ ପ୍ରୟାସ ଜାରି ରଖିଛି। ସେହିପରି ନଗଦ ୨.୭୯ ଲକ୍ଷ ଟଙ୍କା, ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମା ଜମା ୧.୬୧ କୋଟି, ଗୋଟିଏ ଚାରିଚକିଆ ଯାନ, ୨ଟି ବାଇକ୍, ୨.୧୧୨ କେଜି ରୁପା ଅଳଙ୍କାର ଏବଂ ୭.୩୯ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସମେତ ଘରୋଇ ସାମଗ୍ରୀ ଠାବ ହୋଇଛି। ତେବେ ଠାବ ହୋଇଥିବା ଏସବୁ ସମ୍ପତ୍ତି ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଚଢ଼ାଉ ଜାରି ରହିଥିବାବେଳେ ଜୟନ୍ତୀଙ୍କୁ ଏନେଇ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଛତୁଆ ଯୋଗାଣରେ ଜୟନ୍ତୀ ଯୋଗାଣକାରୀ ସଂସ୍ଥାଠାରୁ ଲାଞ୍ଚ ନେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ତେଣୁ ଭିଜିଲାନ୍ସ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଅନ୍ୟପକ୍ଷରେ ଗଣମାଧ୍ୟମକୁ ଜୟନ୍ତୀଙ୍କ ପୁଅ କହିଛନ୍ତି, ମିଡିଲ କ୍ଲାସ ପରିବାରରେ ଯେତିକି ଆବଶ୍ୟକତା ଆମ ପାଖରେ ତାହା ଅଛି। ଆମ ବିରୋଧରେ ଷଡ଼ଯନ୍ତ୍ର କରି ଏହି ରେଡ୍ କରାଯାଉଛି ବୋଲି ସେ କହିଛନ୍ତି।

# ଆଜିଠାରୁ ଏକକ ପିଜି ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,୨୨।୬(ଅନୁରାଧା ମହାରଣା)

ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକୋତ୍ତର ନାମଲେଖା ପାଇଁ ଏକକ ପିଜି ପ୍ରବେଶିକା (ସିପିଇଟି) ପରୀକ୍ଷା ଶୁକ୍ରବାର ଠାରୁ ଆରମ୍ଭ ହେବ। ଜୁନ୍ ୨୮ ଓ ୩୦ ତାରିଖକୁ ବାଦ୍ ଦେଲେ ଜୁଲାଇ ୪ ପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ଏହି ପରୀକ୍ଷା ହେବ। ୪୯ଟି ବିଷୟରେ ଏହି ପରୀକ୍ଷା ହେବାକୁ ଥିବାବେଳେ ପୂର୍ବାହ୍ନ ୧୦ଟାରୁ ୧୧ଟାରେ ପ୍ରଥମ ପର୍ଯ୍ୟାୟ, ଅପରାହ୍ନ ୧୨.୩୦ରୁ ୧.୩୦ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଏବଂ ୩ଟାରୁ ୪ଟା ପର୍ଯ୍ୟନ୍ତ ତୃତୀୟ ପର୍ଯ୍ୟାୟ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରଥମ ଦିନରେ ଆନ୍ଥ୍ରୋପୋଲୋଜି, ଭୂଗୋଳ, ହିନ୍ଦୀ ଏବଂ ଏମ୍‌ବିଏ ବିଷୟରେ ପରୀକ୍ଷା ହେବ। ଚଳିତବର୍ଷ ରାଜ୍ୟର ୧୦୬ଟି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ୨୭ ହଜାର ୩୮୩ଟି ସିଟ୍ ପାଇଁ ନାମଲେଖା ହେବ। ତେବେ ସାମ୍ସ ପୋର୍ଟାଲ ଅନୁସାରେ ଚଳିତବର୍ଷ ୫୩ ହଜାର ୬୪୧ ଜଣ ଆବେଦନ କରିଛନ୍ତି। ଏସ୍‌ଏସ୍‌ବି ଦ୍ୱାରା ପରୀକ୍ଷା ପରିଚାଳନା ହେବାକୁ ଥିବାବେଳେ ପରୀକ୍ଷାର୍ଥୀମାନେ ରଖିଥିବା ମାର୍କ ସମ୍ପର୍କିତ ତଥ୍ୟ ଜୁଲାଇ ୧୬ରେ ଓକାକ୍‌କୁ ପ୍ରଦାନ କରାଯିବ। ଅନ୍ୟପଟେ ପରୀକ୍ଷାର୍ଥୀମାନେ ଜୁଲାଇ ୮ରୁ ୧୫ ତାରିଖ ମଧ୍ୟରେ ସ୍ନାତକରେ ରଖିଥିବା ମାର୍କ ଅପଡେଟ୍ କରିବେ। ପରବର୍ତ୍ତୀ ସମୟରେ ନାମଲେଖା ତାରିଖ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ।

# ଫୁଲ, ହାଡ଼ ଧରି ପୂର୍ତ୍ତ କାର୍ଯ୍ୟାଳୟରେ ପୂର୍ବତନ ଏମ୍‌ପି

ବାରିପଦା,୨୨।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଫୁଲହାର ଓ ଘୁଷୁରି ହାଡ଼ ମାଳ ଧରିଥିବା ପୂର୍ବତନ ଏମ୍‌ପି ଲକ୍ଷ୍ମଣ ଟୁଡୁ।

- କନିଷ୍ଠ ଯନ୍ତ୍ରୀଙ୍କ କଟୁ ମନ୍ତବ୍ୟରେ ଥିଲେ ଖପ୍ପା
- କାମର ମାନ ଅନୁଯାୟୀ ପିନ୍ଧାଇଥାନ୍ତେ ମାଳ
- ୭ ଦିନ ମଧ୍ୟରେ ତଦନ୍ତ କରାଯିବ କହିଲେ ନିର୍ବାହୀ ଯନ୍ତ୍ରୀ

ରାଜପଥ ନିର୍ମାଣର ମାନକୁ ନେଇ ଅଭିଯୋଗ ଉଠାଇବାରୁ ମୟୂରଭଞ୍ଜ ଜିଲା ବାରିପଦା ପୂର୍ତ୍ତ ବିଭାଗର ଜଣେ କନିଷ୍ଠ ଯନ୍ତ୍ରୀ ପୂର୍ବତନ ଏମ୍‌ପି ଲକ୍ଷ୍ମଣ ଟୁଡୁଙ୍କ ସମ୍ପର୍କରେ କିଛି କଟୁ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ଖପ୍ପା ଥିବା ପୂର୍ବତନ ଏମ୍‌ପି ଗୁରୁବାର ଯନ୍ତ୍ରୀଙ୍କୁ ଭେଟିବାକୁ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟକୁ ଯାଇଥିଲେ। ଏପରି କି ହାତରେ ଫୁଲହାର ଓ ଘୁଷୁରି ହାଡ଼ର ମାଳ ନେଇଥିଲେ ହେଁ ଅନୁପସ୍ଥିତ କାରଣରୁ ଯନ୍ତ୍ରୀଙ୍କୁ ଭେଟିପାରି ନ ଥିଲେ। ଯନ୍ତ୍ରୀଙ୍କ ସହ ଆଲୋଚନା ପରେ କାର୍ଯ୍ୟର ମାନ ଠିକ୍ ଥିଲେ ତାଙ୍କୁ ଫୁଲହାର ନଚେତ ଖରାପ ଥିଲେ ଘୁଷୁରି ହାଡ଼ର ମାଳ ପିନ୍ଧାଇଥାନ୍ତେ ବୋଲି ପୂର୍ବତନ ଏମ୍‌ପି ଟୁଡୁ କହିଛନ୍ତି। ତେବେ ଟୁଡୁଙ୍କ ଏପରି କାର୍ଯ୍ୟ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ପୂର୍ବତନ ଏମ୍‌ପି ଟୁଡୁ ଅଭିଯୋଗ କରିଛନ୍ତି ଯେ, କୁଳିଅଣା ବ୍ଲକ ଚାନ୍ଦୁଆସ୍ଥିତ ଧାଙ୍ଗଡ଼ିଶୋଳ-ବାଘଡ଼ା-ମୋରଡ଼ା ରାଜ୍ୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ୨୯କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହାର ଶିଳାନ୍ୟାସ କରିଥିଲେ। ତେବେ ଶିଳାନ୍ୟାସର ୨ ମାସ ପୂର୍ବରୁ ଜଣେ ଠିକାଦାରଙ୍କ ଦ୍ୱାରା ଉକ୍ତ ରାସ୍ତା କାର୍ଯ୍ୟ ଆରମ୍ଭ କରାଯାଇଛି। ବିନା ସୂଚନାଫଳକରେ ଚାଲିଥିବା ଏହି ନିର୍ମାଣ କାର୍ଯ୍ୟ ଇତିମଧ୍ୟରେ ୫୦ ପ୍ରତିଶତ ଶେଷ ହେବାକୁ ବସିଛି। ରାସ୍ତା କାମ କରୁଥିବା ଠିକାଦାର ଓ ପୂର୍ତ୍ତ ବିଭାଗର ସମ୍ପୃକ୍ତ କନିଷ୍ଠଯନ୍ତ୍ରୀଙ୍କ ସଲାସୁତ୍ରରାରେ ନିମ୍ନମାନର କାମ କରାଯାଇ ସରକାରୀ ଅର୍ଥ ହରିଲୁଟ କରାଯାଉଛି। ଏ ନେଇ ଅଭିଯୋଗ ହେବାରୁ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ପଡ଼ୋଶୀ ଜିଲାକୁ ବଦଳି କରାଯାଇଛି। ମାତ୍ର ସମ୍ପୃକ୍ତ ଯନ୍ତ୍ରୀ ନୂତନ ସ୍ଥାନରେ ଯୋଗ ଦେଇନାହାନ୍ତି। ଉକ୍ତ କାର୍ଯ୍ୟର ତଦନ୍ତ ହେବା ପୂର୍ବରୁ କନିଷ୍ଠ ଯନ୍ତ୍ରୀଙ୍କ ବଦଳିକୁ ଜନସାଧାରଣ ସହଜରେ ହଜମ କରିପାରୁ ନାହାନ୍ତି। ଏହାର ବିଧିବଦ୍ଧ ତଦନ୍ତ କରାଗଲେ କାର୍ଯ୍ୟର ମାନ ଲୋକଲୋଚନକୁ ଆସିପାରିବ। ତେବେ ସମ୍ପୃକ୍ତ ଯନ୍ତ୍ରୀ ଟୁଡୁଙ୍କ ଉଦ୍ଦେଶ୍ୟରେ 'ମଲା ସାପ' ବୋଲି କହିବା ପରେ ଏଥିରେ କ୍ଷୁବ୍ଧ ଟୁଡୁ କେତେଜଣ ସହଯୋଗୀଙ୍କ ସହ ଫୁଲହାର ଓ ଘୁଷୁରି ହାଡ଼ର ମାଳ ଧରି ପୂର୍ତ୍ତ ବିଭାଗ କାର୍ଯ୍ୟକୁ ଯାଇଥିଲେ। ମାତ୍ର ସମ୍ପୃକ୍ତ ଯନ୍ତ୍ରୀ କାର୍ଯ୍ୟାଳୟରେ ନ ଥିବାରୁ ଟୁଡୁ ସେଠାରୁ ଫେରି ଆସିଥିଲେ। ଅପରପକ୍ଷରେ ଘୁଷୁରି ହାଡ଼ ବଦଳରେ ପୂର୍ବତନ ଏମ୍‌ପି ଗୋରୁ ହାଡ଼ ମାଳ ଧରି ଆସିଥିବା କେତେଜଣ ଦେଖଣାହାରୀ କହିଛନ୍ତି। ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ନନ୍ଦ ଦୁଲାଲ ଘଡ଼େଇ କହିଛନ୍ତି, ନିମ୍ନମାନର ରାସ୍ତାକାର୍ଯ୍ୟ ନେଇ ପୂର୍ବତନ ଏମ୍‌ପି ଟୁଡୁ ଯେଉଁ ଅଭିଯୋଗ କରିଛନ୍ତି, ଆସନ୍ତା ୭ ଦିନ ମଧ୍ୟରେ ତା'ର ତଦନ୍ତ କରାଯିବ।

## ବିରୋଧୀ ମଞ୍ଚ...

ପ୍ରଥମ ପୃଷ୍ଠାରୁ...

ଜେଡିୟୁ ଗତବର୍ଷ ଅଗଷ୍ଟରେ ଭାଜପା ସହ ସମ୍ପର୍କ ତୁଟାଇ ଏନ୍‌ଡିଏରୁ ଓହରିଯାଇଥିଲା। ତାଙ୍କ ନେତୃତ୍ୱାଧୀନ ବିହାର ମହାମେଣ୍ଟ ସରକାରରେ ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଏବଂ କଂଗ୍ରେସ ପ୍ରମୁଖ ଅଂଶଦାର ରହିଛନ୍ତି। ପାଟନାର ବିରୋଧୀ ମହାମେଳିରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଦ୍ରାବିଡ ମୁନେତ୍ରା କାଝାଗାମ (ଡିଏମ୍‌କେ) ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍, ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ, ପଞ୍ଜାବ ମୁଖ୍ୟମନ୍ତ୍ରୀ (ଏଏପି ନେତା) ଭଗୱନ୍ତ ମାନ୍, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ନେତା ହେମନ୍ତ ସୋରେନ୍ ଏବଂ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ମୁଖ୍ୟ ମେହବୁବା ମୁଫ୍‌ତି ସାମିଲ ହୋଇପାରନ୍ତି। ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶିବସେନା-ୟୁବିଟି ମୁଖ୍ୟ ଉଦ୍ଧବ ଠାକ୍‌ରେ ଓ ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସମେତ ମାକ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଏମ୍) ନେତା ଡି. ରାଜା ଏବଂ ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ମଧ୍ୟ ବୈଠକରେ ଯୋଗଦେବେ। ବିହାର ଅର୍ଥମନ୍ତ୍ରୀ ବିଜୟ କୁମାର ଚୌଧରୀ କହିଛନ୍ତି, ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବିରୋଧୀ ନେତାମାନେ ପାଟନାରେ ପହଞ୍ଚିବାରେ ଲାଗିଛନ୍ତି। ସେମାନେ ରାଜ୍ୟ ଅତିଥି ଭବନରେ ରହିବେ। ନୀତୀଶଙ୍କ ବାସଭବନରେ ସେମାନଙ୍କର ଏକ ବୈଠକ ବସିବ।

ମିଶନ ୨୦୨୪ର ରଣନୀତି ପ୍ରସ୍ତୁତି ଲାଗି ମମତା ଗୁରୁବାର ପାଟନାରେ ପହଞ୍ଚି ଆର୍‌ଜେଡି ମୁଖ୍ୟ ଲାଲୁ ଯାଦବଙ୍କୁ ଭେଟିଛନ୍ତି। ଟିଏମ୍‌ସି ସୁପ୍ରିମୋ ମମତା କହିଛନ୍ତି, ଏନ୍‌ଡିଏକୁ ହରାଇବା ପାଇଁ ଆମେ ସମସ୍ତେ 'ଗୋଟିଏ ପରିବାର ଭଳି' ଲଢ଼ିବୁ। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ପୂର୍ବରୁ କେଜ୍‌ରିୱାଲ ଅଡୁଆ ସ୍ଥିତି ସୃଷ୍ଟି କରିଛନ୍ତି। ଦିଲ୍ଲୀର ପ୍ରଶାସନିକ ସେବାଗୁଡ଼ିକ ଉପରେ ନିୟନ୍ତ୍ରଣ ପ୍ରସଙ୍ଗରେ କେନ୍ଦ୍ର ସରକାର ଆଣିଥିବା ଅଧ୍ୟାଦେଶକୁ ରାଜ୍ୟ ସଭାରେ ଗୃହୀତ କରାଇ ନ ଦେବା ପାଇଁ କେଜ୍‌ରିୱାଲ ଅଣଭାଜପା ଦଳଗୁଡ଼ିକର ସହଯୋଗ ଲୋଡୁଛନ୍ତି। ଏହିକ୍ରମରେ ସେ କଂଗ୍ରେସ ନେତା ଖାର୍ଗେ ଓ ରାହୁଲଙ୍କୁ ଭେଟିବା ପାଇଁ ସମୟ ମାଗିଥିଲେ। କିନ୍ତୁ ଦୁହେଁ ତାଙ୍କୁ ଅଦ୍ୟାବଧି ସମୟ ଦେଇନାହାନ୍ତି। ଦିଲ୍ଲୀ ଅଧ୍ୟାଦେଶ ପ୍ରସଙ୍ଗରେ କଂଗ୍ରେସ ଆମକୁ ସମର୍ଥନ ନ କଲେ ଏଏପି ବିହାର ବୈଠକ ବର୍ଜନ କରିବ। ଏଥିସହ ଭବିଷ୍ୟତରେ ମଧ୍ୟ ବିରୋଧୀ ବୈଠକଗୁଡ଼ିକରୁ ଦୂରେଇ ରହିବ ବୋଲି କେଜ୍‌ରିୱାଲଙ୍କ ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

ଉତ୍ତର ପ୍ରଦେଶରୁ କେବଳ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଏହି ବୈଠକରେ ସାମିଲ ହେବାକୁ ଯାଉଛନ୍ତି। ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀଙ୍କୁ ନିମନ୍ତ୍ରଣ କରାଯାଇ ନ ଥିବାବେଳେ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ମୁଖ୍ୟ ଜୟନ୍ତ ଚୌଧରୀ ପାରିବାରିକ କାର୍ଯ୍ୟକ୍ରମର ଆଳ ଦେଖାଇ ଏଥିରେ ଯୋଗଦେଇ ପାରିବେ ନାହିଁ ବୋଲି କହିଛନ୍ତି। ମାୟାବତୀ କହିଛନ୍ତି, ୟୁପିର ୮୦ ଲୋକ ସଭା ଆସନ ଆଗାମୀ ନିର୍ବାଚନ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। କିନ୍ତୁ ବିରୋଧୀ ଦଳଗୁଡ଼ିକ ଏହାକୁ ନେଇ ଗମ୍ଭୀର ଥିବା ଭଳି ମନେହେଉନାହିଁ। ସେମାନଙ୍କ ଆଭିମୁଖ୍ୟ ଅସ୍ପଷ୍ଟ। ହୃଦୟ ନ ମିଶାଇ କେବଳ ହାତ ମିଳାଇଦେଲେ ଚଳିବ ନାହିଁ। ଜେଡିୟୁ ମୁଖପାତ୍ର କେ.ସି. ତ୍ୟାଗୀ ଏହାର ଜବାବରେ କହିଛନ୍ତି, ୨୦୨୪ରେ ଭାଜପା ବିରୋଧରେ ଲଢ଼େଇ କରିବାକୁ ଆଗ୍ରହୀ ଦଳଗୁଡ଼ିକୁ ହିଁ ଆମେ ନିମନ୍ତ୍ରଣ କରିଛୁ। ବିଏସ୍‌ପି ଏହି ମେଣ୍ଟରେ ସାମିଲ ହେବାକୁ ଚାହୁଁ ନ ଥିବାରୁ ନିମନ୍ତ୍ରଣ ନଷ୍ଟ କରିବାକୁ ଆମେ ଉଚିତ ମଣିନାହୁଁ। ସେହିପରି ଓଡ଼ିଶା ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ (ବିଜେଡି) ସଭାପତି ନବୀନ ପଟ୍ଟନାୟକ ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ଭାରତୀୟ ରାଷ୍ଟ୍ର ସମିତି (ବିଆର୍‌ଏସ୍) ମୁଖ୍ୟ କେ. ଚନ୍ଦ୍ରଶେଖର ରାଓଙ୍କୁ ମଧ୍ୟ ବିରୋଧୀ ବୈଠକକୁ ଡ଼କାଯାଇ ନ ଥିବା ଜଣାପଡ଼ିଛି।

ଅନ୍ୟପକ୍ଷେ ବିରୋଧୀଙ୍କ ମହାମେଳିର ଅବ୍ୟବହିତ ପୂର୍ବରୁ ପୋଷ୍ଟର ୱାର ଆରମ୍ଭ ହୋଇଛି। ଯେଉଁମାନେ ଭାଜପାକୁ ହରାଇବାକୁ ଚାହୁଁଛନ୍ତି, ସେମାନେ ଆଗେଇ ଆସନ୍ତୁ, ୨୦୨୪ରେ ଭାଜପାକୁ ଉତ୍ତରପ୍ରଦେଶର ୮୦ ଆସନରୁ ବେଦଖଲ କରନ୍ତୁ ବୋଲି ଲକ୍ଷ୍ନୌରେ ପୋଷ୍ଟର ଲଗାଯାଇଛି। ପାଟନାର ଭାଜପା ଅଫିସ ବାହାରେ ଏହାକୁ ବ୍ୟଙ୍ଗକରି ଆଉ ଏକ ପୋଷ୍ଟର ଲଗାଯାଇଛି, ଯହିଁରେ ଲେଖାଯାଇଛି 'ଦୂରଦୃଷ୍ଟି ବିହୀନ ନେତାମାନେ ନିଜ ଚୌକି ପାଇଁ ଅଧିକ ଚିନ୍ତିତ'। ଏହା ପୂର୍ବରୁ ମଧ୍ୟ ଭାଜପା ବିରୋଧୀ ବୈଠକକୁ 'ଦିଗହୀନ' ଏବଂ ନେତାଙ୍କୁ 'ପ୍ରଧାନମନ୍ତ୍ରୀ ଆଶାୟୀମାନେ' କହି କଟାକ୍ଷ କରିଛି। ଏହି ମେଗା ରାଲିର ଠିକ୍ ପୂର୍ବରୁ ନୀତୀଶଙ୍କୁ ଝଟ୍‌କା ଦେଇଛନ୍ତି ହିନ୍ଦୁସ୍ଥାନୀ ଆୱାମ ମୋର୍ଚ୍ଚା (ଏଚ୍‌ଏଏମ୍) ମୁଖ୍ୟ ଜିତନ୍‌ରାମ ମାଞ୍ଝି। ସେ ମହାମେଣ୍ଟରୁ ଓହରିଯାଇ ବୁଧବାର ଦିଲ୍ଲୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିବା ପରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରେ ପୁନର୍ବାର ସାମିଲ ହୋଇଛନ୍ତି। ନୀତୀଶଙ୍କ ପୂର୍ବ କ୍ୟାବିନେଟରେ ଉପମୁଖ୍ୟମନ୍ତ୍ରୀ ଥିବା ଭାଜପା ନେତା ସୁଶୀଲ ମୋଦି କହିଛନ୍ତି, ବିହାରରେ ଆମେ ୪୦ରୁ ୪୦ ଆସନ ଜିତିବୁ। ଲାଲୁ-ନୀତୀଶଙ୍କ ଦଳ ନିରାଶ ହେବେ। ଦୁର୍ନୀତିଗ୍ରସ୍ତ ନେତାମାନେ ହିଁ ହାତ ମିଳାଉଛନ୍ତି। ଦେଶବାସୀ ମୋଦିଙ୍କୁ ପୁଣି ପ୍ରଧାନମନ୍ତ୍ରୀ କରାଇବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଦୂରଯାତ୍ରା, ବାଣିଜ୍ୟ, ପରିବହନ, ବନ୍ଧୁବାନ୍ଧବ କ୍ଷେତ୍ରରେ ସୁଫଳ ପାଇବେ। ଲ-ନାମାକ୍ଷର ବ୍ୟକ୍ତି ସବୁକଥାକୁ ଭଲରୂପେ ବିଚାରି କାମ ନ କଲେ ସମସ୍ୟା ମାଡ଼ି ଆସିପାରେ। କାର୍ଯ୍ୟବ୍ୟସ୍ତତା କାରଣରୁ ଶାରୀରିକ କ୍ଲାନ୍ତି ଓ ଅବସାଦ ଦେଖାଦେବାର ଆଶଙ୍କା ରହିଛି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାମୁକ୍ତ ରହିବେ।

**ବୃଷ** – ଆପଣଙ୍କ ସକାଶେ ଆଜି ଦିନଟି ଭଲ ରହିବ। ଆନୁଷ୍ଠାନିକ କାମ ସକାଶେ ଧାଁ ଦଉଡ କରିବାକୁ ପଡ଼ିପାରେ। ଏକ ନିର୍ଦ୍ଦିଷ୍ଟ କାମରେ ଯାଇଥିବା ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଚାହିଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ବ-ନାମାକ୍ଷର ବ୍ୟକ୍ତିଙ୍କ ଶିଳ୍ପ, ବ୍ୟବସାୟ, ପରିବହନ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** – ପରିସ୍ଥିତିବଶତଃ ଯେତିକି ପାଇବେ ତାହାର ଦୁଇଗୁଣା ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ଘ-ନାମାକ୍ଷର ବ୍ୟକ୍ତିଙ୍କର ଇଚ୍ଛା ନ ଥିଲେ ସୁଦ୍ଧା ହଠାତ୍ ଦୂରକୁ ଯିବାକୁ ପଡ଼ିପାରେ। ଅବଶ୍ୟ କର୍ମକ୍ଷେତ୍ରର ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ସଂକୋଚବଶତଃ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ।

**କର୍କଟ** – ମନ ଚାହୁଁ ନଥିବା କେତେକ ପରିସ୍ଥିତିର ସମ୍ମୁଖୀନ ହେବା କାରଣରୁ ଧୈର୍ଯ୍ୟଚ୍ୟୁତି ଘଟିପାରେ। ପୁଷ୍ୟା ନକ୍ଷତ୍ରର ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ରହିବ। ନିଜ ପରିସରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ବାଣିଜ୍ୟ, ନିର୍ମାଣ ଓ ପରିବହନରେ କିଛି ସମସ୍ୟା ଦେଖାଦେଇପାରେ।

**ସିଂହ** – କର୍ମକ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାକୁ ପଡ଼ିପାରେ। ଆଗାମୀ ସମୟର ଆବଶ୍ୟକତା ପୂରଣ ସକାଶେ ଟଙ୍କା ଯୋଗାଡ଼ ପାଇଁ ଫନ୍ଦି ଫିକର କରିପାରନ୍ତି। ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ମଘା ନକ୍ଷତ୍ର ସମସ୍ୟା ସୁଧାରିବା ସକାଶେ ନିଜକୁ କିଛି କରିବାକୁ ପଡ଼ିବ।

**କନ୍ୟା** – ଉତ୍ତରାଫାଲଗୁନୀ ନକ୍ଷତ୍ର ସନ୍ଦେହାତ୍ମକ ବାତାବରଣ ମଧ୍ୟରେ ଅଣନିଃଶ୍ୱାସୀ ହେବାକୁ ପଡ଼ିପାରେ। ଶିକ୍ଷା କ୍ଷେତ୍ରରେ ଅପୂରଣୀୟ ଆଶା ଓ ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ମାନସିକ ସ୍ଥିତିକୁ ଦୁର୍ବଳ କରିଦେବ। ପାରିବାରିକ ସମସ୍ୟା ଲାଗି ରହିବା କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ।

**ତୁଳା** – ବିଶାଖା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଦୋଦୁଲ୍ୟମାନ ଅବସ୍ଥାରେ ରହିବାକୁ ବାଧ୍ୟ ହେବେ। ବିଭିନ୍ନ ଅସୁବିଧା ଭିତରେ ଗତି କରୁଥିବାରୁ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିପାରେ। ମୂଲ୍ୟବାନ ଜିନିଷ ଖରିଦ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିବ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବା ଆଶଙ୍କା ରହିଛି।

**ବିଛା** – ପରିବାରରେ ଭୁଲ୍ ବୁଝାମଣା ଓ ନିଜର କେତେକ ବ୍ୟତିକ୍ରମକୁ ସଜାଡ଼ିବାକୁ ଯାଇ ଅସ୍ଥିରତା ଲାଗି ରହିବ। ଅନୁରାଧା ନକ୍ଷତ୍ର ଅଭାବ ନ ଥିଲେ ମଧ୍ୟ ଅନାବଶ୍ୟକ ବ୍ୟୟରୁ ବିଚଳିତ ହେବେ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କଥା କହି ନ ପାରେ। କର୍ମକ୍ଷେତ୍ରରେ ଛୋଟ କଥାରୁ ସମାଲୋଚିତ ହୋଇପାରନ୍ତି।

**ଧନୁ** – କୌଣସି ଅସୁବିଧା ନ ଥିଲେ ମଧ୍ୟ ଅଯଥାରେ ଏଣୁ ତେଣୁ ଚିନ୍ତାକରି ବିବ୍ରତ ରହିବେ। ବିବାଦୀୟ ପରିସ୍ଥିତି କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଉତ୍ତରାଷାଢା ନକ୍ଷତ୍ର ବାଧ୍ୟ ବାଧକତାରେ ନାହିଁ କରି ନ ପାରି ଦୂରଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭା ସମିତିରୁ ମନ ଖୁସି ରହିବ।

**ମକର** – ଶ୍ରବଣା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିବେ। ଟିକିଏ ଟିକିଏ କଥାରେ ରାଗି ଯାହା ମନକୁ ଆସିଲା କହି ପକାଇବା ଦ୍ୱାରା କିଛି ସମସ୍ୟା ଆସିପାରେ। ଆତ୍ମୀୟମାନେ ଆପଣଙ୍କ କାମକୁ ସୁଗମ କରିପାରନ୍ତି।

**କୁମ୍ଭ** – ପୂର୍ବଭାଦ୍ରବ ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ନିଜ ଲୋକମାନେ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ ଯଥା ସମୟରେ ସବୁ କିଛି ଠିକ୍ ହୋଇଯିବ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ପଡ଼ୋଶୀଙ୍କ ସହାୟତାରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**ମୀନ** – ଉତ୍ତରଭାଦ୍ରବ ନକ୍ଷତ୍ର ସମସ୍ୟାକୁ ପ୍ରତିହତ କରି ଆଗକୁ ବଢ଼ିବା ସକାଶେ ପଦକ୍ଷେପ ନେବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ଥିଲେ ମଧ୍ୟ ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ମନକୁ ଭାରାକ୍ରାନ୍ତ କରିପାରେ। ସତର୍କରେ ଚଳିଲେ ସୁଦ୍ଧା ବିବାଦକୁ ଟାଣି ହେବାର ଆଶଙ୍କା ରହିଛି। ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ।

ଆଜି ଆଷାଢ଼ ଶୁକ୍ଳ ୫ମୀ ଶୁକ୍ରବାର, ଜୁନ୍ ୨୩ ତାରିଖ, ରାଶି ନକ୍ଷତ୍ର- ମଘା/ସିଂହ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୫ ଗତେ ୦୬।୫୮ ମଧ୍ୟେ, ଘ.୧୨।୧୫ ଗତେ ଘ.୦୨।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୯ ଗତେ ଘ. ୧୧।୪୮ ମଧ୍ୟେ ରାହୁକାଳ।

# ରାଜ୍ୟସ୍ତରୀୟ ଆହାର କମିଟି ପାଇଁ ୨୦ କୋଟି ମଞ୍ଜୁର

ଭୁବନେଶ୍ୱର,୨୨।୬(ସୁନିତ୍ ମିଶ୍ର)

ରାଜ୍ୟର ବିଭିନ୍ନ ସ୍ଥାନରେ ଆହାର କେନ୍ଦ୍ର ପରିଚାଳନା ପାଇଁ ଗଠିତ ରାଜ୍ୟସ୍ତରୀୟ ଆହାର କମିଟିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସୂଚନାଯୋଗ୍ୟ, ୨୦୧୫-୧୬ ଆର୍ଥିକ ବର୍ଷରୁ ୨୦୨୧-୨୨ ପର୍ଯ୍ୟନ୍ତ ୭ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆହାର କାର୍ଯ୍ୟକ୍ରମ ପାଇଁ ୨୨୮.୭୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ଏକ ଅତ୍ୟନ୍ତ ଲୋକପ୍ରିୟ କାର୍ଯ୍ୟକ୍ରମ ବୋଲି ସରକାର କହିଛନ୍ତି। ସହରଗୁଡ଼ିକରେ ହସ୍ପିଟାଲ, ବସ୍ଷ୍ଟାଣ୍ଡ ଏବଂ ଅନ୍ୟାନ୍ୟ ଜନଗହଳି ସ୍ଥାନରେ ଜରୁରୀ କାର୍ଯ୍ୟ ପାଇଁ ଯାଇଥିବା ଗରିବ ଲୋକମାନେ ଆହାର କାର୍ଯ୍ୟକ୍ରମ ଜରିଆରେ ମାତ୍ର ୫ ଟଙ୍କାରେ ସୁଷମ ଓ ସ୍ୱାସ୍ଥ୍ୟପ୍ରଦ ଆହାର ପାଇପାରୁଛନ୍ତି । ଏହାସହ ଖୁବ୍‌ଶୀଘ୍ର ୯୩ଟି ଆମ ହସ୍ପିଟାଲ ଯୋଜନାରେ ଉନ୍ନତୀକରଣ ହେବାକୁ ଥିବା ଡାକ୍ତରଖାନାରେ ଆହାର କେନ୍ଦ୍ର ଖୋଲିବା ଲାଗି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ଗତ ବୁଧବାର ଚିଠି ଲେଖି ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି।

**୭ ବର୍ଷ ଭିତରେ ଦିଆଗଲାଣି ୨୨୮.୭୬ କୋଟି**

# ସିଏମ୍ଆର୍‌ଏଫ୍‌କୁ ଓଡ଼ିଶା କୃଷି ସେବା ସଂଘ ଦେଲା ୧୨ ଲକ୍ଷ

ଭୁବନେଶ୍ୱର, ୨୨।୬(ସୁନିତ୍ ମିଶ୍ର)

ଓଡ଼ିଶା କୃଷି ସେବା ସଂଘ ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୨ ଲକ୍ଷ ୧ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ବାଲେଶ୍ୱର ଜିଲା ଅନ୍ତର୍ଗତ ବାହାନଗାଠାରେ ଘଟିଥିବା ରେଳ ଦୁର୍ଘଟଣାଗ୍ରସ୍ତ ପରିବାରଙ୍କ ସାହାଯ୍ୟ ଲାଗି ଏବଂ ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ରେମୁଣା ବ୍ଲକ୍‌ର ବ୍ଲକ୍ କୃଷି ଅଧିକାରୀ ତଥା ସଂଘର ସଦସ୍ୟ ବ୍ରଜ କିଶୋର ବେହେରାଙ୍କ ଆତ୍ମାର ସମ୍ମାନାର୍ଥେ ସଂଘ ଏହି ଅର୍ଥ ପ୍ରଦାନ କରିଥିବା କହିଛି। ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ୍‌ଙ୍କୁ ସଂଘ ସାଧାରଣ ସମ୍ପାଦକ ରାଜେଶ କୁମାର ନନ୍ଦଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ସାକ୍ଷାତକରି ଏହି ସହାୟତା ରାଶି ଚେକ୍ ଆକାରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି(ସିଏମ୍ଆର୍‌ଏଫ୍) ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି।

# ଆଡ଼ପ ମଣ୍ଡପକୁ ବିଜେ କଲେ ଶ୍ରୀଜୀଉ

ପୁରୀ,୨୨।୬(ଅଜିତ ମହାନ୍ତି)







ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ବଡ଼ ଠାକୁର ବଳଭଦ୍ର ଏବଂ ଭଉଣୀ ମା' ସୁଭଦ୍ରାଙ୍କ ସହ ରଥାରୂଢ଼ ହୋଇ କର୍ମବେଦି ଶ୍ରୀମନ୍ଦିର ଛାଡ଼ି ନବଦିନ ଯାତ୍ରାରେ ଆସି ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଛନ୍ତି। ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ସହ ହରିବୋଲ, ଜୟ ଜଗନ୍ନାଥ ଧ୍ୱନି ମଧ୍ୟରେ ଘର୍ ଘର୍ ନାଦ କରି ଭକ୍ତଙ୍କ ଗହଣରେ ରଥତ୍ରୟ ଶ୍ରୀମନ୍ଦିରରୁ ବାହାରି ଶରଧାବାଲିରେ ଲାଗିଥିଲା। ତେବେ ତିନିରଥ ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ଲାଗିବାକୁ ୨ଦିନ ସମୟ ଲାଗିଥିଲା। ରଥ ଉପରେ ଶ୍ରୀବିଗ୍ରହମାନଙ୍କୁ ଦେଖି ଭକ୍ତମାନେ ଆତ୍ମବିଭୋର ହୋଇଉଠିଥିଲେ। ଅଗଣିତ ଭକ୍ତ ଏବଂ ଭଗବାନଙ୍କ ମିଳନ ହୋଇଥିଲା। ତେବେ ଦାରୁବିଗ୍ରହମାନେ ୩ଦିନ ରଥ ଉପରେ ଅବସ୍ଥାନ କରିବା ପରେ ଗୁରୁବାର ରଥ ଉପରେ ନୀତିକାନ୍ତି ସାରି ଚାରମାଳ ବନ୍ଧା ହେବା ପରେ ଗୋଟି ପହଣ୍ଡିରେ ଠାକୁରମାନେ ଆଡ଼ପ ମଣ୍ଡପକୁ ବିଜେ କରିଛନ୍ତି। ଶ୍ରୀବିଗ୍ରହମାନେ ଆଡ଼ପମଣ୍ଡପକୁ ଗୁରୁବାର ବିଜେ କରିଥିବାରୁ ଶୁକ୍ରବାରଠାରୁ ଭକ୍ତମାନଙ୍କୁ ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ ଦେବେ। ସେହିପରି ଭକ୍ତମାନେ ଶୁକ୍ରବାରଠାରୁ ଆଡ଼ପ ଅବଢ଼ା ପାଇବେ।

ସ୍କନ୍ଦ ପୁରାଣ ଅନୁଯାୟୀ, ମହାପ୍ରଭୁ ଶ୍ରୀଜଗନ୍ନାଥ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଭଉଣୀଭାଇଙ୍କୁ ସାଥୀରେ ଧରି ମଙ୍ଗଳବାର ଘୋଷଯାତ୍ରାରେ ବାହାରି ରଥାରୂଢ଼ ହୋଇ ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ଲକ୍ଷ ଲକ୍ଷ ଭକ୍ତ ବଡ଼ଦାଣ୍ଡରେ ରଥ ଟାଣିଥିଲେ। ତେବେ ବଡ଼ଭାଇ ବଳଭଦ୍ର ଶରଧାବାଲିରେ ପହଞ୍ଚି ଯାଇଥିବାବେଳେ ମା' ସୁଭଦ୍ରା ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ବାଟରେ ଅଟକି ରହିଥିଲା। ପରଦିନ ଅଧାବାଟରେ ଥିବା ରଥକୁ ଟଣାଯାଇ ଗୁଣ୍ଡିଚା ମନ୍ଦିରକୁ ଅଣାଯାଇଥିଲା। ରଥାରୂଢ଼ ଶ୍ରୀବିଗ୍ରହମାନେ ଶରଧାବାଲିରେ ବୁଧବାର ଏବଂ ଗୁରୁବାର ଦିନତମାମ ଭକ୍ତଙ୍କୁ ଦର୍ଶନ ଦେବା ପରେ ଅପରାହ୍ନରେ ଜନ୍ମବେଦିକୁ ବାହାରିଥିଲେ। ଶ୍ରୀବିଗ୍ରହମାନଙ୍କ ସହଳ ପହଣ୍ଡି ଆରମ୍ଭ ହୋଇଥିଲା। ଆଡ଼ପ ପହଣ୍ଡି ନିମନ୍ତେ ଗୁରୁବାର ସକାଳ ୬ଟା ୨୫ରୁ ୭ଟା ମଙ୍ଗଳ ଆଳତି, ମଇଲମ ଓ ତଡ଼ପଲାଗି ୭ଟାରୁ ୭ଟା ୧୦, ତିନିରଥରେ ଅବକାଶ ୭ଟା ୧୦ରୁ ୭ଟା ୫୫, ବେଶ ଶେଷ ୭ଟା ୩୫ରୁ ୮ଟା ୧୦, ଗୋପାଳବଲ୍ଲଭ ୮ଟା ୪୦ରୁ ୯ଟା ୨୦ଟା, ସକାଳଧୂପ ଶେଷ ୯ଟା ୨୫ରୁ ପୂର୍ବାହ୍ନ ୧୦ଟା ୩୫, ମଇଲମ ୧୦ଟା ୪୫ରୁ ୧୦ଟା ୫୦, ରଥ ମହାସ୍ନାନ ଶେଷ ୧୦.୪୫ରୁ ୧୦ .୫୫, ସର୍ବାଙ୍ଗ ୧୦ଟା ୫୫ରୁ ୧୧ଟା ୫, ମଇଲମ ଓ ବେଶ ୧୧ଟାରୁ ୧୧ଟା ୨୦, ତିନି ରଥର ମଧ୍ୟାହ୍ନ ଧୂପ ୧୧ଟା ୩୦ରୁ ମଧ୍ୟାହ୍ନ ୧୨ଟା ୨୦, ମଇଲମ ଓ ବେଶ ୧୨ଟା ୧୫ ରୁ ୧୨ଟା ୪୫, ସନ୍ଧ୍ୟା ଆଳତି ଅପରାହ୍ନ ୧ଟା ୧୦ରୁ ୧ଟା ୪୫, ପରେ ତିନି ରଥର ଘୋଡ଼ା ଫିଟା ଓ ଚାରମାଳ ବନ୍ଧା ୨ଟା ୫ରୁ ୫ଟା ୧୦, ସିଂହାସନ ମାଜଣା ୪ଟା ୫୦, ରଥରେ ମୁଦିରସ୍ତଙ୍କ ଦ୍ୱାରା ପର୍ଯ୍ୟାୟକ୍ରମେ ତିନି ରଥରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଅପରାହ୍ନ ୫ଟା ୧୫ରେ ତିନି ରଥରେ ପୁଷ୍ପାଞ୍ଜଳି ପ୍ରଦାନ କରିବା ସମ୍ପନ୍ନ ହୋଇଥିଲା। ପରେ ଶ୍ରୀବିଗ୍ରହଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ୫ଟା ୨୫ରେ ପହଣ୍ଡି ଆରମ୍ଭ ହୋଇଥିଲା। ପହଣ୍ଡି ନିମନ୍ତେ ବିଜେ କାହାଳୀ ବାଜିଥିଲା। ପ୍ରଥମେ ମଦନମୋହନ ଓ ରାମକୃଷ୍ଣ ଆଡ଼ପମଣ୍ଡପକୁ ଗୋଟି ପହଣ୍ଡିରେ ବିଜେ କରିଥିଲେ। ଏହାପରେ ସନ୍ଧ୍ୟାରେ ଚକ୍ରରାଜ ଶ୍ରୀସୁଦର୍ଶନ ଗୋଟି ପହଣ୍ଡିରେ ଆଡ଼ପ ମଣ୍ଡପ ବିଜେ ହୋଇଥିଲେ। ଘଣ୍ଟ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଠିଥିଲା ଶରଧାବାଲି। ପରେ ବଡ଼ ଠାକୁର ବଳଭଦ୍ରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ବିଜେ କାହାଳି ବାଜିବା ପରେ ମା' ସୁଭଦ୍ରାଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ତେବେ ପରମ୍ପରା ଅନୁଯାୟୀ ଦାରୁ ବିଗ୍ରହମାନେ ପହଣ୍ଡି ପାଇଁ ରଥ ସିଂହାସନ ଛାଡ଼ି ହଂସପଟା ନିକଟକୁ ଆସିବା ପରେ ଠାକୁରଙ୍କର ଟାହିଆ ଲାଗି ହୋଇଥିଲା। ପତିମହାପାତ୍ର ସେବକ ଘଷା ଓ ବଡ଼ିଆ ମଣୋହୀ କରିବା ସହିତ ଆଳିତ କରିଥିଲେ। ଏହାପରେ ଗୋଟି ପହଣ୍ଡିରେ ଜଣକ ପରେ ଜଣେ ଠାକୁର ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ତେବେ ଠାକୁରଙ୍କ ଆଡ଼ପ ମଣ୍ଡପ ବିଜେ ପରେ ଶୁକ୍ରବାରଠାରୁ ଭକ୍ତଙ୍କୁ ଆଡ଼ପ ଦର୍ଶନ ହେବା ସହ ଆଡ଼ପ ଅବଢ଼ା ମିଳିବ।

**ଆଜି ମିଳିବ ଆଡ଼ପ ଅବଢ଼ା**

# କିନ୍ନର ଉଦ୍ୟୋଗୀଙ୍କୁ ମିଳିବ ୧୦ ଲକ୍ଷ ସହାୟତା

## ଗୋଷ୍ଠୀଗତ ପ୍ରକଳ୍ପ ପାଇଁ ୨୦ ଲକ୍ଷ

### ଛାତ୍ରାବାସ ଖର୍ଚ୍ଚ ମାସିକ ୩ ହଜାର, ଉପକରଣ କ୍ରୟ ପାଇଁ ମିଳିବ ୧୫ ହଜାର

ଭୁବନେଶ୍ୱର,୨୨।୬(ଅନିଲ ଦାସ)

କିନ୍ନରମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ସହ ଉଦ୍ୟୋଗୀରେ ପରିଣତ କରାଯିବ। ଆତ୍ମନିଯୁକ୍ତିଭିତ୍ତିକ ରୋଜଗାର ନିମନ୍ତେ ରାଜ୍ୟ ସରକାର ସହାୟତା ପ୍ରଦାନ କରିବେ। ବ୍ୟକ୍ତିଗତ ଭାବରେ ଜଣେ ପଞ୍ଜୀକୃତ କିନ୍ନର ଉଦ୍ୟୋଗୀଙ୍କୁ ୧୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯିବ। କିନ୍ନର ଉଦ୍ୟୋଗୀମାନେ ଦଳଗତ ଭାବରେ କୌଣସି ପ୍ରକଳ୍ପ ଆରମ୍ଭ କଲେ ସେମାନଙ୍କୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ଯୋଗାଇ ଦିଆଯିବ। କିନ୍ନରମାନେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି କୌଣସି ଆୟକାରୀ ପ୍ରକଳ୍ପ ଆରମ୍ଭ କଲେ, ସେହି ଗୋଷ୍ଠୀଙ୍କୁ ମଧ୍ୟ ଏକକାଳୀନ ୧ ଲକ୍ଷ ୨୫ ହଜାର ଟଙ୍କାର ସହାୟତା ଯୋଗାଇ ଦିଆଯିବ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ କିନ୍ନରମାନଙ୍କ ନିରାପଦ ଭବିଷ୍ୟତ ଓ ଆର୍ଥିକ ନିର୍ଭରତା ନିମନ୍ତେ ସ୍ୱୀକୃତି ଯୋଜନାରେ ସରକାର ଏହି ବିଶେଷ ସୁବିଧା ମଞ୍ଜୁର କରିଛନ୍ତି। ସେମାନଙ୍କ ଶିକ୍ଷାଗତ ଅଭିବୃଦ୍ଧି ଏବଂ ଆର୍ଥିକ କାର୍ଯ୍ୟକଳାପ ନିମନ୍ତେ ସରକାରୀ ସହାୟତାର ବ୍ୟବସ୍ଥା କରାଯାଇଛି।

କିନ୍ନରମାନଙ୍କ ପାଠପଢ଼ା ପାଇଁ ସରକାରଙ୍କ ପକ୍ଷରୁ ପ୍ରାକ୍-ମାଟ୍ରିକ୍ ଓ ମାଟ୍ରିକ୍ ପରବର୍ତ୍ତୀ ଶିକ୍ଷାବୃତ୍ତି ପରିମାଣ ମାସିକ ସର୍ବନିମ୍ନ ୧ ହଜାର ଟଙ୍କାରୁ ଆରମ୍ଭ ହୋଇ ୩ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯାଉଛି। ସେମାନଙ୍କ ପାଇଁ ଛାତ୍ରାବାସ ସୁବିଧା ନିମନ୍ତେ ସେମାନେ ପଢ଼ୁଥିବା ଶିକ୍ଷାନୁଷ୍ଠାନ ଛାତ୍ରାବାସ ପାଇପାରିବେ। ଛାତ୍ରାବାସରେ ରହୁଥିବା ପ୍ରତି କିନ୍ନରଙ୍କୁ ଉପକରଣ କ୍ରୟ ନିମନ୍ତେ ଏକକାଳୀନ ପାଠପଢ଼ା ଶେଷ ପର୍ଯ୍ୟନ୍ତ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। ସମ୍ପୃକ୍ତ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ସୁପାରିସକୁ ଭିତ୍ତି କରି ପ୍ରତି କିନ୍ନରଙ୍କୁ ମାସିକ ୩ ହଜାର ଟଙ୍କା ଛାତ୍ରାବାସ ଖର୍ଚ୍ଚ ଯୋଗାଇ ଦିଆଯିବ। ପ୍ରତି ଜିଲାରେ କାର୍ଯ୍ୟରତ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କଠାରୁ ଏ ବାବଦରେ ବିଶଦ ସୂଚନା ଓ ତଥ୍ୟ ଉପଲବ୍ଧ ହୋଇପାରିବ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ଯେ କିନ୍ନରମାନଙ୍କୁ ଉତ୍ତମ ମାନବ ସମ୍ବଳ ଭାବରେ ବିବେଚନା କରି ସେମାନଙ୍କ ସୁରକ୍ଷା ଓ ଆର୍ଥିକ ନିରାପତ୍ତା ନିମନ୍ତେ ଅନୁକୂଳ ବାତାବରଣ ସୃଷ୍ଟି ଉଦ୍ଦେଶ୍ୟରେ ସରକାର ସେମାନଙ୍କ ଶିକ୍ଷା, ଦକ୍ଷତା ବିକାଶ ସାଙ୍ଗକୁ ଛାତ୍ରାବାସ ରହଣି ଉପରେ ଗୁରୁତ୍ୱ ଦେଇଛନ୍ତି। ସେମାନଙ୍କ ଆର୍ଥିକ କାର୍ଯ୍ୟକଳାପକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଏପରି ସହାୟତା ବିଶେଷ ପ୍ରଭାବୀ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି।

# ଜେ.ପି. ନଡ୍ଡାଙ୍କ ଦୁଇଦିନିଆ ଗସ୍ତ



ଝାରସୁଗୁଡ଼ାରେ ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡା।

ସମ୍ବଲପୁର,୨୨।୬ (ଶୁଭାଶିଷ ପାଢ଼ୀ)

**ପୁଣି ପଶ୍ଚିମ ଓଡ଼ିଶାକୁ ଫୋକସ୍**

- ନିର୍ବାଚନ ପାଇଁ ରଣନୀତି, କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କଲେ
- ଝାରସୁଗୁଡ଼ାରେ ବୈଠକ, ସମ୍ବଲପୁରରେ ରହଣି

ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡା ଗୁରୁବାର ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ତାଙ୍କର ଏହି ଗସ୍ତରୁ ଦଳ ପୁଣି ଥରେ ପଶ୍ଚିମ ଓଡ଼ିଶାକୁ ଫୋକସ୍ କରିଥିବା କୁହାଯାଉଛି। ଝାଡ଼ଖଣ୍ଡର ଗିରିଡିହିରୁ ସେ ସ୍ୱତନ୍ତ୍ର ବିମାନ ଯୋଗେ ଆସି ଅପରାହ୍ନ ପ୍ରାୟ ୫ଟା ସମୟରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ଥିବା ବରଗଡ଼ ଏମ୍‌ପି ସୁରେଶ ପୂଜାରୀଙ୍କ ସମେତ ବରିଷ୍ଠ ଓ ଯୁବ କାର୍ଯ୍ୟକର୍ତ୍ତା ତାଙ୍କୁ ସ୍ୱାଗତ କରିଥିଲେ। ରୋଡ୍ ଶୋ' କରି ଝାରସୁଗୁଡ଼ା ଦଳୀୟ କାର୍ଯ୍ୟାଳୟକୁ ପାଛୋଟି ନେଇଥିଲେ। ନୂତନ ଭାବେ ତିଆରି ହେଇଥିବା ଏହି କାର୍ଯ୍ୟାଳୟକୁ ରାଷ୍ଟ୍ରୀୟ ଅଧକ୍ଷ ନଡ୍ଡାଙ୍କ କରକମଳରେ ଉଦ୍‌ଘାଟନ କରାଯାଇଥିଲା। ସେଠାରେ ବରଗଡ଼ ସଂସଦୀୟ କ୍ଷେତ୍ରର ୧୭୦ ପଦାଧିକାରୀଙ୍କ ସହ ରୁଦ୍ଧ କୋଠରି ବୈଠକ ହୋଇଥିଲା। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବ ପ୍ରସ୍ତୁତିର ସେ ସମୀକ୍ଷା କରିଥିଲେ।

ପରେ ସେ ଝାରସୁଗୁଡ଼ାରୁ ସଡ଼କ ପଥରେ ସମ୍ବଲପୁର ଆସିଥିଲେ। ଅଇଁଠାପାଲି ଛକରେ ଜିଲା ଭାଜପା ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ସମ୍ବଲପୁର ଏମ୍‌ସିଏଲ୍ ଗେଷ୍ଟ ହାଉସରେ ରାତ୍ର ରହଣି କରିଥିଲେ। ଏହି ସମୟରେ ସମ୍ବଲପୁର ଜିଲାର ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଦଳୀୟ ସଂଗଠନ ସମ୍ପର୍କରେ ପଚାରି ବୁଝିବା ସହ ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ଶୁକ୍ରବାର କଳାହାଣ୍ଡି ଜିଲାରେ ତାଙ୍କର କାର୍ଯ୍ୟକ୍ରମ ରହିଛି। ତାଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପୂର୍ବାହ୍ନ ୧୦ଟା ସମୟରେ ସମ୍ବଲପୁର ଏମ୍‌ସିଏଲ୍‌ସ୍ଥିତ ହେଲିପ୍ୟାଡ୍‌ରୁ ରାଷ୍ଟ୍ରୀୟ ଅଧକ୍ଷ ନଡ୍ଡା ହେଲିକପ୍ଟର ଯୋଗେ କଳାହାଣ୍ଡି ଜିଲାର ଭବାନୀପାଟଣା ଯିବେ। ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଲାଲବାହାଦୁର ଷ୍ଟାଡିୟମରେ ଏକ ଜନସଭାକୁ ସମ୍ବୋଧିତ କରିବେ। ଅପରାହ୍ନ ୨ଟା ସମୟରେ ଭବାନୀପାଟଣା ସର୍କିଟ ହାଉସଠାରେ କାର୍ଯ୍ୟକର୍ତ୍ତାଙ୍କ ସହ ବୈଠକ କରି ଅପରାହ୍ନ ୩ଟାରେ ଝାରସୁଗୁଡ଼ା ଫେରି ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଗତ ସାଧାରଣ ନିର୍ବାଚନରେ ପଶ୍ଚିମ ଓଡ଼ିଶାର ଲୋକ ସଭା ଆସନରେ ଭାଜପା ଭଲ ପ୍ରଦର୍ଶନ କରିଥିଲା। ପୁଣି ଥରେ ପୂର୍ବ ଫଳାଫଳ ଦୋହରାଇବାକୁ ଭାଜପା ରଣନୀତି ଆରମ୍ଭ କରିଛି, ଯାହାକୁ ନେଇ ରାଷ୍ଟ୍ରୀୟ ଅଧକ୍ଷ ନଡ୍ଡା ଗସ୍ତ କରିଥିବା ଆଲୋଚନା ହେଉଛି।

# ସରକାରଙ୍କ ସତ୍ୟପାଠ ଉପରେ ଆପତ୍ତି ଉଠାଇଲେ ଆବେଦନକାରୀ

କଟକ,୨୨।୬ (କାର୍ତ୍ତିକ ସାହୁ)

**ବିଧାୟକ କଲୋନୀ ପାଇଁ ଗଛକଟା ମାମଲା**

- ସତ୍ୟପାଠ ମାଧ୍ୟମରେ ପ୍ରତିଜବାବ ଦାଖଲ
- ଜୁଲାଇ ୨୧ରେ ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର ଲୋକସେବା ଭବନ ନିକଟ ଜମିରେ ବହୁତଳ ପ୍ରାସାଦବିଶିଷ୍ଟ ବିଧାୟକ କଲୋନୀ ନିର୍ମାଣ ପାଇଁ ବେଆଇନ ଗଛକଟା ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟରେ ଗୁରୁବାର ପ୍ରତିଜବାବ ଦାଖଲ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଦାଖଲ ସତ୍ୟପାଠ ଉପରେ ଆବେଦନକାରୀ ଏହି ପ୍ରତିଜବାବ ମାଧ୍ୟମରେ ଆପତ୍ତି ଉଠାଇଛନ୍ତି। କଟାଯାଇଥିବା ଓ କଟାଯିବାକୁ ଥିବା ମୋଟ ୮୭୦ ଗଛର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ଗଠନ ହୋଇଥିବା ବିଶେଷଜ୍ଞ କମିଟିର ସଦସ୍ୟମାନେ ରାଜ୍ୟ ସରକାରଙ୍କଠାରୁ ସ୍ୱାଧୀନ ନୁହନ୍ତି। ସୁପ୍ରିମକୋର୍ଟ କୋଲକାତା ମାମଲାରେ ଦେଇଥିବା ନିର୍ଦ୍ଦେଶକୁ ଆଧାର କରି ଏଠାରେ ହାଇକୋର୍ଟ ଦ୍ୱାରା ନିର୍ଦ୍ଧାରିତ ଏକ ସ୍ୱାଧୀନ କମିଟି ଗଛଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ କରିବାକୁ ଆବେଦନକାରୀ ପ୍ରତିଜବାବରେ ଦର୍ଶାଇଛନ୍ତି। ବାସ୍ତବରେ କେତେ ଗଛ କଟାଯାଇଛି, କେତେ ଗଛ କଟାଯିବାକୁ ଅଛି ଏବଂ କେଉଁଠି ଚାରାରୋପଣ କରାଯାଇଛି ତାହାର ସ୍ଥିତି ଭିଡିଓଗ୍ରାଫି ଓ ସାଟେଲାଇଟ୍ ଚିତ୍ର ଉତ୍ତୋଳନ ମାଧ୍ୟମରେ ହାଇକୋର୍ଟରେ ଦାଖଲ କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ସାମାଜିକ କର୍ମୀ ଜୟନ୍ତୀ ଦାସ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଆସନ୍ତା ଜୁଲାଇ ୨୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାର ଏକ ବିଶେଷଜ୍ଞ କମିଟି ଗଠନ କରି କଟାଯାଇଥିବା ଗଛଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ ଉପରେ ସତ୍ୟପାଠ ଦାଖଲ କରିଥିଲେ। ଲୋକସେବା ଭବନର ଉପନିର୍ଦ୍ଦେଶକ ଇତିଶ୍ରୀ ରାଉତ ସତ୍ୟପାଠ ଜରିଆରେ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ ଯେ, ବିଶେଷଜ୍ଞ କମିଟିରେ ଭୁବନେଶ୍ୱର ସିଟି ଫରେଷ୍ଟ ଡିଭିଜନ୍‌ର ଡିଭିଜନାଲ ଫରେଷ୍ଟ ଅଫିସର ଚେୟାରମ୍ୟାନ ଅଛନ୍ତି। ଏଥିସହ ମେମ୍ବର ଭାବେ ରାଜ୍ୟ ସରକାରଙ୍କ ପିଏ ଆଣ୍ଡ ପିଜି ଡିପାର୍ଟମେଣ୍ଟର ଅତିରିକ୍ତ ସଚିବ, ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକସନ କର୍ପୋରେଶନ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର, ଓଏଫଡିସିର ଡିଭିଜନାଲ ମ୍ୟାନେଜର, ବିଡିଏର ଉଦ୍ୟାନକୃଷିବିତ୍, ବିଏମ୍‌ସିର ଉଦ୍ୟାନକୃଷିବିତ୍, ରିଜିଓନାଲ ସେଣ୍ଟର ଫର୍ ଡେଭେଲପମେଣ୍ଟ କୋଅପରେଶନ୍‌ର ପ୍ରତିନିଧି, ଆମ ଅଧିକାର ସଙ୍ଗଠନର ମୁଖ୍ୟ ଏବଂ ଏକ୍ସପର୍ଟ ମେମ୍ବର ଭାବେ ଭୁବନେଶ୍ୱର ଉଦ୍ୟାନକୃଷି ବିଭାଗର ନିର୍ଦ୍ଦେଶକଙ୍କ ପ୍ରତିନିଧି ଓ ଭୁବନେଶ୍ୱର ରିଜିଓନାଲ ପ୍ଲାଣ୍ଟ ରିସୋର୍ସ ସେଣ୍ଟରର ପ୍ରତିନିଧିଙ୍କୁ ଉକ୍ତ କମିଟିରେ ସାମିଲ କରାଯାଇଛି। ଏହି ସତ୍ୟପାଠ ଉପରେ ପ୍ରତିଜବାବ ଦାଖଲ ନିମନ୍ତେ ହାଇକୋର୍ଟ ଆବେଦନକାରୀ ଦାସଙ୍କୁ ଗତ ଫେବୃୟାରୀ ୨୨ ତାରିଖ ଶୁଣାଣିରେ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଜୟ କୁମାର ରଗଡ଼ ମାମଲା ପରିଚାଳନା କରୁଛନ୍ତି।

# ୧୨ଘଣ୍ଟା ବଲାଙ୍ଗୀର ବନ୍ଦ

ବଲାଙ୍ଗୀର, ୨୨।୬ (ବୀରେନ୍ଦ୍ର କୁମାର ଝାଙ୍କର)

ମହିଳାମାନଙ୍କ ବୃଦ୍ଧି ପାଉଥିବା ଅତ୍ୟାଚାର, ନିର୍ଯାତନା ପ୍ରତିବାଦରେ ଗୁରୁବାର ପଶ୍ଚିମ ଓଡ଼ିଶା ମହିଳା ସଙ୍ଗଠନ ପକ୍ଷରୁ ଆହୂତ ୧୨ ଘଣ୍ଟିଆ ବଲାଙ୍ଗୀର ବନ୍ଦକୁ ସମର୍ଥନ ମିଳିଛି। ସକାଳ ୬ଟାରୁ ମହିଳା ସଙ୍ଗଠନ, ଗରିବ ସେନା, ଜିଲା ଦଳିତ ସଙ୍ଗଠନ, ଲକ୍ଷେଘର ଗଣ୍ଡା ସମାଜ, ଶ୍ରମିକ ସଙ୍ଗଠନ ଓ ନଗର କଂଗ୍ରେସ ନେତା ଏବଂ କର୍ମୀ ବିଭିନ୍ନ ସରକାରୀ ଅଫିସ ଓ ସିଭିଲ କୋର୍ଟ ସମ୍ମୁଖରେ ପିକେଟିଂ କରିଥିଲେ। ବନ୍ଦ ପ୍ରଭାବରେ ସହରର ଦୋକାନ ବଜାର, ବ୍ୟାଙ୍କ, ସ୍କୁଲ ଓ ସରକାରୀ ତଥା ବେସରକାରୀ ଅଫିସ ଓ ଅନୁଷ୍ଠାନ ବନ୍ଦ କରିଥିଲେ। ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପଶ୍ଚିମ ଓଡ଼ିଶା ମହିଳା ସଙ୍ଗଠନ ସଭାନେତ୍ରୀ ସବିତା ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବଲାଙ୍ଗୀର ଜିଲା ସମେତ ସମଗ୍ର ରାଜ୍ୟର ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ବଢ଼ିଲା ହୋମଗାର୍ଡଙ୍କ ପାରିଶ୍ରମିକ

ଭୁବନେଶ୍ୱର, ୨୨।୬(ସୁନିତ୍ ମିଶ୍ର)

- ୪୨୩ ପରିବର୍ତ୍ତେ ଏଣିକି ୫୩୩ ଟଙ୍କା ପାଇବେ
- ଗତ ଏପ୍ରିଲ ୧ରୁ ପିଛିଲା ଭାବେ ଲାଗୁ

ରାଜ୍ୟରେ କାର୍ଯ୍ୟରତ ଥିବା ହୋମଗାର୍ଡମାନଙ୍କ ଦୈନିକ ପାରିଶ୍ରମିକରେ ବୃଦ୍ଧି ଘଟିଛି। ହୋମଗାର୍ଡମାନେ ଦୈନିକ ୪୨୩ ଟଙ୍କା ହିସାବରେ ଦରମା ପାଉଥିଲେ। ହେଲେ ଏଣିକି ସେମାନେ ଦୈନିକ ୫୩୩ଟଙ୍କା ହିସାବରେ ପାରିଶ୍ରମିକ ପାଇବେ। ହୋମଗାର୍ଡମାନେ ସେମାନଙ୍କ ଦରମା ବାବଦ ବିଷୟ ନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ଏନେଇ ଗତ ମାର୍ଚ୍ଚ ୧୭ ତାରିଖରେ କରିଥିବା ଶୁଣାଣିକୁ ନେଇ ରାଜ୍ୟ ସରକାରଙ୍କ ଗୃହ ବିଭାଗ ହୋମଗାର୍ଡମାନଙ୍କ ଦରମା ବୃଦ୍ଧି ସଂକ୍ରାନ୍ତୀୟ ବିଜ୍ଞପ୍ତି ଗୁରୁବାର ପ୍ରକାଶ କରିଛି। ଯେଉଁ ଏଜେନ୍ସି ଦ୍ୱାରା ସେମାନେ ଦରମା ପାଉଥିଲେ ଉକ୍ତ ସଂସ୍ଥା ଏହି ବର୍ଦ୍ଧିତ ଦରମା ପ୍ରଦାନ କରିବ। ଗତ ଏପ୍ରିଲ ୧ ତାରିଖରୁ ପିଛିଲା ଭାବେ ହୋମଗାର୍ଡମାନେ ଏହି ବର୍ଦ୍ଧିତ ଦରମା ପାଇବେ।


**STATE INSTITUTE OF HOTEL MANAGEMENT, BALANGIR**
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

**SPOT ADMISSION**
**FOR HOTEL MANAGEMENT COURSES**

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years (For Degree) 04 Years (For Honors Degree) | 10+2 pass or equivalent with English one of the subjects (45% marks for Gen/OBC & 40% marks for SC & ST candidates) | No Age Limit |
| 2. Diploma In Front Office Operation | 1½ Year | 10+2 pass or equivalent | |
| 3. Diploma In Food & Beverage Service | 1½ Year | 10+2 pass or equivalent | |
| 4. Diploma In Food Production | 1½ Year | 10+2 pass or equivalent | |
| 5. Diploma In Housekeeping Operation | 1½ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | 1½ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484



ରଜିଷ୍ଟ୍ରୀ ସଂ. ଡୀ. ଏଲ.-33004/99 REGD. NO. D. L.-33004/99

भारत का राजपत्र
The Gazette of India

सी.जी.-डी.एल.-अ. - 02012023-241592
CG-DL-E-02012023-241592

असाधारण
EXTRAORDINARY
भाग II - खण्ड 3 - उप-खण्ड (ii)
PART II - Section 3 - Sub-section (ii)
प्राधिकार से प्रकाशित
PUBLISHED BY AUTHORITY

सं. 5908] नई दिल्ली, शुक्रवार, दिसम्बर 30, 2022/ पौष 9, 1944
No. 5908] NEW DELHI, FRIDAY, DECEMBER 30, 2022/PAUSHA 9, 1944


ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ
ବିଜ୍ଞପ୍ତି
ନୂଆଦିଲ୍ଲୀ ତା.୨୯ ଡିସେମ୍ବର, ୨୦୨୨

**S.O. 6151(E).** - କେନ୍ଦ୍ର ସରକାର ରାଷ୍ଟ୍ରୀୟ ରାଜମାର୍ଗ ଅଧିନିୟମ ୧୯୫୬ (୧୯୫୬ର ୪୮) (ଏହା ପରଠାରୁ କଥିତ ଅଧିନିୟମ ରୂପେ ପ୍ରଦର୍ଶିତ)ର ଧାରା ୩(କ) ର ଉପଧାରା (୧) ଅନୁସାରେ ଜାରି କ୍ଷମତା ପ୍ରୟୋଗ ପୂର୍ବକ ଓଡ଼ିଶା ରାଜ୍ୟର ବାଲେଶ୍ୱର ଜିଲ୍ଲାରେ ଏନ୍‌ଏଚ୍‌୧୬ର ୧୮୦ କି.ମି. ରୁ ୧୯୯.୧୪୧ କି.ମି. (ସା/ପୋଷ୍ଟ- ଶ୍ରୀକୃଷ୍ଣପୁର, ଥାନା- ରେମୁଣା, ଜିଲ୍ଲା- ବାଲେଶ୍ୱର) ପର୍ଯ୍ୟନ୍ତ ପରିବ୍ୟାପ୍ତ ଜମିରେ ଜାତୀୟ ରାଜପଥର ନିର୍ମାଣ (ପ୍ରଶସ୍ତିକରଣ / ପେଭେଡ୍ ସୋଲ୍ଡର ସହିତ ଦୁଇ ଲେନ୍ / ଛରି ଲେନ୍‌ର ନିର୍ମାଣ ଇତ୍ୟାଦି), ରକ୍ଷଣାବେକ୍ଷଣ, ପରିଚାଳନା ଓ ସଂଚାଳନ ନିମନ୍ତେ ଜମି ଆବଶ୍ୟକ ହେଉଅଛି, ଯାହାର ସଂକ୍ଷିପ୍ତ ବିବରଣୀ ନିମ୍ନ ପ୍ରଦତ୍ତ ତଫସିଲରେ ଦର୍ଶାଯାଇଅଛି ଏବଂ ଏତଦ୍ୱାରା କେନ୍ଦ୍ର ସରକାର ଉକ୍ତ ଜମିକୁ ଅର୍ଜନ କରିବା ପାଇଁ ନିଜ ଅଭିପ୍ରାୟକୁ ଘୋଷଣା କରିଛନ୍ତି।

ଉକ୍ତ ଜମି ଉପରେ ଯଦି କୌଣସି ବ୍ୟକ୍ତି ଆଗ୍ରହ ପ୍ରକାଶ କରନ୍ତି ତେବେ ଅଫିସିଆଲ୍ ଗେଜେଟରେ ଉକ୍ତ ବିଜ୍ଞପ୍ତି ପ୍ରକାଶନ ତାରିଖଠାରୁ ୨୧ ଦିନ ମଧ୍ୟରେ ଉକ୍ତ ଅଧିନିୟମର ଧାରା ୩(ଗ) ର ଉପଧାରା (୧) ଅଧିନରେ କଥିତ ଉଦ୍ଦେଶ୍ୟ ପାଇଁ ଜମିର ଉପରୋକ୍ତ ଉପଯୋଗ ଉପରେ ତାଙ୍କର ପ୍ରତିବାଦ ଜଣାଇ ପାରିବେ।

ଏପ୍ରକାର ସମସ୍ତ ଅଭିଯୋଗଗୁଡ଼ିକୁ ପ୍ରାଧିକୃତ କର୍ତ୍ତୃପକ୍ଷ, ତହସିଲଦାର, ରେମୁଣାଙ୍କୁ ଲିଖିତ ଆକାରରେ ଦର୍ଶାଇବାକୁ ହେବ ଓ ସେ ଏହାର ଭିତ୍ତିଭୂମି ପ୍ରସ୍ତୁତ କରିବେ ତଥା ପ୍ରାଧିକୃତ କର୍ତ୍ତୃପକ୍ଷ ଅଭିଯୋଗକାରୀଙ୍କ ପାଇଁ ବ୍ୟକ୍ତିଗତ ଭାବରେ କିମ୍ବା ଜଣେ ଆଇନଗତ ପ୍ରାକ୍ଟିସନରଙ୍କ ଜରିଆରେ ଏହାର ଶୁଣାଣି ପାଇଁ ସୁଯୋଗ ପ୍ରଦାନ କରିବେ ଏବଂ ସେପ୍ରକାର ସମସ୍ତ ଅଭିଯୋଗଗୁଡ଼ିର ଶୁଣାଣି ପରେ ଓ ସେପ୍ରକାର ପରବର୍ତ୍ତୀ ଅନୁସନ୍ଧାନ ଯଦି ଥାଏ ତାହା ପରେ ପ୍ରାଧିକୃତ କର୍ତ୍ତୃପକ୍ଷ ଯଦି ଆବଶ୍ୟକ ମନେ କରନ୍ତି ତେବେ ଏହିସବୁ ଅଭିଯୋଗଗୁଡ଼ିକୁ ଶୁଣାଣି ପାଇଁ ଗ୍ରହଣ କରିପାରିବେ କିମ୍ବା ପ୍ରତ୍ୟାଖ୍ୟାନ କରିପାରିବେ।

ଉପରୋକ୍ତ ଅଧିନିୟମର ଧାରା ୩(ଗ) ର ଉପଧାରା (୨) ଅଧିନରେ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଦ୍ୱାରା ମଂଜୁର ହୋଇଥିବା ଯେକୌଣସି ଆଦେଶକୁ ଅନ୍ତିମ ବୋଲି ବିବେଚନା କରାଯିବ।

ଅଧିଗ୍ରହିତ ହେବାକୁ ଥିବା ଜମିର ଲ୍ୟାଣ୍ଡ ପ୍ଲାନ ଓ ଅନ୍ୟାନ୍ୟ ବିବରଣୀ ଏହି ବିଜ୍ଞପ୍ତି ଅଧିନରେ ଉପଲବ୍ଧ ହେବ ଓ ଇଚ୍ଛୁକ ବ୍ୟକ୍ତିମାନେ ତାହାକୁ ଉପରୋକ୍ତ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରୁ ଅନୁସନ୍ଧାନ କରିପାରିବେ।

ଅନୁସୂଚୀ

ଓଡ଼ିଶା ରାଜ୍ୟର ବାଲେଶ୍ୱର ଜିଲ୍ଲାରେ ଏନ୍‌ଏଚ୍‌୧୬ର ୧୮୦ କି.ମି. ରୁ ୧୯୯.୧୪୧ କି.ମି. (ସା/ପୋଷ୍ଟ- ଶ୍ରୀକୃଷ୍ଣପୁର, ଥାନା- ରେମୁଣା, ଜିଲ୍ଲା- ବାଲେଶ୍ୱର) ପାଇଁ ଅଧିଗ୍ରହଣ ହେବାକୁ ଥିବା ନିର୍ମାଣଯୁକ୍ତ ବା ନିର୍ମାଣରହିତ ଜମିର ସଂକ୍ଷିପ୍ତ ବିବରଣୀ।

ରାଜ୍ୟ : ଓଡ଼ିଶା — ଜିଲ୍ଲା : ବାଲେଶ୍ୱର

| କ୍ର. ସଂ. | ସର୍ବେକ୍ଷଣ / ପ୍ଲଟ୍ ସଂଖ୍ୟା | ଜମିର ପ୍ରକାର | ଜମିର କିସମ | ଏରିଆ (ସ୍ଥାନିୟ ୟୁନିଟ୍‌ରେ) | ଏରିଆ (ହେକ୍ଟରରେ) |
|---|---|---|---|---|---|
| ତାଲୁକ : ରେମୁଣା | | | | | |
| ଗ୍ରାମ : ବାଉଁଶମୁହାଣ-୨୪୩ | | | | | |
| ୧ | ୪୬୮ | ବେସରକାରୀ | ଶାରଦ-୩ | ୦.୦୫୦୦୦୦୦(ଏକର) | ୦.୦୨୦୨୩୪୭ |
| ୨ | ୪୬୮/୬୩୦ | ବେସରକାରୀ | ଶାରଦ-୩ | ୦.୧୦୦୦୦୦୦(ଏକର) | ୦.୦୪୦୪୬୯୫ |
| ୩ | ୪୬୯ | ସରକାରୀ | ନଦୀ | ୦.୦୩୦୦୦୦୦(ଏକର) | ୦.୦୧୨୧୪୦୮ |
| ୪ | ୪୭୧/୬୧୮ | ସରକାରୀ | ପତିତ | ୦.୦୫୦୦୦୦୦(ଏକର) | ୦.୦୨୦୨୩୪୭ |
| ଗ୍ରାମ : ବଣପଡ଼ିଆ-୧୯୦ | | | | | |
| ୧ | ୯୦୨ | ସରକାରୀ | ଗ୍ରାମ୍ୟ ଜଙ୍ଗଲ | ୦.୦୪୦୦୦୦୦(ଏକର) | ୦.୦୧୬୧୮୭୮ |
| ୨ | ୯୦୨/୧୧୩୩ | ବେସରକାରୀ | ଘରବାଡ଼ି | ୦.୦୧୦୦୦୦୦(ଏକର) | ୦.୦୦୪୦୪୬୯ |
| ୩ | ୯୦୨/୧୧୩୪ | ବେସରକାରୀ | ଘରବାଡ଼ି | ୦.୦୧୦୦୦୦୦(ଏକର) | ୦.୦୦୪୦୪୬୯ |
| ୪ | ୯୦୨/୧୧୩୫ | ବେସରକାରୀ | ଘରବାଡ଼ି | ୦.୦୧୦୦୦୦୦(ଏକର) | ୦.୦୦୪୦୪୬୯ |
| ୫ | ୯୦୨/୧୧୩୬ | ବେସରକାରୀ | ଘରବାଡ଼ି | ୦.୦୧୦୦୦୦୦(ଏକର) | ୦.୦୦୪୦୪୬୯ |
| ୬ | ୯୦୨/୧୧୩୭ | ବେସରକାରୀ | ଘରବାଡ଼ି | ୦.୦୧୦୦୦୦୦(ଏକର) | ୦.୦୦୪୦୪୬୯ |
| ୭ | ୯୦୩ | ସରକାରୀ | ଗ୍ରାମ୍ୟ ଜଙ୍ଗଲ | ୦.୧୦୦୦୦୦୦(ଏକର) | ୦.୦୪୦୪୬୯୫ |
| ୮ | ୯୦୪ | ବେସରକାରୀ | ଶାରଦ-୨ | ୦.୦୩୦୦୦୦୦(ଏକର) | ୦.୦୧୨୧୪୦୮ |
| ୯ | ୯୦୮/୧୦୫୯ | ବେସରକାରୀ | ଘରବାଡ଼ି | ୦.୦୧୦୦୦୦୦(ଏକର) | ୦.୦୦୪୦୪୬୯ |
| ୧୦ | ୯୧୧ | ସରକାରୀ | ଗ୍ରାମ୍ୟ ଜଙ୍ଗଲ | ୦.୦୯୦୦୦୦୦(ଏକର) | ୦.୦୩୬୪୨୨୫ |
| ୧୧ | ୯୪୬ | ବେସରକାରୀ | ଘରବାଡ଼ି | ୦.୦୮୦୦୦୦୦(ଏକର) | ୦.୦୩୨୩୭୫୬ |
| ୧୨ | ୯୪୭ | ସରକାରୀ | ଦଣ୍ଡା | ୦.୦୩୦୦୦୦୦(ଏକର) | ୦.୦୧୨୧୪୦୮ |
| ଗ୍ରାମ : ବରପଦା-୨୪୪ | | | | | |
| ୧ | ୧୩ | ସରକାରୀ | ଗୋଚର | ୦.୧୧୦୦୦୦୦(ଏକର) | ୦.୦୪୪୫୧୬୪ |
| ୨ | ୧୪ | ସରକାରୀ | ଗୋଚର | ୦.୦୨୦୦୦୦୦(ଏକର) | ୦.୦୦୮୦୯୩୯ |
| ୩ | ୧୯ | ସରକାରୀ | ନାଳ | ୦.୦୨୯୯୯୯୯(ଏକର) | ୦.୦୧୨୧୪୦୮ |
| ଗ୍ରାମ : ବିରୁଆଁ-୨୧୧ | | | | | |
| ୧ | ୧୧୫୧ | ସରକାରୀ | ନଦୀ | ୦.୦୪୦୦୦୦୦(ଏକର) | ୦.୦୧୬୧୮୭୮ |
| ୨ | ୧୧୭୭ | ବେସରକାରୀ | ଘରବାଡ଼ି | ୦.୧୭୦୦୦୦୦(ଏକର) | ୦.୦୬୮୭୯୮୧ |
| ୩ | ୧୧୭୮ | ବେସରକାରୀ | କଳକାରଖାନା (ରାଇସ୍ ମିଲ୍) | ୦.୦୫୦୦୦୦୦(ଏକର) | ୦.୦୨୦୨୩୪୭ |
| ୪ | ୧୧୮୦ | ବେସରକାରୀ | କଳକାରଖାନା (ରାଇସ୍ ମିଲ୍) | ୦.୦୫୦୦୦୦୦(ଏକର) | ୦.୦୨୦୨୩୪୭ |
| ୫ | ୧୧୮୧ | ବେସରକାରୀ | ଶାରଦ-୩ | ୦.୦୮୦୦୦୦୦(ଏକର) | ୦.୦୩୨୩୭୫୬ |
| ୬ | ୧୧୮୪ | ବେସରକାରୀ | ଶାରଦ-୩ | ୦.୦୬୦୦୦୦୦(ଏକର) | ୦.୦୨୪୨୮୧୭ |
| ୭ | ୧୧୮୭ | ବେସରକାରୀ | ଶାରଦ-୩ | ୦.୦୩୦୦୦୦୦(ଏକର) | ୦.୦୧୨୧୪୦୮ |
| ୮ | ୧୧୮୯ | ବେସରକାରୀ | ଘରବାଡ଼ି | ୦.୧୩୦୦୦୦୦(ଏକର) | ୦.୦୫୨୬୧୦୩ |
| ୯ | ୧୧୯୦ | ବେସରକାରୀ | ଶାରଦ-୩ | ୦.୦୨୦୦୦୦୦(ଏକର) | ୦.୦୦୮୦୯୩୯ |
| ୧୦ | ୧୧୯୩ | ବେସରକାରୀ | ଘରବାଡ଼ି | ୦.୦୫୦୦୦୦୦(ଏକର) | ୦.୦୨୦୨୩୪୭ |
| ୧୧ | ୧୧୯୩/୩୨୧୬ | ବେସରକାରୀ | ଘରବାଡ଼ି | ୦.୦୩୦୦୦୦୦(ଏକର) | ୦.୦୧୨୧୪୦୮ |
| ୧୨ | ୧୧୯୪ | ବେସରକାରୀ | ଘରବାଡ଼ି | ୦.୦୪୦୦୦୦୦(ଏକର) | ୦.୦୧୬୧୮୭୮ |
| ୧୩ | ୧୨୨୯ | ବେସରକାରୀ | ଘରବାଡ଼ି | ୦.୦୨୦୦୦୦୦(ଏକର) | ୦.୦୦୮୦୯୩୯ |
| ୧୪ | ୧୨୩୦ | ବେସରକାରୀ | ଘରବାଡ଼ି | ୦.୧୬୦୦୦୦୦(ଏକର) | ୦.୦୬୪୭୫୧୧ |
| ୧୫ | ୧୨୩୧ | ବେସରକାରୀ | ଶାରଦ-୩ | ୦.୦୪୦୦୦୦୦(ଏକର) | ୦.୦୧୬୧୮୭୮ |
| ୧୬ | ୧୨୩୨ | ବେସରକାରୀ | ଶାରଦ-୩ | ୦.୦୮୦୦୦୦୦(ଏକର) | ୦.୦୩୨୩୭୫୬ |
| ୧୭ | ୧୨୮୫ | ସରକାରୀ | ପତିତ | ୦.୧୦୦୦୦୦୦(ଏକର) | ୦.୦୪୦୪୬୯୫ |
| ୧୮ | ୧୭୨୩ | ବେସରକାରୀ | ଶାରଦ-୩ | ୦.୦୩୦୦୦୦୦(ଏକର) | ୦.୦୧୨୧୪୦୮ |
| ୧୯ | ୧୭୨୪ | ବେସରକାରୀ | ଶାରଦ-୩ | ୦.୧୧୦୦୦୦୦(ଏକର) | ୦.୦୪୪୫୧୬୪ |
| ୨୦ | ୧୭୨୫ | ବେସରକାରୀ | ଶାରଦ-୩ | ୦.୦୧୦୦୦୦୦(ଏକର) | ୦.୦୦୪୦୪୬୯ |
| ୨୧ | ୧୭୨୫/୨୪୩୨ | ବେସରକାରୀ | ଘରବାଡ଼ି | ୦.୦୫୦୦୦୦୦(ଏକର) | ୦.୦୨୦୨୩୪୭ |
| ୨୨ | ୧୭୨୫/୨୫୪୪/ ୨୫୯୮ | ବେସରକାରୀ | ଘରବାଡ଼ି | ୦.୦୬୦୦୦୦୦(ଏକର) | ୦.୦୨୪୨୮୧୭ |
| ୨୩ | ୧୭୪୦/୨୧୩୮ | ସରକାରୀ | ପତିତ | ୦.୧୪୦୦୦୦୦(ଏକର) | ୦.୦୫୬୬୫୭୨ |
| ଗ୍ରାମ : ହିରାଟିକିରୀ-୨୨୭ | | | | | |
| ୧ | ୩୭/୧୪୫୦/ ୧୭୫୮ | ବେସରକାରୀ | ଶାରଦ-୨ | ୦.୦୪୦୦୦୦୦(ଏକର) | ୦.୦୧୬୧୮୭୮ |
| ୨ | ୩୭/୧୪୫୦/ ୧୮୨୮ | ବେସରକାରୀ | ଶାରଦ-୨ | ୦.୦୪୦୦୦୦୦(ଏକର) | ୦.୦୧୬୧୮୭୮ |
| ଗ୍ରାମ : ଖାନନଗର-୨୧୦ | | | | | |
| ୧ | ୧୦୦ | ବେସରକାରୀ | ଶାରଦ-୨ | ୦.୦୩୦୦୦୦୦(ଏକର) | ୦.୦୧୨୧୪୦୮ |
| ୨ | ୧୦୧ | ବେସରକାରୀ | ଘରବାଡ଼ି | ୦.୦୪୦୦୦୦୦(ଏକର) | ୦.୦୧୬୧୮୭୮ |
| ୩ | ୧୦୯ | ବେସରକାରୀ | ଶାରଦ-୨ | ୦.୦୮୦୦୦୦୦(ଏକର) | ୦.୦୩୨୩୭୫୬ |
| ୪ | ୧୧୦ | ବେସରକାରୀ | ଶାରଦ-୨ | ୦.୦୩୦୦୦୦୦(ଏକର) | ୦.୦୧୨୧୪୦୮ |
| ୫ | ୧୧୦/୨୧୯୩ | ସରକାରୀ | ପତିତ | ୦.୦୨୦୦୦୦୦(ଏକର) | ୦.୦୦୮୦୯୩୯ |
| ୬ | ୧୧୫ | ବେସରକାରୀ | ଶାରଦ-୨ | ୦.୦୫୦୦୦୦୦(ଏକର) | ୦.୦୨୦୨୩୪୭ |
| ୭ | ୧୧୬ | ବେସରକାରୀ | ଶାରଦ-୨ | ୦.୦୧୦୦୦୦୦(ଏକର) | ୦.୦୦୪୦୪୬୯ |
| ୮ | ୧୧୬/୨୧୯୧ | ସରକାରୀ | ପତିତ | ୦.୦୫୦୦୦୦୦(ଏକର) | ୦.୦୨୦୨୩୪୭ |
| ୯ | ୧୧୭ | ବେସରକାରୀ | ଶାରଦ-୨ | ୦.୦୭୦୦୦୦୦(ଏକର) | ୦.୦୨୮୩୨୮୬ |
| ୧୦ | ୧୧୭/୨୧୮୭ | ସରକାରୀ | ପତିତ | ୦.୦୫୦୦୦୦୦(ଏକର) | ୦.୦୨୦୨୩୪୭ |
| ୧୧ | ୧୨୭ | ବେସରକାରୀ | ଶାରଦ-୨ | ୦.୦୬୦୦୦୦୦(ଏକର) | ୦.୦୨୪୨୮୧୭ |
| ୧୨ | ୧୨୭/୨୧୮୯ | ସରକାରୀ | ପତିତ | ୦.୦୨୦୦୦୦୦(ଏକର) | ୦.୦୦୮୦୯୩୯ |
| ୧୩ | ୧୨୯ | ବେସରକାରୀ | ଶାରଦ-୨ | ୦.୦୬୦୦୦୦୦(ଏକର) | ୦.୦୨୪୨୮୧୭ |
| ୧୪ | ୧୨୯/୨୧୯୦ | ସରକାରୀ | ପତିତ | ୦.୦୨୦୦୦୦୦(ଏକର) | ୦.୦୦୮୦୯୩୯ |
| ୧୫ | ୧୩୦ | ବେସରକାରୀ | ଶାରଦ-୨ | ୦.୦୨୦୦୦୦୦(ଏକର) | ୦.୦୦୮୦୯୩୯ |
| ୧୬ | ୧୩୦/୨୧୮୮ | ସରକାରୀ | ପତିତ | ୦.୦୨୦୦୦୦୦(ଏକର) | ୦.୦୦୮୦୯୩୯ |
| ୧୭ | ୧୩୨ | ବେସରକାରୀ | ଘରବାଡ଼ି | ୦.୦୧୦୦୦୦୦(ଏକର) | ୦.୦୦୪୦୪୬୯ |
| ୧୮ | ୧୩୯ | ବେସରକାରୀ | ଘରବାଡ଼ି | ୦.୦୪୦୦୦୦୦(ଏକର) | ୦.୦୧୬୧୮୭୮ |
| ୧୯ | ୧୩୯/୨୨୨୭ | ବେସରକାରୀ | ଶାରଦ-୨ | ୦.୦୨୦୦୦୦୦(ଏକର) | ୦.୦୦୮୦୯୩୯ |
| ୨୦ | ୩୨୦ | ବେସରକାରୀ | ଶାରଦ-୨ | ୦.୦୯୦୦୦୦୦(ଏକର) | ୦.୦୩୬୪୨୨୫ |
| ୨୧ | ୩୨୦/୨୦୧୦ | ବେସରକାରୀ | ଶାରଦ-୨ | ୦.୦୬୦୦୦୦୦(ଏକର) | ୦.୦୨୪୨୮୧୭ |
| ୨୨ | ୭୦ | ସରକାରୀ | ଗ୍ରାମ୍ୟ ଜଙ୍ଗଲ | ୦.୦୪୦୦୦୦୦(ଏକର) | ୦.୦୧୬୧୮୭୮ |
| ୨୩ | ୮୧ | ବେସରକାରୀ | ଶାରଦ-୨ | ୦.୦୬୦୦୦୦୦(ଏକର) | ୦.୦୨୪୨୮୧୭ |
| ୨୪ | ୮୨ | ବେସରକାରୀ | ଶାରଦ-୨ | ୦.୦୩୦୦୦୦୦(ଏକର) | ୦.୦୧୨୧୪୦୮ |
| ୨୫ | ୮୩ | ବେସରକାରୀ | ଶାରଦ-୨ | ୦.୦୪୦୦୦୦୦(ଏକର) | ୦.୦୧୬୧୮୭୮ |
| ୨୬ | ୮୮ | ବେସରକାରୀ | ଘରବାଡ଼ି | ୦.୦୨୦୦୦୦୦(ଏକର) | ୦.୦୦୮୦୯୩୯ |
| ୨୭ | ୯୬ | ବେସରକାରୀ | ଘରବାଡ଼ି | ୦.୦୨୦୦୦୦୦(ଏକର) | ୦.୦୦୮୦୯୩୯ |
| ୨୮ | ୯୭ | ବେସରକାରୀ | ଘରବାଡ଼ି | ୦.୦୧୦୦୦୦୦(ଏକର) | ୦.୦୦୪୦୪୬୯ |
| ୨୯ | ୯୮ | ବେସରକାରୀ | ଶାରଦ-୨ | ୦.୦୧୦୦୦୦୦(ଏକର) | ୦.୦୦୪୦୪୬୯ |
| ଗ୍ରାମ : କୋରଡ଼ା-୧୯୬ | | | | | |
| ୧ | ୪୫୬ | ବେସରକାରୀ | ଘରବାଡ଼ି | ୦.୦୨୦୦୦୦୦(ଏକର) | ୦.୦୦୮୦୯୩୯ |
| ୨ | ୪୫୬/୧୦୦୨ | ବେସରକାରୀ | ଘରବାଡ଼ି | ୦.୦୧୦୦୦୦୦(ଏକର) | ୦.୦୦୪୦୪୬୯ |
| ୩ | ୪୫୬/୧୪୭୫ | ବେସରକାରୀ | ଘରବାଡ଼ି | ୦.୦୧୦୦୦୦୦(ଏକର) | ୦.୦୦୪୦୪୬୯ |
| ୪ | ୪୫୬/୧୪୭୫/ ୧୫୫୪ | ବେସରକାରୀ | ଘରବାଡ଼ି | ୦.୦୩୫୦୦୦୦(ଏକର) | ୦.୦୧୪୧୬୪୩ |
| ୫ | ୪୫୬/୧୫୨୮ | ବେସରକାରୀ | ଘରବାଡ଼ି | ୦.୦୧୦୦୦୦୦(ଏକର) | ୦.୦୦୪୦୪୬୯ |
| ଗ୍ରାମ : ପାଟରା-୨୫୦ | | | | | |
| ୧ | ୧ | ସରକାରୀ | ବନ୍ଧ | ୦.୦୧୦୦୦୦୦(ଏକର) | ୦.୦୦୪୦୪୬୯ |
| ୨ | ୨ | ସରକାରୀ | ପାଣିନାଳ | ୦.୦୭୦୦୦୦୦(ଏକର) | ୦.୦୨୮୩୨୮୬ |
| ୩ | ୩୮ | ବେସରକାରୀ | ଶାରଦ-୨ | ୦.୨୦୦୦୦୦୦(ଏକର) | ୦.୦୮୦୯୩୮୯ |
| ୪ | ୩୮/୧୩୧୧ | ବେସରକାରୀ | ଶାରଦ-୨ | ୦.୦୪୦୦୦୦୦(ଏକର) | ୦.୦୧୬୧୮୭୮ |
| ଗ୍ରାମ : ସମକୋଣା-୧୯୧ | | | | | |
| ୧ | ୩୪ | ସରକାରୀ | ଗୋଚର | ୦.୦୭୦୦୦୦୦(ଏକର) | ୦.୦୨୮୩୨୮୬ |
| ଗ୍ରାମ : ଶେରଗଡ଼-୨୪୮ | | | | | |
| ୧ | ୨୩୩୬ | ସରକାରୀ | ଗ୍ରାମ୍ୟ ଜଙ୍ଗଲ | ୦.୧୮୦୦୦୦୦(ଏକର) | ୦.୦୭୨୮୪୫୦ |
| ୨ | ୨୩୩୯ | ସରକାରୀ | ଗ୍ରାମ୍ୟ ଜଙ୍ଗଲ | ୦.୧୦୦୦୦୦୧(ଏକର) | ୦.୦୪୦୪୬୯୫ |
| ୩ | ୨୩୪୦ | ସରକାରୀ | ଗ୍ରାମ୍ୟ ଜଙ୍ଗଲ | ୦.୧୦୦୦୦୦୧(ଏକର) | ୦.୦୪୦୪୬୯୫ |
| ୪ | ୨୩୫୦ | ସରକାରୀ | ଗ୍ରାମ୍ୟ ଜଙ୍ଗଲ | ୦.୦୨୯୯୯୯୯(ଏକର) | ୦.୦୧୨୧୪୦୮ |
| | | | ମୋଟ | ୪.୪୧୫୦ | ୧.୭୮୬୭ |

[F. No. NHAI/BOT/11012/58/2005/Pt./LA/NH-16/3A]
ରାକେଶ ଗୁପ୍ତା, ନିର୍ଦ୍ଦେଶକ

ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ। **-ଶ୍ରୀଅରବିନ୍ଦ**



# ଅସହିଷ୍ଣୁ ବିଚାର



ସ୍ଲାଭୋଜ ଜିଜେକ୍

ଚଳିତ ମାସର ପ୍ରାରମ୍ଭରେ ସିଏନ୍ଏନ୍ ପ୍ରକାଶ କରିଥିଲା ଯେ, ୱିକିଲିକ୍ସ ପ୍ରତିଷ୍ଠାତା ଜୁଲିଆନ ଅସାଞ୍ଜେଙ୍କୁ ଆମେରିକାକୁ ପ୍ରତ୍ୟର୍ପଣ କରିବା ଆଦେଶ ବିରୋଧରେ ଅପିଲ କରିବା ପାଇଁ କୋର୍ଟ ଅନୁମତି ଦେବାକୁ ମନା କରିଦେଇଛନ୍ତି। ଅସାଞ୍ଜେ ଆମେରିକାରେ ଏସ୍ପିଓନେଜ୍ ଆକ୍ଟରେ ଅପରାଧ ଅଭିଯୋଗର ସାମ୍ନା କରୁଛନ୍ତି। ଅବଶ୍ୟ ଅସାଞ୍ଜେଙ୍କ ଲିଗାଲ ଟିମ୍ ଲଗାତର ଏହାର ବିକଳ୍ପର ସନ୍ଧାନରେ ରହିଥିଲେ ମଧ୍ୟ ସେ ଅକଳରେ ରହିଛନ୍ତି। ଏବେ ତାଙ୍କ ପାଇଁ ସମୟ ଅନୁକୂଳ ନାହିଁ। ଆମେରିକା ଏବଂ ବ୍ରିଟେନ୍ ଅଧିକାରୀମାନେ ଅସାଞ୍ଜେଙ୍କ ପିଛା କରୁଥିଲେ ବି ଯୁଦ୍ଧ, ଜଳବାୟୁ ପରିବର୍ତ୍ତନ, କୃତ୍ରିମ ବୁଦ୍ଧିମତ୍ତାର ଆବେଗ ଏବଂ ଅନ୍ୟ ବୈଶ୍ୱିକ ସମସ୍ୟା ହ୍ରାସ କରିବାକୁ ତାଙ୍କର ଆବଶ୍ୟକତା ରହିବ। କିନ୍ତୁ ଯଦି ଆମେ ଏହି ସବୁ ଆହ୍ୱାନକୁ ନିୟନ୍ତ୍ରଣ କରିବାକୁ ଚାହିଁବା ତେବେ ଆମକୁ ଅସାଞ୍ଜେ ହିଁ ଦରକାର ପଡ଼ିବେ। କିଏ ବା ଅଛି ସବୁ ନିର୍ଯାତନା ଏବଂ ଦୁଃଖଦାୟୀ ସତ୍ୟକୁ ସାମ୍ନାକୁ ଆଣିବ? ଯେଉଁମାନେ କ୍ଷମତାରେ ଅଛନ୍ତି ସେମାନେ ଯୁଦ୍ଧ ଅପରାଧ ହେଉ କିମ୍ବା ସାମାଜିକ ଗଣମାଧ୍ୟମ କମ୍ପାନୀଗୁଡ଼ିକ କିଶୋରୀମାନଙ୍କ ପାଇଁ କ'ଣ କରୁଛନ୍ତି ସେ ସମ୍ପର୍କରେ ମିଳିଥିବା ଆଭ୍ୟନ୍ତରୀଣ ନିଷ୍କର୍ଷକୁ ଗୁପ୍ତ ରଖିବାକୁ ଚାହିଁବେ । ନିକଟରେ ରୁଷିଆରେ ହୋଇଥିବା ଅଳ୍ପ କ୍ଷମତା ବିଶିଷ୍ଟ ଡ୍ରୋନ୍ ଆକ୍ରମଣର ଉଦାହରଣ ନିଆଯାଉ। ୟୁକ୍ରେନ୍ ସରକାର ଏଥିରେ ଜଡ଼ିତ ନ ଥିବା କହୁଥିବାବେଳେ ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ତତ୍କ୍ଷଣାତ ତାହାକୁ ଏକ ସନ୍ତ୍ରାସବାଦ କାର୍ଯ୍ୟକଳାପ ବୋଲି ଘୋଷଣା କରିଥିଲେ। କେତେଜଣ ପାଶ୍ଚାତ୍ୟ ପର୍ଯ୍ୟବେକ୍ଷକ ଅଭିଯୋଗ କଲେ ଯେ, ୟୁକ୍ରେନୀୟମାନେ ଯୁଦ୍ଧକୁ ବହୁଆଗକୁ ନେଇପାରିଛନ୍ତି। କିନ୍ତୁ ବାସ୍ତବରେ କ'ଣ ଘଟିଥିଲା? ପ୍ରକୃତ କଥା ହେଉଛି, ଘଟଣାଗୁଡ଼ିକ ଯୁଦ୍ଧର ବିପଜ୍ଜନକ ବାଦଲ ଭିତରେ ଘଟିଯାଉଛି ତାହା ଆମେ ଜାଣିପାରୁନାହୁଁ।

ଏଠାରେ ଜଣେ ବର୍ଟୋଲ୍ଟ ବ୍ରିକେଟଙ୍କ ଦି ଥ୍ରିପେନି ଅପେରାର ଶେଷ ପଂକ୍ତି ମନେପଡେ। ସେ ଉଲ୍ଲେଖ କରିଛନ୍ତି ଯେ, କେତେଜଣ ଅନ୍ଧାରରେ ଅଛନ୍ତି, କେତେଜଣ ଆଲୋକରେ ଅଛନ୍ତି; କିନ୍ତୁ ତୁମେ କେବଳ ଆଲୋକରେ ଥିବା ଲୋକଙ୍କୁ ଦେଖିପାରିବ, ଯେଉଁମାନେ ଅନ୍ଧାରରେ ଅଛନ୍ତି ତାଙ୍କୁ ଦେଖିପାରିବ ନାହିଁ। ଏବକାର ଗଣମାଧ୍ୟମ ଯୁଗକୁ କେତେ ଭଲ ବୋଲି କୁହାଯିବ? ମୁଖ୍ୟଧାରା ଗଣମାଧ୍ୟମର ସବୁ ଖବର ୟୁକ୍ରେନ ସମ୍ପର୍କରେ ଥିବାବେଳେ ସାମ୍ବାଦିକ ଅଞ୍ଜନ ସୁନ୍ଦରମ୍ ଉଲ୍ଲେଖ କରିଛନ୍ତି ଯେ, ସେଣ୍ଟ୍ରାଲ ଆଫ୍ରିକାନ୍ ରିପବ୍ଲିକ, ଡେମୋକ୍ରାଟିକ ରିପବ୍ଲିକ ଅଫ୍ କଙ୍ଗୋ ଏବଂ ଅନ୍ୟଠାରେ ଘଟୁଥିବା ଭୟଙ୍କର ଯୁଦ୍ଧ ସମ୍ପର୍କରେ ପ୍ରାୟତଃ କେହି ଧ୍ୟାନ ଦେଉନାହାନ୍ତି। ଏହି ଅସମାନତା ଓ ପକ୍ଷପାତିତାର ମାନେ ନୁହେଁ ଯେ ୟୁକ୍ରେନ୍ ପାଇଁ ଆମର ପୂର୍ଣ୍ଣ ସମର୍ଥନ ତୁଳନାରେ ଅନ୍ୟକୁ କମ୍ ଗୁରୁତ୍ୱ ଦେବା। କିନ୍ତୁ ସେହି ସମର୍ଥନକୁ ଆମେ କିଭଳି ଗଢ଼ିବା ଓ ପ୍ରକାଶ କରିବା ତାହା ଚିନ୍ତା କରିବାକୁ ଗଣମାଧ୍ୟମ ଆମକୁ ବାଧ୍ୟ କରିଛି। ଏଭଳି ବିଷୟଗୁଡ଼ିକ ୟୁରୋପରେ ଘଟିବା ଉଚିତ ନୁହେଁ କିମ୍ବା ଆମେ ପାଶ୍ଚାତ୍ୟ ସଭ୍ୟତାକୁ ରକ୍ଷା କରୁଥିବା କାରଣରୁ ୟୁକ୍ରେନ୍ ସହାୟତାର ପାତ୍ର ବୋଲି ବିଚାର କରିବା ଠିକ୍ ନୁହେଁ। ଏଭଳି ବିଚାରକୁ ଅସ୍ୱୀକାର କରିବା ଉଚିତ। ପାଶ୍ଚାତ୍ୟ ସଭ୍ୟତା ଏହାର ସୀମା ବାହାରେ ଘଟୁଥିବା କ୍ରୂରତା ଓ ଭୟାବହତାକୁ କେବଳ ଅଣଦେଖା କରୁନାହିଁ ବରଂ ବହୁ ସମୟରେ ସେଗୁଡ଼ିକରେ ଜଡ଼ିତ ହେଉଛି। ୟୁକ୍ରେନ୍ ଆକ୍ରମଣ ସହ ବିଶ୍ୱର ଅନ୍ୟ ସବୁଆଡେ ସବୁବେଳେ କ'ଣ ସବୁ ଘଟିଆସୁଛି ତାହାର ସ୍ୱାଦ ଚାଖିସାରିଛୁ ବୋଲି ୟୁରୋପୀୟ ଓ ପାଶ୍ଚାତ୍ୟବାସୀ ସ୍ୱୀକାର କରିବା ଦରକାର। କିନ୍ତୁ ଏସବୁ ଆମ ଚିନ୍ତା ବାହାରେ। ଆମେ କ'ଣ ଜାଣି ନାହୁଁ, ଆମେ କ'ଣ ଜାଣିବାକୁ ଚାହୁଁ ନାହୁଁ ଏବଂ ଆମେ ଜାଣିଲେ ବି ତା'ପ୍ରତି କାହିଁକି ଯତ୍ନଶୀଳ ହେବାକୁ ଚାହୁଁନାହୁଁ, ତାହା ଉପରେ ବିଚାର କରିବାକୁ ଯୁଦ୍ଧ ବାଧ୍ୟ କରିଛି। ଏସବୁର ହିସାବ କରିବା ଲାଗି ଆମେ ଅସାଞ୍ଜେଙ୍କ ଭଳି ବ୍ୟକ୍ତି ଚାହୁଁ, ଯାହା ଫଳରେ ଅନ୍ଧକାରରେ ଥିବା ବ୍ୟକ୍ତିଙ୍କୁ ଆମେ ଦେଖିପାରିବା।




ଉଦାରବାଦୀ ପାଶ୍ଚାତ୍ୟକୁ ଅତ୍ୟଧିକ ଗୁରୁତ୍ୱ ଦେବା ଏବଂ ରୁଷିଆ ଓ ଚାଇନାରେ ଘଟୁଥିବା ବଡ଼ ଧରଣର ଅନ୍ୟାୟକୁ ଅଣଦେଖା କରିବାକୁ ନେଇ ଯେକେହି ଅସାଞ୍ଜେଙ୍କୁ ସମାଲୋଚନା କରିପାରନ୍ତି। କିନ୍ତୁ ସେସବୁ ଅନ୍ୟାୟଗୁଡ଼ିକ ମିଡିଆରେ ସ୍ପଷ୍ଟ ହୋଇସାରିଲାଣି ଓ ଆମେ ସେ ବିଷୟରେ ସବୁବେଳେ ପଢୁଛୁ। ଏକ ଦୋମୁହାଁ ନୀତି ପାଇଁ ଅସାଞ୍ଜେ ଯଦି ଦୋଷୀ ତେବେ ପାଶ୍ଚାତ୍ୟବାସୀ ବି ସେହିଭଳି ଦୋଷୀ, ଯେଉଁମାନେ ସାଉଦି ଆରବ ପ୍ରତି ଆଖି ବନ୍ଦ କରିଦେଇଥିବାବେଳେ ଇରାନକୁ ଦାୟୀ କରୁଛନ୍ତି। ବାଇବେଲର ଦ୍ୱିତୀୟ ଭାଗରେ ମାଥ୍ୟୁଙ୍କ ଜୀବନ ଉପଦେଶ ସମ୍ପର୍କିତ ୭ମ ଅଧ୍ୟାୟର ତୃତୀୟ ବାଣୀ କହେ, ଆଉ କାହିଁକି ତୁମେ ଭାଇର ଆଖିରେ ଥିବା କୁଟାଟିକକ ଦେଖୁଛ, କିନ୍ତୁ ତୁମ ନିଜ ଆଖିରେ କଡ଼ିକାଠ ଅଛି, ତାହା ଭାବି ଦେଖୁନାହଁ। ଅସାଞ୍ଜେ ଆମକୁ ଶିକ୍ଷା ଦେଇଛନ୍ତି ଯେ କେବଳ ନିଜ ଆଖିର କୁଟାଟିକକୁ ନୁହେଁ, ବରଂ ତୁମ ଆଖିରେ ଥିବା କୁଟାଟିକକ ଏବଂ ତୁମ ଶତ୍ରୁର ଆଖିରେ ଥିବା କଡ଼ିକାଠ ମଧ୍ୟରେ ଥିବା ଲୁକ୍କାୟିତ ସମ୍ପର୍କକୁ ଜାଣିବା ଦରକାର। ତାଙ୍କ ଦୃଷ୍ଟିକୋଣ ଆମ ମିଡିଆ ଓ ରାଜନୀତିକୁ ଶେଷ କରିଦେଇଥିବା ଅନେକ ବୃହତ୍ ସଂଘର୍ଷରୁ ଏକ ନୂଆ ପ୍ରକାର ସଂଘର୍ଷକୁ ଦେଖିବାକୁ ଅନୁମତି ଦେଇଛି।

ଲୋକଙ୍କ ଭାବନାକୁ ନେଇ ଚାଲୁଥିବା ଏବଂ ନୂଆ କରି ଉଭା ହୋଇଥିବା ଦକ୍ଷିଣପନ୍ଥୀ (ନ୍ୟୁ ପପୁଲିଷ୍ଟ ରାଇଟ)ଓ ଜାଗ୍ରତ ବାମପନ୍ଥୀ (ୱୋକ୍ ଲେଫ୍ଟ)ଙ୍କ ମଧ୍ୟରେ ଚାଲିଥିବା ସଂଘର୍ଷକୁ ବିଚାର କରାଯାଉ। ମେ ଶେଷ ଆଡକୁ ଉତାର ଡାଭିସ ସ୍କୁଲ ଡିଷ୍ଟ୍ରିକ୍ଟ ତାହାର ପ୍ରାଥମିକ ଓ ନିମ୍ନ ମାଧ୍ୟମିକ ସ୍କୁଲଗୁଡ଼ିକରୁ ବାଇବେଲକୁ ହଟାଇଦେଲା। ନୂଆ କରି ସଂଜ୍ଞା ନିରୂପଣ କରାଯାଇଥିବା ବାଇବେଲର ଅଶ୍ଳୀଳତା ଯୋଗୁ ଛୋଟ ପିଲାଙ୍କ ପାଇଁ ଏହାର କୌଣସି ଗଭୀର ମୂଲ୍ୟ ନାହିଁ ବୋଲି ଜଣେ ଅଭିଭାବକ ଅଭିଯୋଗ କରିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଥିଲା। ବାଇବେଲର ଅଶ୍ଳୀଳତାକୁ ନେଇ ପ୍ରକାଶିତ ଏକ ପୁସ୍ତକକୁ ଗତ ବର୍ଷ ନିଷେଧ କରାଯାଇଥିଲା। ଏହି ଘଟଣା କ'ଣ ଖ୍ରୀଷ୍ଟିଆନଙ୍କ ବିରୋଧରେ ଏକ ସାଂସ୍କୃତିକ ଯୁଦ୍ଧ କି? ଅନ୍ୟ ପଟେ ଡିଷ୍ଟ୍ରିକ୍ଟ ନିକଟକୁ ଆଇନର ସମ୍ଭାବ୍ୟ ଉଲ୍ଲଂଘନ ପାଇଁ ବୁକ ଅଫ୍ ମର୍ମନ (ଯିଶୁଙ୍କର ଅନ୍ୟ ଏକ ବାଇବେଲ)କୁ ସମୀକ୍ଷା କରିବା ପାଇଁ ମଧ୍ୟ ଅନୁରୋଧ ଆସିଛି ଓ ଡିଷ୍ଟ୍ରିକ୍ଟ ତାହା ଗ୍ରହଣ କରିଛି। ଏଣୁ ଏହି ଦାବି ପଛରେ କିଏ ଅଛନ୍ତି? ଏହା କ'ଣ ସେହି ଜାଗ୍ରତ ବାମପନ୍ଥୀ ଯିଏ ଜାତି ଓ ଏଲଜିବିଟି ବିଷୟକୁ ନେଇ ଲଗାଯାଇଥିବା ପ୍ରତିବନ୍ଧକ ପାଇଁ ପ୍ରତିଶୋଧ ଚାହୁଁଛନ୍ତି କି। ସେ ଯାହା ହେଉନା କାହିଁକି, ଶେଷରେ ଏହି ଉଭୟ ଦକ୍ଷିଣପନ୍ଥୀ ଓ ବାମପନ୍ଥୀ ସମାନ ଅସହିଷ୍ଣୁତାର ବିଚାର ବା ସିଦ୍ଧାନ୍ତକୁ ଆପଣାଇନେଇଛନ୍ତି। ସେମାନଙ୍କର ସବୁ ସିଦ୍ଧାନ୍ତଗତ ଶତ୍ରୁତା ଥିଲେ ବି ସେମାନେ ଯୋଡ଼ି ହୋଇ ରହିଛନ୍ତି। ଜାଗ୍ରତ ବାମପନ୍ଥୀ ତା'ନିଜ ରାଜନୈତିକ ମୂଳାଧାରକୁ ଖଣ୍ଡବିଖଣ୍ଡିତ କରିବାକୁ ଚାହୁଁଥିବାବେଳେ, ଦକ୍ଷିଣପନ୍ଥୀ ଶେଷରେ ତା' ମୌଳିକ ପୁସ୍ତକରେ ସମାହିତ ଅଶ୍ଳୀଳତା ଉପରେ ପ୍ରଶ୍ନ କରିବାକୁ ସାହସ ଜୁଟାଇଛି।

କଠୋର ସତ୍ୟ ହେଉଛି ସ୍ୱ ସମାଲୋଚନାର ପାଶ୍ଚାତ୍ୟ ଗଣତାନ୍ତ୍ରିକ ପରମ୍ପରା ଅସଙ୍ଗତି ଆଡକୁ ଗତିକରିଛି ଓ ନିଜ ଧ୍ୱଂସର ମଞ୍ଜି ବୁଣୁଛି। ପାଶ୍ଚାତ୍ୟ ଗଣତାନ୍ତ୍ରିକ ଦେଶଗୁଡ଼ିକ ପାଇଁ ଅସାଞ୍ଜେ ଏବଂ ସେ ପ୍ରତିପାଦିତ କରୁଥିବା ସ୍ୱଚ୍ଛତା ବଡ଼ ବିପଦ ନୁହେଁ, ବରଂ ଏହା ବଦଳରେ ନକାରାତ୍ମକବାଦ ଓ ସ୍ୱାର୍ଥବାଦ ତଥା ଦୋଷଦର୍ଶିତାବାଦ ସେମାନଙ୍କ ରାଜନୀତିର ଚରିତ୍ର ପାଲଟିଯାଇଛି।

**ପ୍ରାଧ୍ୟାପକ. ଦର୍ଶନ ଶାସ୍ତ୍ର, ୟୁରୋପିଆନ ଗ୍ରାଜୁଏଟ ସ୍କୁଲ**

# ଗଣତନ୍ତ୍ରର ବାଧକ



ରବିନାରାୟଣ ସାମଲ

ଅବାଧ ଓ ନିରପେକ୍ଷ ନିର୍ବାଚନ ଗଣତନ୍ତ୍ରର ମୁଖ୍ୟ ଆଧାର। ଆମେରିକାର ବିଶିଷ୍ଟ ରାଜନୀତି ବିଜ୍ଞାନୀ ରବର୍ଟ ଆଲାନ ଡାଲ୍ଙ୍କ ମତରେ ସର୍ବଦଳ ସ୍ୱୀକୃତ ମୁକ୍ତ ଓ ବାଧ୍ୟବାଧକତା ଶୂନ୍ୟ ମତଦାନ ସହିତ ତ୍ରୁଟିରହିତ ମତଗଣନା ପ୍ରକ୍ରିୟା ହିଁ ଅବାଧ ଓ ନିରପେକ୍ଷ ନିର୍ବାଚନ। ଇଏ ହେଲା ପୋଥି ବାଇଗଣ କଥା। ମାତ୍ର ବାଡ଼ି ବାଇଗଣ କଥା ଭିନ୍ନ। ଆମ ଦେଶରେ ଏହା ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ପଞ୍ଚାୟତଠାରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ଅଦ୍ୟାବଧି ଯେତୋଟି ନିର୍ବାଚନ ହୋଇସାରିଲାଣି ସେଗୁଡ଼ିକ ମଧ୍ୟରୁ କେଉଁଟି 'ଅବାଧ ଓ ନିରପେକ୍ଷ' ତାହା ନିର୍ଣ୍ଣୟ କରିବା କଷ୍ଟକର। କାରଣ ଜାତିକୁ ନେଇ, ଧର୍ମକୁ ନେଇ, ସମ୍ପ୍ରଦାୟକୁ ନେଇ ଆମ ଦେଶରେ ନିର୍ବାଚନ ପରିଚାଳିତ ହେଉଛି। ଏହା ସହିତ ଅର୍ଥବଳ ଓ ବାହୁବଳ ନିର୍ବାଚନ ପ୍ରକ୍ରିୟାକୁ ଯଥେଷ୍ଟ ପ୍ରଭାବିତ କରୁଛି। ତେଣୁ ମୁକ୍ତ ବିଚାର କରିବାକୁ ମତଦାତାଙ୍କ ନିକଟରେ ସୁଯୋଗ ନାହିଁ। ରାଜନୈତିକ ସଚେତନତା ଅଭାବରୁ ମତଦାତା ଉଚିତ ନିଷ୍ପତ୍ତି ନେବାକୁ ଅକ୍ଷମ ହେଉଛନ୍ତି। ସମ୍ପ୍ରତି ଆମ ଦେଶରେ ଧର୍ମକୁ ନେଇ ରାଜନୀତି ଘନୀଭୂତ ହୋଇଥିବା ସ୍ଥଳେ 'ଫ୍ରିବିଜ୍'ର ଅନୁପ୍ରବେଶ ସମଗ୍ର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଓଲଟପାଲଟ କରିପକାଇଛି।

ନିର୍ବାଚନ ପୂର୍ବରୁ ସାଧାରଣତଃ ବିଭିନ୍ନ ରାଜନୈତିକ ଦଳ ନିଜର ଇସ୍ତାହାର ପ୍ରକାଶ କରିଥାନ୍ତି। ଦଳର ନୀତି ଆଦର୍ଶ ଆଧାରିତ କାର୍ଯ୍ୟକ୍ରମ, ଜନସାଧାରଣଙ୍କ ହିତକାରୀ ଯୋଜନା ଓ ବୈଦେଶିକ ନୀତି ଆଦି ସମ୍ପର୍କରେ ଇସ୍ତାହାରରେ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିଥାନ୍ତି। କର୍ଣ୍ଣାଟକରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଭାଜପା ଏକକ ନାଗରିକ ସଂହିତା (ୟୁନିଫର୍ମ ସିଭିଲ କୋଡ୍)ର ପ୍ରଚଳନ, ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍ସି)ର କାର୍ଯ୍ୟକାରିତା ଇସ୍ତାହାରରେ ପ୍ରକାଶ କରିଥିଲା। ସେହିପରି ନୂତନ ଜାତୀୟ ଶିକ୍ଷାନୀତିକୁ ପ୍ରତ୍ୟାଖ୍ୟାନ ଓ ଜାତିଭିତ୍ତିକ ଜନଗଣନା କରିବାକୁ କଂଗ୍ରେସ ତାହାର ଇସ୍ତାହାରରେ ସ୍ଥାନିତ କରିଥିଲା। ଏଗୁଡ଼ିକ ଦଳର ନୀତିଆଦର୍ଶ ସମ୍ପର୍କିତ ବିଷୟ ଥିଲା। ଏହାବାଦ ବର୍ଷରେ ୩ଟି ମାଗଣା ଗ୍ୟାସ୍ ସିଲିଣ୍ଡର, ପ୍ରତି ୱାର୍ଡ଼ରେ ଭୋଜନ କେନ୍ଦ୍ର, ବିପିଏଲ୍ ପରିବାରକୁ ଦୈନିକ ଅଧଲିଟର କ୍ଷୀର ଓ ମାସିକ ୫ କିଲୋ ଚାଉଳ ଦେବାକୁ ଭାଜପା ଘୋଷଣା କରିଥିଲା। ପ୍ରତି ପରିବାରର ମହିଳା ମୁଖ୍ୟଙ୍କୁ ମାସିକ ଦୁଇ ହଜାର ଟଙ୍କା, ମାଗଣା ୨୦୦ ୟୁନିଟ୍ ବିଜୁଳି, ବେକାରଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା, ମୁଣ୍ଡ ପିଛା ୧୦ କିଲୋ ଚାଉଳ ଓ ମହିଳାଙ୍କୁ ମାଗଣା ବସ୍ ଯାତ୍ରା ନେଇ କଂଗ୍ରେସ ଘୋଷଣା କରିଥିଲା। ଏଗୁଡ଼ିକ ନିର୍ବାଚନୀ ଇସ୍ତାହାରରେ ପ୍ରକାଶିତ ହୋଇଥିଲେ ମଧ୍ୟ ଦଳର ନୀତି ଆଦର୍ଶ ସମ୍ପର୍କିତ ନ ଥିଲା, ବରଂ ମତଦାତାମାନଙ୍କୁ ପ୍ରଲୋଭିତ କରିବାକୁ ପ୍ରତିଶ୍ରୁତି ଥିଲା। ଏହାକୁ ଆମେ ଏଠାରେ 'ଫ୍ରିବିଜ୍' (ମାଗଣା ବଣ୍ଟନ) କହିଲେ ସର୍ବାଦୌ ପ୍ରଯୁଜ୍ୟ ହେବ। ଦିଲ୍ଲୀ ସରକାର ମାଗଣା ବିଜୁଳି, ମାଗଣା ପାଣି, ମାଗଣା ବସ୍ ଯାତ୍ରା ପାଇଁ ଘୋଷଣା କରିଥିଲେ, ତାହା ବି କାର୍ଯ୍ୟକାରୀ କରୁଛନ୍ତି। ପୂର୍ବରୁ କେତେକ ଦଳ ମଧ୍ୟ ମାଗଣା ସାଇକେଲ, ସ୍ମାର୍ଟ ଫୋନ୍, ଟିଭି, ଲାପଟପ୍, ମଙ୍ଗଳସୂତ୍ର, ମାଗଣା ଶାଢ଼ି, ପେସର୍ କୁକର୍ ଆଦି ଦେବାକୁ ମତଦାତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ମାଗଣା ସଂସ୍କୃତି ବା ଫ୍ରିବିଜ୍ ସର୍ବପ୍ରଥମେ ଆରମ୍ଭ ହୋଇଥିଲା ତାମିଲନାଡୁରେ। ତା' ପରେ ଦିଲ୍ଲୀ ଓ ପଞ୍ଜାବକୁ ବ୍ୟାପିଥିଲା। ଆଉ କେଇ ମାସ ପରେ ୫ଟି ରାଜ୍ୟର ନିର୍ବାଚନ ହେବ। ତାହାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ସେଠାରେ ଫ୍ରିବିଜ୍ ବର୍ଷା ହେଲାଣି। ଏହା କେଉଁ ସ୍ତରକୁ ଯିବ ନିର୍ବାଚନୀ ଇସ୍ତାହାର ପ୍ରକାଶ ପାଇଲେ ତାହା ଜଣାପଡ଼ିବ।

ମତଦାତାମାନଙ୍କୁ ପ୍ରଲୋଭିତ କରି ସେମାନଙ୍କ ସ୍ୱାଧୀନ ବିଚାରକୁ ଦିଗଭ୍ରଷ୍ଟ କରିବା ଫ୍ରିବିଜ୍ର ମୁଖ୍ୟ ଉଦ୍ଦେଶ୍ୟ। ଅନ୍ୟପକ୍ଷରେ ରାଜ୍ୟ ତଥା ଦେଶର ଅର୍ଥନୀତି ଉପରେ ଏହାର ପ୍ରଭାବ ନକାରାତ୍ମକ। କର୍ଣ୍ଣାଟକରେ ଶାସନକୁ ଆସିଥିବା କଂଗ୍ରେସ ସରକାର ବର୍ତ୍ତମାନ ତାହାର ୫ଟି ମୁଖ୍ୟ ପ୍ରତିଶ୍ରୁତି ପାଳନ କରିବାକୁ ଯାଉଛି। ଏ ବାବଦରେ ହେବାକୁ ଥିବା ବ୍ୟୟ ରାଜ୍ୟର ବାର୍ଷିକ ବଜେଟର ଶତକଡ଼ା ୨୦ ଭାଗ ଏବଂ ମୋଟ ୬୫ ହଜାର କୋଟି ଟଙ୍କା ହେବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି। ପ୍ରକାରାନ୍ତରେ ଏହା ସାଧାରଣ ଟିକସଦାତାଙ୍କ ଉପରେ ବୋଝ ସଦୃଶ ହେବ, ଏଥିରେ ସାମାନ୍ୟତମ ଦ୍ୱନ୍ଦ୍ୱ ନାହିଁ। ଯେ ପର୍ଯ୍ୟନ୍ତ ଜନସାଧାରଣ ରାଜନୈତିକ ଭାବେ ସଚେତନ ନ ହୋଇଛନ୍ତି, ସେ ପର୍ଯ୍ୟନ୍ତ ଫ୍ରିବିଜ୍ ସଂସ୍କୃତିକୁ କକ୍ଷଚ୍ୟୁତ କରାଯାଇପାରିବ ନାହିଁ। ଏହା ହିଁ ଚିନ୍ତାଜନକ।

**ମୋ- ୭୯୭୫୦୪୬୪୮୬**

# ଏଇ ଭାରତରେ

ବ୍ୟାଙ୍କ ଚାକିରି ଛାଡ଼ି ଅମିତ କିଷାନ ଏବେ ଜଣେ ଆଗଧାଡ଼ିର କୃଷକ। ଚାଷ କରିବା ସହ ପାଖାପାଖି ୧୮ଟି ଗାଁର ୩୦୦୦ ମହିଳାଙ୍କୁ ସେ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିପାରିଛନ୍ତି। ଅମିତ ବେଙ୍ଗାଲୁରୁରେ ବ୍ୟାଙ୍କିଙ୍ଗ ସେକ୍ଟରରେ କାମ କରୁଥିଲେ ଓ ୨୦୧୬ରେ ୩୩ ବର୍ଷ ବୟସରେ ଏହାକୁ ଛାଡ଼ି 'ହେବ୍ବୁ ଫାର୍ମ' ଆରମ୍ଭ କରି ଜୈବିକ ପଦ୍ଧତିରେ ଚାଷ କରୁଛନ୍ତି। ଘିଅ ଓ ଅନ୍ୟ ଡାଏରି ଉତ୍ପାଦ ପ୍ରସ୍ତୁତ କରିବା ପାଇଁ ପ୍ରତିଦିନ ୨୫ ଲିଟର କ୍ଷୀର ଜଣେ ମହିଳାଙ୍କୁ ଦେଉଛନ୍ତି ଓ ଏହି କାମରୁ ପ୍ରତ୍ୟେକ ମହିଳା ଦିନକୁ ୨୦୦-୩୦୦ ଟଙ୍କା ରୋଜଗାର କରିପାରୁଛନ୍ତି। ଏହି ଫାର୍ମରୁ ଉତ୍ପାଦିତ ତଟକା ପରିବା, ଡାଲି ଏବଂ ଡାଏରି ଉତ୍ପାଦ ଲୋକମାନଙ୍କୁ ଯୋଗାଇ ଦେଉଛନ୍ତି। ସେ ଗୋବର ଓ ଗୋମୂତ୍ରରୁ ଖତ ଏବଂ କୀଟନାଶକ ପ୍ରସ୍ତୁତ କରୁଛନ୍ତି। ଯାନ୍ତ୍ରିକ ପଦ୍ଧତିରେ ନୁହେଁ, ବରଂ ବଳଦ ଦ୍ୱାରା ହଳ କରାଯାଉଛି। ଏହି ଫାର୍ମରେ ୪୦ ପ୍ରକାର ଖାଦ୍ୟ ଶସ୍ୟ ଓ ପରିବା ଉତ୍ପାଦନ ହେଉଛି। ପ୍ରତିଦିନ ୬ ଟନ ପରିବା ଓ ୧,୫୦୦ ଲିଟର କ୍ଷୀର ବିକ୍ରି କରାଯାଉଛି। ଫାର୍ମରେ ୭୦୦ ଦେଶୀ ଗାଈ ଓ ମଇଁଷି ଅଛନ୍ତି। ଫାର୍ମରେ ସୌର ଶକ୍ତି ବ୍ୟବହାର ହେଉଛି। ପ୍ରଥମେ ସେ ୧.୫ ଏକରରେ ଚାଷ ଆରମ୍ଭ କରିଥିଲେ। ଏବେ ତାହା ବିଭିନ୍ନ ଗାଁରେ ପ୍ରାୟ ୬୫୦ ଏକରରେ ପହଞ୍ଚିଛି। ଅମିତ ଚାଷରୁ ବର୍ଷକୁ ୨୧ କୋଟି ଟଙ୍କା ରୋଜଗାର କରୁଛନ୍ତି।

# ୨୫ ବର୍ଷ ତଳର ଧରିତ୍ରୀ

**୨୩ ଜୁନ୍ ୧୯୯୮**

- ଶ୍ରୀଲଙ୍କାର ସୈନ୍ୟମାନେ ଦେଶର ପୂର୍ବାଞ୍ଚଳରେ ଥିବା ଏକ ଗୁରୁତ୍ୱପୂର୍ଣ୍ଣ ସହରକୁ ଅକ୍ତିଆର କରିନେଇଥିବା ବେଳେ ସାନି ସଂଘର୍ଷରେ ୩୩ ବିଦ୍ରୋହୀ ନିହତ।
- ପଶ୍ଚିମ ନେପାଳରେ ବନ୍ୟାଜଳ ପୂର୍ଣ୍ଣ ଏକ ନଦୀ ମଧ୍ୟକୁ ଗୋଟିଏ ବସ୍ ଖସିପଡ଼ିବା ଫଳରେ ଏଥିରେ ଯାତ୍ରା କରୁଥିବା ୩୬ ଯାତ୍ରୀଙ୍କ ମୃତ୍ୟୁ।
- ଏନ୍ଟିପିସି ମ୍ୟାନେଜ୍ମେଣ୍ଟ ସହିତ ଏନ୍ଟିପିସି ମେନ୍ସ କଂଗ୍ରେସ ୟୁନିୟନର ଚୁକ୍ତିନାମା ସ୍ୱାକ୍ଷରିତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | 3 | | | 6 | 7 | |
| | | | 8 | | | | 3 | |
| | 9 | | | | | | 8 | |
| 6 | | | | | | 3 | | |
| | 2 | 5 | | | | | | 6 |
| | | | 4 | | | | | |
| 5 | | | | | 8 | | | |
| 9 | 7 | 1 | | | 2 | | | |
| | | 6 | | | | 4 | 1 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 1 | 6 | 3 | 2 | 7 | 9 | 5 |
| 2 | 5 | 7 | 4 | 8 | 9 | 1 | 6 | 3 |
| 9 | 3 | 6 | 5 | 1 | 7 | 8 | 2 | 4 |
| 3 | 6 | 2 | 7 | 9 | 8 | 5 | 4 | 1 |
| 5 | 1 | 8 | 3 | 4 | 6 | 2 | 7 | 9 |
| 4 | 7 | 9 | 2 | 5 | 1 | 3 | 8 | 6 |
| 6 | 2 | 5 | 9 | 7 | 3 | 4 | 1 | 8 |
| 1 | 9 | 3 | 8 | 2 | 4 | 6 | 5 | 7 |
| 7 | 8 | 4 | 1 | 6 | 5 | 9 | 3 | 2 |

ଗତକାଲିର ଉତ୍ତର

# କୋଠଭୋଗ ଖିଆ...



ରଞ୍ଜନ କୁମାର ଦାସ

ଜଗତର ନାଥ ଜଗନ୍ନାଥଙ୍କ ଲୀଳା ଅପ୍ରମେୟ। ତାଙ୍କଠାରେ ଯେତିକି ଦେବତ୍ୱ ଆରୋପିତ ତହୁଁ ବଳି ମାନବତ୍ୱ ପ୍ରତୀତ। ତାଙ୍କର ନିତ୍ୟଲୀଳାକୁ ଅବଗାହନ କଲେ ଦେଖାଯାଏ ସେ ଯେତିକି ଈଶ୍ୱର ସେତିକି ମଣିଷ। ଯେତିକି ରାଜକୀୟ ସେତିକି ପ୍ରଜାପାଳକ, ଯେତିକି ଯୋଗୀ ସେତିକି ଭୋଗୀ। ଏ କ୍ଷେତ୍ରରେ ବିରାଜିତ ହୋଇ ସେ ଉତ୍କଳ ଭୂଖଣ୍ଡକୁ ମହିମାମୟ କରିଛନ୍ତି। ସେ ଜଗତର ନାଥ। ବିଶ୍ୱର ଠାକୁର ହୋଇଥିଲେ ମଧ୍ୟ ଏହା ତାଙ୍କର ଅନନ୍ୟ ଲୀଳାକ୍ଷେତ୍ର। କୁହାଯାଏ ଶ୍ରୀହରି ରାମେଶ୍ୱରରେ ନିତ୍ୟ ସ୍ନାନ କରି, ଶ୍ରୀକ୍ଷେତ୍ରରେ ଆସି ଅନ୍ନପ୍ରସାଦ ଗ୍ରହଣ କରନ୍ତି। ଦ୍ୱାରକାକୁ ଯାଆନ୍ତି ଶୟନ ପାଇଁ ଏବଂ ବଦ୍ରିନାଥରେ ଯାଇ ତପସ୍ୟା କରନ୍ତି। ତେଣୁ ଶ୍ରୀକ୍ଷେତ୍ର ବା ଶଙ୍ଖକ୍ଷେତ୍ର ପ୍ରଭୁଙ୍କ ଭୋଜନକ୍ଷେତ୍ର ରୂପେ ସୁଖ୍ୟାତ। ଜଗଦ୍ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ କ୍ରମେ ଯଯାତି କେଶରୀଙ୍କ ଅମଳରୁ ଏହା ଆରମ୍ଭ ହୋଇଥିବା କଥା ବିଶ୍ୱାସ କରାଯାଏ। ପରବର୍ତ୍ତୀ ସମୟରେ ରାମଚନ୍ଦ୍ର ଦେବଙ୍କ ବେଳେ ମହାପ୍ରସାଦର ପ୍ରଚଳନ ହୋଇଥିଲା। ଦୈନନ୍ଦିନ ନୀତିରେ ତାଙ୍କର ତିନିଧୂପ ଓ ପାଞ୍ଚ ଅବକାଶ ରୀତି ପାଳିତ ହୁଏ। ତିନିଧୂପ ସହ ଆଉ ତିନିପ୍ରକାର ଭୋଗ ମଧ୍ୟ ଲାଗେ। ପ୍ରଥମେ ସକାଳ ପ୍ରାୟ ନଅଟା ବେଳକୁ ଶ୍ରୀଜୀଉଙ୍କ ସକାଳର ପ୍ରଥମ ଜଳଖିଆ ଭୋଗ ଦିଆଯାଏ, ଯାହାର ନାମ ହେଲା ଗୋପାଳବଲ୍ଲଭ ଭୋଗ। ଏଥିରେ ପାଗଖଇ, ନଡ଼ିଆ କୋରା, ପାଚିଲା କଦଳୀ, ଦହି, ଖୁଆମଣ୍ଡା, ମାଖନ, ଖୁଦ ନଡ଼ିଆ ଆଦି ପଞ୍ଚ ଉପଚାର ବିଧିରେ ପରସା ଯାଏ। ଦ୍ୱିତୀୟରେ ଲାଗିହୁଏ ସକାଳଧୂପ। ସକାଳ ଦଶଟା ବେଳକୁ ପ୍ରାୟ ଏହା ଲାଗି ହୋଇଥାଏ। ଏଥିରେ ଖେଚୁଡ଼ି, କାନିକା, ଶାଗ, କାଞ୍ଜି, ଏଣ୍ଡୁରି, ମାଠପୁଳି, ପୁଳି, ଝିଲ୍ଲୀ, ପିଠାପୁଳି, ହଂସକେଳି, ଆଳୁ କଦଳୀ ଭଜା, ଅଦାପାଚେଡ଼ି, ବୁନ୍ଦିଆ ଆଦି ଲାଗେ। ଏହି ଭୋଗ ଧୂପ ଷୋଡ଼ଶ ଉପଚାର ବିଧିରେ କରାହୁଏ। ଭୋଗ ସାମଗ୍ରୀ ସବୁ ରତ୍ନସିଂହାସନ ତଳେ ମୁରୁଜ ପଡିଥିବା ସ୍ଥାନରେ ବଢାହୁଏ। ତୃତୀୟରେ ଲାଗେ ଭୋଗମଣ୍ଡପର ଅନ୍ନଭୋଗ। ଏଥିରେ ଅନ୍ନ, ଘିଅଅନ୍ନ, ଖେଚୁଡ଼ି, କାନିକା, ମିଠାଡାଲି, ଡାଲମା, ବେସର, ମହୁର, ଶାଗ, ଖଟା, ପାଚେଡ଼ି, ଆମ୍ବୁଲ ଆଦି ହୋଇଥାଏ। ଏଥିରେ ଅନ୍ୟାନ୍ୟ ବିଭିନ୍ନ ପ୍ରକାର ବରାଦି ଭୋଗ ମଧ୍ୟ ହୋଇଥାଏ। ଚତୁର୍ଥରେ ହୁଏ ମଧ୍ୟାହ୍ନ ଧୂପ। ଏଥିରେ ଅନ୍ନ, ବ୍ୟଞ୍ଜନ,ପିଷ୍ଟକ ଓ ମିଷ୍ଟାନ୍ନ ଆଦି ପରସା ଯାଏ। ଯଦିଓ ଏହା ମଧ୍ୟାହ୍ନ ଧୂପ, ହଉହଉ ଏହା ଅପରାହ୍ନ ହୋଇଯାଏ। ପଞ୍ଚମ ଭୋଗ ହେଲା ସନ୍ଧ୍ୟାଧୂପ। ରାତି ସାତଟାରୁ ଆଠଟା ଭିତରେ ହେବାର ବିଧି ଅଛି। ଏଥିରେ ଚୁପୁଡା ପଖାଳ, ପାଣି ପଖାଳ, ସାକର, କଅଁଳପୁଳି, ମାଠପୁଳି ଓ ଅମାଲୁ ଭୋଗ ହୁଏ। ଏହାର ସମସ୍ତ ବିଧି ସକାଳ ଧୂପ ପରି ହୋଇଥାଏ। ଦିନର ଶେଷ ଭୋଗ ହେଲା ବଡସିଂହାର ଧୂପ। ଏହାର ନିର୍ଦ୍ଧାରିତ ସମୟ ରାତି ୧୧ଟା ପରେ। ଏଥିରେ ସରପୁଳି, ସୁଆରପିଠା, ବିରିବୁହା ପିଠା, ରୋଷପାଇକ ପିଠା, କଦଳୀ ବଡା, ମିଠା ପଖାଳ, ଖିରି, କାଞ୍ଜି ଆଦି ଭୋଗ ହୁଏ। ପୂଜାପଣ୍ଡା ପଞ୍ଚ ଉପଚାରରେ ସିଂହାସନ ତଳେ ପୂଜା କରିଥାନ୍ତି।

ମାଦଳା ପାଞ୍ଜି ଅନୁସାରେ, ଏ ଭୋଗ ସବୁ ମା' ବିମଳାଙ୍କ ପାଖରେ ଲାଗି ହୋଇ ଆସୁଥିବାରୁ ଏହାକୁ ମାପ୍ରସାଦ ବା ଧୀରେ ଧୀରେ ମହାପ୍ରସାଦ ରୂପରେ ସ୍ୱୀକୃତି ମିଳିଛି। ମହାପ୍ରସାଦ ଦୁଇ ପ୍ରକାରର, ପ୍ରଥମଟି ହେଲା ଅନ୍ନପ୍ରସାଦ ବା ଶଙ୍ଖୁଡି ଭୋଗ ଏବଂ ଦ୍ୱିତୀୟଟି ହେଲା ଶୁଖୁଲି ଭୋଗ ବା ନିଃସଙ୍ଖୁଡି।



ଏହି ଭୋଗଗୁଡ଼ିକ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଉତ୍ତରିତ ହୋଇ ତାହା ଶେଷରେ ନିର୍ମାଲ୍ୟରେ ପରିଣତ ହୁଏ। ଷଡ ସଂସ୍କାର ମାଧ୍ୟମରେ ସେ ଅନ୍ନ ପରିଣତ ହୁଏ ବ୍ରହ୍ମରେ। ସେହି ଷଡସଂସ୍କାରଗୁଡ଼ିକ ହେଲା, ମହାଲକ୍ଷ୍ମୀଙ୍କ ଦ୍ୱାରା ବୈଷ୍ଣବାଗ୍ନିରେ ଏହା ପାକ ହୁଏ। ଶ୍ରୀଯନ୍ତ୍ର ରୂପକ ଠାଆ ମୁରୁଜ ଉପରେ ରଖି ନୈବେଦ୍ୟ ସମର୍ପଣ ହୁଏ। ତତ୍ପରେ ଦ୍ୱାବିଂଶକ୍ଷରୀ ପାତାଳ ନୃସିଂହ ମନ୍ତ୍ରରେ ଅଭିମନ୍ତ୍ରିତ ହୁଏ। ଏହା ଉତ୍ତାରେ ଭୈରବୀ ଚକ୍ରର ଉଚ୍ଛିଷ୍ଟ ଭୈରବୀ ବିମଳାଙ୍କୁ ସମର୍ପଣ କରାଯାଏ ଓ ଶେଷରେ ଅଷ୍ଟବୈଷ୍ଣବ ଯଥା ଶୁକ, ପ୍ରହ୍ଲାଦ, ହନୁମାନ, ନାରଦ ଓ ଇନ୍ଦ୍ର ଆଦିଙ୍କୁ ପ୍ରଦାନ କରାଯାଏ। ତାନ୍ତ୍ରିକ ବ୍ୟବସ୍ଥାନୁସାରେ ରନ୍ଧନ ବ୍ୟବସ୍ଥାରେ ନବଚକ୍ର ଯନ୍ତ୍ର ଉପରେ ଅଗ୍ନି ସଂସ୍କାର କରି ଛଅଗୋଟି ଝିଙ୍କାବିଶିଷ୍ଟ ଚୁଲି ଉପରେ ଏକାଥରକେ ନଅଗୋଟି ମାଟି ହାଣ୍ଡି ବସାଇ ରନ୍ଧନ କରାଯାଇ ଥାଏ। ମାତ୍ର ଆଶ୍ଚର୍ଯ୍ୟର ବିଷୟ ତଳହାଣ୍ଡିର ଅନ୍ନ ବ୍ୟଞ୍ଜନ ଯେତିକି ସିଦ୍ଧ ହୋଇଥାଏ, ଉପର ହାଣ୍ଡିର ଅନ୍ନ ବ୍ୟଞ୍ଜନ ମଧ୍ୟ ସେତିକି ସିଦ୍ଧ ହୋଇଥାଏ।

ମହାପ୍ରସାଦ ସମ୍ପର୍କିତ ଅନେକ କାହାଣୀ ଆମେ ଶୁଣିଥାଉ। ଅନ୍ନରୁ ନିର୍ମାଲ୍ୟ ଯାଏ ତା'ର ଯାତ୍ରା ମଧ୍ୟ ସେତିକି ଚମତ୍କାରୀ। ଯେଉଁ ଚାଉଳ ରୋଷଘର ପାଇଁ ଆସେ ତା'ର ନାମ ହେଲା ଅମୁଣିଆ। ଅମୁଣିଆ ଯେତେବେଳେ ବୈଷ୍ଣବାଗ୍ନିରେ ମା' ମହାଲକ୍ଷ୍ମୀଙ୍କ ଦ୍ୱାରା ପାକ ହୁଏ, ତାକୁ ଅନ୍ନ କୁହାଯାଏ। ରୋଷଘରୁ ଅନ୍ନ ଭୋଗ ପାଇଁ ବାହାରକୁ ନେଲା ବେଳେ ତାକୁ ଛେକ କୁହାଯାଏ। ଛେକ ଯେତେବେଳେ ଯାଇ ଭୈରବୀଚକ୍ରରେ ରଖାଯାଏ, ତାକୁ ଭୋଗ କୁହାଯାଏ। ଭୋଗ ଯାଇ ତିନି ଠାକୁରଙ୍କୁ ଲାଗିଲେ ନୈବେଦ୍ୟ ପଦବାଚ୍ୟ ହୁଏ। ତାହା ଗୋପାଳ ମନ୍ତ୍ରରେ ଉତ୍ସର୍ଗ ହେଲେ ହୁଏ ପ୍ରସାଦ। ପ୍ରସାଦ ଯାଇ ମା' ବିମଳାଙ୍କୁ ସମର୍ପିତ ହେଲେ ହୁଏ ମହାପ୍ରସାଦ। ମହାପ୍ରସାଦ ଯେବେ ପଞ୍ଚପରମେଶ୍ୱରଙ୍କ ଦର୍ଶନ ପାଆନ୍ତି ହୁଅନ୍ତି କୈବଲ୍ୟ। କୈବଲ୍ୟ ଯେବେ ଭକ୍ତଙ୍କ ପାଇଁ ଆନନ୍ଦବଜାରକୁ ଆସେ ହୁଏ ଅବଢା। ଅବଢାକୁ ଯେତେବେଳେ ଶୁଖେଇ ରଖାଯାଏ ହୁଏ ନିର୍ମାଲ୍ୟ।

ଶ୍ରୀଜୀଉଙ୍କ ଏହିମତେ ନିତିଦିନ ଛପନ ପ୍ରକାର ଭୋଗ ଲାଗି ହୋଇଥାଏ। ତା' ଛଡା ଅଣସର, ଜନ୍ମାଷ୍ଟମୀ, ସପ୍ତପୁରୀ ଅମାବାସ୍ୟା, କାର୍ତ୍ତିକ ମାସ, ଧନୁ ସଂକ୍ରାନ୍ତି, ମକର ସଂକ୍ରାନ୍ତି, ରାମନବମୀ, ଚନ୍ଦନ ଯାତ୍ରା ସମୟରେ ଓ ବିଭିନ୍ନ ସ୍ୱତନ୍ତ୍ର ବେଶ ସମୟରେ ବିଶେଷ ଭୋଗ ମଧ୍ୟ ଲାଗି ହୋଇଥାଏ। ମାତ୍ର ଏ ସମସ୍ତ ପାକପ୍ରଣାଳୀରେ ଆଳୁ, ଟମାଟୋ, ଭେଣ୍ଡି, କୋବି, ଛୁଇଁ, ଛଚିନ୍ଦ୍ରା, କଳରା, ଲାଉ, ପିଆଜ, ରସୁଣ, ଝୁଡଙ୍ଗ, ବିନସ ଆଦି ବ୍ୟବହାର ହୁଏନାହିଁ। ସେହିପରି ଉଷୁନା ଚାଉଳ, ଶୁଖିଲା ଲଙ୍କା ଓ ତେଲ ଆଦି ବାରଣ ହୋଇଥାଏ। ମୋଟାମୋଟି ଭାବେ ସମସ୍ତ ତାମସିକ ଓ ରାଜସିକ ଖାଦ୍ୟକୁ ବାରଣ କରାଯାଇ ବୈଦିକ ମତେ କେବଳ ସାତ୍ତ୍ୱିକ ଖାଦ୍ୟ ପରିବେଷଣ କରାଯାଇଥାଏ, ଯାହା ମନରେ ଧାର୍ମିକ ଓ ଆଧ୍ୟାତ୍ମିକ ଭାବ ଉଦ୍ରେକ କରିପାରିବ। ଏତେ ପ୍ରକାର ବିଧିବ୍ୟବସ୍ଥା ଭିତରେ ସାତ୍ତ୍ୱିକ ଓ ମାନ୍ତ୍ରିକ ପ୍ରଭାବରେ ପାକ ହେଉଥିବା ଖାଦ୍ୟ ଦେବଯୋଗ୍ୟ ହୁଏ। ତେଣୁ ସାଧାରଣ ମଣିଷ ତାହା ଗ୍ରହଣ କଲେ ତା' ଉପରେ ଏକ ସାତ୍ତ୍ୱିକ ପ୍ରଭାବ ନିଶ୍ଚୟ ସୃଷ୍ଟି ହେଉଥିବ। ଏହି ସିଦ୍ଧ ଅନ୍ନ ସାଧାରଣ ଅନ୍ନଠାରୁ ନିଶ୍ଚୟ ଭିନ୍ନ। ଭକ୍ତି ସହକାରେ ଏହାର ସେବନ କଲେ ପରମ ତୃପ୍ତି ମିଳିବା ସହ ଆଧ୍ୟାତ୍ମିକ ଉତ୍କର୍ଷ ପ୍ରଦାନ କରିଥାଏ।

**ମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିର**
**ମୋ: ୯୪୩୭୨୮୬୫୧୨**

# ପାଠକ ଶ୍ରେଷ୍ଠ ବିଚାରକ

## ବରିଷ୍ଠଙ୍କୁ ଭତ୍ତା ଦିଆଯାଉ

ମହାଶୟ,

ରାଜ୍ୟ ସରକାର ପ୍ରତି ମାସରେ ବରିଷ୍ଠ ନାଗରିକ ଓ ଦୁଃଖୀ ଅସହାୟମାନଙ୍କୁ ସ୍ୱଳ୍ପ ଭତ୍ତା ପ୍ରଦାନ କରୁଛନ୍ତି। ପୁରୀ ଜିଲା ସତ୍ୟବାଦୀ ବ୍ଲକର ୨୪ଟି ପଞ୍ଚାୟତରେ ଏହି ଭତ୍ତା ଟଙ୍କା ପଞ୍ଚାୟତସ୍ତରରେ ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ଜିଲା ପ୍ରଶାସନ ଏହାକୁ ବ୍ୟାଙ୍କିଙ୍ଗ୍ ସ୍ତରରେ ଦେବା ପାଇଁ ସ୍ଥିର କରିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସତ୍ୟବାଦୀ ବ୍ଲକ୍ର ଅଧିକାଂଶ ପଞ୍ଚାୟତର ବୃଦ୍ଧାବୃଦ୍ଧ, ଦୁଃଖୀ ଅସହାୟମାନେ ଗ୍ରାମପଞ୍ଚାୟତ କିମ୍ବା ବ୍ୟାଙ୍କକୁ ଯିବା ପାଇଁ ସମର୍ଥ ହୋଇପାରୁନାହାନ୍ତି। ଏହି ଭତ୍ତାଟଙ୍କା କିପରି ସୁଚାରୁରୂପେ ତାଙ୍କ ପାଖରେ ପହଞ୍ଚାଇହେବ ରାଜ୍ୟ ସରକାର ଜିଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ଗୁରୁତର ସହ ବିଚାରକୁ ନେବା ଦରକାର। ଶ୍ରୀରାମଚନ୍ଦ୍ରପୁର, ସେବକସାହି, କାଦୁଅ, ମଝିସାହି, ବଳପୁର ଗ୍ରାମର ଦୁଃଖୀ ଅସହାୟଙ୍କ ଭତ୍ତା ଟଙ୍କା ବ୍ୟାଙ୍କ ଜମା ଖାତାରେ ରହିଯାଉଛି। ଖବରକାଗଜରେ ପ୍ରତିନିଧିମାନଙ୍କୁ ଅଭିଯୋଗ କଲେ ବି ଏହା ଉପରେ ଖବର ପ୍ରକାଶ ନ ପାଇବା ପ୍ରଶ୍ନବାଚୀ ସୃଷ୍ଟିକରିଛି। ଏହାର ସୁବିଚାର ପାଇଁ ସତ୍ୟବାଦୀ ବିକାଶ ପରିଷଦ ପକ୍ଷରୁ ବରିଷ୍ଠ ନାଗରିକ ସଂଘ ଦାବି ଜଣାଇଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ କରାଯାଉ।

**-ଦେବତିକ୍ତ ମିଶ୍ର, ସତ୍ୟବାଦୀ ବିକାଶ ପରିଷଦ, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜଗତର ଜରାରାଶି
ଫୁଟି ଉଠୁ କୁସୁମ ସମାନ,
ଜାଗି ଉଠୁ କଣ୍ଠେ ମୋର
ତବ ନବ ଗଉରବ ଗାନ।
(ଆସ୍ତିକର ଆକୁତି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଶ୍ରୀମନ୍ଦିର ଗର୍ଭଗୃହ ଯାଞ୍ଚ କଲା ଏଏସ୍ଆଇ

**ପୁରୀ,୨୨।୬(ଅଜିତ ମହାନ୍ତି)**


ଗର୍ଭଗୃହ ଯାଞ୍ଚ କରିବା ପାଇଁ ଏଏସ୍ଆଇ ଟିମ୍ ଶ୍ରୀମନ୍ଦିର ଭିତରକୁ ଯାଉଛନ୍ତି।

- ■ଗର୍ଭଗୃହ, ଜଗମୋହନରେ ଥିବା କଳା ଆସ୍ତରଣ ୱାଶ ହେବ
- ■ରୋଷଶାଳା, ଭୋଗମଣ୍ଡପର ଚଟାଣ ସ୍ଥିତି ଯାଞ୍ଚ ହେବ
- ■ମୂଷା ରୋକିବାକୁ ପିତା ପଦାର୍ଥ, ଜାଲି ଲଗାଯିବ

ପ୍ରତ୍ୟେକ ବର୍ଷ ଶ୍ରୀବିଗ୍ରହମାନେ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ନବଦିନ ଯାତ୍ରାରେ ଶ୍ରୀଗୁଣ୍ଡିଚା ମନ୍ଦିର ଯାଇଥାନ୍ତି। ଏହି ସମୟରେ ଶ୍ରୀମନ୍ଦିର ଗର୍ଭଗୃହ ତଥା ରତ୍ନସିଂହାସନ ଖାଲି ରହିଥାଏ। ତେଣୁ ପ୍ରତ୍ୟେକ ବର୍ଷ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍ଆଇ) ପକ୍ଷରୁ ଗର୍ଭଗୃହ ତଥା ଅନ୍ୟାନ୍ୟ ସ୍ଥାନର ଯାଞ୍ଚ କରାଯାଇ ଆବଶ୍ୟକ ମରାମତି କରାଯାଏ। ଏହି ପରିପ୍ରେକ୍ଷୀରେ ଗୁରୁବାର ଏଏସ୍ଆଇ ସହ ଯୁଗ୍ମ ବୈଷୟିକ କମିଟି ଶ୍ରୀମନ୍ଦିର ଗର୍ଭଗୃହ, ନାଟମଣ୍ଡପ ଓ ବିଭିନ୍ନ ସ୍ଥାନ ଯାଞ୍ଚ କରିଛନ୍ତି। ଗର୍ଭଗୃହରେ ଜମିଥିବା କଳା ଆସ୍ତରଣର କେମିକାଲ ୱାଶିଂ ସହ ପ୍ରଥମ ଓ ଦ୍ୱିତୀୟ ମହଲାର ସଫେଇ ରଥଯାତ୍ରା ମଧ୍ୟରେ ଶେଷ କରାଯିବ। ଅବଶିଷ୍ଟ କାର୍ଯ୍ୟ ରଥଯାତ୍ରା ପରେ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ସେହିପରି ଗର୍ଭ ଗୃହରେ ମୂଷା ଏବଂ ଅସରପାଙ୍କ ଉପଦ୍ରବ କାରଣରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ବିପଦ ରହିଥିବା ନେଇ ସେବାୟତମାନେ ଅଭିଯୋଗ କରିଥିଲେ। ତେଣୁ ଗର୍ଭଗୃହରେ ମୂଷା ଏବଂ ଅସରପାଙ୍କ ଉପଦ୍ରବ କମ୍ କରିବା ପାଇଁ ପିତା ପଦାର୍ଥ ଲଗାଯିବ। ଛୋଟ ବଡ଼ ଫାଙ୍କରେ ଜାଲି ଲଗାଯିବ ବୋଲି ସୂଚନା ମିଳିଛି।

ମହାପ୍ରଭୁ ଏବେ ଆଡ଼ପ ମଣ୍ଡପରେ ଥିବାହେତୁ ଶ୍ରୀମନ୍ଦିର ପ୍ରଶାସନର ପୂର୍ବ ନିଷ୍ପତ୍ତି ଅନୁଯାୟୀ ଗୁରୁବାର ଏଏସ୍ଆଇ, ପୂର୍ତ୍ତ ବିଭାଗ ଓ ଶ୍ରୀମନ୍ଦିର ବୈଷୟିକ କୋର କମିଟି ପକ୍ଷରୁ ଶ୍ରୀମନ୍ଦିରରେ ମିଳିତ ଯାଞ୍ଚ କରାଯାଉଛି। ୨୦ରୁ ଊର୍ଦ୍ଧ୍ୱ ଉଚ୍ଚସ୍ତରୀୟ ବିଶେଷଜ୍ଞ ଟିମ୍ ଶ୍ରୀମନ୍ଦିର ଯାଇ ଜଗମୋହନ, ନାଟମଣ୍ଡପ, ଗର୍ଭଗୃହ, ପ୍ରଥମ ଓ ଦ୍ୱିତୀୟ ମହଲା, ରୋଷ ଘର ଓ ଭୋଗ ମଣ୍ଡପ ଚଟାଣ ଯାଞ୍ଚ କରିଛନ୍ତି। ଗର୍ଭ ଗୃହ ଓ ଜଗମୋହନରେ କଳା ଆସ୍ତରଣ କେତେ ପରିମାଣର ଜମିଛି, କିଭଳି ଏହାର କେମିକାଲ ୱାଶିଂ କରାଯିବ, ଜଗମୋହନରେ ହୋଇଥିବା ଷ୍ଟିଲ ଫ୍ରେମ କାର୍ଯ୍ୟ, ପକେଟଗୁଡ଼ିକର ଅନୁଧ୍ୟାନ ସହ ନାଟ ମଣ୍ଡପ ବିମ୍‌ରେ ସୃଷ୍ଟି ହୋଇଥିବା ଫାଟର ଅନୁଧ୍ୟାନ ପାଇଁ ଲାଗିଥିବା କ୍ରାକ ମିଟରର ରିଡିଂ ଚେକିଂ କରାଯିବ ବୋଲି ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ରୋଷଶାଳା ଓ ଭୋଗ ମଣ୍ଡପ ଚଟାଣରେ ଲାଗିଥିବା ପଥରର ସ୍ଥିତି କିଭଳି ରହିଛି, ତାହାର ପରିବର୍ତ୍ତନ ଆବଶ୍ୟକ କି ନାହିଁ ତାହା ମଧ୍ୟ ଅନୁଧ୍ୟାନ କରାଯିବ। ୭ଦିନ ମଧ୍ୟରେ ଯେଉଁ ସବୁ ରୁଟିନ କାର୍ଯ୍ୟ କରିହେବ, ତାହା କରାଯିବ ବୋଲି ଏଏସ୍ଆଇ ପକ୍ଷରୁ କୁହାଯାଇଛି। ଯେଉଁ କାର୍ଯ୍ୟଗୁଡ଼ିକ ରଥଯାତ୍ରା ପରେ ଆବଶ୍ୟକ ତାହା ଦୀର୍ଘମିଆଦୀ ସୂତ୍ରରେ କରାଯିବ।

ଏ ନେଇ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ବି.ଡି.ଗଡ଼ନାୟକ କହିଥିଲେ, ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମିଳିତ କମିଟି ପକ୍ଷରୁ ଅନୁଧ୍ୟାନ କରାଯାଉଛି। ମହାପ୍ରଭୁ ଯେଉଁ ୬/ ୭ଦିନ ଗୁଣ୍ଡିଚା ମନ୍ଦିରରେ ରହିଛନ୍ତି, ସେହି ସମୟ ମଧ୍ୟରେ ପ୍ରାଥମିକ ଥିବା କାର୍ଯ୍ୟଗୁଡ଼ିକ କରାଯିବ। ଯେଉଁ କାର୍ଯ୍ୟ ଦୀର୍ଘକାଳୀନ କାର୍ଯ୍ୟ ହେବାର ଥିବ, ସେସବୁ କେବେ କରାଯିବ ତାହା ନିଷ୍ପତ୍ତି ନିଆଯିବ। ଶୃଙ୍ଖଳା ଓ ଭଲ ଭାବେ ଯେପରି କାର୍ଯ୍ୟ ହେବ ସେନେଇ ଧ୍ୟାନ ଦିଆଯିବ। ପ୍ରଥମ ମହଲା, ଦ୍ୱିତୀୟ ମହଲା ଯାଞ୍ଚ କରାଯାଇ ୱାଶ କରାଯିବ। ଭକ୍ତମାନେ ଭଲ ଦର୍ଶନ କରିପାରିବେ ତାହା ଉପରେ ଧ୍ୟାନ ଦିଆଯାଉଛି। କଳା ଧୂଆ ଆଚ୍ଛାଦିତ ହୋଇ ରହିଥିବା ସ୍ଥାନକୁ କେମିକାଲ ପକାଯାଇ ୱାଶ କରାଯିବ। ପ୍ରତ୍ୟେକ ବର୍ଷ ଏହି ସମୟରେ ଏହି କଳା ଧୂଆ ଆସ୍ତରଣକୁ ସଫା କରାଯାଇଥାଏ। ତେଣୁ ସେ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ନାଟ ମଣ୍ଡପ, ଗରୁଡ଼ ସ୍ତମ୍ଭ ସମ୍ମୁଖ ଭାଗରେ ଥିବା କ୍ରାକ୍‌ର କାର୍ଯ୍ୟ କରାଯାଇଛି ଆଉ ଯାହା କ୍ରାକ୍ ରହିଛି ତାହା ଅନୁଧ୍ୟାନ କରାଯିବ। ସମସ୍ତ ସ୍ଥାନର ପୁଣିଥରେ ଯାଞ୍ଚ ହେବ। ମୂଷା ଉପଦ୍ରବର ମଧ୍ୟ ସମାଧାନ କରାଯିବ ବୋଲି ଗଡ଼ନାୟକ କହିଛନ୍ତି। ସେହିଭଳି ଯାଞ୍ଚ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ମିଳିତ ଟିମ୍ ପକ୍ଷରୁ ପ୍ରାଥମିକ ଯାଞ୍ଚ କରାଯାଇଛି। ମୂଷାଙ୍କୁ ଯେପରି ପ୍ରତିହତ କରାଯିବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ମୂଷା ପଶୁଥିବା ସ୍ଥାନକୁ ସିଲ୍ କରାଯିବ। ଜୈବ ଜିନିଷ ରଖାଯିବ, ଫଳରେ ମୂଷା ଆସିବେ ନାହିଁ। ପିତା ବା ତିକ୍ତ ଜିନିଷ ହୋଇଥିବାରୁ ମୂଷା ଖାଇଲେ ସେ ସ୍ଥାନରୁ ପଳାଇଯିବ। ଯେଉଁ ସ୍ଥାନରେ ମୂଷା କାଟିବାର ସମ୍ଭାବନା ଥିବ, ସେ ସ୍ଥାନରେ ଜୈବିକ ସ୍ପ୍ରେ ପକାଯିବ। ଅପରପକ୍ଷେ ମିଳିତ କମିଟି ପକ୍ଷରୁ ବିଭିନ୍ନ ସ୍ଥାନ ଯାଞ୍ଚ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ଦାସ କହିଥିଲେ।

## ଯୁକ୍ତ୨ ନାମଲେଖା ପାଇଁ ଆବେଦନ ସଂଖ୍ୟା ବଢ଼ୁଛି

**ଭୁବନେଶ୍ୱର,୨୨।୬(ଅନୁରାଧା ମହାରଣା):** ଯୁକ୍ତ୨ ନାମଲେଖା ପାଇଁ ଆବେଦନକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗତବର୍ଷ ୪ଲକ୍ଷ ୬ ହଜାର ୬୭୬ ଛାତ୍ରୀଛାତ୍ର ଯୁକ୍ତ୨ରେ ନାମ ଲେଖାଇଥିଲେ। ତେବେ ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ଆବେଦନକାରୀଙ୍କ ସଂଖ୍ୟା ଏହାଠାରୁ ଯଥେଷ୍ଟ ଅଧିକ ରହିଛି। ଚଳିତବର୍ଷ ରାଜ୍ୟର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫ଲକ୍ଷ ୧୬ ହଜାର ୬୧୮ ସିଟ୍ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ସମାପ୍ତ ହୋଇ ନ ଥିବାବେଳେ ଗୁରୁବାର ରାତି ୮ଟା ସୁଦ୍ଧା ୪ଲକ୍ଷ ୮୭ ହଜାର ୧୯୧ ଜଣ ପଞ୍ଜୀକରଣ ଏବଂ ୪ଲକ୍ଷ ୫୪ ହଜାର ୨୪୭ ଛାତ୍ରୀଛାତ୍ର ଅନ୍‌ଲାଇନ୍ ଆବେଦନ କରିଛନ୍ତି। ସେହିପରି ୪ ଲକ୍ଷ ୪୯ ହଜାର ୬୦୬ ଜଣ ଅନଲାଇନରେ ଦେୟ ପୈଠ କରିସାରିଛନ୍ତି। ସୂଚନାଯୋଗ୍ୟ, ମେ' ୨୯ରୁ ଜୁନ୍ ୨୦ ତାରିଖ ପର୍ଯ୍ୟନ୍ତ ଆବେଦନ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ଛାତ୍ରୀଛାତ୍ର, ଅଭିଭାବକ ଓ ବିଭିନ୍ନ କଲେଜ କର୍ତ୍ତୃପକ୍ଷଙ୍କ ଅନୁରୋଧ କ୍ରମେ ଆବେଦନ ଅବଧିକୁ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ୨୦ ତାରିଖ ରାତି ୮ଟା ସୁଦ୍ଧା ୪ଲକ୍ଷ ୮୨ହଜାର ୬୨୭ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିବାବେଳେ ୪,୪୯,୫୭୯ ଜଣ ଆବେଦନ କରିଥିଲେ। ସେହିପରି ୪,୪୫,୦୧୩ ଜଣ ଅନଲାଇନରେ ଦେୟ ପୈଠ କରିଛନ୍ତି। ମାତ୍ର ୨ ଦିନ ମଧ୍ୟରେ ପ୍ରାୟ ୪ ହଜାର ୫୦୦ରୁ ଅଧିକ ଛାତ୍ରୀଛାତ୍ର ପଞ୍ଜୀକରଣ କରିଛନ୍ତି। ସେହିପରି ୪ ହଜାର ୬୦୦ରୁ ଅଧିକ ଛାତ୍ରୀଛାତ୍ର ଅନଲାଇନ୍ ଆବେଦନ କରିବା ସହ ଦେୟ ପୈଠ କରିଛନ୍ତି। ଅନ୍ୟପଟେ ଚଳିତବର୍ଷ କେବଳ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଦଶମ ପରୀକ୍ଷାରେ ୫ଲକ୍ଷ ୮ ହଜାର ୪୦୪ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଚଳିତ ବର୍ଷ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ପକ୍ଷରୁ ପରିଚାଳିତ ଦଶମ ପରୀକ୍ଷା ଓ କାଉନସିଲ ଫର୍ ଦ ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏକ୍‌ଜାମିନେଶନ (ସିଆଇଏସ୍‌ସିଇ) ବୋର୍ଡ ପରିଚାଳିତ ଦଶମରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର ଆବେଦନ କରୁଛନ୍ତି। ତେବେ ରାଜ୍ୟର ମୋଟ ୨୧୩୯ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫ ଲକ୍ଷ ୧୬ ହଜାର ୬୧୮ ସିଟ୍ ରହିଛି। ଏଥିମଧ୍ୟରେ କଳାରେ ୨ ଲକ୍ଷ ୮୯ ହଜାର ୬୯୮, ବିଜ୍ଞାନରେ ୧ ଲକ୍ଷ ୫୯ ହଜାର ୪୧୨, ବାଣିଜ୍ୟରେ ୪୪,୩୮୮, ସଂସ୍କୃତରେ ୧୩,୧୦୮ ଏବଂ ଧନ୍ଦାମୂଳକ ଶିକ୍ଷାରେ ୧୦,୦୧୨ ସିଟ୍‌ରେ ନାମଲେଖା ପ୍ରକ୍ରିୟା ହେବ।



ଧ୍ରୁପଦ ମ୍ୟୁଜିକ୍ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ବିଶ୍ୱ ସଙ୍ଗୀତ ଓ ଯୋଗ ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

## ପଦ୍ମଶ୍ରୀ ଗୁଣ୍ଡେଚା ବ୍ରଦର୍ସଙ୍କୁ 'ଓଡ଼ିଶା ଧ୍ରୁପଦ ରତ୍ନ ଜ୍ୟୋତି ସମ୍ମାନ'

**ଭୁବନେଶ୍ୱର,୨୨।୬(ଶର୍ମିଷ୍ଠା ପାଣିଗ୍ରାହୀ)**



କାର୍ଯ୍ୟକ୍ରମରେ ଧ୍ରୁପଦ ଭୋକାଲ ପରିବେଷଣ କରାଯାଉଛି।

ଉତ୍କଳ ରଙ୍ଗମଞ୍ଚରେ 'ଧ୍ରୁପଦ ମ୍ୟୁଜିକ ଫାଉଣ୍ଡେଶନ' ପକ୍ଷରୁ ଆୟୋଜିତ 'ବିଶ୍ୱ ସଙ୍ଗୀତ ଓ ଯୋଗ ଦିବସର ଷଷ୍ଠ ସଂସ୍କରଣ' ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ମୁକୁନ୍ଦଦେବ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ 'ସମ୍ବାଦ'ର ସମ୍ପାଦକ ତଥା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ଅତିଥି ଭାବେ ପ୍ରଖ୍ୟାତ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ଶ୍ୟାମାମଣି ଦେବୀ, ପଣ୍ଡିତ ଉମାକାନ୍ତ ଗୁଣ୍ଡେଚା, ଡ. ସରୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମଧ୍ୟପ୍ରଦେଶର ପଦ୍ମଶ୍ରୀ ଗୁଣ୍ଡେଚା ବ୍ରଦର୍ସଙ୍କୁ ଚଳିତବର୍ଷର 'ଓଡ଼ିଶା ଧ୍ରୁପଦ ରତ୍ନ ଜ୍ୟୋତି ସମ୍ମାନ' ପ୍ରଦାନ କରାଯାଇଥିଲା। ହାଇଦ୍ରାବାଦର ଅର୍ଣ୍ଣବ ଚଘାଣ୍ଟି, ପଞ୍ଜାବର ଶ୍ରେୟାଂଶୀ ପାୱା ଏବଂ ମଧ୍ୟପ୍ରଦେଶର ବିନି ଗୁପ୍ତାଙ୍କୁ 'ଶିଶୁ ଧ୍ରୁପଦ ଗୀତିକାର ସମ୍ମାନ', ସୂର୍ଯ୍ୟମଣି ପାଣିଙ୍କୁ ଧ୍ରୁପଦ ମ୍ୟୁଜିକ ଫାଉଣ୍ଡେଶନ ବୃତ୍ତି ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରଥମେ ଦ୍ୱୈତ ଭାବେ ଧ୍ରୁପଦ ଭୋକାଲ ପରିବେଷଣ କରିଥିଲେ କୋଲକାତାର ଅଭିଷେକ ଦତ୍ତ ଏବଂ ଓଡ଼ିଶାର ସୂର୍ଯ୍ୟନାରାୟଣ ପାଣି। ଏହାପରେ ପଦ୍ମଶ୍ରୀ ଉମାକାନ୍ତ ଗୁଣ୍ଡେଚା ଏବଂ ଅନନ୍ତ ରମାକାନ୍ତ ଗୁଣ୍ଡେଚା ଧ୍ରୁପଦ ଭୋକାଲ ପରିବେଷଣ କରିଥିଲେ। ଅଖିଳେଶ ଗୁଣ୍ଡେଚା ପଖଜ ବାଦନ କରିଥିଲେ। ଡ. ଶ୍ରେୟା ପାୱା ଏବଂ ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।

**ହାଇକୋର୍ଟରେ ନକଲି ଡାକ୍ତର ଚିହ୍ନଟ ମାମଲା**

## ରିପୋର୍ଟ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ

**କଟକ,୨୨।୬ (କାର୍ତ୍ତିକ ସାହୁ)**

ରାଜ୍ୟରେ ନକଲି ଡାକ୍ତରଙ୍କୁ ଚିହ୍ନଟ ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଛି। ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରି ଏ ସଂକ୍ରାନ୍ତରେ ଏକ ରିପୋର୍ଟ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଦାଖଲ ହୋଇଥିବା ସତ୍ୟପାଠ ଉପରେ ରାଜ୍ୟ ସରକାର କି' ପଦକ୍ଷେପ ନେଇଛନ୍ତି ଓ ନକଲି ଡାକ୍ତରଙ୍କୁ ଚିହ୍ନଟ କରିବା ଲାଗି କ'ଣ ବ୍ୟବସ୍ଥା ରହିଛି ସେନେଇ ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟ ୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, ରାଜ୍ୟରେ ନକଲି ଡାକ୍ତର ଚିହ୍ନଟ ନେଇ ହାଇକୋର୍ଟରେ ରୁଜୁ ମାମଲାରେ ରାଜ୍ୟ ସରକାର ଜଣେ ଆମିକସ୍‌କ୍ୟୁରି ନିଯୁକ୍ତି କରିଥିଲେ। ଆମିକସ୍ କ୍ୟୁରିଙ୍କ ରିପୋର୍ଟ ଆଧାରରେ ନକଲି ଡାକ୍ତର ଚିହ୍ନଟ ହୋଇଥିବା ବ୍ୟବସ୍ଥା ଉପରେ ସତ୍ୟପାଠ ଦାଖଲ ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଗୌତମ ମିଶ୍ର ମାମଲା ପରିଚାଳନା କରୁଛନ୍ତି।

# ରାଜ୍ୟରେ ୫୦୮୬ ପିଲା ଅଧାରୁ ପାଠଛାଡ଼ିଛନ୍ତି

**ଭୁବନେଶ୍ୱର,୨୨।୬ (ଅନୁରାଧା ମହାରଣା)**

**ସ୍କୁଲକୁ ଫେରାଇ ଆଣିବା ଲାଗି ଜିଲାପାଳମାନଙ୍କୁ ଚିଠି**

ଓଡ଼ିଶାରେ ସ୍କୁଲ୍ ଡ୍ରପ୍ ଆଉଟ ପିଲାଙ୍କ ପରିସଂଖ୍ୟାନ ପ୍ରତିବର୍ଷ ବଢ଼ୁଛି। ବର୍ତ୍ତମାନ ଜାତୀୟ ହାର ୧୨ ପ୍ରତିଶତରୁ ଅଧିକ ରହିଥିବାବେଳେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୧୮ହଜାର ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିଲେ। ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ବିଭାଗ ଦ୍ୱାରା କରାଯାଇଥିବା ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ସର୍ଭେରେ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୫୦୮୬ ଜଣ ପିଲା ସ୍କୁଲ ଆସୁ ନ ଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। କେନ୍ଦ୍ର ସରକାରଙ୍କ ରିପୋର୍ଟ ପରେ ଓଡ଼ିଶା ସ୍କୁଲ ଶିକ୍ଷା ପ୍ରାଧିକରଣ (ଓସେପା) ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା ରାଜ୍ୟର ସମସ୍ତ ଜିଲାପାଳମାନଙ୍କୁ ଚିଠି ଲେଖିଛନ୍ତି। ଡ୍ରପଆଉଟ ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଥାଉକି, କେନ୍ଦ୍ର ସାମାଜିକ ନ୍ୟାୟ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ଅନ୍ତର୍ଗତ ଦେଶର ୩୯୮ଟି ଜିଲାର ୫୧୧୮ଟି ଗ୍ରାମରେ ସର୍ଭେ କରାଯାଇଥିଲା। ଏହି ସର୍ଭେରେ ୧.୮୩ ଲକ୍ଷ ପିଲା ଅଧାରୁ ପାଠଛାଡ଼ିଥିବା ନେଇ ତଥ୍ୟ ପ୍ରକାଶ ପାଇଥିଲା। ସେଥିମଧ୍ୟରୁ ଓଡ଼ିଶାର ୭ହଜାର ୬୮୨ ଡ୍ରପ ଆଉଟ ପିଲାଙ୍କ ମଧ୍ୟରୁ ୨୫୯୬ ପିଲା ସ୍କୁଲକୁ ଫେରିଥିବାବେଳେ ୫୦୮୬ଜଣ ସ୍କୁଲ ଆସୁ ନ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ପ୍ରାଥମିକ ଶ୍ରେଣୀରେ ୨ହଜାର ୨୯୯ ପିଲା ଅଧାରୁ ପାଠ ଛାଡ଼ିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରୁ ୭୯୭ ପିଲା ସ୍କୁଲ ଫେରିଛନ୍ତି। ତଥାପି ବର୍ତ୍ତମାନ ସୁଦ୍ଧା ୩୦ ଜିଲାରୁ ୧୫୦୨ ଜଣ ପିଲା ସ୍କୁଲ ଆସୁନାହାନ୍ତି। ସେହିଭଳି ଅପର-ପ୍ରାଇମେରୀ ବା ୬ଷ୍ଠରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୭୮୦ ପିଲା, ନବମରୁ ଦଶମ ଶ୍ରେଣୀ ମଧ୍ୟରେ ୯୬୫ଜଣ ଏବଂ ଉଚ୍ଚ ମାଧ୍ୟମିକ ବା ଯୁକ୍ତ ୨ରେ ୧୮୩୯ ପିଲା ସ୍କୁଲ ଆସୁ ନ ଥିବା ତଥ୍ୟ ପ୍ରକାଶ ପାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ରିପୋର୍ଟ ପ୍ରକାଶ ପାଇବା ପରେ ଓସେପା ପକ୍ଷରୁ ଜିଲାପାଳ ଏବଂ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଡ୍ରପ୍‌ଆଉଟ ପିଲାଙ୍କ ସମସ୍ୟା ସମାଧାନ କରି ତୁରନ୍ତ ସ୍କୁଲ ଫେରାଇ ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।




**ପୁରୀ:** ଆଡ଼ପମଣ୍ଡପ ବିଜେ ଅବସରରେ ଗୁରୁବାର ଶ୍ରୀ ମଦନମୋହନ, ଶ୍ରୀରାମକୃଷ୍ଣ ଏବଂ ଶ୍ରୀସୁଦର୍ଶନଙ୍କୁ ସେବାୟତମାନେ ଗୋଟି ପହଣ୍ଡିରେ ଗୁଣ୍ଡିଚା ମନ୍ଦିରକୁ ବିଜେ କରୁଛନ୍ତି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମାମାଲି


@ କୃଷ୍ଣ


@ ପ୍ରଜ୍ଞା


@ ପ୍ରତାପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜିଠୁ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଯାଞ୍ଚ କଡ଼ାକଡ଼ି

**ଭୁବନେଶ୍ୱର, ୨୨।୬ (ସତ୍ୟଜିତ୍ ରାଉତ)**

**କଟିବ ଇ-ଚାଲାଣ**

ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇ ନ ଥିଲେ ଚାଳକ ତଣ୍ଡ ଗଣିବେ। ଜୁନ୍ ୨୩ ଅର୍ଥାତ ଶୁକ୍ରବାରଠାରୁ ଏନେଇ ସ୍ପେଶାଲ ଡ୍ରାଇଭ୍ ଆରମ୍ଭ ହେବା ସହ ନିୟମ ପାଳନ କରୁ ନ ଥିବା ଗାଡ଼ି ଚାଳକଙ୍କଠାରୁ ଇ-ଚାଲାଣ କଟାଯିବ। ଏନେଇ ଗତ ଜୁନ୍ ୮ରେ ଅତିରିକ୍ତ ଟ୍ରାନ୍ସପୋର୍ଟ କମିଶନର୍ ଏବଂ ଏନଫୋର୍ସମେଣ୍ଟ (ସଡ଼କ ସୁରକ୍ଷା) ଲାଲମୋହନ ସେଠୀ ଏକ ଭିଡିଓ ଜାରି କରି ସୂଚନା ଦେଇଥିଲେ। ତେବେ ସେହି ଅନୁଯାୟୀ ଶୁକ୍ରବାରଠାରୁ ଏହି ଯାଞ୍ଚ ଅଧିକ କଡ଼ାକଡ଼ି କରାଯିବ ବୋଲି ସୂଚନା ମିଳିଛି। ଅତିରିକ୍ତ ଟ୍ରାନ୍ସପୋର୍ଟ କମିଶନର୍ ସେଠୀ କହିଥିଲେ, ନିୟମ ପାଳନ କରୁ ନ ଥିବା ଗାଡ଼ି ଚାଳକଙ୍କଠାରୁ ଇ-ଚାଲାଣ କଟାଯାଇ ୫ ହଜାର କିମ୍ବା ୧୦ ହଜାର ଜରିମାନା ହେବ। ଯଦି ଗୋଟିଏ ଗାଡ଼ି ପ୍ରଥମ ଥର ଲାଗି ଧରାପଡ଼େ ତାକୁ ୫ ହଜାର ଟଙ୍କା ଜରିମାନା କରାଯିବ। ଦ୍ୱିତୀୟ ଥର ଲାଗି ସେହି ଗାଡ଼ି ଧରାପଡ଼ିଲେ ତାକୁ ୧୦ ହଜାର ଟଙ୍କାର ଜରିମାନା ଦେବାକୁ ପଡିବ ବୋଲି ସେ କହିଥିଲେ। ଓଡ଼ିଶା ରେଜିଷ୍ଟ୍ରେସନ୍ ମାର୍କ ଥିବା ତଥା ୨୦୧୯ ଏପ୍ରିଲ ପହିଲା ପୂର୍ବରୁ ପଞ୍ଜୀକୃତ ହୋଇଥିବା ପୁରୁଣା ଯାନରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ୍ ପ୍ଲେଟ୍ (ଏଚଏସ୍ଆର୍‌ପି) ଲଗାଇବାକୁ କୁହାଯାଇଥିଲା। ଏହାର ଅବଧି ଚଳିତ ବର୍ଷ ଫେବୃୟାରୀ ୨୮ରୁ ଶେଷ ହୋଇସାରିଛି। ତେବେ ଏ ନେଇ ଅଧିକ ସୂଚନା ପାଇଁ ସେଠୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ।

## କୁଆଖାଇ ନଦୀରୁ ଗଳିତ ମୃତଦେହ ଜବତ: ହତ୍ୟା ସନ୍ଦେହ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): କୁଆଖାଇ ନଦୀରୁ ଗୁରୁବାର ଅପରାହ୍ନରେ ବାଲିଅନ୍ତା ଅଗ୍ନିଶମ ଟିମ୍ ଏକ ଗଳିତ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ବୟସ ପାଖାପାଖି ୩୫ରୁ ୪୦ ହେବ। ତେବେ ତାଙ୍କୁ କେହି ହତ୍ୟା କରିବା ପରେ ପାଣିରେ ଫିଙ୍ଗି ଦେଇଥିବା ଚର୍ଚ୍ଚା ହେଉଛି। ଖବର ପାଇ ବଡ଼ଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖିଛି। ମୃତକଙ୍କ ପରିଚୟ ଜାଣିବାକୁ ଉଦ୍ୟମ ଚଳାଇଛି ପୋଲିସ।

## ମଞ୍ଚେଶ୍ୱରରେ ଜଳିଗଲା ୩ କ୍ୟାବିନ୍

- ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ
- ଶର୍ଟସର୍କିଟ୍ ସନ୍ଦେହ, ଗୋଟିଏ କ୍ୟାବିନ୍‌ରୁ ବ୍ୟାପିଲା ନିଆଁ
- ନିଆଁ ଆୟତ୍ତ କଲା ଅଗ୍ନିଶମ ଟିମ୍




**ଭୁବନେଶ୍ୱର,୨୨।୬(ସତ୍ୟଜିତ୍ ରାଉତ):** ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଆହାର କେନ୍ଦ୍ର ନିକଟରେ ଗୁରୁବାର ଅଗ୍ନିକାଣ୍ଡ ଘଟି ୩ଟି କ୍ୟାବିନ୍ ଜଳିଯାଇଛି। ତେବେ ଗୋଟିଏ କ୍ୟାବିନ୍ ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ଅନ୍ୟ ଦୁଇଟି ଆଂଶିକ ପୋଡ଼ିଯାଇଛି। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଶଟ୍‌ସର୍କିଟ୍ ଯୋଗୁ ନିଆଁ ଲାଗିଥିବା ନେଇ ସନ୍ଦେହ କରାଯାଉଛି ବୋଲି ଡେପୁଟି ଫାୟାର ଅଫିସର ଅବନୀ ସ୍ୱାଇଁ ସୂଚନା ଦେଇଛନ୍ତି। ଅପରାହ୍ନ ପ୍ରାୟ ୧ଟାରେ ରମେଶ ଚନ୍ଦ୍ର ଦାଶଙ୍କ ଏକ ଖାଲି କ୍ୟାବିନ୍‌ରେ ନିଆଁ ଲାଗିଯାଇଥିଲା। ଦେଖୁ ଦେଖୁ କ୍ୟାବିନ୍‌ଟି ଜଳିବାକୁ ଲାଗିଥିଲା। ପାଖରେ ଥିବା ଗ୍ୟାରେଜ ଓ ସାଲୁନ୍ ହୋଇଥିବା ଦୁଇଟି କ୍ୟାବିନ୍‌କୁ ମଧ ନିଆଁ ବ୍ୟାପିଯାଇଥିଲା। ସାଲୁନ୍‌ର ପଛପଟ ଝରକାରେ ନିଆଁ ଆସି ବହୁ ସାମଗ୍ରୀ ଜଳିଯାଇଥିଲା। ସେହିପରି ଗ୍ୟାରେଜ୍‌ର ପଛପଟୁ ନିଆଁ ଲାଗି ଜଳିବାକୁ ଲାଗିଥିଲା। ସେଥିରେ ଥିବା ୧୬ ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ିଯାଇଥିବା ଗ୍ୟାରେଜ ମାଲିକ ସାଧୁ ବିଶ୍ୱାଳ କହିଛନ୍ତି। ଏହି ସମୟରେ କ୍ୟାବିନଗୁଡ଼ିକ ବନ୍ଦ ଥିଲା। ଏନେଇ ଖବର ଦିଆଯିବା ପରେ ମଞ୍ଚେଶ୍ୱର ଫାୟାର ଷ୍ଟେଶନ ଟିମ୍ ପହଞ୍ଚି ପ୍ରାୟ ୩୦ ମିନିଟ୍ ମଧରେ ନିଆଁ ଆୟତ୍ତ କରିବାକୁ ସକ୍ଷମ ହୋଇଥିଲା। ତେବେ ଗ୍ୟାରେଜ୍ ମାଲିକ ଏଥିପାଇଁ କ୍ଷତିପୂରଣ ଦାବି କରିଛନ୍ତି।

# ଭୁବନେଶ୍ୱରରେ ୯୨.୬ ମି.ମି. ବର୍ଷା

## ତଳି ଅଞ୍ଚଳ ଲୋକଙ୍କ ଘରେ ପାଣି ପଶିଲା

ଭୁବନେଶ୍ୱର,୨୨।୬
(ଅନୁରାଧା ମହାରଣା)

ପ୍ରାକ୍ ମୌସୁମୀ ପ୍ରଭାବରେ ଗୁରୁବାର ରାଜଧାନୀ ଭୁବନେଶ୍ୱରରେ ପ୍ରବଳ ବର୍ଷା ହୋଇଛି। ପୂର୍ବାହ୍ନ ପ୍ରାୟ ୧୧ଟା ବେଳକୁ ଆକାଶରେ କଳାହାଣ୍ଡିଆ ମେଘ ଘୋଟିଆସିଥିଲା। ପରେ ବିଜୁଳି ଓ ଘଡ଼ଘଡ଼ି ମାରି ପ୍ରାୟ ୨ଘଣ୍ଟା ଧରି ପ୍ରବଳ ବର୍ଷା ହୋଇଥିଲା। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ସ୍କୁଲ, କଲେଜ ଯିବା ଓ ଫେରିବାରେ ଛାତ୍ରୀଛାତ୍ରମାନେ ହଇରାଣ ହୋଇଥିଲେ। ବିଭିନ୍ନ ସ୍ଥାନରେ ଲୋକେ ଅଟକି ରହିଥିଲେ। ଭୁବନେଶ୍ୱରରେ ୯୨.୬ ମିମି ବର୍ଷା ହୋଇଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ବର୍ଷା ହେବା ଦ୍ୱାରା ତାତିରୁ ସାମୟିକ ଆଶ୍ୱସ୍ତି ମିଳିଛି। ତେବେ କେତେକ ସ୍ଥାନରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଥିଲା। ପଳାଶୁଣି, ଖଣ୍ଡଗିରି, ରସୁଲଗଡ଼, ସାମନ୍ତରାୟପୁର, ୟୁନିଟ-୬, ପଟିଆ ଓ ଚନ୍ଦ୍ରଶେଖରପୁର ଆଦି ଅଞ୍ଚଳ ଜଳମଗ୍ନ ହୋଇଥିଲା। ଜୟଦେବ ବିହାର, ପୁରୁଣା ଭୁବନେଶ୍ୱର, ବମିଖାଲ ରୋଡ୍, ଇସ୍କନ ମନ୍ଦିର ସମ୍ମୁଖ ରାସ୍ତା ସମେତ ସହରର ବିଭିନ୍ନ ସ୍ଥାନରେ ପାଣି ଜମି ରହିବାରୁ ଜନସାଧାରଣଙ୍କ ଯାତାୟାତ ଓ ଗାଡ଼ି ଚଳାଚଳରେ କିଛି ସମୟ ପାଇଁ ସମସ୍ୟା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ସେହିପରି ଉଠାବ୍ୟବସାୟୀମାନଙ୍କ ବ୍ୟବସାୟ ପ୍ରଭାବିତ ହୋଇଥିଲା। ତଳି ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶିଥିଲା। ବିଶେଷକରି ବସ୍ତି ଅଞ୍ଚଳରେ ଲୋକଙ୍କ ଘରେ ପଙ୍କଭର୍ତ୍ତି ଡ୍ରେନ ପାଣି ପ୍ରବେଶ କରିଥିଲା। ମୁଖ୍ୟ ରାସ୍ତାରେ ପାଣି ଜମିବା କାରଣରୁ ଗାଡ଼ି ଯାତାୟାତରେ ସମସ୍ୟା ହୋଇଥିଲା। ଅନ୍ୟପଟେ ଡ୍ରେନରେ ସ୍ଲାବ୍ ନପଡ଼ିବା ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଗତ ଦିନରେ ଡ୍ରେନରେ ପିଲା ଭାସିଯାଇ ପ୍ରାଣ ହରାଇଥିବାର ନଜିର ରହିଥିବାବେଳେ ବହୁ ନାଳ ଏବେ ମଧ ମୁକୁଳା ପଡ଼ିଛି। ତେଣୁ ଏଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି। ଡ୍ରେନ ପାଣି, ସ୍ୱେରେଜ ପାଣି ଓ ବର୍ଷା ପାଣି ସବୁକିଛି ଏକାକାର ହୋଇଥିବାରୁ ଏବେ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବା ଆଶଙ୍କା ପ୍ରକାଶ ପାଇଛି।



ପ୍ରଥମ ମୌସୁମୀ ବର୍ଷାରେ ସହରର କେଉଁ କେଉଁ ସ୍ଥାନରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଛି, ତାହାର ତଦାରଖ କରାଯାଉଛି। ବିଏମ୍‌ସି ଇଞ୍ଜିନିୟରିଂ ଟିମ୍ ସହ ଆମେ ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ଦେଖିଛୁ। ଏପରି ଜଳବନ୍ଦୀ ସମସ୍ୟା ଅନ୍ୟ ସ୍ଥାନରେ ନାହିଁ। ଯେଉଁ ସ୍ଥାନରେ ନିର୍ମାଣ କାମ ଚାଲିଛି ସେହି ସ୍ଥାନରେ ଜଳବନ୍ଦୀ ସମସ୍ୟା ହୋଇଛି। ନିର୍ମାଣ କାର୍ଯ୍ୟ ସରିଗଲେ ଏହି ସମସ୍ୟା ହେବ ନାହିଁ। ସହରର ଡ୍ରେନ୍‌ଗୁଡ଼ିକର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ୨୫ ତାରିଖ ମଧରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ତଥାପି ଯଦି କୌଣସି ସ୍ଥାନରେ ପାଣି ଜମେ, ସେଥିପାଇଁ ମଧ ବିଏମ୍‌ସି ସଜାଗ ଅଛି। ମୋଟରପମ୍ପ ଲଗାଯାଇ ପାଣି ଛାଡ଼ିବାର ବ୍ୟବସ୍ଥା କରାଯିବ। ତେବେ ଏପରି ସମସ୍ୟା ଯେପରି ନହୁଏ ସେଦିଗରେ ଆମେ କାମ କରୁଛୁ। **- ସୁଲୋଚନା ଦାସ, ମେୟର**



ଭୁବନେଶ୍ୱର ରାଜମହଲ ଛକରେ ଗୁରୁବାର ପ୍ରବଳ ବର୍ଷାର ଦୃଶ୍ୟ।



ରାଜଧାନୀରେ ପ୍ରବଳ ବର୍ଷାରେ ଜଣେ ମହିଳା ଛତା ଧରି ରାସ୍ତା ପାର ହେଉଛନ୍ତି।



ବମିଖାଲ ରୋଡ୍‌ରେ ରାସ୍ତା ଉପରେ ପାଣି ଜମି ରହିଛି।

## ବାପ-ପୁଅଙ୍କ ସମେତ ୩ ଗିରଫ

### କର୍ପୋରେଟରଙ୍କୁ ଆକ୍ରମଣ ଘଟଣା

ଭୁବନେଶ୍ୱର,୨୨।୬
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ମହାନଗର ନିଗମ ଅଧୀନ ୨୦ ନମ୍ବର ୱାର୍ଡର କର୍ପୋରେଟର ପ୍ରେମାନନ୍ଦ ଜେନାଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ମୈତ୍ରୀବିହାର ଥାନା ପୋଲିସ ଗୁରୁବାର ବାପ ଓ ପୁଅଙ୍କ ସମେତ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅଞ୍ଚଳରେ ରହୁଥିବା ନୟାଗଡ଼ର ଟିଟୁ ପ୍ରଧାନ, ଅଶାନ୍ତ ଦାସ ଏବଂ ରାମ ଦାସ।

ସୂଚନାନୁସାରେ, ଆକ୍ରମଣର ଶିକାର କର୍ପୋରେଟର ଜେନା ଘଟଣା ଦିନ ରାତିରେ ଘରକୁ ଫେରିବା ବେଳେ ରାସ୍ତାରେ ତିନିଜଣ ଅଭିଯୁକ୍ତ ଏବଂ ସେମାନଙ୍କ ସହଯୋଗୀମାନେ ତାଙ୍କୁ ଅଟକାଇ ଠେଙ୍ଗା ଓ ଲୁହା ରଡ୍‌ରେ ମରଣାନ୍ତକ ଆକ୍ରମଣ କରିଥିଲେ। ଖବର ପାଇ ତାଙ୍କ ପୁଅ ସମ୍ପିତ ତାଙ୍କର କେତେଜଣ ବନ୍ଧୁଙ୍କ ସହିତ ପହଞ୍ଚି ବାପାଙ୍କୁ ରକ୍ଷା କରିବା ପାଇଁ ଚେଷ୍ଟା କରୁଥିବାବେଳେ ଅଭିଯୁକ୍ତମାନେ ସେମାନଙ୍କୁ ମଧ ଆକ୍ରମଣ କରିଥିଲେ। ଫଳରେ କର୍ପୋରେଟର ଗୁରୁତର ଆହତ ହୋଇଥିଲେ। ଥାନାରେ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ. ୨୦୫/୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା।

## 'ନିଶାମୁକ୍ତ ଜୀବନ ଦୀର୍ଘାୟୁ କରେ'

**ବାଲିପାଟଣା,୨୨।୬(ଅଭିମନ୍ୟୁ ନାୟକ):** ଯୋଗ, ନିରାମିଷ ଓ ନିଶାମୁକ୍ତ ଜୀବନ ହିଁ ମଣିଷକୁ ଦୀର୍ଘାୟୁ କରେ ବୋଲି ଏକ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି କହିଛନ୍ତି। ବରିଷ୍ଠ ପୂର୍ବତନ ପ୍ରଧାନ ଶିକ୍ଷକ କୃତ୍ତିବାସ ପାଣିଗ୍ରାହୀ କହିଥିଲେ, ସମସ୍ତେ ନିଷ୍ଠାର ସହିତ ନିରାମୟ ଜୀବନଯାପନ କଲେ ଦୀର୍ଘାୟୁ ହେବ। ବରିଷ୍ଠମାନେ ସମାଜକୁ ଶୃଙ୍ଖଳିତ ଭାବେ ଆଗକୁ ନେଇପାରିବେ। ଅଞ୍ଚଳର ସମସ୍ୟା ସହିତ ସେମାନେ ଓତପ୍ରୋତ ଭାବେ ଜଡିତ। ନିଜ ଅଞ୍ଚଳର ସମସ୍ୟା ସମାଧାନ ସେମାନଙ୍କ ତତ୍ତ୍ୱାବଧାନରେ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ବିଧାୟକ ଢାଲି ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଉତ୍ତରୀୟ ପ୍ରଦାନ ସମ୍ମାନିତ କରିଥିଲେ।

# ଗୋପନ ରହୁନି ପୁରସ୍କାର ସମ୍ପର୍କିତ ତଥ୍ୟ

### ସାମାଜିକ ଗଣମାଧ୍ୟମରେ ଫକୀରମୋହନ ଭାଷା ସମ୍ମାନ ବିଚାରକ ତାଲିକା

**ଭୁବନେଶ୍ୱର,୨୨।୬(ଶର୍ମିଷ୍ଠା ପାଣିଗ୍ରାହୀ)**

ପୁଣି ଥରେ ସାମାଜିକ ଗଣମାଧ୍ୟମରେ ପୁରସ୍କାର ସମ୍ପର୍କିତ ସୂଚନା ପ୍ରକାଶ ପାଇଛି। ମଙ୍ଗଳବାର କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ପୁରସ୍କାର ବିଜେତାଙ୍କ ନାମ ସହ ବିଚାରକମଣ୍ଡଳୀଙ୍କ ନାମ ଫେସ୍‌ବୁକ୍‌ରେ ପୋଷ୍ଟ ହୋଇଥିଲା। ଗୁରୁବାର ପୁଣି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରଦତ୍ତ ବ୍ୟାସ କବି ଫକୀରମୋହନ ଭାଷା ସମ୍ମାନ ୨୦୨୧ର ବିଚାରକମଣ୍ଡଳୀଙ୍କ ନାମ ପ୍ରକାଶ ପାଇଛି। ଶ୍ରୀନିବାସ ମିଶ୍ର, ପ୍ରଫେସର ବିଷ୍ଣୁପ୍ରିୟା ଓତା ଓ ପ୍ରଫେସର ପଞ୍ଚାନନ ମହାନ୍ତି ବିଚାରକ ଥିବା ନେଇ ପୋଷ୍ଟରେ ଉଲ୍ଲେଖ କରାଯାଇଛି। ଏଥିସହ ଏହି ତାଲିକା ବାତିଲ ହେବା ନେଇ ମଧ ଲେଖାଯାଇଛି। ବାରମ୍ବାର ଏଭଳି ହେବା ଦ୍ୱାରା ସମ୍ମାନ ତଥା ପୁରସ୍କାର ପ୍ରତି ଏହା ଏକ ଖରାପ ସୂଚନା ଦେଉଛି ଏବଂ ପୁରସ୍କାର ସମ୍ପର୍କିତ ତଥ୍ୟ ଗୋପନ ରହୁନି ବୋଲି ସାହିତ୍ୟିକମାନେ କହିଛନ୍ତି। ଏ ନେଇ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ କହିଛନ୍ତି, ଫେସ୍‌ବୁକ୍‌ରେ ପ୍ରକାଶ ପାଉଥିବା ପୋଷ୍ଟଗୁଡ଼ିକ ଅର୍ଦ୍ଧସତ୍ୟ ଅଟେ। କେହି ବିଚାରକ କଥା ପ୍ରସଙ୍ଗରେ କାହାକୁ କହି ଦେଇଥିବେ। ସେ କଥାକୁ ଫେସ୍‌ବୁକ୍‌ରେ ପୋଷ୍ଟ କରାଯାଇ ଅଯଥା ଗୁଜବ ସୃଷ୍ଟି ହେଉଛି। ଏଭଳି ଘଟଣା ପୁରସ୍କାର ବା ସମ୍ମାନ ଉପରେ କୌଣସି ପ୍ରଭାବ ପକାଉଥିବ, ସେ ଭାବୁନାହାନ୍ତି ବୋଲି କହିଛନ୍ତି।

ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପୂର୍ବତନ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଛନ୍ତି, ପୁରସ୍କାର ସବୁବେଳେ ଦୀର୍ଘବର୍ଷର ଅଭିଜ୍ଞତା ଓ ଉପଯୁକ୍ତ ଥିବା ଲୋକଙ୍କୁ ଦିଆଯିବା ଉଚିତ୍। ବିଚାରକମଣ୍ଡଳୀ ମଧ ଅଭିଜ୍ଞ ତଥା ବୟୋଜ୍ୟେଷ୍ଠ ରହିବା ଆବଶ୍ୟକ। ଯେଉଁମାନେ କି ସାହିତ୍ୟ, ସଂସ୍କୃତି ସହ ଦୀର୍ଘ ଦିନ ଧରି ଜଡ଼ିତ ଥିବେ। ପୁରସ୍କାର ପାଉଥିବା ବିଜେତାଙ୍କ ନାମ ଓ ବିଚାରକମଣ୍ଡଳୀଙ୍କ ନାମ ସମ୍ପୂର୍ଣ୍ଣ ଗୋପନ ରହିବା ଉଚିତ୍। ଯଦି ଏହା ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଉଛି ଏ ନେଇ ସେ ଅନୁଷ୍ଠାନ ଦାୟୀ ରହିବା ସହ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ଉପରେ ମଧ କାର୍ଯ୍ୟାନୁଷ୍ଠାନ ହେବା ଉଚିତ୍। ଅନ୍ୟପକ୍ଷେ ପ୍ରଫେସର ବିଷ୍ଣୁପ୍ରିୟା ଓତା କହିଛନ୍ତି, କୌଣସି ପୁରସ୍କାର ସମ୍ପର୍କିତ ସୂଚନା ଗୋପନୀୟ ରହିବା ଉଚିତ୍। ଫେସ୍‌ବୁକ୍‌ରେ ଏଭଳି ପୋଷ୍ଟ ଗ୍ରହଣୀୟ ନୁହେଁ। ଯେ କେହି ବି ଏଭଳି କରୁଛନ୍ତି ସେମାନେ ଏଥିରୁ ନିବୃତ୍ତ ରହିବା ଆବଶ୍ୟକ।

## ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି

ଭୁବନେଶ୍ୱର,୨୨।୬
(ଅନୁରାଧା ମହାରଣା)

ରାଜ୍ୟ ସରକାରଙ୍କ ବିଭିନ୍ନ ଦପ୍ତରରେ ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ନେଇ ରାଜ୍ୟ ମହାସଂଘ ପକ୍ଷରୁ ଦାବି ହୋଇଆସୁଛି। ମାତ୍ର ଦାବିପୂରଣ ନ ହେବାରୁ ଶୁକ୍ରବାର ରାଜ୍ୟର ସମସ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ। ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳମାନଙ୍କୁ ଦାବିପତ୍ର ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି କ୍ରମରେ ସ୍ଥାନୀୟ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ପ୍ରଦର୍ଶନ କରାଯିବ। ଏକ ସପ୍ତାହ ମଧ୍ୟରେ ଦାବି ପୂରଣ ନ ହେଲେ ଆସନ୍ତା ମାସରେ କାର୍ଯ୍ୟ ବନ୍ଦ ସହ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବ ବୋଲି ଆଉଟ ସୋର୍ସିଙ୍ଗ କର୍ମଚାରୀ ମହାସଂଘର ଉପଦେଷ୍ଟା ପ୍ରଭାତ ମହାନ୍ତି ଓ ସଭାପତି ସଞ୍ଜୟ ପଟ୍ଟନାୟକ ଚେତାବନୀ ଦେଇଛନ୍ତି।

# ସାଇ ଇଣ୍ଟରନ୍ୟାଶନାଲରେ ଯୋଗ ଦିବସ



ସାଇ ଇଣ୍ଟରନ୍ୟାଶନାଲ ପରିସରରେ ଆୟୋଜିତ ଯୋଗଭ୍ୟାସ।

ଭୁବନେଶ୍ୱର,୨୨।୬
(ଅନୁରାଧା ମହାରଣା)

ସାଇ ଇଣ୍ଟରନ୍ୟାଶନାଲ ଗ୍ରୁପ୍‌ର ସାଇ ଆଙ୍ଗନ, ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ଏବଂ ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ୍ ସ୍କୁଲରେ ବୁଧବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାର ଯୋଗାସନ କରିଥିଲେ। ସ୍କୁଲର ଯୋଗଗୁରୁଙ୍କ ସମେତ ଛାତ୍ରୀଛାତ୍ରମାନେ ପ୍ରାଣାୟମ୍, ବଜ୍ରାସନ, କପାଳଭାତି, ତାଡ଼ାସନ, ଅନୁଲୋମ ବିଲୋମ, ପାଦହସ୍ତାସନ ଆଦି ଆସନ ଅଭ୍ୟାସ କରିଥିଲେ। ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ, ଯୋଗ ଆମର ମନରେ ସକାରାତ୍ମକ ଭାବନା ଆଣିବା ସହିତ ଉତ୍ତମ ସ୍ୱାସ୍ଥ୍ୟ ଓ ଚରିତ୍ର ଗଠନ କରିବାରେ ସହାୟକ ହୋଇଥାଏ। ଦିନକୁ ଅତି କମ୍‌ରେ ୩୦ ମିନିଟ୍ ଯୋଗାଭ୍ୟାସ କରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ସେ ପରାମର୍ଶ ଦେଇଥିଲେ।




ଓଡ଼ିଆ ଜ୍ଞାନମଣ୍ଡଳର ସ୍ରଷ୍ଟା ବିନୋଦ କାନୁନ୍‌ଗୋଙ୍କ ଶ୍ରାଦ୍ଧ ଦିବସ ଅବସରରେ ଗୁରୁବାର ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତିରେ 'ୱଇ ଫର୍ ଭୁବନେଶ୍ୱର' ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

# ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ନିଯୁକ୍ତି ନିୟମିତ ନେଇ ଏସ୍‌ଓପି ଜାରି

### ବାଦ୍ ପଡ଼ିଲେ ୨୦୧୩ ପୂର୍ବରୁ ନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକ

ଭୁବନେଶ୍ୱର,୨୨।୬
(ଅନୁରାଧା ମହାରଣା)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ନିଯୁକ୍ତି ନିୟମିତ କରାଯିବା ନେଇ ଏପ୍ରିଲ ୧୩ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ଏନେଇ ସ୍ୱତନ୍ତ୍ର ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିସ୍ତୃତ ଗାଇଡ୍‌ଲାଇନ ଏବଂ ଏସ୍‌ଓପି ଜାରି ପାଇଁ ପ୍ରାୟ ଅଢ଼େଇ ମାସ ଲାଗିଯାଇଛି। ଅନେକ ଦିନରୁ ନିଯୁକ୍ତି ନିୟମିତ ଦାବି ହୋଇଆସୁଥିବାବେଳେ ଗୁରୁବାର ବିଭାଗ ପକ୍ଷରୁ ଏସ୍‌ଓପି ଜାରି ହୋଇଛି। ବିଜ୍ଞପ୍ତି ଅନୁସାରେ, ସାଧାରଣ ପ୍ରଶାସନ ବିଭାଗ ଓ ଗ୍ରୁପ-ବି ପଦବୀ(ଚୁକ୍ତିଭିତ୍ତିକ ନିଯୁକ୍ତି) ନିୟମ-୨୦୧୩ ଅନ୍ତର୍ଗତ ଯେଉଁ ଶିକ୍ଷକମାନେ ଇନିସିଆଲ ଆପଏଣ୍ଟମେଣ୍ଟ ପାଇଥିଲେ ସେମାନଙ୍କ ଚାକିରି ଓ ଗ୍ରୁପ-ବି, ସି, ଡି ପଦବୀ (ଉଚ୍ଛେଦ ଓ ସ୍ୱତନ୍ତ୍ର ପ୍ରାବଧାନ) ରୁଲ୍‌ସ-୨୦୨୨ ଆଧାରରେ ନିୟମିତ ହେବ। ଶିକ୍ଷକମାନଙ୍କ ନିଯୁକ୍ତି ବର୍ଷ ଓ ମେରିଟ ଲିଷ୍ଟ ଅନୁସାରେ ସେମାନଙ୍କର ବରିଷ୍ଠତା ବିବେଚନା କରାଯିବ। ସେହିପରି ଯେଉଁ ଶିକ୍ଷକମାନେ ଓ ଗ୍ରୁପ-ବି ପଦବୀ(ଚୁକ୍ତିଭିତ୍ତିକ ନିଯୁକ୍ତି) ରୁଲ୍‌ସ-୨୦୧୩ ପୂର୍ବରୁ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିଲେ ତଥା ସେମାନେ ଏହି ବିଜ୍ଞପ୍ତି ଜାରି ହେବା ପୂର୍ବରୁ ୬ବର୍ଷ ଚାକିରି ପୂରଣ କରି ନ ଥିଲେ ସେମାନଙ୍କ ଚାକିରିର ନିୟମିତ ଅବଧି ଗଣଶିକ୍ଷା ବିଭାଗ ୨୦୦୮ ଓ ୨୦୧୧ ମସିହାର ବିଜ୍ଞପ୍ତି ଆଧାରରେ ବିବେଚନା କରାଯିବ। ଓଆର୍‌ଭି ନିୟମକୁ ପାଳନ କରି ଏହି ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କ ନିଯୁକ୍ତିକୁ ନିୟମିତ କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

ସୂଚନା ଥାଉ କି, ୨୦୨୨ ଅକ୍ଟୋବର ୧୫ରେ ମୁଖ୍ୟମନ୍ତ୍ରୀ ରାଜ୍ୟରୁ ଚୁକ୍ତିଭିତ୍ତିକ ପ୍ରଥାର ଉଚ୍ଛେଦ ନେଇ ଘୋଷଣା କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ପ୍ରାୟ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀଶିକ୍ଷକ ଏଥିରୁ ବାଦ୍ ପଡ଼ିଥିଲେ। ଫଳରେ ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ପ୍ରଥମେ ଡିସେମ୍ବର ୭ ଓ ପରେ ଏପ୍ରିଲ ୧ରୁ ୧୩ତାରିଖ ଯାଏ ଲୋୟର ପିଏମ୍‌ଜିରେ ଧାରଣା ଦେଇଥିଲା। ତେବେ ଏପ୍ରିଲ ୧୩ରେ ନିୟମିତ ହେବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ ଏସ୍‌ଓପି ଜାରି ଆଳରେ ଦିନ ପରେ ଦିନ ବିତି ଚାଲିଥିବାରୁ ଶିକ୍ଷକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟପଟେ ଏସ୍‌ଓପି ଜାରି ହେବା ପରେ ମଧ ଅନେକ ଶିକ୍ଷକ ଆଶାନୁରୂପ ଫଳ ପାଇ ନ ଥିବା କହିଛନ୍ତି।

### ନ୍ୟାୟାଳୟର ଦ୍ୱାରସ୍ଥ ହେବ ଶିକ୍ଷକ ସଂଘ

ରାଜ୍ୟ ସରକାର ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସରକାର ନିୟମିତ କରିବା ନେଇ ଏସ୍‌ଓପି ଜାରି ହୋଇଥିବାବେଳେ ଏହାକୁ ଚୁକ୍ତିଭିତ୍ତିକ ହାଇସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ଅନ୍ୟପଟେ ୨୦୧୩ ପୂର୍ବରୁ ନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏହାଦ୍ୱାରା କୌଣସି ସୁବିଧା ସୁଯୋଗ ପାଇପାରିବେ ନାହିଁ। ଏହା ସମସ୍ତଙ୍କୁ ବ୍ୟଥିତ କରିଥିବା ସଂଘ ପକ୍ଷରୁ କୁହାଯାଇଛି। ଏ ନେଇ ସଂଘ ଲଢେଇ ଜାରି ରହିବ ଏବଂ ଉଚ୍ଚତମ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବ ବୋଲି ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି। ଯେଉଁ ଶିକ୍ଷକମାନେ ସେମାନଙ୍କ ଖରାପ ଆର୍ଥିକ ସମୟରେ କମ୍ ଦରମାରେ ଚାକିରି କରି ସରକାରଙ୍କୁ ସାହାଯ୍ୟ ଓ ସହଯୋଗ କରିଥିଲେ ସରକାର ତାଙ୍କ ସହ ଅନ୍ୟାୟ, ଅବିଚାର ଓ ବିଶ୍ୱାସ ଘାତକତା କରିଛନ୍ତି ବୋଲି ସଂଘର ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ କହିଛନ୍ତି। ବାରମ୍ବାର ଆଲୋଚନା ଓ ଆନ୍ଦୋଳନ ସତ୍ତ୍ୱେ ପୂର୍ଣ୍ଣ ସଫଳତା ମିଳି ନ ଥିବା କହି ସଂଘର ମହାସଚିବ ବିଶ୍ୱଜିତ ବିଶ୍ୱାଳ, କୋଷାଧ୍ୟକ୍ଷ ପଞ୍ଚାନନ ଜେନା, ମିଡ଼ିଆ ସମ୍ପାଦକ ଚନ୍ଦ୍ରକାନ୍ତ ପଣ୍ଡା ଏବଂ ଆବାହକ ନିରୋଦ ରଥ ପ୍ରମୁଖ କ୍ଷୋଭ ପ୍ରକାଶ କରିଛନ୍ତି।

## ରେଳଧାରଣାରୁ ଅଚିହ୍ନା ମୃତଦେହ ଜବତ

ଚୌଦ୍ୱାର, (ଆଶୁତୋଷ ଦାସ): ପୂର୍ବତଟ ରେଳପଥର ମଙ୍ଗୁଳି ଷ୍ଟେଶନ ପାଖ ରେଳଧାରଣାରୁ ଗୁରୁବାର ସକାଳେ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ରେଲୱେ ପୋଲିସ ଜବତ କରିଛି। ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ସଂକ୍ଷେପରେ

### ଗୋରୁ ଚୋରି ରୋକିବାକୁ ଦାବିପତ୍ର

ମଙ୍ଗୁଳି–ଜଗତପୁର,୨୨।୬(ମାନସ ସାମଲ): ଜଗତପୁର ଥାନା ଅଞ୍ଚଳରୁ ବାରମ୍ବାର ଗୋରୁ ଚୋରି ହେଉଛି। ଏହାକୁ ରୋକିବା ପାଇଁ କଟକ- ଚୌଦ୍ୱାର ବିକାଶ ପରିଷଦ ସଭାପତି ମାନସ ପରିଡାଙ୍କ ନେତୃତ୍ୱରେ ୧୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଜଗତପୁର ଥାନାରେ ଆଇଆଇସି ରବୀନ୍ଦ୍ରନାଥ ମେହେରଙ୍କ ସହିତ ଆଲୋଚନା କରିଛନ୍ତି। ଏଥିସହ ଡିସିପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗୋରୁମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାହାରେ ବୁଲୁଥିବା ଦେଖିବାକୁ ମିଳୁଛି। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଗୋରୁ ଚୋରି କରୁଛନ୍ତି। ରାତିରେ ପୋଲିସ ପାଟ୍ରୋଲିଂ କଡ଼ାକଡି କରାଗଲେ ଗୋରୁ ଚୋରି ରୋକି ହେବ। ଏଥିସହ ଗୋରୁ ଚୋରି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିଷଦର କର୍ମକର୍ତ୍ତାମାନେ ଦାବି କରିଥିଲେ। ଦାବିପତ୍ର ପ୍ରଦାନବେଳେ ଅଲେଖ ଚନ୍ଦ୍ର ବେହେରା, ତୀର୍ଥାନନ୍ଦ ପଣ୍ଡା, ଜିତେନ୍ଦ୍ର ଶତପଥୀ, ଓମ୍ ପ୍ରକାଶ ପଣ୍ଡା, ସୁବାସ ସୁବୁଦ୍ଧିରାୟ, ଶ୍ରଧେନ୍ଦୁ ଶତପଥୀ ଓ ଶ୍ରମିକ ନେତା ଲକ୍ଷ୍ମୀଧର ଶରଣ ପ୍ରମୁଖ ଉପସ୍ଥିତ ଥିଲେ।

### ଦକ୍ଷତା ବିକାଶ ତାଲିମ ଶିବିର

ଚୌଦ୍ୱାର, ୨୨।୬(ଆଶୁତୋଷ ଦାସ): ଚୌଦ୍ୱାର ପୌରପାଳିକା ପକ୍ଷରୁ ଗାନ୍ଧୀଛକସ୍ଥିତ ପୌର ଟାଉନ୍‌ହଲରେ ମହିଳାମାନଙ୍କ ନିମନ୍ତେ ଦକ୍ଷତା ବିକାଶ ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ମହିଳାମାନଙ୍କୁ ମୁକ୍ତା ଯୋଜନାର ସଫଳ ରୂପାୟନ, ଏହାର କାର୍ଯ୍ୟକାରିତା ଏବଂ ଯୋଜନା ମାଧମରେ ମହିଳାଙ୍କ ବିକାଶ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଏଥିସହ ବିଭିନ୍ନ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା ଓ ପରିଚାଳନା ସମ୍ପର୍କରେ ତାଲିମ ଦିଆଯାଇଥିଲା। ପଙ୍କଜ ବାରିକ, ନମ୍ରତା ପ୍ରଧାନ, ରଶ୍ମିତା ବେହେରା ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ପୌର ଯନ୍ତ୍ରୀ ଶୁଭଶ୍ରୀ ବେହେରାଙ୍କ ସମେତ ସମସ୍ତ କାଉନ୍‌ସିଲର ଓ କର୍ମଚାରୀ ଏଥିରେ ଯୋଗଦେଇଥିଲେ। ମୁକ୍ତାର ପ୍ରକଳ୍ପ ସଂଯୋଜିକା ଦେବିକା ମହାନ୍ତି, ବିଶାଖା ସୋନୀ, ବାସନ୍ତୀ ସାହୁ, ସିକ୍ତା ମହାନ୍ତି ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ବରିଷ୍ଠ ଆଇନଜୀବୀ ବିଜନ ରାୟଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

କଟକ,୨୨।୬ (କାର୍ତ୍ତିକ ସାହୁ): ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ବିଜନ ରାୟଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ବାର୍ ସମ୍ମିଳନୀ କକ୍ଷରେ ଗୁରୁବାର ପାଳିତ ହୋଇଯାଇଛି। ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକ, ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ, ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜା, ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ମହାନ୍ତି, ମିଲନ୍ କାନୁନ୍‌ଗୋ, ଚିତ୍ତରଞ୍ଜନ ସ୍ୱାଇଁ ପ୍ରମୁଖ ସ୍ୱର୍ଗତ ରାୟଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିରେ ହାଇକୋର୍ଟ ବାର୍ ଆସୋସିଏଶନ୍ ସଭାପତି ଧରଣୀଧର ନାୟକ ଅଧକ୍ଷତା କରିଥିବାବେଳେ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନ୍‌ର ସଙ୍ଗଠନ ସମ୍ପାଦକ ବିଭୁ ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ବୋସ୍‌ର ଗୋଟିଏ ଟ୍ରେଡ୍‌କୁ ଏନ୍‌ବିଏ ମାନ୍ୟତା

କଟକ,୨୨।୬(ସୁପ୍ରିୟା ପ୍ରିୟଦର୍ଶିନୀ): ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟର (ବୋସ)ର ପ୍ରଦ୍ୟୋଗିକ ଯାନ୍ତ୍ରିକ ଓ ବୈଦ୍ୟୁତିକ ଟ୍ରେଡ୍‌କୁ ନ୍ୟାଶନାଲ ବୋର୍ଡ ଅଫ୍ ଆକ୍ରିଡେସନ(ଏନ୍‌ବିଏ) ମାନ୍ୟତା ମିଳିଛି। ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷାଦାନ, ନିର୍ଦ୍ଧାରିତ ନିୟମାବଳୀ ତଥା ମାର୍ଗଦର୍ଶିକାର ଠିକ୍ ଅନୁପାଳନ, ଦକ୍ଷ ମାନବ ସମ୍ବଳ ସୃଷ୍ଟି ନିମନ୍ତେ ଛାତ୍ରୀଛାତ୍ରଙ୍କ ଜ୍ଞାନ ଓ ଦକ୍ଷତା ପ୍ରତିପାଦନ କରିବା ସହିତ ଅନ୍ୟାନ ଦିଗକୁ ପର୍ଯ୍ୟାଲୋଚନା କରାଯାଇ ଏବଂ ଆକଳନ ଭିତ୍ତିରେ ଏଭଳି ସ୍ୱୀକୃତି ପ୍ରଦାନ କରାଯାଇଛି। ଏହି ଗୌରବପୂର୍ଣ୍ଣ ମାନ୍ୟତା ପାଇଥିବାରୁ ଉକ୍ତ ଅନୁଷ୍ଠାନର ଅଧକ୍ଷ ଡ. ହୃଷୀକେଶ ମହାନ୍ତି, ଶିଶିର କୁମାର ସାହୁ, ଅବସରପ୍ରାପ୍ତ ଅଧାପିକା କନକପ୍ରଭା ସ୍ୱାଇଁ ଓ ଅଧାପକ ସିଦ୍ଧାର୍ଥ ଶେଖର ମଲ୍ଲିକ ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ବୋସ ପକ୍ଷରୁ ୪ଟି ଟ୍ରେଡ୍‌ରେ ଏନ୍‌ବିଏ ମାନ୍ୟତା ପାଇବା ପାଇଁ ଆବେଦନ କରାଯାଇଥିଲା। ସେଥିମଧ୍ୟରୁ ଗୋଟିଏକୁ ଏହି ମାନ୍ୟତା ମିଳିଛି।

# ଦୁର୍ଘଟଣା ଆଶଙ୍କା ବଢ଼ାଉଛି ରାସ୍ତାରେ ଗର୍ତ୍ତ

- ଗତ ମୌସୁମୀରେ ବିଭିନ୍ନ ରାସ୍ତାରେ ସୃଷ୍ଟି ହୋଇଥିଲା ଗର୍ତ୍ତ
- ରାସ୍ତା ତଳେ ଚାମ୍ବର ନିର୍ମାଣ ପରେ ଠିକ୍ ଭାବେ ହେଉନି ପୋତା
- ମରାମତି ପାଇଁ ପଦକ୍ଷେପ ନିଆଯାଉଛି: ମେୟର

କଟକ,୨୨।୬(ସୁପ୍ରିୟା ପ୍ରିୟଦର୍ଶିନୀ)



ଓଡ଼ିଶାରେ ମୌସୁମୀ ପ୍ରବେଶ କଲାଣି। ଗୁରୁବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। କଟକରେ ମଧ ବର୍ଷା ହୋଇଛି। ବର୍ଷା ଦିନରେ ସହରରେ ଜଳବନ୍ଦୀ ସମସ୍ୟା ବହୁ ପୁରୁଣା ହୋଇଥିବା ବେଳେ ଏବେ ରାସ୍ତାରେ ଗର୍ତ୍ତ ସୃଷ୍ଟି ହେବା ଏକ ନୂଆ ସମସ୍ୟା ମୁଣ୍ଡ ଟେକିଲାଣି। ଗତବର୍ଷ ବର୍ଷା ଜଳ ପ୍ରବାହ ଯୋଗୁ ସହରର ବିଭିନ୍ନ ରାସ୍ତା ତଳ ମାଟି ଧୋଇହୋଇ ରାସ୍ତାଧସି ବିରାଟ ଗର୍ତ୍ତ ସୃଷ୍ଟ ହୋଇଥିଲା। ମୁଖ୍ୟରାସ୍ତା ସହ ବିଭିନ୍ନ ସାହି ବସ୍ତି ରାସ୍ତାରେ ମଧ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ରାସ୍ତା ଖୋଳାଯାଇ ଚାମ୍ବର କରାଯିବା ପରେ ଏହାକୁ ଠିକ୍ ଭାବେ ବାଲି ଦେଇ ପୋତାଯାଉ ନ ଥିବା କାରଣରୁ ଏଭଳି ସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହୋଇଥିଲା। ଫଳରେ ଗର୍ତ୍ତ ହେବା ସ୍ଥାନରେ ଖୋଦ୍ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଖଟିଆ ପକେଇ ସେଠାରେ ଜଗି ରହି ରାସ୍ତା ମରାମତି କାର୍ଯ୍ୟ ତଦାରଖ କରିଥିବା ମଧ ଦେଖିବାକୁ ମିଳିଥିଲା। ହେଲେ ପରବର୍ତ୍ତୀ ସମୟରେ ଉକ୍ତ କାର୍ଯ୍ୟର ତଦାରଖ କରିବାକୁ କେହି ଧ୍ୟାନ ଦେଲେ ନାହିଁ। ଫଳରେ କେତେ କାର୍ଯ୍ୟ ହୋଇଛି ତା'ର ସୂଚନା କଟକ ମହାନଗର ନିଗମ(ସିଏମ୍‌ସି) ପାଖରେ ନାହିଁ। ଏବେ ପୁଣି ବର୍ଷା ଆସିଯାଇ ଥିବାରୁ ସହରବାସୀଙ୍କ ମଧ୍ୟରେ ଦୁର୍ଘଟଣାର ଆଶଙ୍କା ବଢ଼ିଲାଣି।

ମିଳିଥିବା ସୂଚନା ଅନୁସାରେ, ଗତ ବର୍ଷ ବର୍ଷା ଜଳ ପ୍ରବାହ କାରଣରୁ ରାସ୍ତାରେ ଗର୍ତ୍ତ ସୃଷ୍ଟି ହେବା ଘଟଣାକୁ ନେଇ ଜନଅସନ୍ତୋଷ ଦେଖା ଦେଇଥିଲା। ଏହି ଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ସିଏମ୍‌ସି ପକ୍ଷରୁ ପ୍ରଥମେ ତତ୍ପରତା ପ୍ରକାଶ ପାଇଥିଲା। ଗତ ସେପ୍ଟେମ୍ବର ମାସରେ ସିଏମ୍‌ସି ପକ୍ଷରୁ ଆହୁତ ଏକ ବୈଠକରେ ରାସ୍ତା ତଳେ ଏବଂ ଏହାର ପାର୍ଶ୍ୱରେ ନିର୍ମାଣ କରାଯାଇଥିବା ଚାମ୍ବରଗୁଡିକର ସ୍ଥିତି ସମ୍ପର୍କରେ ୭ଦିନ ମଧରେ ଜଣାଇବାକୁ ଜାଇକା କର୍ତ୍ତୃପକ୍ଷଙ୍କୁ ମେୟର ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଆଗାମୀ ଦିନରେ ଯେଉଁ ସ୍ଥାନରେ କୂପ ବା ଚାମ୍ବର ନିର୍ମାଣ କରାଯିବ ସେଠାରେ ଇଞ୍ଜିନିୟର ଉପସ୍ଥିତ ରହିବେ। ବିନା ଇଞ୍ଜିନିୟରରେ କୌଣସି ଠିକାଦାର କାର୍ଯ୍ୟ କରିପାରିବେ ନାହିଁ ବୋଲି କଡ଼ା ତାଗିଦ୍ ହୋଇଥିଲା। ଏପରି କି ଏଥିରେ ଖିଲାପ ହେଲେ କଠୋର ପଦକ୍ଷେପ ନିଆଯିବ ବୋଲି ମେୟର କହିଥିଲେ। ହେଲେ ଗତ ମୌସୁମୀ ଯାଇ ଆଉ ଏକ ମୌସୁମୀ ଆସିଲାଣି, ହେଲେ ଭୂତଳ ଚାମ୍ବରଗୁଡ଼ିକର ସ୍ଥିତି କ'ଣ, ଜାଇକା କର୍ତ୍ତୃପକ୍ଷ କ'ଣ ରିପୋର୍ଟ ପ୍ରଦାନ କରିଲେ ତାହା ଲୋକଲୋଚନକୁ ଆସିପାରିଲା ନାହିଁ। ସ୍ଥାନୀୟ ବାସିନ୍ଦା ପ୍ରସନ୍ନଜିତ ସାହୁଙ୍କ କହିବା ହେଲା ସହରର ଉନ୍ନତୀକରଣ ପାଇଁ ସବୁ ଯୋଜନା ହେଉଛି। ହେଲେ ତାହା ଠିକ୍‌ଭାବରେ କାର୍ଯ୍ୟ କରୁନି। ରିଂ ବନ୍ଧରେ ଅନେକ ସ୍ଥାନରେ ରାସ୍ତା ଦବୁଛି। ସହରର ସବୁଆଡେ ସ୍ୱେରେଜ କାର୍ଯ୍ୟ ଚାଲିଛି। ଗତବର୍ଷ ବର୍ଷାରେ ଯେଉଁ ଗର୍ତ୍ତ ସ୍ଥିତି ଉପୁଜିଥିଲା ତାହା ଆମେ ସବୁ ଦେଖିଛୁ। ଚଳିତବର୍ଷ ବର୍ଷା ଦିନ ମଧ ଆରମ୍ଭ ହେବାକୁ ଯାଉଛି। ହେଲେ ଏନେଇ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ଦେଖିବାକୁ ମିଳୁନି। ଫଳରେ ରାସ୍ତାରେ ସୁରକ୍ଷିତ ଯାତାୟାତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ସାହୁ କହିଛନ୍ତି।

ତେବେ ଏନେଇ ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ଗତବର୍ଷ ଘଟିଥିବା ଘଟଣା ଚଳିତ ବର୍ଷ ପୁନରାବୃତ୍ତି ହେବାର ସମ୍ଭାବନା ରହିଛି । କାରଣ ସହରରେ ୫ହଜାରରୁ ଉର୍ଦ୍ଧ୍ୱ ସ୍ୱେରେଜ କରାଯାଇଛି। ତେବେ ଏନେଇ ସିଏମ୍‌ସି ପକ୍ଷରୁ ଗୁରୁତର ସହ ପଦକ୍ଷେପ ନିଆଯାଉଛି। ତୁରନ୍ତ ମରାମତି କରିବାର ବ୍ୟବସ୍ଥା କରାଯଉଛି। ରାଜାବଗିଚା ଅଞ୍ଚଳରେ ୫୦ ବର୍ଷ ପୂର୍ବରୁ ସ୍ୱେରେଜ କରାଯାଇଥିଲା। ତାହା ବର୍ତ୍ତମାନ ଦବିବାରେ ଲାଗିଛି। ପ୍ରଥମେ ସେଠାରୁ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଏହିପରି ଭାବରେ ସହରର ସବୁ ସ୍ଥାନରେ ମଧ ମରାମତି କାର୍ଯ୍ୟ ହେବ ବୋଲି ମେୟର ସିଂ କହିଛନ୍ତି ।

## ଦୋକାନ, ଘର ଉପରକୁ ମାଡ଼ିଗଲା ସିଏମ୍‌ସି ଗାଡ଼ି, ୨ ଆହତ




ଭାରସାମ୍ୟ ହରାଇ ଘରମଧକୁ ପଶି ଯାଇଥିବା ଗାଡ଼ି ।

କଟକ,୨୨।୬(ସୁପ୍ରିୟା ପ୍ରିୟଦର୍ଶିନୀ)

କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ହରିଣପାର୍କ ବସ୍ତିରେ ଏକ ଦୁର୍ଘଟଣା ଘଟିଛି। ଗୁରୁବାର ଭୋର ସମୟରେ କଟକ ମହାନଗର ନିଗମ(ସିଏମ୍‌ସି)ର ପାଇଖାନା ଟାଙ୍କି ସଫା କରୁଥିବା ଗାଡ଼ି ଭାରସାମ୍ୟ ହରାଇ ଦୋକାନ ଓ ଘରେ ପଶିଯାଇଛି। ଫଳରେ ଦୋକାନ ଓ ଘର ଭାଙ୍ଗିରୁଜି ଯାଇଥିବାବେଳେ ଭିତରେ ଥିବା ସାମଗ୍ରୀ ନଷ୍ଟ ହୋଇଯାଇଛି। ଏଥିରେ ଗାଡି ଚାଳକ ଓ ବସ୍ତିର ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ଚିକିତ୍ସା ଲାଗି ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଚାଳକ ଜଣଙ୍କ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବାରୁ ଏଭଳି ଅଘଟଣ ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଥିସହ କ୍ଷତିପୂରଣ ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କ୍ରେନ୍ ସାହାଯ୍ୟରେ ଗାଡ଼ିକୁ ବାହାର କରିଛି। ଏ ସମ୍ପର୍କରେ ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ଏଭଳି କାର୍ଯ୍ୟ ନିଶ୍ଚିନ୍ତ ନିନ୍ଦନୀୟ। ଯଦି ଗାଡି ଚାଳକ ମଦ୍ୟପାନ କରିଥାଏ ତେବେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ ଆହତ ବ୍ୟକ୍ତିଙ୍କୁ ସହାୟତା ରାଶି ପ୍ରଦାନ କରାଯିବ। ଆଗାମୀ ଦିନରେ ଏଭଳି ଅଘଟଣ ନ ଘଟିବା ଉପରେ ଦୃଷ୍ଟି ଦିଆଯିବ। ସେହିପରି ସିଏମ୍‌ସିର ଟିମ୍ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଭାଙ୍ଗିଥିବା ଦୋକାନ ଓ ଘରର ସ୍ଥିତି ଅନୁଧ୍ୟାନ କରିବା ପରେ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ମେୟର କହିଛନ୍ତି।




କଟକ ଚାନ୍ଦିନୀଚୌକସ୍ଥିତ ଅସ୍ଥାୟୀ ଗୁଣ୍ଡିଚାମନ୍ଦିର ନିକଟରେ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

### ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ ଘଟଣା

## ମୃତକଙ୍କ ପରିବାରକୁ ଭେଟିଲେ ମେୟର, ପୂର୍ବତନ ବିଧାୟକ

କଟକ,୨୨।୬(ସୁପ୍ରିୟା ପ୍ରିୟଦର୍ଶିନୀ): ପୁରୀ ରଥଯାତ୍ରା ପାଇଁ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଉଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି କଟକ ରାଜାବଗିଚା କୁସୁନପୁର ସାହିର ରାକେଶ କୁମାର ବେହେରା ନାମକଙ୍କ ମୃତ୍ୟୁ ଘଟିଥିଲା। ରାକେଶଙ୍କ ପରିବାର ଲୋକଙ୍କୁ ସିଏମ୍‌ସି ମେୟର ସୁବାସ ସିଂ ଓ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଭେଟି ସମବେଦନା ଜଣାଇଥିଲେ। ଏଥିସହ ତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା ଯୋଗାଇଦେବାକୁ ପୋଲିସ କଲ୍ୟାଣ ବୋର୍ଡ଼ ଓ ଟାଟା ପାୱାରକୁ ଅନୁରୋଧ କରିଥିଲେ। ମେୟର ସିଂ ଓ ସ୍ଥାନୀୟ କର୍ପୋରେଟର ରବି ନାରାୟଣ ସାହୁ ମିଳିତ ଭାବେ ପୋଲିସ କଲ୍ୟାଣ ବୋର୍ଡ଼ ଅଧକ୍ଷ ଦାୟିତ୍ୱରେ ଥିବା ଅତିରିକ୍ତ ପୋଲିସ ଡିଜି ସଞ୍ଜୀବ କୁମାର ପଣ୍ଡାଙ୍କୁ ସାକ୍ଷାତ କରି ମୃତକ ପରିବାରକୁ ସହାୟତା ପ୍ରଦାନ କରିବାକୁ ନିବେଦନ କରିଥିଲେ। ଏହି ସମୟରେ ରାକେଶଙ୍କ ଦାଦା କ୍ଷୀରୋଦ କୁମାର ବେହେରା, ଭାଇ ମହେଶ୍ୱର ବେହେରା, ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତି, ଯୁବନେତା କାଳୀଚରଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୋଲିସ କଲ୍ୟାଣ ବୋର୍ଡ ଅଧୀନରେ ସେ ପୁରୀରେ ଠିକାରେ ଏହି କାର୍ଯ୍ୟ କରୁଥିଲେ।

## ବାହାନଗା ରେଳ ଦୁର୍ଘଟଣା ପୀଡ଼ିତଙ୍କୁ ସହାୟତା



ବାରବାଟୀ ୟୁନାଇଟେଡ୍ କ୍ଲବ ପକ୍ଷରୁ ଜିଲାପାଳଙ୍କୁ ଚେକ୍ ପ୍ରଦାନ କରାଯାଉଛି ।

କଟକ,୨୨।୬ (କାର୍ତ୍ତିକ ସାହୁ): ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ପୀଡ଼ିତ ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ବାରବାଟୀ ୟୁନାଇଟେଡ୍ କ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏହି ସହାୟତା ରାଶିର ବ୍ୟାଙ୍କ ଚେକ୍‌କୁ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ପ୍ରଦାନ କରାଯାଇଛି। କ୍ଲବ୍ ଚେୟାରମ୍ୟାନ୍ ପ୍ରକାଶ କୁମାର ନନ୍ଦ, ସଚିବ ପୀତବାସ ସାହୁ, ସମ୍ପାଦକ ଶିବ ଶଙ୍କର ସାହୁ, ଓଡ଼ିଶା ଜିମ୍‌ନାସିୟମ ସଂଘ ଉପସଭାପତି ସୟଦ ଜବିଉଲ୍ଲା, ମର୍ନିଂ ୱାକର ସଂଘ ସଚିବ ସରୋଜ କୁମାର ସାହୁ, କ୍ଲବ କର୍ମକର୍ତ୍ତା ମିର୍ଜା ସଫିକ୍ ବେଗ, ଅନୁପ ପ୍ରକାଶ ବିଶ୍ୱାଳ, ସୁନାକର ଦଳେଇ, ମହମ୍ମଦ ହବିବ ପ୍ରମୁଖଙ୍କ ସହଯୋଗରେ ଏହି ସହାୟତା ରାଶି ସଂଗ୍ରହ ହୋଇଥିବା କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

# ବଜାରରେ ବିକ୍ରି ହେଉଛି ଏକ୍ସପାଏରି ସାମଗ୍ରୀ

### ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

- ବ୍ୟବସାୟୀ ମାନୁନାହାନ୍ତି ସରକାରୀ କଟକଣା

କଟକ,୨୨।୬ (କାର୍ତ୍ତିକ ସାହୁ)

କଟକ ସହରର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶନାମା ପାଳନ କରାଯାଉନାହିଁ। ଏହାଦ୍ୱାରା ବ୍ୟବସାୟୀମାନେ ମନଇଚ୍ଛା କାରବାର ଚଳାଇଥିବାବେଳେ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ତେବେ ସରକାରୀ ନିର୍ଦ୍ଦେଶନାମା କଡ଼ାକଡ଼ି ପାଳନ କରାଯିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ସାମାଜିକ କର୍ମୀ ଡ. ସୁନୀଲ କୁମାର ରଥ ହାଇକୋର୍ଟରେ ଗୁରୁବାର ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ, ସିଏମ୍‌ସି ମେୟର, ଫୁଡ୍ ସେଫ୍ଟି ଅଫିସର, ଜିଲା ଯୋଗାଣ ଅଧିକାରୀ, କଟକ ଡିସିପିଙ୍କ ସମେତ କେତେକ ଥାନାର ଆଇଆଇସି, ବ୍ୟବସାୟୀଙ୍କୁ ମିଶାଇ ମୋଟ ୧୧ ଜଣଙ୍କୁ ପ୍ରତିପକ୍ଷ ଭାବେ ଦର୍ଶାଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ସିଡିଏ ସେକ୍ଟର-୧୦ ଅଞ୍ଚଳର ଜଣେ ପ୍ରତିପକ୍ଷ ବ୍ୟବସାୟୀ ଏକ୍ସପାଏରି ସାମଗ୍ରୀ ବିକ୍ରି କରୁଛନ୍ତି। ସେହିଭଳି ୪ଟି ମାମଲା ଜିଲା ଖାଉଟି ଅଦାଲତରେ ବିଚାରାଧୀନ ଥିବାବେଳେ କୌଣସି ପଦକ୍ଷେପ ନିଆଯାଇନାହିଁ। ସେହିପରି ଅନ୍ୟ ଜଣେ ପ୍ରତିପକ୍ଷ ଏକ୍ସପାଏରି ଥଣ୍ଡା ପାନୀୟ ବିକ୍ରି କରିବା ନେଇ ଥାନାରେ ଅଭିଯୋଗ କରାଯାଇଥିଲେ ମଧ ପୋଲିସ ଏ ବାବଦରେ ନିଷ୍କ୍ରିୟ ରହିଛି। ପଚାଫଳ ଓ ପରିବା ମଧ ବିକ୍ରି ହେଉଛି। ସିଏମ୍‌ସିର ଫୁଡ୍ ସେଫ୍ଟିଅଫିସର ଏକ୍ସପାଏରି ସାମଗ୍ରୀ ବିକ୍ରି ବନ୍ଦ କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ନିୟମିତ ଭାବେ ଏସବୁ ବ୍ୟବସାୟ ପ୍ରତିଷ୍ଠାନରେ ଚଢ଼ାଉ କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଏତଲାରେ ଦର୍ଶାଇଛନ୍ତି। ଏଥିସହ ପାନ ଦୋକାନରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ବିକ୍ରି ହେଉଛି।

## ଦୋକାନରେ ସ୍ତ୍ରୀଙ୍କୁ ହତ୍ୟା ଘଟଣା, ସ୍ୱାମୀ ଗିରଫ

ମଙ୍ଗୁଳି–ଜଗତପୁର,୨୨।୬(ମାନସ ସାମଲ) : ଦୋକାନ ଭିତରେ ସ୍ତ୍ରୀଙ୍କୁ ହତ୍ୟା କରିବା ଘଟଣାରେ ଜଗତ୍‌ପୁର ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଭଦ୍ରକ ଜିଲା ବାଂଶଡା ଥାନା ଅଧୀନ କରଣପୋଖରୀ ଗ୍ରାମର କରୁଣାକର ମାହାଲିକ (୫୫)। ହତ୍ୟାରେ ବ୍ୟବହୃତ କାଠଫାଳିଆକୁ ଜବତ କରାଯାଇଛି। ପୋଲିସ ସୂଚନା ମୁତାବକ, ଜଗତପୁର ଥାନା ଅଧୀନ ତ୍ରିନାଥ ସାହିର କବିତା ବେହେରାଙ୍କ ସ୍ୱାମୀଙ୍କର ୨ ବର୍ଷ ତଳେ ମୃତ୍ୟୁ ଘଟିଥିଲା। କରୁଣାକର ୮ମାସ ତଳେ କବିତାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। କିଛିଦିନ ପରେ କରୁଣାକର ଦେଖିଲେ ଯେ ଅନେକ ଲୋକଙ୍କ ସହିତ କବିତା ଦୀର୍ଘ ସମୟ ଧରି ଫୋନ୍‌ରେ କଥା ହେଉଛନ୍ତି। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଅଧିକାଂଶ ସମୟରେ ଝଗଡା ହେଉଥିଲା। ମଙ୍ଗଳବାର ରାତି ପ୍ରାୟ ୧୧ଟାରେ କବିତା ଦୋକାନରେ ଶୋଇଥିବାବେଳେ କରୁଣାକର ଏକ କାଠ ଫାଳିଆରେ ତାଙ୍କୁ ଆକ୍ରମଣ କରିଥିଲେ। କବିତା ପ୍ରତିରୋଧ କରିବାରୁ କରୁଣାକର ଏକ ସ୍କାପ୍‌ରେ ତାଙ୍କ ଗଳାକାଟି ହତ୍ୟା କରିଥିଲେ। ପରେ ଘଟଣାସ୍ଥଳରୁ ସେ ଫେରାର ହୋଇଯାଇଥିଲେ। ବୁଧବାର ସକାଳେ କବିତାଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦୋକାନ ଭିତରେ ପଡିଥିବା ତାଙ୍କ ଝିଅ ଲିସା ବେହେରା ଦେଖିବାକୁ ପାଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୨୯୭/୨୩) ରୁଜୁ କରିଥିଲା।

# ପଙ୍କୋଦ୍ଧାର କାର୍ଯ୍ୟ ଜୋର୍‌ଦାର କରିବାକୁ ନିର୍ଦ୍ଦେଶ

### ସିଏମ୍‌ସିର ସମୀକ୍ଷା ବୈଠକ

କଟକ,୨୨।୬(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ସ୍ଥାନୀୟ ବିଜୁଭବନରେ ବର୍ଷା ସମ୍ପର୍କୀତ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେୟର ସୁବାସ ସିଂ ଅଧକ୍ଷତା କରି ପୂର୍ବ ଯୋଜନା ଅନୁସାରେ ବିଭିନ୍ନ ସ୍ଥାନରେ ମୋଟର ପମ୍ପ ପ୍ରସ୍ତୁତ ରଖିବା ସହ ପଙ୍କୋଦ୍ଧାର କାର୍ଯ୍ୟ ଜୋର୍‌ଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଚିହ୍ନଟ ହୋଇଥିବା ତଳିଆ ଅଞ୍ଚଳଗୁଡିକରେ ଜଳବନ୍ଦୀ ସମସ୍ୟା ଉପୁଜିଲେ ସବୁ ଯୋଜନା କାର୍ଯ୍ୟକାରୀ କରାଯିବ। ବର୍ଷା ହେବାର ମାତ୍ର ୧ ଘଣ୍ଟା ମଧରେ କଟକ ସହରରୁ ଜଳ ଉଭେଇ ଯିବ। ଏଥିପାଇଁ ଉଚ୍ଚକ୍ଷମତା ସମ୍ପନ୍ନ ୨୦ଟି ଭଲଭୋ ପମ୍ପ ଓ ୧୫୦ଟି ଅନ୍ୟ ମୋଟର ପମ୍ପ ରହିଛି। ଆବଶ୍ୟକ ପଡ଼ିଲେ ଅଗ୍ନିଶମ ବିଭାଗ ମୋଟର ପମ୍ପ ବ୍ୟବହାର କରାଯିବ। ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ପରିସ୍ଥିତି ନିୟନ୍ତ୍ରଣ ପାଇଁ ପ୍ରସ୍ତୁତ ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ କେଶରପୁରଠାରେ ଜାଇକାର ବକ୍ସଡ୍ରେନ କାର୍ଯ୍ୟ ସମୀକ୍ଷା ପାଇଁ ଶୁକ୍ରବାର ମେୟର ଓ କମିଶନର ନିଖିଲ ପୱନ କଲ୍ୟାଣ ଯିବାର କାର୍ଯ୍ୟକ୍ରମ ରହିଛି। ସହରରେ ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ୍‌ରୁ ପଙ୍କୋଦ୍ଧାର କାର୍ଯ୍ୟ ଜାରି ରହିଛି। ଗତବର୍ଷ ପଙ୍କୋଦ୍ଧାର କରାଯାଇଥିବାରୁ ବର୍ଷାଦିନେ ସହରରେ ବିଶେଷ ଜଳମଗ୍ନ ସ୍ଥିତି ଉପୁଜି ନ ଥିଲା। ଚଳିତବର୍ଷ ନୂଆ ଯୋଜନା ଆଧାରରେ ଡ୍ରେନ୍ ସଫା କରଯାଉଛି।

# ବର୍ଷାରେ ସହରତଳି ଅଞ୍ଚଳ ଜଳମଗ୍ନ



କଟକ ମକରବା ସାହି ରାସ୍ତାରେ ବର୍ଷାପାଣିର ସୁଅ ।



ସୂତାହାଟ ନ୍ୟୁ କଲୋନି ଅଞ୍ଚଳରେ ଜମିରହିଥିବା ବର୍ଷାପାଣି ।

କଟକ,୨୨।୬(ସୁପ୍ରିୟା ପ୍ରିୟଦର୍ଶିନୀ)

ମୌସୁମୀ ପ୍ରଭାବରେ ଲଗାଣ ବର୍ଷା ଯୋଗୁ ଗୁରୁବାର କଟକ ସହରର ଅଧିକାଂଶ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି। ବିଶେଷକରି ନୂଆ ରାଉସାପାଟଣା, ମକରବାଗ ସାହି, ସୂତାହାଟ, ଖ୍ରୀଷ୍ଟିଆନ୍ ଲେନ୍ ଆଦି ଅଞ୍ଚଳ ରାସ୍ତାରେ ବର୍ଷାପାଣି ଜମିଥିବା ଦେଖିବାକୁ ମିଳିଥିଲା। ପ୍ରତିବର୍ଷ ବର୍ଷା ଆସିଲେ ଉକ୍ତ ଅଞ୍ଚଳ ଜଳମଗ୍ନ ହୋଇଥାଏ। ଏହାବାଦ ଅନେକ ସ୍ଥାନରେ ପାଣି ଜମି ରହିଥାଏ। ଦୀର୍ଘବର୍ଷ ଧରି ଏହି ସମସ୍ୟା ଦେଖାଦେଇଥିଲେ ମଧ ଏହାର ସ୍ଥାୟୀ ସମାଧାନ ହୋଇପାରୁ ନାହିଁ। ଏ ନେଇ ନୂଆ ରାଉସାପାଟଣା ବାସିନ୍ଦା ବିନୋଦ ବେହେରା କହିଛନ୍ତି, ପ୍ରତିବର୍ଷ ଜଳବନ୍ଦୀ ସମସ୍ୟାର ସମ୍ମୁଖିନ ହେବାକୁ ପଡୁଛି। କାଳବୈଶାଖୀ ବର୍ଷାରେ ଏହି ଅଞ୍ଚଳ ଜଳମଗ୍ନ ହୋଇଥାଏ। ତେବେ ବର୍ଷାଦିନେ ସ୍ଥିତି କିଭଳି ରହୁଥିବ ତାହା ସହଜରେ ଅନୁମେୟ କରିହେବ। ଚଳିତବର୍ଷ ମଧ ସମାନ ସ୍ଥିତି ଭେଗିବାକୁ ପଡିବ ବୋଲି ଆଶଙ୍କା କରାଯାଉଛି। ସେହିପରି ଖ୍ରୀଷ୍ଟିଆନ ସାହିର ମନୋଜ ଦାସ କହିଛନ୍ତି, ବର୍ଷାଦିନେ ରାସ୍ତାରେ ଆଣ୍ଠୁଏ ଉଚ୍ଚତାର ପାଣି ଜମିବାରୁ ଯାତାୟତରେ ସମସ୍ୟା ହୋଇଥାଏ। ଏପରି ଘରେ ପାଣି ପଶିବାରୁ ଏକ ପ୍ରକାରର ଜଳବନ୍ଦୀ ଅବସ୍ଥାରେ ରହିଥାଉ। ସମସ୍ୟା ସମ୍ପର୍କରେ ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ବର୍ଷା ପାଇଁ ସିଏମ୍‌ସି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ମୁଖ୍ୟ ଡ୍ରେନ୍‌ଗୁଡିକ କାର୍ଯ୍ୟ ଜାରି ରହିଛି। ସେଥିପାଇଁ କିଛି ସ୍ଥାନରେ ଜଳ ନିଷ୍କାସନ ହେବାରେ ସମସ୍ୟା ଦେଖାଦେଉଛି । ହେଲେ ଏଥିପାଇଁ ପମ୍ପ ବ୍ୟବସ୍ଥା କରାଯାଇଛି। ପୂର୍ବ ଭଳି ଚଳିତବର୍ଷ ସେଭଳି ସ୍ଥିତି ଉପୁଜିବ ନାହିଁ ବୋଲି ମେୟର କହିଛନ୍ତି।

## ସଂକ୍ଷେପରେ

### ଅଭିଜିତ୍ ମିଶ୍ରଙ୍କ ଜଗନ୍ନାଥ ଅଷ୍ଟକମ୍ ଉନ୍ମୋଚିତ

ପୁରୀ,୨୨।୬(ଅଜିତ ମହାନ୍ତି)- କୋକିଳକଣ୍ଠୀ ସୁନନ୍ଦା ପଟ୍ଟନାୟକ ଓ ସୁରମଣି ରଘୁନାଥ ପାଣିଗ୍ରାହୀଙ୍କ ପରେ ଓଡ଼ିଶାର ଚର୍ଚ୍ଚିତ କଣ୍ଠଶିଳ୍ପୀ ଅଭିଜିତ ମିଶ୍ର ଓ କୋଲକାତାର କଣ୍ଠଶିଳ୍ପୀ ଜୟନ୍ତୀ ଚକ୍ରବର୍ତ୍ତୀଙ୍କ ମିଳିତ ସ୍ୱରରେ ଶଙ୍କରାଚାର୍ଯ୍ୟ ରଚିତ ଜଗନ୍ନାଥ ଅଷ୍ଟକମ୍ ଶରଧାବାଲିରେ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓଡ଼ିଶାର ରାଜ୍ୟ ସଭାପତି ତଥା ଗୀତିକାର ବଦ୍ରି ମିଶ୍ରଙ୍କ ପରିଚାଳନାରେ ତିନି ରଥ ସମ୍ମୁଖରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଯୋଜକ ରଣଦୀପ୍ ଭଟ୍ଟାଚାର୍ଯ୍ୟ, ସଙ୍ଗୀତ ସଂଯୋଜିକା ଉପାଲି ଚଟ୍ଟୋପାଧ୍ୟାୟ ଉପସ୍ଥିତ ଥିଲେ।

### ରାତିକରେ ୨ଘରୁ ଚୋରି

ବାରଙ୍ଗ,୨୨।୬(ଲିଙ୍ଗରାଜ ରାଉତ)- ବାରଙ୍ଗ ଥାନା ଅନ୍ତର୍ଗତ ପଞ୍ଚୁପାଳ ଗ୍ରାମର ରବୀନ୍ଦ୍ର ବିଶୋଇଙ୍କ ଘରୁ ବୁଧବାର ବିଳମ୍ବିତ ରାତିରେ ଝରକା ଗ୍ରିଲ ଭାଙ୍ଗି ଦୁର୍ବୃତ୍ତମାନେ ଆଲମିରାରୁ ଗୋଟିଏ ସୁନା ମୁଦି ଓ ନଗଦ ୨୦ହଜାର ଟଙ୍କା ଚୋରି କରି ନେଇଥିବା ଗୁରୁବାର ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଘର ମାଲିକ ରବିନ୍ଦ୍ର ବିଶୋଇ ବାହାରେ ରହୁଥିବାବେଳେ ପୁଅ ବୋହୂ ଘରେ ରହୁଥିଲେ। ବୁଧବାର ରାତିରେ କେତେଜଣ ଦୁର୍ବୃତ୍ତ ଘରର ଝରକା ଗ୍ରିଲ ଭାଙ୍ଗି ଭିତରେ ପଶି ଆଲମିରା ଭାଙ୍ଗି ଗୋଟିଏ ସୁନା ମୁଦି ଓ ୨୦ହଜାର ଟଙ୍କା ଚୋରି କରି ନେଇଥିଲେ। ପରଦିନ ସକାଳେ ରବୀନ୍ଦ୍ରଙ୍କ ପୁଅ ମିହିର ବିଶୋଇ ଚୋରି ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେହିପରି ଶ୍ରୀବନ୍ତପୁର ଗ୍ରାମର ଶିବ ପ୍ରଧାନଙ୍କ ଘର ପାଚେରି ଡେଇଁ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ଆଲମିରାରୁ ସୁନା କାନର ହଳେ ଓ ୧୫ହଜାର ଟଙ୍କା ଚୋରି କରିନେଇଛନ୍ତି। ଦୁର୍ବୃତ୍ତମାନେ ପ୍ରଥମେ ଘରେ ପଶି ଶିବ ଶୋଇଥିବା ଘରକୁ ବାହାର ପଟରୁ ତାଲା ପକାଇ ଦେଇଥିଲେ।

### ମୃତଦେହ ସତ୍କାର କରି ପ୍ରେରଣା ସାଜିଲେ

ବୋଲଗଡ଼,୨୨।୬(ଦେବବ୍ରତ ହୋତା) ଖୋର୍ଦ୍ଧା ଓ ନୟାଗଡ଼ ଜିଲା ସୀମାନ୍ତ ରାଜସୁନାଖଳା ପଞ୍ଚାୟତ ନୃସିଂହପୁର ଗ୍ରାମ ଟାଙ୍ଗୀସାହିରେ ଏକ ମୃତଦେହ ୮ଘଣ୍ଟା ପଡ଼ିରହିଥିଲେ କେହି ଉଠାଇ ନ ଥିଲେ। ଏପରିକି କେହି ସତ୍କାର କରି ନ ଥିଲେ। ମୃତକ ହେଲେ ଏହି ସାହିରେ ରହୁଥିବା କୃଷ୍ଣ ବାହାଦୁର। ଏଭଳି ସ୍ଥିତିରେ ମୃତଦେହ ସତ୍କାର କରିବା ପାଇଁ ଆଗେଇ ଆସିଥିଲେ ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ଏବଂ ରାଜସୁନାଖଳା ମହୋତ୍ସବ କମିଟି ଅଧକ୍ଷ ଆର୍ତ୍ତତ୍ରାଣ ପ୍ରଧାନ। ଉଭୟ ମୃତଦେହକୁ କାନ୍ଧ ଦେବା ସହ ସତ୍କାର କରି ମାନବିକତାର ପରିଚୟ ଦେଇଛନ୍ତି। ପ୍ରକାଶ ଯେ, କୃଷ୍ଣଙ୍କ ଘର ନେପାଳ ହୋଇଥିବା ବେଳେ ସେ ଏଠାରେ ରହୁଥିଲେ। ତାଙ୍କର ୪ ଝିଅ ଥିବାବେଳେ ସମସ୍ତେ ବିବାହିତା। କୃଷ୍ଣ ୩୦ବର୍ଷ ଧରି ରାଜସୁନାଖଳା ଦୁର୍ଗା ବଜାରର ଚୌକିଦାର ଭାବେ କାର୍ଯ୍ୟରତ ଥିଲେ। କିଛିବର୍ଷ ପୂର୍ବେ କୌଣସି କାରଣରୁ କୃଷ୍ଣଙ୍କ ଗୋଡ଼ ପଚିବା ଆରମ୍ଭ ହେଲା। ଫଳରେ ଚାକିରି ହରାଇ ଭିକ୍ଷା କରି ଚଳୁଥିଲେ। ପରେ ଦୁଇ ଗୋଡ଼ ଅକାମି ହୋଇଯିବାରୁ ଅସହାୟ ଅବସ୍ଥାରେ ଘରେ ପଡ଼ି ରହିଥିଲେ। ଘର ଭିତରୁ ଦୁର୍ଗନ୍ଧ ହେବାରୁ କୃଷ୍ଣଙ୍କ ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ।

# ଶ୍ରୀମନ୍ଦିର ସିଂହଦ୍ୱାରର ରୁପା ଛାଉଣି କାର୍ଯ୍ୟ ଆରମ୍ଭ

- ବର୍ମାଟିକ କାଠରେ ପ୍ରସ୍ତୁତ ହେବ
- ବାହୁଡ଼ା ପୂର୍ବରୁ ସରିବ କାର୍ଯ୍ୟ
- ଭକ୍ତଙ୍କ ପାଇଁ ସିଂହଦ୍ୱାର ପ୍ରବେଶ କଟକଣା

ପୁରୀ,୨୨।୬(ଅଜିତ୍ ମହାନ୍ତି)



ଶ୍ରୀମନ୍ଦିର ସିଂହଦ୍ୱାରର ନୂତନ ରୁପା ଦ୍ୱାର ସ୍ଥାପନ କରାଯିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରିଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଦିନ ଯାତ୍ରାରେ ବାହାରିବା ପରେ କାମ ଆରମ୍ଭ ହେବ ବୋଲି ସ୍ଥିର କରାଯାଇଥିଲା। ସେହି ନିଷ୍ପତ୍ତି ଅନୁଯାୟୀ ଗୁରୁବାର ଶ୍ରୀମନ୍ଦିର ସିଂହଦ୍ୱାରର ରୁପା ଛାଉଣି ପାଇଁ ସିଂହଦ୍ୱାରରେ କାମ ଆରମ୍ଭ ହୋଇଛି। ପ୍ରଥମେ ସିଂହଦ୍ୱାରରେ ଅସ୍ଥାୟୀ ଫ୍ଲାଟରେ ଦୁଆର ତିଆରି କାର୍ଯ୍ୟ ଆରମ୍ଭ ହୋଇଛି। ସିଂହଦ୍ୱାର ଭଳି ଅବିକଳ ଅସ୍ଥାୟୀ ସିଂହଦ୍ୱାର ବୁଧବାର ରାତିରେ ଲଗାଯାଇଥିଲା। ମୁମ୍ବାଇରୁ ଦୁଇଟି ଷ୍ଟିଲ ଫ୍ରେମ ଆସି ପହଞ୍ଚିବା ପରେ ୧୫ରୁ ଊର୍ଦ୍ଧ୍ୱ ଶ୍ରମିକ ଏହାକୁ ଶ୍ରୀମନ୍ଦିର ସିଂହଦ୍ୱାର ମଧ୍ୟକୁ ନେଇଥିଲେ। ଏହି ଷ୍ଟିଲ ଫ୍ରେମ ନିର୍ମାଣ କାର୍ଯ୍ୟ ମୁମ୍ବାଇରେ ରୁପା ଦାନ କରିଥିବା ଦାତାଙ୍କ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ମୂଳ ସିଂହଦ୍ୱାର ଭଳି ମାପ, ଓଜନ, ଡିଜାଇନ ଓ ଉତ୍କଳୀୟ କାରୁକାର୍ଯ୍ୟ ସମ୍ପନ୍ନ ଅବିକଳ ସିଂହଦ୍ୱାର ପ୍ରସ୍ତୁତ କରାଯାଉଛି। ରୁପା ଛାଉଣି ପାଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଭାଗ ଅଞ୍ଚଳକୁ ସିଲ୍ କରି ଭକ୍ତଙ୍କ ପାଇଁ କଟକଣା ଥିବାବେଳେ କେବଳ ସେବାୟତମାନେ ପ୍ରବେଶ କରୁଛନ୍ତି। ରୁପା ଛାଉଣି କବାଟ ଫିଟିଂ ସମୟରେ ମାଜିଷ୍ଟ୍ରେଟଙ୍କ ମୁତୟନ ସହ ସିସିଟିଭି କ୍ୟାମେରା, ପୋଲିସ ଉପସ୍ଥିତିରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଷ୍ଟିଲ ଫ୍ରେମ ଉପରେ ବର୍ମାଟିକ କାଠରେ ପ୍ରସ୍ତୁତ ଦ୍ୱାର ଲଗାଯାଇ ରୁପା ଛାଉଣି କରାଯିବ। ବାହୁଡା ଯାତ୍ରା ପୂର୍ବରୁ ସିଂହଦ୍ୱାର ରୁପା ଛାଉଣି କାର୍ଯ୍ୟ ଶେଷ କରିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏ ନେଇ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ବି. ଡି. ଗଡନାୟକ କହିଛନ୍ତି, ବର୍ତ୍ତମାନ ଶ୍ରୀମନ୍ଦିର ସିଂହଦ୍ୱାରର ରୂପା ଛାଉଣି କାର୍ଯ୍ୟ ଆରମ୍ଭ ହୋଇଗଲାଣି। ପୂର୍ବ ପ୍ରସ୍ତୁତି ଅନୁଯାୟୀ କାର୍ଯ୍ୟ କରାଯାଉଛି। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି,ପୂର୍ବରୁ ନିଷ୍ପତ୍ତି ଅନୁଯାୟୀ ରଥ ଯାତ୍ରା ପରଦିନ କାଠ ଆସି ଡମି ଦ୍ୱାର ନିର୍ମାଣ କରାଯାଇଥିଲା। ଗୁରୁବାର ଷ୍ଟିଲ ଫ୍ରେମ ଆସି ପହଞ୍ଚିଛି। ରୁପା କାର୍ଯ୍ୟ ମଧ ଚାଲିଛି। ରୁପା କାର୍ଯ୍ୟ ସରିବା ପୂର୍ବରୁ ଷ୍ଟିମ ଫ୍ରେମ ଲଗାଯାଇ କାଠ ସେଟିଂ କରାଯିବ। ବର୍ମାଟିକ୍‌ରେ ପ୍ରସ୍ତୁତ କାଠ ଲଗାଯିବ। ଏହି ସମୟରେ ଭକ୍ତଙ୍କୁ ସିଂହଦ୍ୱାର ଦେଇ ଛଡାଯାଉ ନାହିଁ। କାର୍ଯ୍ୟ ସମୟରେ ହାଇସିକ୍ୟୁରିଟି ଜୋନ କରାଯିବ। ସମସ୍ତ ଜିନିଷକୁ ଦୃଷ୍ଟିରେ ରଖି ଟେକ୍ନିକାଲ କମିଟି ସହ ଆଲୋଚନା କରାଯାଇ କବାଟ କାର୍ଯ୍ୟ କରାଯାଉଛି। ତେଣୁ କୌଣସି ଅସୁବିଧା ହେବ ନାହିଁ ବୋଲି ଦାସ କହିଛନ୍ତି। ତେବେ ପୂର୍ବରୁ ଶ୍ରୀମନ୍ଦିର ଭିତରେ ୮ଟି ଦ୍ୱାରର ରୁପା ଛାଉଣି କରାଯାଇଥିବା ବେଳେ ଏବେ ଶ୍ରୀମନ୍ଦିର ସିଂହଦ୍ୱାରକୁ ରୁପା ଛାଉଣି କରାଯିବ।

## ରାସ୍ତାରେ ବର୍ଷା ପାଣି, ଲୋକେ ହଇରାଣ



ରାସ୍ତାରେ ଜମି ରହିଥିବା ବର୍ଷା ପାଣି।

ଜଟଣୀ,୨୨।୬(ରବୀନ୍ଦ୍ରନାଥ ମହାକୁଡ଼)

ମୌସୁମୀ ଛୁଇଁବା ପୂର୍ବରୁ ଗୁରୁବାର ପୂର୍ବାହ୍ନରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଫଳରେ ଲୋକେ ଅସହ୍ୟ ଗରମ ଓ ଗୁଳୁଗୁଳିରୁ ଆଶ୍ୱସ୍ତି ପାଇଛନ୍ତି। ଅନ୍ୟପଟେ ବର୍ଷା ଯୋଗୁ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମି ରହିଥିଲା। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳରେ ଦେଖିବାକୁ ମିଳିଛି। ୱାର୍ଡ ନଂ.୧୪ ଅନ୍ତର୍ଗତ ବାଛରାପାଟଣା ଜଗନ୍ନାଥ ମନ୍ଦିର ନିକଟରେ ବର୍ଷା ପାଣି ଡ୍ରେନରେ ପାସ୍ ନ କରିବାରୁ ରାସ୍ତାରେ ଜମି ରହିଥିଲା। ଫଳରେ ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବର୍ଷା ପୂର୍ବରୁ ପୌର ପ୍ରଶାସନ ପକ୍ଷରୁ ସହରରେ ଡ୍ରେନ ସଫେଇ ନ ହେବାରୁ ଏଭଳି ଅବସ୍ଥା ସୃଷ୍ଟି ହେଉଛି ବୋଲି ସାମାଜିକ କର୍ମୀ ପ୍ରଶାନ୍ତ କୁମାର ମହାପାତ୍ର ଏବଂ ଶ୍ରୀନିବାସ ମଙ୍ଗରାଜ କହିଛନ୍ତି। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।




ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ ଗୁରୁବାର ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଅଧକ୍ଷ ମିଟୁ ନାୟକ ଏବଂ ଅନ୍ୟମାନେ।

## ପ୍ରଶିକ୍ଷଣ ଶିବିର

ବାଣପୁର,୨୨।୬(ଶଙ୍କର ବସ୍ତି)

ୱାର୍ଡ ଅଫିସର ପରିଚାଳନା କମିଟି ଏବଂ ୱାର୍ଡ ସଂଯୋଜିକାଙ୍କ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦ ଅଧକ୍ଷ ମିଟୁ ନାୟକଙ୍କ ଅଧକ୍ଷତା କରିଥିଲେ। ବିଜ୍ଞାପିତ ଅଞ୍ଚଳର କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଉପାଧକ୍ଷ ପ୍ରାଚୀପ୍ରଭା ସ୍ୱାଇଁଙ୍କ ସମେତ ଅନ୍ୟ କର୍ମଚାରୀମାନେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ(ମୁକ୍ତା) କିପରି ଲୋକାଭିମୁଖୀ ହୋଇପାରିବ ସେନେଇ ପ୍ରଶିକ୍ଷଣ ଶିବିରରେ ଆଲୋଚନା ହୋଇଥିଲା। ଏଥିରେ ବାଣପୁର ବିଜ୍ଞାପିତ ଅଞ୍ଚଳର ସମସ୍ତ କାଉନସିଲର, ବିଭିନ୍ନ ସ୍ୱୟଂ ସହାୟକା ଗୋଷ୍ଠୀ ଓ ମିଶନ ଶକ୍ତିର ମହିଳାମାନେ ଉପସ୍ଥିତ ଥିଲେ।

## ବାଇକ୍ ସହ ୨ କାର୍ ଜବତ, ଜଣେ ଗିରଫ

କୋଣାର୍କ,୨୨।୬(ଜ୍ୟୋତିରାଜ ମହାନ୍ତି)

ପୁରୀ – କୋଣାର୍କ ବେଳାମାର୍ଗ ରାସ୍ତାରେ ୨ଟି ରାହାଜାନି ଘଟଣାରେ ଚନ୍ଦ୍ରଭାଗା ମେରାଇନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କୋଣାର୍କ ରାଉଳପାଟଣା ଗ୍ରାମର ଫିଲୁ ଓରଫ ସଦୟାନାଥ ଲେଙ୍କା(୨୬)। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଫେରାର ହୋଇଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ. ୧୮/୨୩) ରୁଜୁକରି ସଦୟାନାଥଙ୍କୁ କୋର୍ଟଚାଲାଣ କରିଛି। ସେଠାରେ ଜାମିନ ନ ।ମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲକୁ ପଠାଇଦିଆଯାଇଛି। ଅଭିଯୁକ୍ତଙ୍କଠାରୁ ବ୍ୟବହାର କରୁଥିବା ଏକ ବାଇକ(ନଂ.ଓଡି ୦୨ ଏଏଲ୍ ୪୨୭୪) ସହିତ ଏକ କାର୍ (ଓଡି ୦୨ ସିଏଫ୍ ୬୩୬୭)ସହିତ ୨ଟି ମୋବାଇଲି ଫୋନ ସହିତ କିଛି ଟଙ୍କା ପୋଲିସି ଜବତ କରିଛି।ପ୍ରକାଶ ଯେ, ଗତ ୧୯ ତାରିଖରେ ପୁରୀ ଠାରୁ କୋଣାର୍କ ଅଭିମୁଖେ ଆସୁଥିବା ଏକ ଦମ୍ପତି ଓ ଗତ ୨୦ ତାରିଖରେ କୋଣାର୍କରୁ ପୁରୀକୁ ବାଇକ୍‌ରେ ଯାଉଥିବ ଅନ୍ୟ ଏକ ଦମ୍ପତିଙ୍କଠାରୁ ୨ଦୁର୍ବୃତ୍ତ ରାହାଜାନି କରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକାରୀ କୋଣାର୍କ ବାଲି ଦୋକାନ ନିକଟସ୍ଥ ଗୟଳ ଗ୍ରାମର ପବିତ୍ର ନାୟକ। ଅଭିଯୋଗ ପାଇ ଚନ୍ଦ୍ରଭାଗା ମେରାଇନ ଥାନା ଅଧିକାରୀ ରବୀନ୍ଦ୍ର ସେଠୀ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥିଲେ। ଗୁରୁବାର ପୂର୍ବାହ୍ନରେ କୌଣସି ସୂତ୍ରରୁ ଖବରପାଇ କୋଣାର୍କ ବସ୍‌ଷ୍ଟାଣ୍ଡରେ ରାହାଜାନି କରିଥିବା ୨ ଦୁର୍ବୃତ୍ତ ଏକ କାର୍‌ରେ ବୁଲୁଥିଲେ। ପୋଲିସର ଏକ ଟିମ୍ ସେଠାରେ ଚଢ଼ାଉ କରି ଜଣକୁ ଧରି ଗିରଫ କରିଥିଲା ବେଳେ ଅନ୍ୟଜଣେ ଫେରାର ହୋଇଯାଇଥିଲା।

## ସ୍ମାର୍ଟ ସ୍କୁଲ ସିଲିଂରୁ ଖସିଲା ପ୍ଲାଷ୍ଟର

ଗୋପ,୨୨।୬
(ଭାରତୀ ଭୂଷଣ ଉପାଧ୍ୟାୟ)



ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷା ସହିତ ଅଧ୍ୟୟନରତ ଛାତ୍ରୀଛାତ୍ର କିପରି ଶୃଙ୍ଖଳିତ ଓ ଅତ୍ୟାଧୁନିକ ଜ୍ଞାନକୌଶଳରେ ଶିକ୍ଷା ଲାଭ କରିବେ, ସେଥିପାଇଁ ସ୍ମାର୍ଟ ସ୍କୁଲ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କଲେ। ଏହି ଯୋଜନାରେ ଗୋପ ବ୍ଲକର ଅଧିକାଂଶ ସ୍କୁଲ ରହିଥିବା ସମୟରେ ଏରବଙ୍ଗ ସରକାରୀ ବିଦ୍ୟାଳୟ ମଧ ରହିଛି। ହେଲେ ଏହି ସ୍ମାର୍ଟ ସ୍କୁଲରେ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ କିଛି ମାସ ମଧରେ ବିଦ୍ୟାଳୟର ସମ୍ମୁଖ ସିଲିଂରୁ ପ୍ଲାଷ୍ଟର ଖସି ପଡିଯାଇଛି। ପ୍ଲାଷ୍ଟର ଖସିବା ଘଟଣା ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ନିମ୍ନମାନର କାର୍ଯ୍ୟ ଯୋଗୁ ଏଭଳି ହୋଇଥିବା ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଏରବଙ୍ଗ ସରକାରୀ ବିଦ୍ୟାଳୟଟି ୧୯୬୩ ରେ ସ୍ଥାପିତ ହୋଇଥିବା ବେଳେ ଏଠାରେ ଶତାଧିକ ଛାତ୍ରୀଛାତ୍ର ଶିକ୍ଷାଲାଭ କରୁଛନ୍ତି। ସ୍କୁଲଟି ଅତି ପୁରାତନ ସ୍କୁଲ ଭାବରେ ପରିଚିତ ହୋଇଥିବା ବେଳେ ଏହି ସ୍କୁଲକୁ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ସ୍ମାର୍ଟସ୍କୁଲ ତାଲିକାରେ ଅନ୍ତର୍ଭୁକ୍ତ କରିଥିଲେ। ସ୍ମାର୍ଟ ସ୍କୁଲ ଘୋଷଣା ପରେ ନୂତନ ଆକାରରେ ସ୍କୁଲଗୃହଗୁଡ଼ିକ କାର୍ଯ୍ୟ ହୋଇଥିଲା। ହେଲେ କାର୍ଯ୍ୟ ହେବାର କିଛି ମାସ ମଧରେ ଗୁରୁବାର ବିଦ୍ୟାଳୟର ସମ୍ମୁଖ ଭାଗରେ ଥିବା ସିଲିଂର ପ୍ଲାଷ୍ଟର ଖସିଯାଇଛି। ସୌଭାଗ୍ୟବଶତଃ ସେହି ସମୟରେ କେହି ଛାତ୍ରୀଛାତ୍ର କି ଶିକ୍ଷକ, କର୍ମଚାରୀ ସେଠାରେ ଉପସ୍ଥିତ ନ ଥିଲେ। ତେବେ ଏହି ବିଦ୍ୟାଳୟରେ ୫-ଟି ଯୋଜନା ଅର୍ଥକୁ ଠିକ ଭାବରେ ଖର୍ଚ୍ଚ କରା ନ ଯାଇ ସ୍କୁଲ କାନ୍ଥକୁ କେବଳ ରଙ୍ଗ ବୋଳି ଅର୍ଥ ନେଇଯାଇଥିବା ଅଭିଯୋଗ ହୋଇଛି। ଆଉ ମଧ ଅଧାପନ୍ତରିଆ ଭାବରେ କେତେକ କାର୍ଯ୍ୟ ରହିଛି। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗିତା ମଲ୍ଲିକ ବାରମ୍ବାର ବିଡିଓ ଦୀପ୍ତିରାଣୀ ଦାସଙ୍କୁ ଚିଠି ଲେଖିଥିଲେ ମଧ କୌଣସି ସୁଫଳ ମିଳିପାରି ନାହିଁ। ଏପରି ଅଭିଯୋଗକୁ ତୁରନ୍ତ କାର୍ଯ୍ୟାଦେଶ ନେଇଥିବା କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ବିଡଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ ଅଭିଯୋଗ ରହିଛି। ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି କହିଛନ୍ତି।

### ୮୦ ପୁଡ଼ିଆ ବ୍ରାଉନସୁଗାର ଜବତ

ବାରଙ୍ଗ,୨୨।୬(ଲିଙ୍ଗରାଜ ରାଉତ)

ବାରଙ୍ଗ ମେଡିକାଲ ଛକ ନିକଟରୁ ଗୁରୁବାର ୮୦ଟି ପୁଡ଼ିଆରେ ଥିବା ପାଖାପାଖି ୫୦ଗ୍ରାମର ବ୍ରାଉନସୁଗାର ପୋଲିସ ଜବତ କରିଛି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖିଥିବା ବେଳେ ଜଣେ ଫେରାର ହୋଇଯାଇଛି। ପ୍ରକାଶ ଯେ, ସକାଳେ ବାରଙ୍ଗ ଥାନା ଅଧୀନ ମେଡିକାଲ ଛକ ନିକଟରେ ଖୋର୍ଦ୍ଧାରୁ ଜଣେ ଯୁବକ କାନ୍ଧରେ ବ୍ୟାଗ ପକାଇ ଆସି ପହଞ୍ଚିଥିଲେ। ଏହାପରେ ବଙ୍ଗାଳି ସାହିର ଓ ତେଲେଙ୍ଗା ସାହିର ଦୁଇଜଣ ଯୁବକ ଆସି ଉକ୍ତ ଯୁବକ ସହ କଥା ହୋଇ ପାଖରେ ଥିବା ଭଙ୍ଗାଘରକୁ ଯାଇଥିଲେ। କେତେଜଣ ଯୁବକ ସେମାନଙ୍କୁ ପିଛା କରିବା ସହ ୩ଜଣଙ୍କୁ ନଜରବନ୍ଦୀରେ ରଖି ପୋଲିସକୁ ଖବର ଦେଇଥିଲେ। ଖୋର୍ଦ୍ଧାରୁ ଆସିଥିବା ଯୁବକ ବ୍ୟାଗରେ ଆଣିଥିବା ୮୦ଟି ବ୍ରାଉନସୁଗାର ପୁଡ଼ିଆକୁ ବିକ୍ରି ପାଇଁ ଡିଲ କରୁଥିବାବେଳେ ପୋଲିସ ହାତରେ ଧରାପଡିଥିଲା।

## ୮.୫ ଲକ୍ଷର ବ୍ରାଉନସୁଗାର ଜବତ, ବେପାରୀ ଗିରଫ



ନିମାପଡ଼ା,୨୨।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ନିମାପଡ଼ା ଥାନା ଅନ୍ତର୍ଗତ ଓମଫେଡ ଛକ, ଡେଲଟା ଛକ, ଗୋଲେଇ ଛକ, ଜେଲ ଛକରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଓମଫେଡ ଛକରୁ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ଅନିଲ ରାଉତ। ତାଙ୍କଠାରୁ ୮ଲକ୍ଷ ୫୦ହଜାର ଟଙ୍କାର ବ୍ରାଉନସୁଗାର ଜବତ କରାଯାଇଛି। ଏ ନେଇ ନିମାପଡ଼ା ଅବକାରୀ ଥାନା ପକ୍ଷରୁ ଏକ ମାମଲା(ନଂ.୪୩/୨୩) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ବିଚାର ବିଭାଗୀୟ ତାଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରି ଜେଲ ପଠାଇ ଦେଇଛନ୍ତି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରା, ଏଏସ୍ଆଇ ଜିତେନ୍ଦ୍ର ବେହେରା, ପ୍ରଦୀପ୍ତ ପଣ୍ଡା, ସବିତା ସାହୁ ପ୍ରମୁଖ ସଦଳବଳେ ଏହି ଚଢ଼ାଉ କରିଥିଲେ।

## ଟ୍ରାଫିକ ସମସ୍ୟା ନେଇ ବଢୁଛି ଅସନ୍ତୋଷ



ବୋଲଗଡ଼,୨୨।୬(ଦେବବ୍ରତ ହୋତା)

ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ଏକ ସଂଯୁକ୍ତ ସ୍ଥଳରେ ରହିଛି ରାଜସୁନାଖଳା ବଜାର। ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ପାର୍ଶ୍ୱରେ ଥିବା ଏହି ବଜାର ଉଭୟ ଜିଲାର ବୋଲଗଡ଼ ଏବଂ ରଣପୁର ବ୍ଲକ ସଂଲଗ୍ନ ଭାବେ ଏକ ପ୍ରମୁଖ ବ୍ୟବସାୟିକ କେନ୍ଦ୍ରଭାବେ ପରିଗଣିତ। ତେଣୁ ଏଠାରେ ଲୋକଙ୍କ ଯାତାୟାତ ପାଇଁ ଭିଡ଼ ପରିଲକ୍ଷିତ ହେଉଥିବା ବେଳେ ଟ୍ରାଫିକ ସମସ୍ୟା ନେଇ ସାଧାରଣରେ ଅସନ୍ତୋଷ ବଢୁଛି।

ଏହି ବଜାର ଦେଇଯାଇଥିବା ଜାତୀୟ ରାଜପଥରେ ବାଲାଙ୍ଗୀରଠାରୁ ନୟାଗଡ଼ ଓ ଖୋର୍ଦ୍ଧା ଦେଇ ରାଜ୍ୟ ରାଜଧାନୀକୁ ପ୍ରତ୍ୟହ ଯାତ୍ରୀବାହୀଙ୍କଠାରୁ ଆରମ୍ଭ କରି ମାଲବାହୀ ଯାନ ସମେତ ଜରୁରିକାଳୀନ ସେବା ଯାନଗୁଡିକ ଯାତାୟାତ କରିଥାନ୍ତି। ଏଥିସହ ସ୍ଥାନୀୟ ଲୋକେ ମଧ ବଜାରକୁ ଆସିଥାନ୍ତି। ଫଳରେ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ। ଏହାକୁ ନିୟନ୍ତ୍ରଣ ପାଇଁ କୌଣସି ଟ୍ରାଫିକ ବ୍ୟବସ୍ଥା ନ ଥିବାରୁ ଗାଡ଼ିଗୁଡିକ ସମେତ ଜନସାଧାରଣ ଦୀର୍ଘ ସମୟ ପର୍ଯ୍ୟନ୍ତ ଫସିରହିଥାନ୍ତି। ବହୁ ସମୟରେ ଆମ୍ବୁଲାନ୍ସ ମଧ ଫସି ରହିଥିବା ନଜିର ରହିଛି। ଭିଡ ସମୟରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାତାୟାତ କରୁଥିବା ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଜରୁରିକାଳୀନ ସେବା ବିଶେଷକରି ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟ, ବୋଲଗଡ, ବାଙ୍କୋଇ ଓ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ପ୍ରତିଦିନ ଗୁରୁତର ରୋଗୀଙ୍କୁ ଆମ୍ବୁଲାନ୍ସରେ ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକକୁ ଅଧିକ ଚିକିତ୍ସା ପାଇଁ ନେବାକୁ ହୋଇଥାଏ। ରାଜସୁନାଖଳା ବଜାର ଅଞ୍ଚଳରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଛକ ସ୍ଥାନ ଗୁଡିକରେ ଟ୍ରାଫିକ ପୋଷ୍ଟର ଆବଶ୍ୟକ ରହିଛି। ପ୍ରଶାସନ ତୁରନ୍ତ ଟ୍ରାଫିକ ପୋଷ୍ଟ ଦ୍ୱାରା ଯାନବାହନ ଚଳାଚଳ ନିୟନ୍ତ୍ରଣ କରାଇବାକୁ ବୁଦ୍ଧିଜୀବୀଙ୍କ ମହଲରେ ଦାବି ହୋଇଛି।

## ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ନିଯୁକ୍ତି ନିୟମିତ ନେଇ ଏସ୍ଓପି ଜାରି

ଭୁବନେଶ୍ୱର,୨୨।୬
(ଅନୁରାଧା ମହାରଣା)

### ବାଦ୍ ପଡ଼ିଲେ ୨୦୧୩ ପୂର୍ବରୁ ନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ନିଯୁକ୍ତି ନିୟମିତ କରାଯିବା ନେଇ ଏପ୍ରିଲ ୧୩ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ଏନେଇ ସ୍ୱତନ୍ତ୍ର ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିସ୍ତୃତ ଗାଇଡ୍‌ଲାଇନ ଏବଂ ଏସ୍ଓପି ଜାରି ପାଇଁ ପ୍ରାୟ ଅଢ଼େଇ ମାସ ଲାଗିଯାଇଛି। ଅନେକ ଦିନରୁ ନିଯୁକ୍ତି ନିୟମିତ ଦାବି ହୋଇଆସୁଥିବାବେଳେ ଗୁରୁବାର ବିଭାଗ ପକ୍ଷରୁ ଏସ୍ଓପି ଜାରି ହୋଇଛି। ବିଜ୍ଞପ୍ତି ଅନୁସାରେ, ସାଧାରଣ ପ୍ରଶାସନ ବିଭାଗ ଓ ଗ୍ରୁପ-ବି ପଦବୀ(ଚୁକ୍ତିଭିତ୍ତିକ ନିଯୁକ୍ତି) ନିୟମ-୨୦୧୩ ଅନ୍ତର୍ଗତ ଯେଉଁ ଶିକ୍ଷକମାନେ ଇନିସିଆଲ ଆପଏଣ୍ଟମେଣ୍ଟ ପାଇଥିଲେ ସେମାନଙ୍କ ଚାକିରି ଓ ଗ୍ରୁପ-ବି, ସି, ଡି ପଦବୀ (ଉଚ୍ଛେଦ ଓ ସ୍ୱତନ୍ତ୍ର ପ୍ରାବଧାନ) ରୁଲ୍‌ସ-୨୦୨୨ ଆଧାରରେ ନିୟମିତ ହେବ। ଶିକ୍ଷକମାନଙ୍କ ନିଯୁକ୍ତି ବର୍ଷ ଓ ମେରିଟ ଲିଷ୍ଟ ଅନୁସାରେ ସେମାନଙ୍କର ବରିଷ୍ଠତା ବିବେଚନା କରାଯିବ। ସେହିପରି ଯେଉଁ ଶିକ୍ଷକମାନେ ଓ ଗ୍ରୁପ-ବି ପଦବୀ(ଚୁକ୍ତିଭିତ୍ତିକ ନିଯୁକ୍ତି) ରୁଲ୍‌ସ-୨୦୧୩ ପୂର୍ବରୁ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିଲେ ତଥା ସେମାନେ ଏହି ବିଜ୍ଞପ୍ତି ଜାରି ହେବା ପୂର୍ବରୁ ୬ବର୍ଷ ଚାକିରି ପୂରଣ କରି ନ ଥିଲେ ସେମାନଙ୍କ ଚାକିରିର ନିୟମିତ ଅବଧି ଗଣଶିକ୍ଷା ବିଭାଗ ୨୦୦୮ ଓ ୨୦୧୧ ମସିହାର ବିଜ୍ଞପ୍ତି ଆଧାରରେ ବିବେଚନା କରାଯିବ। ଓଆର୍‌ଭି ନିୟମକୁ ପାଳନ କରି ଏହି ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କ ନିଯୁକ୍ତିକୁ ନିୟମିତ କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।

ସୂଚନା ଥାଉ କି, ୨୦୨୨ ଅକ୍ଟୋବର ୧୫ରେ ମୁଖ୍ୟମନ୍ତ୍ରୀ ରାଜ୍ୟରୁ ଚୁକ୍ତିଭିତ୍ତିକ ପ୍ରଥାର ଉଚ୍ଛେଦ ନେଇ ଘୋଷଣା କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ପ୍ରାୟ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀଶିକ୍ଷକ ଏଥିରୁ ବାଦ୍ ପଡ଼ିଥିଲେ। ଫଳରେ ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ପ୍ରଥମେ ଡିସେମ୍ବର ୭ ଓ ପରେ ଏପ୍ରିଲ ୧ରୁ ୧୩ତାରିଖ ଯାଏ ଲୋୟର ପିଏମ୍‌ଜିରେ ଧାରଣା ଦେଇଥିଲା। ତେବେ ଏପ୍ରିଲ ୧୩ରେ ନିୟମିତ ହେବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ ଏସ୍ଓପି ଜାରି ଆଳରେ ଦିନ ପରେ ଦିନ ବିତି ଚାଲିଥିବାରୁ ଶିକ୍ଷକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟପଟେ ଏସ୍ଓପି ଜାରି ହେବା ପରେ ମଧ ଅନେକ ଶିକ୍ଷକ ଆଶାନୁରୂପ ଫଳ ପାଇ ନ ଥିବା କହିଛନ୍ତି।

### ନ୍ୟାୟାଳୟର ଦ୍ୱାରସ୍ଥ ହେବ ଶିକ୍ଷକ ସଂଘ

ରାଜ୍ୟ ସରକାର ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସରକାର ନିୟମିତ କରିବା ନେଇ ଏସ୍ଓପି ଜାରି ହୋଇଥିବାବେଳେ ଏହାକୁ ଚୁକ୍ତିଭିତ୍ତିକ ହାଇସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ଅନ୍ୟପଟେ ୨୦୧୩ ପୂର୍ବରୁ ନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏହାଦ୍ୱାରା କୌଣସି ସୁବିଧା ସୁଯୋଗ ପାଇପାରିବେ ନାହିଁ। ଏହା ସମସ୍ତଙ୍କୁ ବ୍ୟଥିତ କରିଥିବା ସଂଘ ପକ୍ଷରୁ କୁହାଯାଇଛି। ଏ ନେଇ ସଂଘ ଲଢେଇ ଜାରି ରହିବ ଏବଂ ଉଚ୍ଚତମ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବ ବୋଲି ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି। ଯେଉଁ ଶିକ୍ଷକମାନେ ସେମାନଙ୍କ ଖରାପ ଆର୍ଥିକ ସମୟରେ କମ୍ ଦରମାରେ ଚାକିରି କରି ସରକାରଙ୍କୁ ସାହାଯ୍ୟ ଓ ସହଯୋଗ କରିଥିଲେ ସରକାର ତାଙ୍କ ସହ ଅନ୍ୟାୟ, ଅବିଚାର ଓ ବିଶ୍ୱାସ ଘାତକତା କରିଛନ୍ତି ବୋଲି ସଂଘର ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ କହିଛନ୍ତି। ବାରମ୍ବାର ଆଲୋଚନା ଓ ଆନ୍ଦୋଳନ ସତ୍ତ୍ୱେ ପୂର୍ଣ୍ଣ ସଫଳତା ମିଳି ନ ଥିବା କହି ସଂଘର ମହାସଚିବ ବିଶ୍ୱଜିତ ବିଶ୍ୱାଳ, କୋଷାଧକ୍ଷ ପଞ୍ଚାନନ ଜେନା, ମିଡ଼ିଆ ସମ୍ପାଦକ ଚନ୍ଦ୍ରକାନ୍ତ ପଣ୍ଡା ଏବଂ ଆବାହକ ନିରୋଦ ରଥ ପ୍ରମୁଖ କ୍ଷୋଭ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଗାଡ଼ି ସାଇଡମରାକୁ ନେଇ ଆକ୍ରମଣ ଘଟଣା: ୩ ଯୁବକ ଗିରଫ

ଯାଁଳା,୨୨।୬(ବୁଲୁ ବାରିକ): ଗାଡ଼ି ସାଇଡମରାକୁ ନେଇ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ଗୁରୁବାର ଇନ୍‌ଫୋଭ୍ୟାଲି ଥାନା ପୋଲିସ ୩ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଢେଙ୍କାନାଳ ଜିଲା ରାସୋଳ ଥାନା ଖଲିବୋରେଇ ଗ୍ରାମର କାହ୍ନା ନାୟକ ଓରଫ୍ ପ୍ରଣବ (୨୦), ଖୋର୍ଦ୍ଧା ଜିଲା ସଦର ଥାନା ଅନ୍ତର୍ଗତ କାଇପଦର ଗ୍ରାମର ମହେଶ ନାଏକ ଓରଫ୍ ଆକାଶ (୨୩) ଏବଂ ଚନ୍ଦକା ଥାନା କଣ୍ଟାବାଡ ଗ୍ରାମର ମଣ୍ଟୁ ନାଏକ ଓରଫ୍ ସୁବ୍ରତ (୧୯)। ତେବେ କାହ୍ନାଙ୍କ ନାମରେ କ୍ୟାପିଟାଲ ଥାନାରେ ପୂର୍ବରୁ ଦୁଇଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡିଛି।

ଏହି ଘଟଣାରେ ସମ୍ପୃକ୍ତ ଥିବା ଆଉ ୨ ଯୁବକଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ସୂଚନା ମୁତାବକ, ଜଟଣୀ ଥାନା ଅଧୀନ ଯମୁନା ଗ୍ରାମର ରବୀନ୍ଦ୍ର ପରିଡା ରିୟଲ ଇଷ୍ଟେଟ ବ୍ୟବସାୟ କରନ୍ତି। ଗତ ମେ' ୨୮ରେ ସେ ଏକ ହୋଟେଲରେ ମିଟିଂ ସାରି କାରରେ ଘରକୁ ଫେରୁଥିଲେ। ଗୋବିନ୍ଦପୁର ଛକରୁ ଏକ ଘରୋଇ କଲେଜ ରାସ୍ତାରେ ୫ଜଣ ଯୁବକ ଏକ କାରରେ ଆସି ତାଙ୍କୁ ସାଇଡ ମାରିଥିଲେ। ଏହାକୁ ରବୀନ୍ଦ୍ର ବିରୋଧ କରିବାରୁ ଯୁବକମାନେ ତାଙ୍କୁ ଗାଳିଗୁଲଜ କରିବା ସହିତ ଲୁହା ପାଇପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ରବୀନ୍ଦ୍ର ସ୍ତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ମଦ ଜବତ: ୨ଗିରଫ

ଖୋର୍ଦ୍ଧା,୨୨।୬(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩୦ ଲିଟର ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ନେଇ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଅଣ୍ଡା ଗ୍ରାମର ପ୍ରଦୀପ ମହାନ୍ତି(୪୨) ଏବଂ ମଲିପଡା ଗ୍ରାମର ସ୍ୱପ୍ନେଶ୍ୱର ମାଝି(୫୪)। ପ୍ରଦୀପଙ୍କଠାରୁ ୧୫ ଲିଟର ମଦ ଓ ସ୍ୱପ୍ନେଶ୍ୱରଙ୍କଠାରୁ ୧୫ ଲିଟର ମଦ ଜବତ ହୋଇଛି।

### ଝିଅକୁ ଝୁରି ବାପାଙ୍କ ଆତ୍ମହତ୍ୟା ଅଭିଯୋଗ

ନିରାକାରପୁର,୨୨।୬ (ମାନସ ଚନ୍ଦ୍ର ପଟ୍ଟନାୟକ)- ନିରାକାରପୁର ଥାନା ଅଧୀନ ପଦ୍ମପୁର ଗ୍ରାମରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି। ଝିଅକୁ ଝୁରି ବାପା କୁଳମଣି ପ୍ରଧାନ ଆତ୍ମହତ୍ୟା କରିଛନ୍ତି ବୋଲି ସ୍ତ୍ରୀ ରଞ୍ଜିତା ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩/୨୩)ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, କୁଳମଣିଙ୍କ ବଡ଼ଝିଅ(ନାବାଳିକା)ଙ୍କୁ ଜଣେ ଯୁବକ ପ୍ରେମ ଜାଲରେ ଫସାଇଥିଲେ। ପରବର୍ତ୍ତୀ ସମୟରେ ସମ୍ପୃକ୍ତା ନାବାଳିକା ସମ୍ପର୍କ ନ ରଖିବାରୁ ଯୁବକ ଜଣଙ୍କ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଫଳରେ ଗତ ଅକ୍ଟୋବରରେ ନାବାଳିକା ଜଣଙ୍କ ଆତ୍ମହତ୍ୟା କରିଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଥିଲା। ଏହି ମାମଲା ବିଚାରାଧୀନ ରହିଛି। ତେବେ କେଉଁ କାରଣ ପାଇଁ କୁଳମଣି ଆତ୍ମହତ୍ୟା କଲେ ତାହା ତଦନ୍ତ ସାପେକ୍ଷ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ସ୍ମାର୍ଟ ସ୍କୁଲ ସିଲିଂରୁ ଖସିଲା ପ୍ଲାଷ୍ଟର

ଗୋପ,୨୨।୬(ଭାରତୀ ଭୂଷଣ ଉପାଧ୍ୟାୟ)


ଏରବଙ୍ଗ ସରକାରୀ ବିଦ୍ୟାଳୟର ସିଲିଂରୁ ପ୍ଲାଷ୍ଟର ଖସିଯାଇଛି ।

ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷା ସହିତ ଅଧ୍ୟୟନରତ ଛାତ୍ରୀଛାତ୍ର କିପରି ଶୃଙ୍ଖଳିତ ଓ ଅତ୍ୟାଧୁନିକ ଜ୍ଞାନକୌଶଳରେ ଶିକ୍ଷା ଲାଭ କରିବେ, ସେଥିପାଇଁ ସ୍ମାର୍ଟ ସ୍କୁଲ ୫–ଟି ଯୋଜନାରେ ଅନ୍ତର୍ଭୁକ୍ତ କଲେ। ଏହି ଯୋଜନାରେ ଗୋପ ବ୍ଲକର ଅଧିକାଂଶ ସ୍କୁଲ ରହିଥିବା ସମୟରେ ଏରବଙ୍ଗ ସରକାରୀ ବିଦ୍ୟାଳୟ ମଧ୍ୟ ରହିଛି। ହେଲେ ଏହି ସ୍ମାର୍ଟ ସ୍କୁଲରେ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ କିଛି ମାସ ମଧ୍ୟରେ ବିଦ୍ୟାଳୟର ସମ୍ମୁଖ ସିଲିଂରୁ ପ୍ଲାଷ୍ଟର ଖସି ପଡିଯାଇଛି। ପ୍ଲାଷ୍ଟର ଖସିବା ଘଟଣା ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ନିମ୍ନମାନର କାର୍ଯ୍ୟ ଯୋଗୁ ଏଭଳି ହୋଇଥିବା ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଏରବଙ୍ଗ ସରକାରୀ ବିଦ୍ୟାଳୟଟି ୧୯୬୩ ରେ ସ୍ଥାପିତ ହୋଇଥିବା ବେଳେ ଏଠାରେ ଶତାଧିକ ଛାତ୍ରୀଛାତ୍ର ଶିକ୍ଷାଲାଭ କରୁଛନ୍ତି। ସ୍କୁଲଟି ଅତି ପୁରାତନ ସ୍କୁଲ ଭାବରେ ପରିଚିତ ହୋଇଥିବା ବେଳେ ଏହି ସ୍କୁଲକୁ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ସ୍ମାର୍ଟସ୍କୁଲ ତାଲିକାରେ ଅନ୍ତର୍ଭୁକ୍ତ କରିଥିଲେ। ସ୍ମାର୍ଟ ସ୍କୁଲ ଘୋଷଣା ପରେ ନୂତନ ଆକାରରେ ସ୍କୁଲଗୃହଗୁଡ଼ିକ କାର୍ଯ୍ୟ ହୋଇଥିଲା। ହେଲେ କାର୍ଯ୍ୟ ହେବାର କିଛି ମାସ ମଧ୍ୟରେ ଗୁରୁବାର ବିଦ୍ୟାଳୟର ସମ୍ମୁଖ ଭାଗରେ ଥିବା ସିଲିଂର ପ୍ଲାଷ୍ଟର ଖସିଯାଇଛି। ସୌଭାଗ୍ୟବଶତଃ ସେହି ସମୟରେ କେହି ଛାତ୍ରୀଛାତ୍ର କି ଶିକ୍ଷକ, କର୍ମଚାରୀ ସେଠାରେ ଉପସ୍ଥିତ ନ ଥିଲେ।

**ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ**

ତେବେ ଏହି ବିଦ୍ୟାଳୟରେ ୫–ଟି ଯୋଜନା ଅର୍ଥକୁ ଠିକ ଭାବରେ ଖର୍ଚ୍ଚ କରା ନ ଯାଇ ସ୍କୁଲ କାନ୍ଥକୁ କେବଳ ରଙ୍ଗ ବୋଳି ଅର୍ଥ ନେଇଯାଇଥିବା ଅଭିଯୋଗ ହୋଇଛି। ଆଉ ମଧ୍ୟ ଅଧାପନ୍ତରିଆ ଭାବରେ କେତେକ କାର୍ଯ୍ୟ ରହିଛି। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗିତା ମଲ୍ଲିକ ବାରମ୍ବାର ବିଡିଓ ଦୀପ୍ତିରାଣୀ ଦାସଙ୍କୁ ଚିଠି ଲେଖିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଏପରି ଅଭିଯୋଗକୁ ତୁରନ୍ତ କାର୍ଯ୍ୟାଦେଶ ନେଇଥିବା କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ ଅଭିଯୋଗ ରହିଛି। ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି କହିଛନ୍ତି।

# ରୋଗୀ ନ ଦେଖିବାରୁ ଡାକ୍ତରଙ୍କ ସହ ପାଟିତୁଣ୍ଡ

ଡେଲାଙ୍ଗ,୨୨।୬(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବାରେ ଅବ୍ୟବସ୍ଥା ଦେଖାଦେଇଛି। ଫଳରେ ରୋଗୀଙ୍କ ସମ୍ପର୍କୀୟମାନେ ଡାକ୍ତରଙ୍କ ସହିତ ପାଟିତୁଣ୍ଡ କରିଛନ୍ତି। ସୂଚନା ମୁତାବକ, ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ପିଢପାଟଣା ଗ୍ରାମର ସୀତା ପରିଡା(୫୦) ରୋଗାକ୍ରାନ୍ତ ହୋଇ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଧବାର ଚିକିତ୍ସା ପାଇଁ ଆସିଥିଲେ। ସେହି ସମୟରେ ଜଣେ ଡାକ୍ତର ସ୍ୱାସ୍ଥ୍ୟକେନ୍ଦ୍ରରେ ଡ୍ୟୁଟିରେ ଥିଲେ। ରୋଗାକ୍ରାନ୍ତ ମହିଳା ଜଣକ ଡାକ୍ତରଖାନା ବାରଣ୍ଡାରେ ବସିଥିବା ବେଳେ ତାଙ୍କ ସମ୍ପର୍କୀୟମାନେ ଡାକ୍ତରଙ୍କୁ ଭେଟି ରୋଗୀଙ୍କୁ ଦେଖିବା ପାଇଁ ନିବେଦନ କରିଥିଲେ। ହେଲେ ଡାକ୍ତର ଜଣକ ରୋଗୀଙ୍କ ନିକଟକୁ ନ ଯାଇ ସମ୍ପର୍କୀୟଙ୍କଠାରୁ କଣ ହେଉଛି ବୁଝି ଔଷଧ କିଣିଆଣିବା ପାଇଁ ଚିଠା ଲେଖିଥିଲେ। ଫଳରେ ସମ୍ପର୍କୀୟମାନେ ରୋଗୀ ନ ଦେଖି ଔଷଧ କିଣିବାକୁ ଚିଠା କାହିଁକି କହୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏଥିରେ ଡାକ୍ତର ଜଣକ ଉତ୍‌କ୍ଷିପ୍ତ ହୋଇ ରୋଗୀଙ୍କ ଏଠାରେ ଚିକିତ୍ସା ହୋଇପାରିବନି, ଭୁବନେଶ୍ୱର ନେଇଯାଅ ବୋଲି କହିଥିଲେ। ଫଳରେ ରୋଗୀଙ୍କ ସମ୍ପର୍କୀୟ ଓ ଡାକ୍ତରଙ୍କ ମଧ୍ୟରେ ବଚସା ହୋଇଥିଲା। ଡାକ୍ତର ଜଣକ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ଏଭଳି କରିଥିବା ସାଧାରଣରେ ଚର୍ଚ୍ଚା ହୋଇଛି। ସୂଚନା ଥାଉକି, ଗତବର୍ଷ ଡିସେମ୍ବରରେ ଉକ୍ତ ଡାକ୍ତରଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ଜିଲା ଚିକିତ୍ସା ଅଧିକାରୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ତାଙ୍କ ବିରୋଧରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ମଧ୍ୟ ଡାକ୍ତରଙ୍କ ଆଚାର ବ୍ୟବହାରରେ କୌଣସି ପରିବର୍ତ୍ତନ ଆସି ନ ଥିଲା। ଫଳରେ ଏପରି ଅପ୍ରୀତିକର ପରିସ୍ଥିତି ଉପୁଜିଛି ବୋଲି ଲୋକମାନେ କହିଛନ୍ତି। ଡାକ୍ତର ଜଣକ ନିଜର କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ ନ କରି ଓଲଟି ରୋଗୀଙ୍କ ସମ୍ପର୍କୀୟଙ୍କ ବିରୋଧରେ ଡେଲାଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୭୯/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଥାନା ପକ୍ଷରୁ ସୂଚନା ମିଳିଛି।


ମହାପ୍ରଭୁଙ୍କ ଅପସରକୁ ଜଣେ ସେବାୟତ ନେଉଛନ୍ତି ।

# କୋଣାର୍କ ସାମ୍ବାଦିକ ମହାସଂଘ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି

କୋଣାର୍କ,୨୨।୬(ଜ୍ୟୋତିରାଜ ମହାନ୍ତି)

**ରଥଯାତ୍ରାରେ କାର୍ଯ୍ୟରତ ଖବରଦାତାଙ୍କୁ ଆକ୍ରମଣ ଘଟଣା**

ବିଶ୍ୱ ପ୍ରସିଦ୍ଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମୟରେ ଖବର ସଂଗ୍ରହ କାର୍ଯ୍ୟରେ ନିୟୋଜିତ ପୁରୀ ଜିଲାର ଏକ ବୈଦ୍ୟୁତିକ ଗଣମାଧ୍ୟମର ଦୁଇଜଣ ଖବରଦାତାଙ୍କୁ ୨ଜଣ ସେବାୟତଙ୍କ ମରଣାନ୍ତକ ଆକ୍ରମଣ ଘଟଣାକୁ କୋଣାର୍କ ସାମ୍ବାଦିକ ମହାସଂଘ ପକ୍ଷରୁ ଦୃଢ଼ ନିନ୍ଦା କରାଯିବା ସହିତ ଆକ୍ରମଣକାରୀମାନଙ୍କୁ ଗିରଫ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ଏ ନେଇ ଗୁରୁବାର ଯାତ୍ରୀନିବାସଠାରେ ମହାସଂଘର ଆବାହକ ତଥା ସାମ୍ବାଦିକ ଭାଗୀରଥୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ନିମନ୍ତେ ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବାରେ ଅହେତୁକ ବିଳମ୍ବ ଯୋଗୁ ଖବର ସଂଗ୍ରହ କରିବା ସମୟରେ ଖବରଦାତାଙ୍କ ଉପରେ ବାରମ୍ବାର ଆକ୍ରମଣ ହେଉଥିବା ବେଳେ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ଖବରଦାତାଙ୍କ ଜୀବନ ସୁରକ୍ଷିତ ନୁହେଁ ବୋଲି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ପୁରୀରେ ରଥଯାତ୍ରା ସମୟରେ ଖବର ସଂଗ୍ରହ କରୁଥିବା ୨ଜଣ ଖବରଦାତାଙ୍କୁ ଆକ୍ରମଣ ଘଟଣା ଓଡ଼ିଶାରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି। ଆକ୍ରମଣ କରିଥିବା ସେବାୟତଦ୍ୱୟଙ୍କୁ ତୁରନ୍ତ ଗିରଫ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ପୋଲିସ ଡିଜି ଓ ପୁରୀ ଏସ୍‌ପି ହସ୍ତକ୍ଷେପ କରିବା ପାଇଁ କୋଣାର୍କ ସାମ୍ବାଦିକ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଯଦି ଯୁଦ୍ଧକାଳୀନ ଭିତ୍ତିରେ ଆକ୍ରମଣକାରୀ ସେବାୟତଦ୍ୱୟଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ଆଗାମୀ ଦିନରେ ମହାସଂଘ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ ଖବରଦାତା ମାନସ ରଞ୍ଜନ ପାତ୍ର, ମନୋରଞ୍ଜନ ପଣ୍ଡା, ଅବନୀ ଭୂଷଣ ବାରିକ, ଜ୍ୟୋତିରାଜ ମହାନ୍ତି, ଅଜିତ ମଲ୍ଲିକ, ସନ୍ତୋଷ ରାୟ, ସୁକାନ୍ତ ବିଶ୍ୱାଳ, ରୀତାରାଣୀ ସେଠ, ପ୍ରଦୀପ୍ତ ଛାଟୋଇ, ରୋଜାଲିନ ପ୍ରଧାନ, ସ୍ୱାଧୀନ ନାୟକ, ପ୍ରମୋଦ ଗୋଛାୟତ, ଅରୁଣ ବିଶ୍ୱାଳ, ଗଣେଶଚନ୍ଦ୍ର ବେହେରା ଓ ଆଶିଷ ମିଶ୍ର ପ୍ରମୁଖ ଯୋଗଦେଇ ଘଟଣାର ଦୃଢ଼ ନିନ୍ଦା କରିବା ସହିତ ଆକ୍ରମଣକାରୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଗିରଫ କରିବାକୁ ଦାବି କରିଛନ୍ତି।

# ୪୫ହଜାର ଟଙ୍କା ନେଇଗଲେ ଦୁର୍ବୃତ୍ତ

କଣାସ,୨୦।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ନିକଟ ଏକ ଦୋକାନ ପାଖରେ ଜଣେ ସାଇକେଲରେ ୪୫ହଜାର ଟଙ୍କା ଥିବା ବ୍ୟାଗ ରଖିଥିବାବେଳେ ୨ଜଣ ଦୁର୍ବୃତ୍ତ ଆସି ଟଙ୍କା ଭର୍ତ୍ତି ବ୍ୟାଗକୁ ଚୋରି କରି ନେଇଯାଇଥିଲେ। ଏ ନେଇ କଣାସ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ରବି ପ୍ରଧାନ ସୋମବାର ସ୍ଥାନୀୟ ଷ୍ଟେଟ ବ୍ୟାଙ୍କରୁ ୪୫ହଜାର ଟଙ୍କା ଉଠାଇଥିଲେ। ପରେ ଟଙ୍କା ଭର୍ତ୍ତି ବ୍ୟାଗକୁ ସାଇକେଲରେ ରଖି ବ୍ୟାଙ୍କ ନିକଟସ୍ଥ ଏକ ପାନ ଦୋକାନକୁ ଯାଇଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା ଦୁଇଜଣ ଯୁବକ ହଠାତ୍ ଏକ ବାଇକ୍‌ରେ ଆସି ଟଙ୍କା ବ୍ୟାଗଟିକୁ ଚୋରି କରି ନେଇ ଦ୍ରୁତଗତିରେ ପଳାଇଯାଇଥିଲେ। ଏ ନେଇ ରବି ଥାନାର ଦ୍ୱାରସ୍ଥ ହୋଇଥିଲେ।

# ବଜାରରେ ବିକ୍ରି ହେଉଛି ଏକ୍ସପାଏରି ସାମଗ୍ରୀ

କଟକ,୨୨।୬ (କାର୍ତ୍ତିକ ସାହୁ)

- ହାଇକୋର୍ଟରେ ଜନସ୍ୱାର୍ଥ ମାମଲା
- ବ୍ୟବସାୟୀ ମାନୁନାହାନ୍ତି ସରକାରୀ କଟକଣା

କଟକ ସହରର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶନାମା ପାଳନ କରାଯାଉନାହିଁ। ଏହାଦ୍ୱାରା ବ୍ୟବସାୟୀମାନେ ମନଇଚ୍ଛା କାରବାର ଚଳାଇଥିବାବେଳେ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ତେବେ ସରକାରୀ ନିର୍ଦ୍ଦେଶନାମା କଡ଼ାକଡ଼ି ପାଳନ କରାଯିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ସାମାଜିକ କର୍ମୀ ଡ. ସୁନୀଲ କୁମାର ରଥ ହାଇକୋର୍ଟରେ ଗୁରୁବାର ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ, ସିଏମ୍‌ସି ମେୟର, ଫୁଡ୍ ସେଫ୍ଟି ଅଫିସର, ଜିଲା ଯୋଗାଣ ଅଧିକାରୀ, କଟକ ଡିସିପିଙ୍କ ସମେତ କେତେକ ଥାନାର ଆଇଆଇସି, ବ୍ୟବସାୟୀଙ୍କୁ ମିଶାଇ ମୋଟ ୧୧ ଜଣଙ୍କୁ ପ୍ରତିପକ୍ଷ ଭାବେ ଦର୍ଶାଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ସିଡିଏ ସେକ୍ଟର–୧୦ ଅଞ୍ଚଳର ଜଣେ ପ୍ରତିପକ୍ଷ ବ୍ୟବସାୟୀ ଏକ୍ସପାଏରି ସାମଗ୍ରୀ ବିକ୍ରି କରୁଛନ୍ତି। ସେହିଭଳି ୪ଟି ମାମଲା ଜିଲା ଖାଉଟି ଅଦାଲତରେ ବିଚାରାଧୀନ ଥିବାବେଳେ କୌଣସି ପଦକ୍ଷେପ ନିଆଯାଇନାହିଁ। ସେହିପରି ଅନ୍ୟ ଜଣେ ପ୍ରତିପକ୍ଷ ଏକ୍ସପାଏରି ଥଣ୍ଡା ପାନୀୟ ବିକ୍ରି କରିବା ନେଇ ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ ଏ ବାବଦରେ ନିଷ୍କ୍ରିୟ ରହିଛି। ପଚାଫଳ ଓ ପରିବା ମଧ୍ୟ ବିକ୍ରି ହେଉଛି। ସିଏମ୍‌ସିର ଫୁଡ୍ ସେଫ୍ଟି ଅଫିସର ଏକ୍ସପାଏରି ସାମଗ୍ରୀ ବିକ୍ରି ବନ୍ଦ କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ନିୟମିତ ଭାବେ ଏସବୁ ବ୍ୟବସାୟ ପ୍ରତିଷ୍ଠାନରେ ଚଢ଼ାଉ କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଏତଲାରେ ଦର୍ଶାଇଛନ୍ତି। ଏଥିସହ ପାନ ଦୋକାନରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ବିକ୍ରି ହେଉଛି।

# କଣ୍ଟିଠାରେ ଗଙ୍ଗୁଆକୁ ବନ୍ଦ କରାଯାଉ

**ଦୟା ବଞ୍ଚାଅ ନେଇ ପ୍ରସ୍ତୁତି ବୈଠକ**

ଡେଲାଙ୍ଗ,୨୨।୬(ରଶ୍ମିରଞ୍ଜନ ପ୍ରଧାନ)


ଦୟା ବଞ୍ଚାଅ ଅଭିଯାନ ପକ୍ଷରୁ ଅନୁଷ୍ଠିତ ବୈଠକରେ ଉପସ୍ଥିତ ସଦସ୍ୟ ।

ଡେଲାଙ୍ଗ ବ୍ଲକ ଗୋଲାପଡ଼ା ରାମ ମନ୍ଦିର ପରିସରରେ ଦୟାନଦୀ ବଞ୍ଚାଅ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରସନ୍ନ ମହାରଥୀ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଅଖିଳ ଭାରତ କୃଷକ ମହାସଭା ରାଜ୍ୟ ସମ୍ପାଦକ ଅଶୋକ ପ୍ରଧାନ, ସମାଜବାଦୀ ପାର୍ଟିର ସଦସ୍ୟ ସୁଦର୍ଶନ ପ୍ରଧାନ, କଂଗ୍ରେସ ନେତ୍ରୀ ନିରୁପମା ପାତ୍ର, କୃଷକ ନେତା କିଷାନ ପଟ୍ଟନାୟକ, ରଙ୍କନିଧି ବେହେରା, ଗୋବିନ୍ଦ ବେହେରା, ରାମଚନ୍ଦ୍ର ମହାରଣା, ମମତା ନାୟକ ପ୍ରମୁଖ ଚାଷୀ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରର ନାଳ ପାଣି ଦୟାନଦୀରେ ମିଶିବା ଯୋଗୁ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଭୁବନେଶ୍ୱରର ନର୍ଦ୍ଦମା ବିଷାକ୍ତ ପାଣି ଗଙ୍ଗୁଆ ନାଳ ଦେଇ କଣ୍ଟି ଗ୍ରାମ ସନ୍ନିକଟ ଦୟାନଦୀରେ ପ୍ରବେଶ କରୁଛି। ଏଥିରେ ଦୟା ପାଣି ପ୍ରଦୂଷିତ ସହିତ ବିଷାକ୍ତ ହେବାରୁ ମାଛ, କଙ୍କଡ଼ା, କୋଚିଆ, ବେଙ୍ଗ ଆଦି ପ୍ରାଣ ହରାଉଛନ୍ତି। ନଦୀପଠାରେ ଅନେକ କ୍ଷେତ ରହିଥିବାବେଳେ ଚାଷୀ ଫସଲ କରିବାରେ ସମସ୍ୟା ମଧ୍ୟ ଉପୁଜୁଛି। ଏହି ପାଣିରେ ଚାଷ କରିବା ପରେ ଫସଲଗୁଡ଼ିକ ହଳଦିଆ ପଡ଼ିଯିବା ସହିତ ଜଳିଯାଉଛି। ଏହି ବିଷାକ୍ତ ପାଣିରେ ଗାଧୋଇବା ଓ ଅନ୍ୟ କାର୍ଯ୍ୟରେ ବ୍ୟବହାର କରୁଥିବା ବ୍ୟକ୍ତି ଚର୍ମରୋଗ, ଜଣ୍ଡିସ ଆଦି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହି ପାଣି ଦୟା ଦେଇ ଚିଲିକାରେ ପ୍ରବେଶ କରିବା ଦ୍ୱାରା ପରିବେଶ ଓ ଜୈବବିବିଧତା ଉପରେ କୁପ୍ରଭାବ ପଡୁଛି। ସମସ୍ୟା ସମାଧାନ ପାଇଁ କଣ୍ଟିଠାରେ ଗଙ୍ଗୁଆକୁ ବନ୍ଦ କରାଯାଉ ବୋଲି ପୂର୍ବତନ ଜିଲା ପରିଷଦ ସଭ୍ୟ ମହାରଥୀ ମତବ୍ୟକ୍ତ କରିଥିଲେ। କଣ୍ଟିଠାରେ ନଦୀପଠାକୁ ଅବରୋଧ କରି ଚାଲିଥିବା କଂକ୍ରିଟ୍ ପ୍ରାଚୀର ନିର୍ମାଣକୁ ବାତିଲ କରିବା, କଣ୍ଟି ମାଧିପୁର କାଜ ବନ୍ଦ କରିବା, ଜଳପ୍ରବାହ ଦିଗରେ ଗୁରୁତ୍ୱ ଦେଇ ନଦୀଶଯ୍ୟା ଖନନ କରିବା, ପିପିଲି, ଡେଲାଙ୍ଗ ଓ କଣାସ ବ୍ଲକର ଲୋକଙ୍କୁ ବନ୍ୟା ଦାଉରୁ ରକ୍ଷା କରିବା ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା। ଏଥିସହ ଦୟା–ଲୁଣା–ଭାର୍ଗବୀ ମିଳନ ସ୍ଥଳରେ ବଡ଼ଗୋଠଠାରୁ କଣ୍ଟି ପର୍ଯ୍ୟନ୍ତ ୩ଟି ବ୍ଲକର ଜନସାଧାରଣ ଜନଆନ୍ଦୋଳନ ଗଢ଼ି ତୋଳିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା।

# ରଥଯାତ୍ରା ଉପଲକ୍ଷେ ଜେଏସ୍‌ପି ଫାଉଣ୍ଡେଶନର ସେବା

ଭୁବନେଶ୍ୱର,୨୨।୬ (ଅଭୟ ଦାଶ)

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)ର ସମାଜ କଲ୍ୟାଣ ସଂସ୍ଥା ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ଉପଲକ୍ଷେ ବିଭିନ୍ନ ପ୍ରକାର ସେବା କାର୍ଯ୍ୟର ଆୟୋଜନ କରାଯାଇଛି। ବିଶେଷକରି ଫାଉଣ୍ଡେଶନର ମିଶନ ଜିରୋ ହଙ୍ଗର କାର୍ଯ୍ୟକ୍ରମ ଅଧୀନରେ ବର୍ତ୍ତମାନ ସୁଦ୍ଧା ୩,୦୦,୦୦୦ରୁ ଅଧିକ ଭକ୍ତଙ୍କୁ ସତେଜ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି। ଏପରିକି ଫାଉଣ୍ଡେଶନର ଚେୟାରପର୍ସନ୍ ଶାଲୁ ଜିନ୍ଦଲଙ୍କ ମାର୍ଗଦର୍ଶନରେ ଫାଉଣ୍ଡେଶନ ପକ୍ଷରୁ ଭକ୍ତମାନଙ୍କୁ ଥଣ୍ଡା ପାନୀୟ ଜଳ ଏବଂ ଗ୍ଲୁକୋଜ ପ୍ୟାକେଟ୍ ମଧ୍ୟ ଯୋଗାଇ ଦିଆଯାଇଥିଲା। ସେହିଭଳି ଜିଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ଜେଏସ୍‌ପି ଫାଉଣ୍ଡେଶନ ୨୦୨୩ ଜୁନ୍ ୧୯ ନେତ୍ରୋତ୍ସବରେ ଏହାର ସେବା କାର୍ଯ୍ୟ ଆରମ୍ଭ କରିଥିଲା। ଅପରପକ୍ଷରେ ପୁରୀ ବସ୍‌ଷ୍ଟାଣ୍ଡ ଏବଂ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ କରାଯାଇଥିବା ସ୍ୱତନ୍ତ୍ର ଷ୍ଟଲ ଜରିଆରେ ୧୦୦ଜଣ ସ୍ୱେଚ୍ଛାସେବୀଙ୍କ ଏକ ଟିମ୍ ଭକ୍ତମାନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରୁଛନ୍ତି, ଭକ୍ତମାନଙ୍କୁ ସଦ୍ୟ ପ୍ରସ୍ତୁତ କରାଯାଇଥିବା ପାରମ୍ପରିକ ଓଡ଼ିଆ ଭୋଜନ, ଯେଉଁଥିରେ ଅନ୍ନ, ଡାଲମା ଏବଂ ଖଟା ଭଳି ସୁଷମ ଖାଦ୍ୟ ପ୍ରଦାନ କରାଯାଉଛି। ଏହି ସେବା କାର୍ଯ୍ୟ ୨୦୨୩ ଜୁନ୍ ୨୯ ସୁନାବେଶ ପର୍ଯ୍ୟନ୍ତ ଚାଲୁ ରହିବ।

ଏ ସମ୍ପର୍କରେ ଜେଏସ୍‌ପି ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କୃତଜ୍ଞତା ଜଣାଇବା ସହ କହିଛନ୍ତି, ଆମ ପାଇଁ ମାନବ ସେବା ହିଁ ଈଶ୍ୱର ସେବା । ଏପରିକି ଭକ୍ତମାନଙ୍କର ସେବା କରିବାକୁ ସୁଯୋଗ ପ୍ରଦାନ କରିଥିବାରୁ ଆମେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ କୃତଜ୍ଞ। ଆମର ମିଶନ୍ ଜିରୋ ହଙ୍ଗର କାର୍ଯ୍ୟକ୍ରମ ଜରିଆରେ ଆମେ ଯଥା ସମ୍ଭବ ଆର୍ଥିକ ଦୁର୍ବଳ ଲୋକମାନଙ୍କୁ ଖାଦ୍ୟ ଯୋଗାଇବାକୁ ଚେଷ୍ଟା କରୁଛୁ। ଆମର ଲକ୍ଷ୍ୟ ହେଉଛି, ରଥଯାତ୍ରାରେ ଭାଗନେବାକୁ ଆସି କେହି ଭୋକିଲା କିମ୍ବା ଶୋଷିଲା ନ ରୁହନ୍ତୁ। ରଥଯାତ୍ରା ଦିନ ବଡ଼ଦାଣ୍ଡରେ ଫାଉଣ୍ଡେଶନ ପକ୍ଷରୁ ୫୦୦୦ଗ୍ଲୁକୋଜ୍ ପ୍ୟାକେଟ୍ ବଣ୍ଟନ କରାଯାଇଥିଲା।




# ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ନିଯୁକ୍ତି ନିୟମିତ ନେଇ ଏସ୍‌ଓପି ଜାରି

ଭୁବନେଶ୍ୱର,୨୨।୬(ଅନୁରାଧା ମହାରଣା)–

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ନିଯୁକ୍ତି ନିୟମିତ କରାଯିବା ନେଇ ଏପ୍ରିଲ ୧୩ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ଏନେଇ ସ୍ୱତନ୍ତ୍ର ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିସ୍ତୃତ ଗାଇଡ୍‌ଲାଇନ ଏବଂ ଏସ୍‌ଓପି ଜାରି ପାଇଁ ପ୍ରାୟ ଅଢ଼େଇ ମାସ ଲାଗିଯାଇଛି। ଅନେକ ଦିନରୁ ନିଯୁକ୍ତି ନିୟମିତ ଦାବି ହୋଇଆସୁଥିବାବେଳେ ଗୁରୁବାର ବିଭାଗ ପକ୍ଷରୁ ଏସ୍‌ଓପି ଜାରି ହୋଇଛି। ବିଜ୍ଞପ୍ତି ଅନୁସାରେ, ସାଧାରଣ ପ୍ରଶାସନ ବିଭାଗ ଓ ଗ୍ରୁପ–ବି ପଦବୀ(ଚୁକ୍ତିଭିତ୍ତିକ ନିଯୁକ୍ତି) ନିୟମ–୨୦୧୩ ଅନ୍ତର୍ଗତ ଯେଉଁ ଶିକ୍ଷକମାନେ ଇନିସିଆଲ ଆପଏଣ୍ଟମେଣ୍ଟ ପାଇଥିଲେ ସେମାନଙ୍କ ଚାକିରି ଓ ଗ୍ରୁପ–ବି, ସି, ଡି ପଦବୀ (ଉଚ୍ଛେଦ ଓ ସ୍ୱତନ୍ତ୍ର ପ୍ରାବଧାନ) ରୁଲ୍‌ସ–୨୦୨୨ ଆଧାରରେ ନିୟମିତ ହେବ। ଶିକ୍ଷକମାନଙ୍କ ନିଯୁକ୍ତି ବର୍ଷ ଓ ମେରିଟ ଲିଷ୍ଟ ଅନୁସାରେ ସେମାନଙ୍କର ବରିଷ୍ଠତା ବିବେଚନା କରାଯିବ। ସେହିପରି ଯେଉଁ ଶିକ୍ଷକମାନେ ଓ ଗ୍ରୁପ–ବି ପଦବୀ(ଚୁକ୍ତିଭିତ୍ତିକ ନିଯୁକ୍ତି) ରୁଲ୍‌ସ–୨୦୧୩ ପୂର୍ବରୁ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିଲେ ତଥା ସେମାନେ ଏହି ବିଜ୍ଞପ୍ତି ଜାରି ହେବା ପୂର୍ବରୁ ୬ବର୍ଷ ଚାକିରି ପୂରଣ କରି ନ ଥିଲେ ସେମାନଙ୍କ ଚାକିରିର ନିୟମିତ ଅବଧି ଗଣଶିକ୍ଷା ବିଭାଗ ୨୦୦୮ ଓ ୨୦୧୧ ମସିହାର ବିଜ୍ଞପ୍ତି ଆଧାରରେ ବିବେଚନା କରାଯିବ। ଓଆର୍‌ଭି ନିୟମକୁ ପାଳନ କରି ଏହି ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କ ନିଯୁକ୍ତିକୁ ନିୟମିତ କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।

ସୂଚନା ଥାଉ କି, ୨୦୨୨ ଅକ୍ଟୋବର ୧୫ରେ ମୁଖ୍ୟମନ୍ତ୍ରୀ ରାଜ୍ୟରୁ ଚୁକ୍ତିଭିତ୍ତିକ ପ୍ରଥାର ଉଚ୍ଛେଦ ନେଇ ଘୋଷଣା କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ପ୍ରାୟ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀଶିକ୍ଷକ ଏଥିରୁ ବାଦ୍ ପଡ଼ିଥିଲେ। ଫଳରେ ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ପ୍ରଥମେ ଡିସେମ୍ବର ୭ ଓ ପରେ ଏପ୍ରିଲ ୧ରୁ ୧୩ତାରିଖ ଯାଏ ଲୋୟର ପିଏମ୍‌ଜିରେ ଧାରଣା ଦେଇଥିଲା। ତେବେ ଏପ୍ରିଲ ୧୩ରେ ନିୟମିତ ହେବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ଏସ୍‌ଓପି ଜାରି ଆଳରେ ଦିନ ପରେ ଦିନ ବିତି ଚାଲିଥିବାରୁ ଶିକ୍ଷକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟପଟେ ଏସ୍‌ଓପି ଜାରି ହେବା ପରେ ମଧ୍ୟ ଅନେକ ଶିକ୍ଷକ ଆଶାନୁରୂପ ଫଳ ପାଇ ନ ଥିବା କହିଛନ୍ତି।

**ବାଦ୍ ପଡ଼ିଲେ ୨୦୧୩ ପୂର୍ବରୁ ନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକ**

### ନ୍ୟାୟାଳୟର ଦ୍ୱାରସ୍ଥ ହେବ ଶିକ୍ଷକ ସଂଘ

ରାଜ୍ୟ ସରକାର ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସରକାର ନିୟମିତ କରିବା ନେଇ ଏସ୍‌ଓପି ଜାରି ହୋଇଥିବାବେଳେ ଏହାକୁ ଚୁକ୍ତିଭିତ୍ତିକ ହାଇସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ଅନ୍ୟପଟେ ୨୦୧୩ ପୂର୍ବରୁ ନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏହାଦ୍ୱାରା କୌଣସି ସୁବିଧା ସୁଯୋଗ ପାଇପାରିବେ ନାହିଁ। ଏହା ସମସ୍ତଙ୍କୁ ବ୍ୟଥିତ କରିଥିବା ସଂଘ ପକ୍ଷରୁ କୁହାଯାଇଛି। ଏ ନେଇ ସଂଘ ଲଢେଇ ଜାରି ରହିବ ଏବଂ ଉଚ୍ଚତମ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବ ବୋଲି ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି। ଯେଉଁ ଶିକ୍ଷକମାନେ ସେମାନଙ୍କ ଖରାପ ଆର୍ଥିକ ସମୟରେ କମ୍ ଦରମାରେ ଚାକିରି କରି ସରକାରଙ୍କୁ ସାହାଯ୍ୟ ଓ ସହଯୋଗ କରିଥିଲେ ସରକାର ତାଙ୍କ ସହ ଅନ୍ୟାୟ, ଅବିଚାର ଓ ବିଶ୍ୱାସ ଘାତକତା କରିଛନ୍ତି ବୋଲି ସଂଘର ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ କହିଛନ୍ତି। ବାରମ୍ବାର ଆଲୋଚନା ଓ ଆନ୍ଦୋଳନ ସତ୍ତ୍ୱେ ପୂର୍ଣ୍ଣ ସଫଳତା ମିଳି ନ ଥିବା କହି ସଂଘର ମହାସଚିବ ବିଶ୍ୱଜିତ ବିଶ୍ୱାଳ, କୋଷାଧ୍ୟକ୍ଷ ପଞ୍ଚାନନ ଜେନା, ମିଡ଼ିଆ ସମ୍ପାଦକ ଚନ୍ଦ୍ରକାନ୍ତ ପଣ୍ଡା ଏବଂ ଆବାହକ ନିରୋଦ ରଥ ପ୍ରମୁଖ କ୍ଷୋଭ ପ୍ରକାଶ କରିଛନ୍ତି।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ଉତ୍କଳ ବିଶ୍ୱବିଦ୍ୟାଳୟର ପରିସଂଖ୍ୟାନ ବିଭାଗ କାର୍ଯ୍ୟାଳୟର ଏକ ରୁମ୍‌ରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ଅଫିସ ରୁମ୍‌ରେ ଥିବା କମ୍ପ୍ୟୁଟର, ପ୍ରିଣ୍ଟର ଓ ଅନ୍ୟାନ୍ୟ ଜିନିଷ ପୋଡ଼ି ନଷ୍ଟ ହୋଇଯାଇଛି। ଖବର ପାଇ ଅଗ୍ନିଶମ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ବିଦ୍ୟୁତ୍ ଶଟ୍ ସର୍କିଟ କାରଣରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଶ୍ରୀଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ୮୦ ପୁଡ଼ିଆ ବ୍ରାଉନସୁଗାର ଜବତ, ୨ ଅଟକ

ବାରଙ୍ଗ,୨୨।୬(ଲିଙ୍ଗରାଜ ରାଉତ): ବାରଙ୍ଗ ମେଡିକାଲ ଛକ ନିକଟରୁ ଗୁରୁବାର ୮୦ଟି ପୁଡ଼ିଆରେ ଥିବା ପାଖାପାଖି ୫୦ଗ୍ରାମର ବ୍ରାଉନସୁଗାର ପୋଲିସ ଜବତ କରିଛି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖିଥିବା ବେଳେ ଜଣେ ଫେରାର ହୋଇଯାଇଛନ୍ତି। ପ୍ରକାଶ ଯେ, ସକାଳେ ବାରଙ୍ଗ ଥାନା ଅଧୀନ ମେଡିକାଲ ଛକ ନିକଟରେ ଖୋର୍ଦ୍ଧାରୁ ଜଣେ ଯୁବକ ବ୍ଲୁ ରଙ୍ଗର ଟେକସାର୍ଟ ମୁଣ୍ଡରେ କ୍ୟାପ ଓ କାନ୍ଧରେ ବ୍ୟାଗ ପକାଇ ଆସି ପହଞ୍ଚିଥିଲେ। ଏହାପରେ ବଙ୍ଗାଳି ସାହିର ଓ ତେଲେଙ୍ଗା ସାହିର ଦୁଇଜଣ ଯୁବକ ଆସି ଉକ୍ତ ଯୁବକ ସହ କଥା ହୋଇ ପାଖରେ ଥିବା ଭଙ୍ଗାଘରକୁ ଯାଇଥିଲେ। ସେଠାରେ ଉଭୟ ମିଶି ନିଶା ସେବନ କରିଥିଲେ। ବଙ୍ଗାଳି ସାହିର ଯୁବକମାନେ ତାଙ୍କୁ ଦେଖି ସେମାନଙ୍କୁ ପିଛା କରିବା ସହ ୩ଜଣଙ୍କୁ ନଜରବନ୍ଦୀରେ ରଖି ପୋଲିସକୁ ଖବର ଦେଇଥିଲେ। ଖୋର୍ଦ୍ଧାରୁ ଆସିଥିବା ଯୁବକ ବ୍ୟାଗରେ ଆଣିଥିବା ୮୦ଟି ବ୍ରାଉନସୁଗାର ପୁଡ଼ିଆକୁ ବିକ୍ରି ପାଇଁ ଡିଲ କରୁଥିବାବେଳେ ପୋଲିସ ହାତରେ ଧରାପଡିଥିଲା। କୌଶଳକ୍ରମେ ସେମାନଙ୍କ ମଧ୍ୟରୁ ଜଣେ ଖସି ପଳାଇଥିବାବେଳେ ଦୁଇଜଣ ପୋଲିସ ହାତରେ ଧରପଡିଛନ୍ତି। ଜବତ ହୋଇଥିବା ବ୍ରାଉନ ସୁଗାରର ମୂଲ୍ୟ ପାଖାପାଖି ୫ଲକ୍ଷ ଟଙ୍କା ହେବ।

## ରାତିକରେ ୨ଘରୁ ଚୋରି

ବାରଙ୍ଗ,୨୨।୬(ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ଅନ୍ତର୍ଗତ ପଞ୍ଚୁପାଳ ଗ୍ରାମର ରବୀନ୍ଦ୍ର ବିଶୋଇଙ୍କ ଘରୁ ବୁଧବାର ରାତିରେ ଚୋରି ହୋଇଛି। ଅଭିଯୋଗ ଅନୁଯାୟୀ, ଘର ମାଲିକ ରବିନ୍ଦ୍ର ବିଶୋଇ ବାହାରେ ରହୁଥିବାବେଳେ ପୁଅ ବୋହୂ ଘରେ ଥିଲେ। ବୁଧବାର ରାତିରେ କେତେଜଣ ଦୁର୍ବୃତ୍ତ ଘରର ଝରକା ଗ୍ରିଲ ଭାଙ୍ଗି ଭିତରେ ପଶି ଆଲମିରା ଭାଙ୍ଗି ଗୋଟିଏ ସୁନା ମୁଦି ଓ ୨୦ହଜାର ଟଙ୍କା ଚୋରି କରି ନେଇଥିଲେ। ଗୁରୁବାର ରବୀନ୍ଦ୍ରଙ୍କ ପୁଅ ମିହିର ଏ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେହିପରି ଶ୍ରୀବନ୍ତପୁର ଗ୍ରାମର ଶିବ ପ୍ରଧାନଙ୍କ ଘର ପାଚେରି ଡେଇଁ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ଆଲମିରାରୁ ସୁନାକାନଫୁଲ ହଳେ ଓ ୧୫ ହଜାର ଟଙ୍କା ଚୋରି କରିନେଇଛନ୍ତି। ଏ ନେଇ ଶିବ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି।

## ଯୁବତୀଙ୍କ ଭିଡିଓ ଭାଇରାଲ କରି ଯୁବକ ଗିରଫ

ଭୁବନେଶ୍ୱର,୨୨।୬(ସୂର୍ଯ୍ୟକାନ୍ତ ବେହେରା): ଯୁବତୀଙ୍କ ବ୍ୟକ୍ତିଗତ ଭିଡିଓକୁ ଇନଷ୍ଟାଗ୍ରାମରେ ଅପଲୋଡ୍ କରିବା ସହ ତାଙ୍କୁ ଗାଳିଗୁଲଜ କରି ମାଡ଼ ମାରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ବାଲେଶ୍ୱର ଜିଲାର କଣ୍ଢେଶ୍ୱର ସେଠୀ। ଅଭିଯୁକ୍ତ ଏକ ଶୋ' ରୁମ୍‌ରେ ସେଲ୍ସ ଏକଜିକ୍ୟୁଟିଭ୍ ଭାବେ କାର୍ଯ୍ୟ କରନ୍ତି। ତାଙ୍କଠାରୁ ଗୋଟିଏ ମୋବାଇଲ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି।

# ଦୁର୍ଘଟଣା ରୋକିବ ଟ୍ରାଫିକ୍ ଟାଇମ୍‌ର

ଭୁବନେଶ୍ୱର,୨୨।୬(ଅଭିଜିତ୍ ଦାସ)

### ୧୦ ଟ୍ରାଫିକ ପୋଷ୍ଟରେ ପାଇଲଟ୍ ପ୍ରୋଜେକ୍ଟ



ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଛକଗୁଡ଼ିକରେ ଲାଗିଥିବା ସ୍ୱୟଂଚାଳିତ ଟ୍ରାଫିକ୍ ବ୍ୟବସ୍ଥାଗୁଡ଼ିକ ଅଧିକାଂଶ ସମୟରେ କାମ କରୁ ନାହିଁ। କେତେକ ସ୍ଥାନରେ ଅଧିକାଂଶ ସମୟରେ ସିଗ୍‌ନାଲ ୟେଲୋ ଲାଇଟ୍ ଜଳି ରହୁଛି। ତେବେ ଏହାକୁ ବ୍ୟବସ୍ଥିତ କରିବା ପାଇଁ ଏବେ ସ୍ମାର୍ଟସିଟିରେ ଅଟୋମେଟିକ୍ ଟ୍ରାଫିକ୍ ଡିଟେକ୍ଟିଭ୍ ସିଷ୍ଟମ୍(ଆଡାପ୍ଟିଭ) ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛି।

ସୂଚନା ଅନୁଯାୟୀ ଚଳିତ ବର୍ଷ ଏପ୍ରିଲ ଓ ମେ' ମାସରେ ୩,୩୮୯ ଜଣ ଅମାନିଆ ଦ୍ରୁତ ଗତିରେ ଗାଡ଼ି ଚଳାଇଥିବାବେଳେ ୫୯୯ ଜଣ ଅମାନିଆ ଟ୍ରାଫିକ୍ ପୋଷ୍ଟରେ ଥିବା ସିଗ୍‌ନାଲ ବ୍ୟବସ୍ଥାକୁ ଉଲ୍ଲଂଘନ କରିଛନ୍ତି। ହେଲେ ଟ୍ରାଫିକ୍ ପରିଚାଳନା କ୍ଷେତ୍ରରେ ଥିବା ୟେଲୋ ଲାଇଟ ବର୍ତ୍ତମାନ ଗାଡ଼ି ଚାଳକଙ୍କ ଲାଗି ବିପଦ ସୃଷ୍ଟି କରୁଛି। ସାଧାରଣତଃ ଟ୍ରାଫିକ୍ ସିଗ୍‌ନାଲରେ ସବୁଜ ଲାଇଟ୍ ପରେ ୟଲୋ ଲାଇଟ୍ ଓ ୟେଲୋ ଲାଇଟ୍ ପରେ ରେଡ୍ ଲାଇଟ୍ ଜଳିଥାଏ। ଯେତେବେଳେ ସବୁଜ ଲାଇଟ୍ ପରେ ୟେଲୋ ଲାଇଟ ଜଳେ ସେତେବେଳେ ଗାଡ଼ିକୁ ଧୀର କରି ରଖିବା ଜରୁରୀ। କାରଣ ଏହା ପରେ ଲାଲ୍ ଲାଇଟ ଜଳିଥାଏ। ମାତ୍ର ଅଧିକାଂଶ ସମୟରେ ହଳଦିଆ ଲାଇଟ୍ ଜଳିବା ବେଳେ ଚାଳକମାନେ ଦ୍ରୁତ ବେଗରେ ଗାଡ଼ି ଚଳାଇଥାନ୍ତି। ଫଳରେ ଟ୍ରାଫିକ୍ ପୋଷ୍ଟ ନିକଟରେ ଦୁର୍ଘଟଣା ଘଟିଥାଏ। ତେଣୁ ଦୁର୍ଘଟଣାକୁ ରୋକିବା ନିମନ୍ତେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍(ବିଏସ୍‌ସିଏଲ୍) ପକ୍ଷରୁ ଟ୍ରାଫିକ୍ ସିଗ୍‌ନାଲଗୁଡ଼ିକରେ ଟାଇମର ଲଗାଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ସହରର ୫୧ଟି ଟ୍ରାଫିକ୍ ପୋଷ୍ଟ ମଧ୍ୟରୁ ୧୦ଟି ଟ୍ରାଫିକ୍ ପୋଷ୍ଟରେ ଟାଇମର ବ୍ୟବସ୍ଥା ଆରମ୍ଭ ହେବ। ଏଟିସିଏସ୍ ବ୍ୟବସ୍ଥାରେ ୫୦ରୁ ୬୦ସେକେଣ୍ଡର ଟାଇମର ଲାଗିବ। ମିଳିଥିବା ସୂଚନା ଅନୁଯାୟୀ ରାଜଧାନୀର ଏଜି ଛକ, ଏୟାରପୋର୍ଟ ଛକ, କ୍ୟାପିଟାଲ ହସ୍ପିଟାଲ ଛକ, ପାୱାର ହାଉସ୍ ଛକ, ବେହେରାସାହି ଛକ, ନାଲ୍‌କୋଛକ ସମେତ ଅନ୍ୟ ୪ଟି ଛକରେ ଟ୍ରାଫିକ ସିଗ୍‌ନାଲରେ ଟାଇମର୍ ଲାଗିବ, ଏହା ଛଡା କମିଶନରେଟ ପୋଲିସ ଓ ବିଏସ୍‌ସିଏଲ୍‌ର ମିଳିତ ଉଦ୍ୟମରେ ସହରର ୩୨ଟି ପଏଣ୍ଟରେ ନୂଆ ସିସିଟିଭି ଲାଗିବ। ଯାହା ଟ୍ରାଫିକ୍ ଅମାନିଆଙ୍କୁ ସିଧାସଳଖ ଭାବେ ଗାଡ଼ି ନମ୍ବରରେ ଚାଲାଣ କଟାଯିବ। ଟ୍ରାଫିକ ସିଗ୍‌ନାଲରେ ଟାଇମର ବ୍ୟବସ୍ଥାକୁ ନେଇ ଟ୍ରାଫିକ୍ ଏସିପି ସ୍ୱସ୍ତିକ ପଣ୍ଡା କହିଛନ୍ତି ବିଭିନ୍ନ ଟ୍ରାଫିକ ପୋଷ୍ଟରେ ୟଲୋ ଲାଇଟରେ ଅନେକ ଦୁର୍ଘଟଣା ଘଟିଥାଏ। ପୂର୍ବରୁ ଟାଇମର ବ୍ୟବସ୍ଥାକୁ ନେଇ ଟ୍ରାଫିକ ବିଭାଗ ପକ୍ଷରୁ ବିଏସ୍‌ସିଏଲ୍‌କୁ ଚିଠି ଲେଖାଯାଇଥିଲା। ଏବେ ବିଏସ୍‌ସିଏଲ୍ ଓ ଟ୍ରାଫିକ୍ ବିଭାଗର ସମନ୍ୱୟରେ କାର୍ଯ୍ୟ ଆରମ୍ଭ ହେବ।

### ନବୀକରଣ ହେବ ୨୦ରୁ ଉର୍ଦ୍ଧ୍ୱ ଟ୍ରାଫିକ୍ ପୋଷ୍ଟ

ଚଳିତବର୍ଷ ହକି ବିଶ୍ୱ କପ୍ ସମୟରେ ରାଜଧାନୀର କେତେକ ପ୍ରମୁଖ ସ୍ଥାନଗୁଡ଼ିକରେ ଟ୍ରାଫିକ୍ ପୋଷ୍ଟଗୁଡ଼ିକର ନବୀକରଣ କରାଯାଇଥିଲା। ଓଡ଼ିଆ କଳାକୃତି ସହ ନୂତନ ଆକାରରେ ପ୍ରସ୍ତୁତ ହୋଇଥିଲା ଟ୍ରାଫିକ ପୋଷ୍ଟ। ବର୍ତ୍ତମାନ ରାଜଧାନୀରେ ଏକାମ୍ର ଛକ, ଶିଶୁ ଭବନ ଛକ, ମାଷ୍ଟର କ୍ୟାଣ୍ଟିନ ଛକ, ରାଜମହଲ ଛକ, ରାମ ମନ୍ଦିର ଛକ ସମେତ ୧୫ଟି ପ୍ରମୁଖ ଛକଗୁଡ଼ିକରେ ଟ୍ରାଫିକ ପୋଷ୍ଟଗୁଡ଼ିକର ଖୁବ ଶୀଘ୍ର ନବୀକରଣ ପ୍ରକ୍ରିୟା ଆରମ୍ଭ ହେବ।

## ଘରେ ପଶି ମା-ଝିଅଙ୍କୁ ଅସଦାଚରଣ, ସ୍ୱାମୀଙ୍କୁ ପିଟିଲେ

### ଅଭିଯୋଗ ପରେ ୩ ଗିରଫ

ଭୁବନେଶ୍ୱର,୨୨।୬ (ସୂର୍ଯ୍ୟକାନ୍ତ ବେହେରା)

ଭରତପୁର ଥାନା ଦୁର୍ଗାମାଧବ ନଗର ଅଞ୍ଚଳରେ ନିଶାସକ୍ତ ଯୁବକଙ୍କ ଅମାନବୀୟ କାଣ୍ଡ ଦେଖିବାକୁ ମିଳିଛି। ବୁଧବାର ରାତି ଅଧରେ ସେମାନେ ଜଣେ ବ୍ୟକ୍ତିଙ୍କ ଘରେ ପଶି ମହିଳା ଓ ତାଙ୍କ ଦୁଇ ଝିଅଙ୍କୁ ଅସଦାଚରଣ କରିଛନ୍ତି। ବିରୋଧ କରିବାରୁ ମା'ଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି। ଏପରିକି ଘରକୁ ପଥର ମାରି ଆଜବେଷ୍ଟ ସବୁକୁ ଭାଙ୍ଗି ଦେଇଛନ୍ତି। ଘଟଣା ବିଷୟରେ ଜାଣି ବାହାରେ ଥିବା ସ୍ୱାମୀ ଘଟଣାସ୍ଥଳକୁ ଦୌଡି ଆସିବିରୋଧ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଛନ୍ତି। ଏ ନେଇ ଅଭିଯୋଗ ପରେ ପୋଲିସ ତଦନ୍ତ କରି ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାଜା ଓରଫ ଦିପ୍ତି ରଞ୍ଜନ ସ୍ୱାଇଁ, ଉମାକାନ୍ତ ଦାସ ଓ ବାବୁଲ ମହାରଣା। ଅଭିଯୁକ୍ତମାନଙ୍କ ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## 'ବିଶ୍ୱାତ୍ମଚେତନା ପରିଷଦକୁ 'ଭଞ୍ଜଭାରତୀ ସାଂସ୍କୃତିକ ସମ୍ମାନ'




ସୂଚନା ଭବନରେ ଗୁରୁବାର ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଆୟୋଜିତ 'ନୀଳାଦ୍ରୀଶ ଲୀଳାମୟ' କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଭୁବନେଶ୍ୱର,୨୨।୬(ଶର୍ମିଷ୍ଠା ପାଣିଗ୍ରାହୀ)

ସାରସ୍ୱତ ଅନୁଷ୍ଠାନ ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଗୁରୁବାର ସୂଚନା ଭବନଠାରେ ଲୀଳାମୟ ନୀଳାଦ୍ରୀଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନୀଳାଦ୍ରିମୋହନ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ଉଦ୍‌ଘାଟକ ଭାବରେ ଯୋଗଦେଇ ବିଶ୍ୱାତ୍ମଚେତନା ପରିଷଦର ପ୍ରତିଷ୍ଠାତା ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ପୁରୁଷୋତ୍ତମ ତତ୍ତ୍ୱ ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ଶାସ୍ତ୍ରୀୟ ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ। ବରେଣ୍ୟ ଅତିଥି ତଥା ବିଧାନସଭାର ସଚିବ ଦାଶରଥି ଶତପଥୀ ଶ୍ରୀଜଗନ୍ନାଥ-ସଂସ୍କୃତିର ସାମାଜିକ-ଶିକ୍ଷଣୀୟତା ଉପରେ ମତ ପ୍ରକାଶ କରିଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ବିଶିଷ୍ଟ ଜଗନ୍ନାଥ ଚେତନା-ପ୍ରବକ୍ତା ଡ. କୃଷ୍ଣକେଶବ ଷଡ଼ଙ୍ଗୀ ଲୀଳାମୟ-ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ତାତ୍ତ୍ୱିକ ତାତ୍ପର୍ଯ୍ୟ ଓ ଲୋକଶିକ୍ଷା ସମ୍ପର୍କରେ ବିସ୍ତୃତଭାବେ କହିଥିଲେ। ଏହି ଅବସରରେ ଆଧ୍ୟାତ୍ମିକ ସେବା ମାଧ୍ୟମରେ ଶ୍ରୀଜଗନ୍ନାଥ ଚେତନାର ପ୍ରଚାର-ପ୍ରସାର-କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ 'ବିଶ୍ୱାତ୍ମଚେତନା ପରିଷଦ'କୁ ମର୍ଯ୍ୟାଦାଜନକ 'ଭଞ୍ଜଭାରତୀ ସାଂସ୍କୃତିକ ସମ୍ମାନ-୨୦୨୩' ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ 'ନାଦବ୍ରହ୍ମ' ଅନୁଷ୍ଠାନ ପକ୍ଷରୁ ମହାପାତ୍ର ମିନତୀ ଭଞ୍ଜ ଓ ପ୍ରଫେସର ଜଗନ୍ନାଥ କୁଅଁରଙ୍କ ସହିତ କଣ୍ଠଶିଳ୍ପୀ ଶ୍ରିତିକୋନା ଦାସ ଶ୍ରୀଗୀତଗୋବିନ୍ଦ ଏବଂ ଶ୍ରୀଜଗନ୍ନାଥ ଜଣାଣ ପରିବେଷଣ କରିଥିବାବେଳେ ଦ୍ୱିଷା ପ୍ରିୟମ୍ବଦା ଓଡିଶୀନୃତ୍ୟ ପ୍ରଦର୍ଶିତ କରିଥିଲେ। ସଭା ସଂଯୋଜନା କରିଥିଲେ ଅନୁଷ୍ଠାନର ସଦସ୍ୟ ନନ୍ଦକିଶୋର ଜେନା ଓ ଧନ୍ୟବାଦ ଅର୍ପଣ କରିଥିଲେ କୋଷାଧ୍ୟକ୍ଷା ଶୈଳଜା ମିଶ୍ର । ଭଞ୍ଜଭାରତୀର ଉପସଭାପତି ମିଳନ କୁମାର ସାହୁ, ସଦସ୍ୟ ପବିତ୍ରମୋହନ ସାହୁ, ଡ.ବେଣୁଧର ଦାସ, ବିମଳ ଲୋଚନ ପଟ୍ଟନାୟକ, ସ୍ୱୟଂପ୍ରଜ୍ଞା ସାହୁ, ଦିଲ୍ଲୀପ ଦାସ, ପ୍ରସନ୍ନ କୁମାର ବେହେରା, ସୁକାନ୍ତ କୁମାର ଗିରି, ଇତିଶ୍ରୀ ମହାନ୍ତି, ଦୀପ୍ତିମୟୀ ଦାସ, ସୁରେଶ୍ୱର ପାଣିଗ୍ରାହୀ,ଅଶୋକକୁମାର ମିଶ୍ର, ବିଜୟା ମିଶ୍ର, ଡ. ମୃତ୍ୟୁଞ୍ଜୟ ରଥ ପ୍ରମୁଖ ପରିଚାଳନା କରିଥିଲେ।

## କୋଅପରେଟିଭ୍ ହାଉସିଂ କର୍ପୋରେଶନ ବୈଠକରେ ହାତାହାତି

### ଥାନାରେ ପୃଥକ ମାମଲା ରୁଜୁ, ତଦନ୍ତ ଆରମ୍ଭ

ଭୁବନେଶ୍ୱର,୨୨।୬ (ସୂର୍ଯ୍ୟକାନ୍ତ ବେହେରା)

ଓଡ଼ିଶା କୋ-ଅପରେଟିଭ୍ ହାଉସିଂ କର୍ପୋରେଶନ ଅଫିସରେ ବୈଠକ ଚାଲିଥିବା ବେଳେ ଗଣ୍ଡଗୋଳ ହୋଇଛି। କର୍ପେରେଶନ ଏମ୍‌ଡି ଭକ୍ତବନ୍ଧୁ ସାହୁଙ୍କୁ ଉକ୍ତ ସଂସ୍ଥାର ସଭାପତି ଓ ନିର୍ଦ୍ଦେଶକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ଭକ୍ତବନ୍ଧୁ ଖାରବେଳନଗର ଥାନାରେ ଏତଲା ଦେଇଛନ୍ତି। ଅପରପକ୍ଷରେ ଏମ୍‌ଡିଙ୍କ ନାମରେ ମଧ୍ୟ ଥାନାରେ ପାଲଟା ଅଭିଯୋଗ ହୋଇଛି। ବାଲେଶ୍ୱରର ଜଣେ ନିର୍ଦ୍ଦେଶକଙ୍କୁ ଭକ୍ତବନ୍ଧୁ ଜାତିଆଣ ଆକ୍ଷେପ କରିବା ସହ ମାଡ ମାରିଥିବା ନେଇ ଏତଲାରେ ଉଲ୍ଲେଖ ରହିଛି। ଉଭୟ ଏତଲାକୁ ଆଧାର କରି ପୋଲିସ ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁସାରେ, ବୁଧବାର ଓଡ଼ିଶା କୋ-ଅପରେଟିଭ୍ ହାଉସିଂ କର୍ପୋରେଶନ ଅଫିସରେ ବୈଠକ ବସିଥିଲା। ବିଭିନ୍ନ ପ୍ରସଙ୍ଗକୁ ନେଇ ସେଠାରେ ଆଲୋଚନା ଚାଲିଥିଲା । ଏହି ସମୟରେ କୌଣସି କଥାକୁ ନେଇ କଥା କଟାକଟି ହେବା ସହ ପରସ୍ପର ମଧ୍ୟରେ ବଚସା ପରେ ଧସ୍ତାଧସ୍ତି ସହ ହାତାହାତି ହୋଇଥିଲେ।

## ଛୁରାମାଡ଼ରେ ଆହତ ଯୁବତୀଙ୍କ ମୃତ୍ୟୁ

### ରାଜଧାନୀରେ ହତ୍ୟା

- ଅଭିଯୁକ୍ତ ପୂର୍ବତନ ସିକ୍ୟୁରିଟି ଗାର୍ଡ ଫେରାର
- ରଥଯାତ୍ରାରେ ଘଟିଥିଲା ଅଭାବନୀୟ ଘଟଣା

ଭୁବନେଶ୍ୱର,୨୨।୬ (ସତ୍ୟଜିତ ରାଉତ)

ରାଜଧାନୀରେ ହତ୍ୟାକାଣ୍ଡ। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନୀରେ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ଜଣେ ଯୁବତୀଙ୍କୁ ସେଠାକାର ପୂର୍ବତନ ସିକ୍ୟୁରିଟି ଗାର୍ଡ ଛୁରାମାଡ଼ କରି ହତ୍ୟା କରିଛନ୍ତି। ଗତ ମଙ୍ଗଳବାର ଅର୍ଥାତ୍ ରଥଯାତ୍ରା ଦିନ ଏଭଳି ଘଟଣା ଘଟିଥିବାବେଳେ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ଉକ୍ତ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତା ଯୁବତୀ ହେଲେ ଜଗତ୍‌ସିଂହପୁରର ବିଜୟିନୀ ସାହୁ। ଏକତରଫା ପ୍ରେମ କିମ୍ବା ଟଙ୍କା କାରବାରକୁ ନେଇ ଏଭଳି ଘଟଣା ଘଟିଥିବା ପ୍ରାଥମିକ ସୂତ୍ରରୁ ପୋଲିସ ଜାଣିବାକୁ ପାଇ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଜିଜିପି କଲୋନୀରେ ବିଦ୍ୟୁତ୍ ଉପକରଣ କାରବାର କରୁଥିବା ଏକ ସଂସ୍ଥା ରହିଛି। ସେଠାରେ ବିଜୟିନୀ ରସେପ୍‌ସନିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ଅଭିଯୁକ୍ତ ଜଣଙ୍କ ମଧ୍ୟ କିଛି ଦିନ ତଳେ ଉକ୍ତ ସଂସ୍ଥାରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ବିଜୟିନୀ ଉକ୍ତ ସଂସ୍ଥାରେ ଥିବାବେଳେ ଅଭିଯୁକ୍ତ ସେଠାକୁ ଆସି ତାଙ୍କ ସହ ଯୁକ୍ତି କରିଥିଲେ। ସେହି ସମୟରେ ଅଭିଯୁକ୍ତ ଉତ୍‌କ୍ଷିପ୍ତ ହୋଇ ହଠାତ୍ ଏକ ଛୁରୀ ଦ୍ୱାରା ବିଜୟିନୀଙ୍କ ପେଟକୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଗୁରୁତର ବିଜୟିନୀଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ ଅଞ୍ଚଳର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେହିଦିନ ପରିବାର ଲୋକେ ତାଙ୍କୁ କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ନେଇଯାଇଥିଲେ। ତେବେ ଗୁରୁବାର ରାତି ପ୍ରାୟ ୮.୩୦ ବେଳେ ଯୁବତୀଙ୍କ ମୃତଦେହ ନେଇ ପରିବାର ଲୋକେ ଥାନା ପହଞ୍ଚି ହୋହଲ୍ଲା କରିଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ସେମାନେ ଦାବି କରିଥିଲେ। ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖିଛି। ଅଭିଯୁକ୍ତଙ୍କୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ଥାନା ଅଧିକାରୀ ସୁଧୀର ସାହୁ ସୂଚନା ଦେଇଛନ୍ତି।

## ବାଇକ୍‌କୁ ଧକ୍କା ଦେଇ କେନାଲକୁ ଓଲଟିଲା ଟ୍ରକ



ଭୁବନେଶ୍ୱର,୨୨।୬(ସୂର୍ଯ୍ୟକାନ୍ତ ବେହେରା)

ଦ୍ରୁତ ଗତିରେ ଆସି ରାସ୍ତାରେ ଛିଡ଼ା ହୋଇଥିବା ବାଇକକୁ ଧକ୍କା ଦେବା ପରେ ଏକ ସିମେଣ୍ଟ ବୋଝେଇ ଟ୍ରକ କେନାଲ ତଳକୁ ଖସି ଓଲଟି ପଡ଼ିଛି। ବଡ଼ଗଡ଼ ଥାନା ଅନ୍ତର୍ଗତ ପୁରୀ ବାଇପାସ ରୋଡ କେଶୁରା ଓ ସାଇମନ୍ଦିର ନିକଟରେ ଗୁରୁବାର ଅପରାହ୍ନରେ ଏଭଳି ଘଟଣା ଘଟିଛି। ଦୁର୍ଘଟଣାରେ ଟ୍ରକ ଡ୍ରାଇଭର ଆହତ ହୋଇଛନ୍ତି। ଅପରପକ୍ଷେ ବାଇକ ଭାଙ୍ଗିଯାଇଥିବା ବେଳେ ଟ୍ରକ ତଳେ ଟାଟା ଏକ ଭ୍ୟାନ୍ ଚାପିହୋଇଯାଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଟ୍ରାଫିକ ଜାମ ହେବାରୁ ଯାନବାହନ ଦୀର୍ଘ ସମୟ ଅଟକି ରହିଥିଲା । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାନବାହନ ଚଳାଚଳ ସ୍ୱାଭାବିକ କରିଥିଲା। ସୂଚନାନୁସାରେ ଦୁର୍ଘଟଣାଗ୍ରସ୍ତ ଟ୍ରକଟି କଟକରୁ ସିମେଣ୍ଟ ଆଣି ପୁରୀ ବାଇପାସ ରୋଡରେ ଥିବା ଏକ ଗୋଦାମକୁ ଆସୁଥିବାବେଳେ କେଶୁରା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ଶ୍ରୀମନ୍ଦିର ସିଂହଦ୍ୱାରର ରୁପା ଛାଉଣି କାର୍ଯ୍ୟ ଆରମ୍ଭ

ପୁରୀ,୨୨।୬(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ସିଂହଦ୍ୱାରରେ ନୂତନ ରୁପା ଦ୍ୱାର ସ୍ଥାପନ କରାଯିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରିଛି। ଗୁରୁବାର ରୁପା ଛାଉଣି ପାଇଁ ସିଂହଦ୍ୱାରରେ କାମ ଆରମ୍ଭ ହୋଇଛି। ପ୍ରଥମେ ସିଂହଦ୍ୱାର ଅସ୍ଥାୟୀ ଫ୍ଲାଟରେ ଦୁଆର ତିଆରି କାର୍ଯ୍ୟ ଆରମ୍ଭ ହୋଇଛି। ସିଂହଦ୍ୱାର ଭଳି ଅବିକଳ ଅସ୍ଥାୟୀ ସିଂହଦ୍ୱାର ବୁଧବାର ରାତିରେ ଲଗାଯାଇଥିଲା। ମୁମ୍ବାଇରୁ ଦୁଇଟି ଷ୍ଟିଲ ଫ୍ରେମ ଆସି ପହଞ୍ଚିବା ପରେ ୧୫ରୁ ଉର୍ଦ୍ଧ୍ୱ ଶ୍ରମିକ ଏହାକୁ ଶ୍ରୀମନ୍ଦିର ସିଂହଦ୍ୱାର ମଧ୍ୟକୁ ନେଇଥିଲେ। ଏହି ଷ୍ଟିଲ ଫ୍ରେମ ନିର୍ମାଣ କାର୍ଯ୍ୟ ମୁମ୍ବାଇରେ ରୁପା ଦାନ କରିଥିବା ଦାତାଙ୍କ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ମୂଳ ସିଂହଦ୍ୱାର ଭଳି ମାପ, ଓଜନ, ଡିଜାଇନ ଓ ଉତ୍କଳୀୟ କାରୁକାର୍ଯ୍ୟ ସମ୍ପନ୍ନ ଅବିକଳ ସିଂହଦ୍ୱାର ପ୍ରସ୍ତୁତ କରାଯାଉଛି। ରୁପା ଛାଉଣି ପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଭାଗ ଅଞ୍ଚଳକୁ ସିଲ୍ କରି ଭକ୍ତଙ୍କ ପାଇଁ କଟକଣା ଥିବାବେଳେ କେବଳ ସେବାୟତ ପ୍ରବେଶ କରୁଛନ୍ତି। ରୁପା ଛାଉଣି କବାଟ ଫିଟିଂ ସମୟରେ ମାଜିଷ୍ଟ୍ରେଟଙ୍କ ମୁତୟନ ସହ ସିସିଟିଭି କ୍ୟାମେରା, ପୋଲିସ ଉପସ୍ଥିତିରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଷ୍ଟିଲ ଫ୍ରେମ ଉପରେ ବର୍ମାଟିକ କାଠରେ ପ୍ରସ୍ତୁତ ଦ୍ୱାର ଲଗାଯାଇ ରୁପା ଛାଉଣି କରାଯିବ। ବାହୁଡ଼ା ଯାତ୍ରା ପୂର୍ବରୁ କାର୍ଯ୍ୟ ଶେଷ କରିବା ନେଇ ଲକ୍ଷ୍ୟ ରହିଛି। ଏ ନେଇ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ବି. ଡି. ଗଡନାୟକ କହିଛନ୍ତି, ବର୍ତ୍ତମାନ ସିଂହଦ୍ୱାରର ରୂପା ଛାଉଣି କାର୍ଯ୍ୟ ଆରମ୍ଭ ହୋଇଗଲାଣି। ସେହିପରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ଗୁରୁବାର ଷ୍ଟିଲ ଫ୍ରେମ ଆସି ପହଞ୍ଚିଛି। ରୁପା କାର୍ଯ୍ୟ ମଧ୍ୟ ଚାଲିଛି।

# କ୍ରିପ୍ଟୋ ଖୋଳତାଡ଼: ପ୍ରୀତମଙ୍କୁ ରିମାଣ୍ଡରେ ଆଣିଲା ଏସ୍‌ଟିଏଫ୍

ଭୁବନେଶ୍ୱର,୨୨।୬(ସତ୍ୟଜିତ୍ ରାଉତ)

### ଓଡ଼ିଶାରୁ ଆଇଏସ୍ଆଇକୁ ଓଟିପି ଶେୟାରିଂ ଘଟଣା



ପ୍ରୀତମ୍ କର

ପାକିସ୍ତାନର ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ)ର ଏଜେଣ୍ଟଙ୍କୁ ଓଟିପି ଶେୟାରିଂ ମାମଲାରେ କ୍ରିପ୍ଟୋ ଟ୍ରେଡିଂ ଲିଙ୍କ୍‌କୁ ନେଇ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଅଧିକ ଖୋଳତାଡ଼ ଜାରି ରଖିଛି। ଗିରଫ ୫ ଅଭିଯୁକ୍ତଙ୍କ ମଧ୍ୟରୁ ପ୍ରୀତମ୍ କର ଓ ସରୋଜ କୁମାର ନାୟକ କ୍ରିପ୍ଟୋ ଟ୍ରେଡିଂରେ ୧ କୋଟି ୩ଲକ୍ଷ ଟଙ୍କା ନିବେଶ କରିଥିବା ଏସ୍‌ଟିଏଫ୍ ପ୍ରମାଣ ପାଇଥିଲା। ତେବେ ଏନେଇ ଅଧିକ ତଥ୍ୟ ହାସଲ କରିବାକୁ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ନିବେଶ କରିଥିବା ପ୍ରୀତମଙ୍କୁ ଏସ୍‌ଟିଏଫ୍ ଗୁରୁବାର ଦୁଇଦିନିଆ ରିମାଣ୍ଡରେ ଆଣିଛି। ପାଞ୍ଚଦିନିଆ ରିମାଣ୍ଡ ପାଇଁ ଆବେଦନ ହୋଇଥିବାବେଳେ କୋର୍ଟ ଦୁଇଦିନ ଅନୁମତି ଦେଇଥିଲେ। ପ୍ରୀତମଙ୍କୁ ରିମାଣ୍ଡରେ ଆଣି ଏସ୍‌ଟିଏଫ୍ ଟିମ୍ ଅଧିକ ପଚରାଉଚରା କରୁଛି। ପ୍ରୀତମ୍‌ଙ୍କ ଆକାଉଣ୍ଟରୁ କଏନ୍‌ବେସ୍, ଏଫ୍‌ଟିଏକ୍ସ ଓ ବିଟ୍‌ମାର୍ଟ ଆଦି ଏକ୍ସଚେଞ୍ଜେସର ଅଜ୍ଞାତ ଉତ୍ସରୁ ଭାରତ ବାହାରୁ କ୍ରିପ୍ଟୋ ଡିପୋଜିଟ୍ ହେବା ସହ କ୍ରିପ୍ଟୋ ଟ୍ରାନ୍ସଫର୍ ମଧ୍ୟ ହୋଇଛି। ପ୍ରୀତମ୍ କ୍ରିପ୍ଟୋ ପ୍ଲାଟ୍‌ଫର୍ମରେ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ରେଫର୍ କରିଛନ୍ତି। ଉକ୍ତ ସନ୍ଦିଗ୍ଧଙ୍କର ୧ ହଜାର ବ୍ୟକ୍ତିଙ୍କ ରେଫରାଲ ତଥ୍ୟ ମଧ୍ୟ ରହିଛି। ତେବେ ସମ୍ପୃକ୍ତ ସନ୍ଦିଗ୍ଧ ଜଣକ ଆଇଏସ୍ଆଇ ଏଜେଣ୍ଟ ହୋଇଥିବା ଏସ୍‌ଟିଏଫ୍ ସନ୍ଦେହ କରୁଛି। ଏହି ଦିଗକୁ ନେଇ ଏସ୍‌ଟିଏଫ୍ ଅଧିକ ଖୋଳତାଡ଼ ଜାରି ରଖିଛି।

# ଶ୍ରୀଅନନ୍ତ ବାସୁଦେବ ମନ୍ଦିର ରୋଷଘର ନିର୍ମାଣକୁ ବିରୋଧ

ପୁରୁଣା ଭୁବନେଶ୍ୱର,୨୨।୬ (ସୁବାସ ଚନ୍ଦ୍ର ପ୍ରଧାନ)

ବିନ୍ଦୁସାଗର କୂଳରେ ରହିଛି ଶ୍ରୀଅନନ୍ତ ବାସୁଦେବ ମନ୍ଦିର। ରାଜ୍ୟ ସରକାର ଏକାମ୍ର ମେଗା ପ୍ରକଳ୍ପରେ ଏହି ମନ୍ଦିର ଏବଂ ଏହାର ଚତୁଃପାର୍ଶ୍ୱକୁ ସାମିଲ କରିଛନ୍ତି। ମନ୍ଦିର ପରିସରରେ ରୋଷଘର ନିର୍ମାଣ ନେଇ ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି) ପକ୍ଷରୁ ଟେଣ୍ଡର କରାଯାଇଛି। ତେବେ ରୋଷଘର ନିର୍ମାଣ ଟେଣ୍ଡରକୁ ନେଇ ପୂଜାପଣ୍ଡା ନିଯୋଗ ପକ୍ଷରୁ ବିରୋଧ କରାଯାଇଛି।

ଅନନ୍ତ ବାସୁଦେବ ମନ୍ଦିରରେ ଅନ୍ନଭୋଗ କିମ୍ବା ସଙ୍କୁଡ଼ି ଭୋଗ ହେଉ ନ ଥିବା ବେଳେ ଏଠାରେ କେବଳ ଶୁଖୁଲି ଭୋଗର ବ୍ୟବସ୍ଥା ରହିଛି, ଯାହାକୁ ଅତୀତରେ ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନ ଯୋଗାଇ ଆସୁଥିଲା। ଲିଙ୍ଗରାଜ ମନ୍ଦିରରେ ଭୋଗ ମଣ୍ଡପ ସରିବା ପରେ ଏଠାରେ ବଲ୍ଲଭ ଭୋଗ ପାଇଁ ଖଇ ଭୋଗ କରାଯାଇଥାଏ। ଲିଙ୍ଗରାଜ ମନ୍ଦିରରେ ବଡ଼ସିଂହାର ସରିବା ପରେ ଏଠାରେ ମନ୍ଦିର ପକ୍ଷରୁ ଯୋଗାଇ ଦିଆଯାଇଥିବା ସାମଗ୍ରୀରେ ତିଆରି ଲଡୁ ଭୋଗ ସମର୍ପଣ କରାଯାଇଥାଏ। ଅନନ୍ତ ବାସୁଦେବ ମନ୍ଦିର ପାଚେରିର ଉତ୍ତର ପାର୍ଶ୍ୱରେ ବିଏମ୍‌ସି ପକ୍ଷରୁ ୪୦ରୁ ଉର୍ଦ୍ଧ୍ୱ ରୋଷଘର ନିର୍ମାଣ କାର୍ଯ୍ୟ ଅର୍ଦ୍ଧାଧିକ ସରିଯାଇଥିଲା। ଶ୍ରୀଲିଙ୍ଗରାଜ ଟ୍ରଷ୍ଟ ବୋର୍ଡର ବିରୋଧ ପରେ ଏହାକୁ ବନ୍ଦ କରାଯିବା ସହ ବିଏମ୍‌ସି ଏଥିରୁ ଓହରି ଯାଇଥିଲା। ଅର୍ଦ୍ଧନିର୍ମିତ ରୋଷଘର ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି। ସମ୍ପ୍ରତି ରାଜ୍ୟ ସରକାରଙ୍କ ମେଗା ପ୍ରକଳ୍ପରେ ସେତୁ ନିର୍ମାଣ ବିଭାଗ ପକ୍ଷରୁ ଏଠାରେ ରୋଷଘର ନିର୍ମାଣ ପାଇଁ ସବୁଜ ସଂକେତ ଦିଆଯାଇଛି, ଯାହାକୁ ପୂଜାପଣ୍ଡା ନିଯୋଗ ପକ୍ଷରୁ ବିରୋଧ କରାଯାଇଛି। ଏନେଇ ସହକାରୀ ଦେବୋତ୍ତର କମିଶନରଙ୍କ ନିକଟରେ ମାମଲା ୪/୨୦୧୩ ବଳବତ୍ତର ରହିଛି। ଏହା ସତ୍ତ୍ୱେ କିପରି ବିଭାଗ ଏଠାରେ ରୋଷଘର ନିର୍ମାଣ କରିବାକୁ ଯାଉଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



> ବିଧି ଓ ପରମ୍ପରା ଦେଖିଲେ ଅନନ୍ତ ବାସୁଦେବ ମନ୍ଦିରରେ ଅନ୍ନଭୋଗ କିମ୍ବା ସଙ୍କୁଡ଼ି ଭୋଗ ହୁଏନାହିଁ। ଏଠାରେ ରୋଷଘରର ଆବଶ୍ୟକ ନ ଥିବା ବେଳେ ନିର୍ଦ୍ଦିଷ୍ଟ ଏକ ନିଯୋଗର କର୍ମକର୍ତ୍ତା ଉକ୍ତ ମନ୍ଦିରରେ ଦୈନିକ ରୋଷେଇ କରିବା ସହ ହୋଟେଲ ଭଳି ବ୍ୟବହାର କରୁଛନ୍ତି। ଏହା ଏଏସ୍ଆଇର ଆମ୍‌ସାର ଆକ୍ଟକୁ ମଧ୍ୟ ଉଲ୍ଲଂଘନ କରୁଛି।
> **-କାଶୀନାଥ ପୂଜାପଣ୍ଡା, ପୂଜାପଣ୍ଡା ନିଯୋଗ ସଭାପତି**

> ଅନନ୍ତ ନାରାୟଣ ସ୍ୱୟଂ ବିଷ୍ଣୁ। ତେଣୁ ଏଠାରେ ଅନ୍ନ ଭୋଗ ରହିଛି। ମନ୍ଦିର କାହାର ପୈତୃକ ସମ୍ପତ୍ତି ନୁହଁ। ଆମ୍‌ସାର ଆକ୍ଟ କଥା ରାଜ୍ୟ ସରକାର ଚିନ୍ତା କରିବେ।
> **-ବିରଞ୍ଚି ନାରାୟଣ ପତି, ବ୍ରାହ୍ମଣ ନିଯୋଗ ସମ୍ପାଦକ**

**ବାଲୁକେଶ୍ୱର ଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା**

ବାଙ୍କୀ, (ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ବ୍ଲକ ଅନ୍ତର୍ଗତ କାଳିପୋଇ ପଞ୍ଚାୟତର କାଳିପୋଇ ଗ୍ରାମରେ ବାଲୁକେଶ୍ୱର ଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହା ବହୁ ପୁରାତନ ମନ୍ଦିର ହୋଇଥିବାରୁ ପୂର୍ବ ବିଗ୍ରହ ଭଗ୍ନ ଅବସ୍ଥାରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବାଙ୍କୀର ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ।

## ଆଜି କ'ଣ କେଉଁଠି

କଟକ

- କଟକ ସତସଙ୍ଗ ବିହାରର ୪୮ତମ ପ୍ରତିଷ୍ଠା ଦିବସ ସମାରୋହ, ସତ୍‌ସଙ୍ଗ ବିହାର ପରିସର, ବକ୍ସିବଜାର,ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ

ସାଲେପୁର,୨୨।୬(ଅରବିନ୍ଦ ଭୂୟାଁ): ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ସ୍ୱାମୀଙ୍କୁ ଗୁରୁବାର ସାଲେପୁର ପୋଲିସ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ସଉରୀ ପଞ୍ଚାୟତର ନାରାୟଣ ଭୋଇ। ପୋଲିସ ସୂଚନା ଅନୁଯାୟୀ, ସେ ତାଙ୍କ ସ୍ତ୍ରୀଙ୍କୁ ସବୁବେଳେ ସନ୍ଦେହ କରୁଥିଲେ। ମଧ୍ୟାହ୍ନରେ ସ୍ୱାମୀ ନାରାୟଣ ଉକ୍ତ ଘଟଣାକୁ କେନ୍ଦ୍ରକରି ନିଶାସକ୍ତ ଅବସ୍ଥାରେ ଏକ ଧାରୁଆ ଛୁରିରେ ସ୍ତ୍ରୀଙ୍କ ବେକ, ହାତ ଓ ଶରୀରର ବିଭିନ୍ନ ସ୍ଥାନକୁ କାଟି ପକାଇଥିଲେ। ସ୍ଥାନୀୟ ଲୋକେ ସମ୍ପୃକ୍ତ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ଏନେଇ ସାଲେପୁର ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

### ଅଗ୍ନିକାଣ୍ଡରେ ଦୁଇ ବଖରା ଜଳିଗଲା

ମାହାଙ୍ଗା,୨୨।୬(ଯଯାତି ସିଂହ): ମାହାଙ୍ଗା ତହସିଲ ଅଧୀନ ଲଳିତଗିରି ପଞ୍ଚାୟତର ଲଳିତଗିରି ଗ୍ରାମରେ ଅଗ୍ନିକାଣ୍ଡ ଘଟି ୨ ବଖରା ଚାଳ ଛପର ଜଳିଯାଇଛି। ଏଥିରେ ଗ୍ରାମର ଅରକ୍ଷିତ ଜେନାଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛି। ତାଙ୍କର ୨ ବଖରା ସହ ସମସ୍ତ ଆସବାବପତ୍ର ଜଳିଯାଇଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ଖବରପାଇ କୁଆଁପାଳ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି।ଅରକ୍ଷିତ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### ନୂତନ ବିଇଓଙ୍କୁ ସମ୍ବର୍ଦ୍ଧନା

ମାଣିଆବନ୍ଧ,୨୨।୬(ଅଖିଳ କୁମାର ସାହୁ)- ବଡ଼ମ୍ବା ବ୍ଲକ ପ୍ରାଥମିକ ଶିକ୍ଷକ ମହାସଂଘ ତରଫରୁ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମଉଗଜ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରାଥମିକ ଶିକ୍ଷକ ସଂଘ ବ୍ଲକ ସଭାପତି ଚିତ୍ତରଞ୍ଜନ ପ୍ରଧାନଙ୍କ ଆବାହକତ୍ୱରେ ସଂଘ ଉପଦେଷ୍ଟା ସରୋଜ ରଥ ଶର୍ମା, ଉପସଭାପତି ଶ୍ରୀକାନ୍ତ ମିଶ୍ର, ସମ୍ପାଦକ ବିଜୟ ମଲ୍ଲିକ, ମନୋଜ କୁମାର ରଥ, ସଂଘର (ନୂତନ ପେନ୍‌ସନ ଭୁକ୍ତ) କଟକ ଜିଲା ଉପସଭାପତି ରମେଶ ଚନ୍ଦ୍ର ବେହେରା, ବରିଷ୍ଠ ଶିକ୍ଷକ ବସନ୍ତ କୁମାର ପାଣି, ଏକ୍ସକ୍ୟାଡ଼ର ଶିକ୍ଷକ ସଂଘ ସଭାପତି ପ୍ରମୋଦ କୁମାର ଧଳ ଓ ସମ୍ପାଦକ ସୁବୋଧ ଘଡ଼େଇ ପ୍ରମୁଖ ଯୋଗଦେଇ ଉତ୍ତରୀୟ ଓ ଫୁଲ ତୋଡ଼ା ଦେଇ ନୂତନ ବିଇଓଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସହକାରୀ ଶିକ୍ଷା ଅଧିକାରୀ ବିବେକାନନ୍ଦ ସାହୁ ଓ ନିର୍ମଳା ବେହେରା ଉପସ୍ଥିତ ଥିଲେ। ଆଗାମୀ ଦିନରେ ଶିକ୍ଷା କ୍ଷେତ୍ରରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ସହଯୋଗରେ ବଡ଼ମ୍ବା ଶିକ୍ଷା ମଣ୍ଡଳ କଟକ ଜିଲାରେ ପୂର୍ବଭଳି ସ୍ୱତନ୍ତ୍ର ସ୍ଥାନ ପାଇବ ବୋଲି ବିଇଓ ପ୍ରକାଶ ମତବ୍ୟକ୍ତ କରିଥିଲେ। ଶେଷରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରଥ କୁମାର ପଣ୍ଡା ବିଇଓଙ୍କ ଉଦ୍ଦେଶ୍ୟରେ ଏକ ଆଶୁ କବିତା ଗାନ କରି ସମସ୍ତଙ୍କର ମଙ୍ଗଳ କାମନା କରିଥିଲେ।

# କିଡ୍‌ନୀ ରୋଗ ଆତଙ୍କ: ୩୬୧ ରକ୍ତନମୁନା ସଂଗ୍ରହ

ବାଙ୍କୀ,୨୨।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)



କିଡ୍‌ନୀ ରୋଗ ଚିହ୍ନଟ ନିମନ୍ତେ ରକ୍ତନମୁନା ସଂଗ୍ରହ କରାଯାଉଛି।

ବାଙ୍କୀ ବ୍ଲକ ଅନ୍ତର୍ଗତ କନ୍ତପହଁରା ଗ୍ରାମରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। ଏହି ରୋଗରେ ଗତ ଏକ ବର୍ଷ ମଧ୍ୟରେ ବହୁ ଲୋକ ଆକ୍ରାନ୍ତ ହେବା ସହ ପ୍ରାୟ ୬ ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏନେଇ କନ୍ତପହଁରା ଗାଁ ସମେତ ପାଖ ଗାଁ ଗୁଡ଼ିକରେ ଆତଙ୍କ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶ ପାଇଛି। ଏହାପରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଗୁରୁବାର କନ୍ତପହଁରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଇସିଏମ୍‌ଆର, ରିଜିଓନାଲ୍ ମେଡିକାଲ୍ ରିସର୍ଚ୍ଚ ସେଣ୍ଟର୍ ଓ ମଡେଲ୍ ରୁରାଲ୍ ହେଲ୍‌ଥ୍ ରିସର୍ଚ୍ଚ ୟୁନିଟ୍ ପକ୍ଷରୁ ମିଳିତ ଭାବେ ୩୬୧ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଏହାକୁ ଆଇସିଏମ୍‌ଆର ଭୁବନେଶ୍ୱରକୁ ପରୀକ୍ଷା ନିମନ୍ତେ ପଠାଯାଇଛି। ଗୁରୁବାର ମଧ୍ୟ ରକ୍ତ ନମୁନା ସଂଗ୍ରହ କରାଯିବା ସହ ସେହି ଗ୍ରାମରେ ଥିବା ସମସ୍ତ ନଳକୂପ ଏବଂ ଖୋଲାକୂଅରୁ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯିବ ବୋଲି ସେଠାକୁ ଆସିଥିବା ଡାକ୍ତରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ଆଇସିଏମ୍‌ଆର ଡାକ୍ତର ସୁବ୍ରତ ପାଲ୍, ଡାକ୍ତର ଜୟସିଂହ ଖେର୍ତି, ଡାକ୍ତର ବିଜୟ କୁମାର ମିଶ୍ର, ଡାକ୍ତର ଶ୍ରୀକାନ୍ତ କାନୁନ୍‌ଗୋ, ଡାକ୍ତର ଅଂଶୁମାନ ପାଣିଗ୍ରାହୀଙ୍କ ସହ ୨୮ଜଣ ସହଯୋଗୀ ସେମାନଙ୍କ ସହ ଗ୍ରାମକୁ ଆସି ରକ୍ତଚାପ, ସୁଗାର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ପରୀକ୍ଷା କରିଥିଲେ। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ନିଜେ ଘଟଣାସ୍ଥଳରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ତଦାରଖ କରି ତୁରନ୍ତ ଅସୁସ୍ଥ ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ବିଶେଷଜ୍ଞମାନଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ କଟକ ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଲୋକନାଥ ପାତ୍ର, ବାଙ୍କୀ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମହାପାତ୍ର, ଆଠଗଡ଼ ଉପଖଣ୍ଡ ଚିକିତ୍ସା ଅଧିକାରୀ ବିଜୟ କୁମାର ମିଶ୍ର, ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅମରେଶ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ଆଉ ୨୫ ଅଙ୍ଗନୱାଡି କେନ୍ଦ୍ର

ନିଶ୍ଚିନ୍ତକୋଇଲି,୨୨।୬ (ଅଶୋକ କୁମାର ମହାପାତ୍ର)

ରଘୁନାଥପୁର ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ୨୫ ଅଙ୍ଗନୱାଡି କେନ୍ଦ୍ର ନିଶ୍ଚିନ୍ତକୋଇଲି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନକୁ ଆସିଛି। ସେଗୁଡ଼ିକ ହେଲା ନିଶ୍ଚିନ୍ତକୋଇଲି ବ୍ଲକର ଉତ୍ତରକୂଳ, ବାବୁଜଙ୍ଗ, ମଣିଜଙ୍ଗ ଓ ମହମ୍ମଦପୁର ପଞ୍ଚାୟତର ବିଶ୍ୱନାଥପୁର, ମହମ୍ମଦପୁରରେ ୧, ମହମ୍ମଦପୁର ୨, ମହମ୍ମଦପୁର ୩, ମହମ୍ମଦପୁର ୪, ମଣିଜଙ୍ଗ ୧, ମଣିଜଙ୍ଗ ୨, ମଣିଜଙ୍ଗ ୩, ଓଡଖଣ୍ଡ, ବାବୁଜଙ୍ଗ ୧, ବାବୁଜଙ୍ଗ ୨, ବାବୁଜଙ୍ଗ ୩, ଦୁଲୁପୁର ୧, ଦୁଲୁପୁର ୨, ବାରିମୂଳ, ସଫିପୁର, ମେହେନ୍ଦିପୁର, ଉତ୍ତରକୂଳର ମୁଗୁରିଆ, ପିଇଁପୁର, ସାହସପୁର, ସଂଗ୍ରାମପୁର, ଉତ୍ତରକୂଳ ୧, ଉତ୍ତରକୂଳ ୨, ଚମ୍ପା ଓ ବିରିବନ୍ଧ ଅଙ୍ଗନୱାଡି କେନ୍ଦ୍ର ପ୍ରମୁଖ। ସରକାରଙ୍କ ତରଫରୁ ଏହି ୨୫ଟି ଅଙ୍ଗନୱାଡି କେନ୍ଦ୍ରକୁ ନିଶ୍ଚିନ୍ତକୋଇଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ପରିଚାଳନା କରିବ ବୋଲି ଜଣାଯାଇଛି। ପୂର୍ବରୁ ନିଶ୍ଚିନ୍ତକୋଇଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ୩୭ ପଞ୍ଚାୟତର ୨୫୯ ଅଙ୍ଗନୱାଡି କେନ୍ଦ୍ର ରହିଥିଲା। ଏବେ ୪ ପଞ୍ଚାୟତର ୨୫ ଅଙ୍ଗନୱାଡି କେନ୍ଦ୍ର ନିଶ୍ଚିନ୍ତକୋଇଲିରେ ସାମିଲ ହେବା ଯୋଗୁ ବ୍ଲକ୍‌ରେ ଅଙ୍ଗନୱାଡି କେନ୍ଦ୍ର ସଂଖ୍ୟା ୨୮୪କୁ ବୃଦ୍ଧି ପାଇଛି।

# ୩ ବର୍ଷ ପରେ ମିଳିଲା ଆବାସ କାର୍ଯ୍ୟାଦେଶ

ନିଶ୍ଚିନ୍ତକୋଇଲି,୨୨।୬ (ଅଶୋକ କୁମାର ମହାପାତ୍ର)



ଜଣେ ହିତାଧିକାରୀ କାର୍ଯ୍ୟାଦେଶ ଗ୍ରହଣ କରୁଛନ୍ତି।

ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ପ୍ରତୀକ୍ଷା ପରେ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିଛି। ହିତାଧିକାରୀ ଚୟନ ପାଇଁ ବିଭିନ୍ନ ପଞ୍ଚାୟତରେ ବାରମ୍ବାର ତଦନ୍ତ କରାଯାଇଛି। ଗ୍ରାମସଭା ମଧ୍ୟ କରାଯାଇଛି। ଏପରି ଏକାଧିକ ପ୍ରକ୍ରିୟା ପରେ ନିଶ୍ଚିନ୍ତକୋଇଲି ବ୍ଲକର ୧୪୪୩ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ ପଞ୍ଚାୟତରେ ୭୫୮ ଜଣ ହିତାଧିକାରୀ ଥିବାବେଳେ କଟକ ସଦର ନିର୍ବାଚନ ମଣ୍ଡଳୀର ୨୭୧ଜଣ ହିତାଧିକାରୀ ରହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୦୨୯ ଜଣଙ୍କ ଆକାଉଣ୍ଟକୁ ପ୍ରଥମ କିସ୍ତି ବାବଦରେ ୪୦ହଜାର ଟଙ୍କା ଅନ୍‌ଲାଇନ ମାଧ୍ୟମରେ ପଠାଯାଇଛି। ଗୁରୁବାର ଅପରାହ୍ନରେ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀଙ୍କ ଅଧ୍ୟକ୍ଷତାରେ ଆବାସ ଯୋଜନାର କିପରି ସୁବିନିଯୋଗ କରାଯିବ ସେନେଇ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଯୋଗଦେଇ ହିତାଧିକାରୀମାନେ ପ୍ରଥମ କିସ୍ତିରେ ୪୦ ହଜାର, ଦ୍ୱିତୀୟ କିସ୍ତିରେ ୬୫ ହଜାର, ତୃତୀୟ କିସ୍ତିରେ ୧୫ ହଜାର ଟଙ୍କା ପାଇବେ ବୋଲି ପ୍ରକାଶ କରିଛନ୍ତି। ଯେଉଁ ହିତାଧିକାରୀ ୧୨୦ ଦିନରେ ଗୃହ ନିର୍ମାଣ ଶେଷ କରିବେ ସେମାନଙ୍କୁ ୨୦ ହଜାର ଟଙ୍କା ଓ ୧୮୦ ଦିନରେ କାର୍ଯ୍ୟ ଶେଷ କଲେ ୧୦ ହଜାର ଟଙ୍କା ବୋନସ ମିଳିବ ବୋଲି ପ୍ରକାଶ କରିଛନ୍ତି। ଏଥିସହ ସମସ୍ତ ହିତାଧିକାରୀଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୯୦ ଦିନର ଶ୍ରମଦିବସ ତଥା ୨୧ ହଜାର ୩୩୦ଟଙ୍କା, ଶୌଚାଳୟ ପାଇଁ ୧୨ ହଜାର ଟଙ୍କା ପ୍ରଦାନ କରାଯିବା ପାଇଁ ନିର୍ଦ୍ଦେଶନାମା ଥିବା ହିତାଧିକାରୀମାନଙ୍କୁ ସୂଚନା ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷା ଅଶୋକ ଓଝା ଯୋଗଦେଇ କୌଣସି ହିତାଧିକାରୀ ଆବାସ ଯୋଜନାରେ ବିଲ୍ କରିବା ପାଇଁ ଲାଞ୍ଚ ନଦେବା ପାଇଁ ପ୍ରକାଶ କରିଥିଲେ। ଏହି ସଚେତନତା କର୍ମଶାଳାରେ ଜିପିଓ ଜନ୍ମେଜୟ ରାଉତ,ବୁହାଳୋ ସରପଞ୍ଚ ରମାକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବା ସହ କାମ କରିବାର କୌଶଳ ସମ୍ପର୍କରେ ସୂଚନା ଦିଆଯାଇଥିଲା।

# ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ନୂତନ ପରିଚାଳନା କମିଟି ଗଠନ

ବାଙ୍କୀ,୨୨।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ପରିଚାଳନା କମିଟିର ସଭାପତି ଭାବେ ପ୍ରଦୀପ କୁମାର ବେହେରାଙ୍କୁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମନୋନୀତ କରାଯାଇଛି। ବେହେରା ଏହା ପୂର୍ବରୁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ ଭାବରେ କାର୍ଯ୍ୟ କରୁଥିଲେ। ସେହିପରି କମିଟି ସଭ୍ୟଭାବେ ସନାତନ ବେହେରା, ସମରେନ୍ଦ୍ର ମହାପାତ୍ର, ଉପନଗରପାଳ ସନ୍ତୋଷ କୁମାର ରଣା, ଭାଗିରଥି ବିଶ୍ୱାଳ, କଲେଜ ଅର୍ଥନୀତି ବିଭାଗର ରିଡର ରାଜକିଶୋର ପାଲ୍, ମନସ୍ତତ୍ତ୍ୱ ବିଭାଗ ରିଡର ଡ. ଅବନ୍ତିକା କର(ଶିକ୍ଷକ ପ୍ରତିନିଧି), ବାଙ୍କୀ କଲେଜ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର, ଶିକ୍ଷାବିତ୍ ସୌମେନ୍ଦ୍ର ମିଶ୍ର, ବିଶ୍ୱବିଦ୍ୟାଳୟ ପ୍ରତିନିଧି ପ୍ରଫେସର ଜେ.ଦଣ୍ଡପାଟ ମନୋନୀତ ହୋଇଛନ୍ତି। ବାଙ୍କୀ କଲେଜ ଅଧ୍ୟକ୍ଷ ପରିଚାଳନା କମିଟି ସମ୍ପାଦକ ଭାବେ କାର୍ଯ୍ୟ କରିବେ। ଏହି ପରିଚାଳନା କମିଟି କାର୍ଯ୍ୟକାଳ ୫ବର୍ଷ ରହିବ ବୋଲି ନିର୍ଦ୍ଦେଶନାମାରେ ଲିପିବଦ୍ଧ ହୋଇଛି।

# ଜୁଲାଇ ୧୮ ସୁଦ୍ଧା ପକ୍ଷ ରଖିବାକୁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

ମଙ୍ଗୁଳି-ଜଗତପୁର, ୨୨।୬ (ମାନସ ସାମଲ)

## ବିନା ଟେଣ୍ଡରରେ ଗାଡ଼ି ଚୟନ

ଚୌଦ୍ୱାର ପୌରପାଳିକା କର୍ତ୍ତୃପକ୍ଷ ସରକାରୀ କାର୍ଯ୍ୟରେ ଯିବା ପାଇଁ ଗୋଟିଏ ଗାଡ଼ି ବ୍ୟବହାର କରିପାରିବେ ବୋଲି ସରକାରୀ ନିୟମ ରହିଛି। ଅତି ଜରୁରୀ ପଡିଲେ କୌଣସି ଟ୍ରାଭେଲ ଏଜେନ୍ସିରୁ ଦିନିକିଆ ଭଡା ସୂତ୍ରରେ ଗାଡି ଆଣି କାମରେ ଲଗାଇ ପାରିବେ। ହେଲେ ଏଠାରେ ସରକାରୀ ନିୟମ ଉଲ୍ଲଂଘନ ହୋଇଥିବା ସୂଚନା ଅଧିକାର କର୍ମୀ ମନୋଜ ସାହୁ ଅଭିଯୋଗ କରିଛନ୍ତି। ଏ ନେଇ ସେ ଚୌଦ୍ୱାର ପୌରପାଳିକାର ଗାଡି ଡିଲ୍ କରୁଥିବା ୬ ଜଣ ସଦସ୍ୟଙ୍କ ବିରୋଧରେ ଗତ ଜାନୁୟାରୀ ୧୭ରେ ଲୋକାୟୁକ୍ତରେ ପିଟିଶନ ଦାଏର କରିଥିଲେ। ଲୋକାୟୁକ୍ତ ଏହାର ଶୁଣାଣି କରିବା ସହ ଆସନ୍ତା ଜୁଲାଇ ୧୮ ସୁଦ୍ଧା ନିଜର ପକ୍ଷ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କିତ ନୋଟିସ୍ ଲୋକାୟୁକ୍ତଙ୍କ ପକ୍ଷରୁ ଆବେଦନକାରୀଙ୍କ ସମେତ ପୌରପାଳିକାର ୬ ସଦସ୍ୟଙ୍କ ପାଖକୁ ଗୁରୁବାର ପଠାଯାଇଛି। ଅଭିଯୋଗ ଅନୁଯାୟୀ, ପୌରପାଳିକା ନିଜସ୍ୱ ପାଣ୍ଠି ବ୍ୟୟରେ ଅଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ବ୍ୟବହାର ନିମନ୍ତେ ୨୦୨୨ ମେ' ୧୭ରେ ଏକ କାର (ନଂ.ଓଡ଼ି୦୫ବିଇ-୮୫୦୫) ଭଡ଼ା ସୂତ୍ରରେ ଆଣିଥିଲା। ହେଲେ ଏନେଇ କୌଣସି ଟେଣ୍ଡର ଡକା ନ ଯାଇ ନୋଟିସ ମାଧ୍ୟମରେ ଗାଡି ଚୟନ କରାଯାଇଥିଲା। ଏହି ପ୍ରକ୍ରିୟାରେ ୩ ଜଣ ବ୍ୟକ୍ତି ଭାଗ ନେଇଥିଲେ। ନିୟମ ଅନୁଯାୟୀ ୩ ବର୍ଷ ମଧ୍ୟରେ ପଞ୍ଜୀକରଣ ହୋଇଥିବା ଗାଡି ଏହି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବ। ହେଲେ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ୨ଟି ଗାଡିର ମାଲିକ ଏହି ଚୟନ ପ୍ରକ୍ରିୟାରେ ଭାଗ ନେଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ଏହି ଚୟନ ପ୍ରକ୍ରିୟାରୁ ବାଦ୍ ପଡିଥିଲେ। ଅପରପକ୍ଷରେ ଆଉ ଏକ ଗାଡ଼ି ପୌର କାର୍ଯ୍ୟାଳୟରେ ନିୟୋଜିତ ହେବା ପାଇଁ ୧ ବର୍ଷ ଲାଗି ଚୁକ୍ତି କରିଥିଲା। ଇତିମଧ୍ୟରେ ନିର୍ଦ୍ଧାରିତ ସମୟ ବିତିଯାଇଥିଲେ ମଧ୍ୟ ଉକ୍ତ କାରରେ ସରକାରୀ ନମ୍ବର ପ୍ଲେଟ୍ ଲାଗି ରାସ୍ତାରେ ଚାଲୁଥିବା ଦେଖିବାକୁ ମିଳିଛି। ଉକ୍ତ ଗାଡିରେ କୌଣସି ଅସାମାଜିକ କାର୍ଯ୍ୟ ହେଲେ ସେଥିପାଇଁ କିଏ ଦାୟୀ ରହିବ ବୋଲି ମନୋଜ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର କହିଛନ୍ତି, ମାମଲାଟି ଲୋକାୟୁକ୍ତଙ୍କ ନିକଟରେ ବିଚାରାଧୀନ ଥିବାରୁ ଏହା ଉପରେ ମନ୍ତବ୍ୟ ଦେବା ଉଚିତ୍ ମନେକରୁନି। କାର୍‌ଟି ନମ୍ବର ପ୍ଲେଟ୍ ନ କାଢି ରାସ୍ତାରେ ଗଡୁଛି। ଆରଟିଓ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେଇପାରିବେ ବୋଲି ସେ କହିଛନ୍ତି।

# ତତ୍କାଳୀନ ଜିଲାପାଳଙ୍କୁ କ୍ଲିନ୍‌ଚିଟ୍ ଦେଲେ ହାଇକୋର୍ଟ

## ମାଲକାନଗିରି ତତ୍କାଳୀନ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ମୃତ୍ୟୁ ମାମଲା

କଟକ,୨୨।୬ (କାର୍ତ୍ତିକ ସାହୁ)

ମାଲକାନଗିରି ତତ୍କାଳୀନ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକଙ୍କ ମୃତ୍ୟୁ ପାଇଁ ତତ୍କାଳୀନ ଜିଲାପାଳଙ୍କୁ ଦାୟୀ କରି ହାଇକୋର୍ଟରେ ରୁଜୁ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ବିଚାରପତି ଶଶିକାନ୍ତ ମିଶ୍ର ଏହି ମାମଲାର ବିଚାର କରି ତତ୍କାଳୀନ ଜିଲାପାଳଙ୍କୁ କ୍ଲିନ୍‌ଚିଟ୍ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି। ହାଇକୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି, ମାଲକାନାଗିରି ଜିଲାର ସତୀଗୁଡ଼ା ଡ୍ୟାମରୁ ଉଦ୍ଧାର ହୋଇଥିବା ବ୍ୟକ୍ତିଗତ ସହାୟକଙ୍କ ମୃତଦେହରେ କୌଣସି କ୍ଷତଚିହ୍ନ ନ ଥିଲା। ତାଙ୍କ ମୃତ୍ୟୁର କୌଣସି ବାହ୍ୟ କାରଣ ନ ଥିବା ପ୍ରମାଣିତ ହେବା ପରେ ଅଦାଲତ ଏହି ରାୟ ପ୍ରଦାନ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଦେବ ନାରାୟଣ ପଣ୍ଡା ନାମକ ବ୍ୟକ୍ତି ତତ୍କାଳୀନ ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲଙ୍କ ବ୍ୟକ୍ତିଗତ ସହାୟକ ଭାବେ କାମ କରୁଥିଲେ। ସେ ଡ୍ୟୁଟିରେ ଥିବାବେଳେ ୨୦୧୯ ମେ' ୨୭ରେ ନିଖୋଜ ହୋଇଥିବା ମାଲକାନଗିରି ଥାନାରେ ଏକ ଏତଲା ଦିଆଯାଇଥିଲା। ପୋଲିସ ଏତଲା ଆଧାରରେ ଖୋଜୁଥିବାବେଳେ ପରଦିନ ତାଙ୍କର ମୃତଦେହକୁ ଅଗ୍ନିଶମ କର୍ମଚାରୀମାନେ ସତୀଗୁଡ଼ା ଡ୍ୟାମ୍‌ରୁ ଉଦ୍ଧାର କରିଥିଲେ। ଏନେଇ ମାଲକାନଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦବେଳେ ଶରୀରରେ କୌଣସି କ୍ଷତଚିହ୍ନ ନ ଥିବା ଜଣାପଡ଼ିଥିଲା। ଭିସେରା ରିପୋର୍ଟରୁ ମଧ୍ୟ କୌଣସି ବିଷାକ୍ତ ପଦାର୍ଥ, ଆଲକହଲ ଓ ଡ୍ରଗ୍ସ ନ ଥିବା ସ୍ପଷ୍ଟ ହୋଇଥିଲା। ତେବେ ଘଟଣାର ଏକ ବର୍ଷ ପରେ ଅର୍ଥାତ୍ ୨୦୨୦ ନଭେମ୍ବର ୧୩ରେ ମୃତକଙ୍କ ସ୍ତ୍ରୀ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପାଇଁ ଅଗ୍ରୱାଲଙ୍କୁ ଦାୟୀ କରି ଏସ୍‌ଡିଜେଏମ୍ କୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଏସ୍‌ଡିଜେଏମ୍ ମାଲକାନାଗିରି ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଅଗ୍ରୱାଲ ଏହି ମାମଲାକୁ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାଙ୍କୁ ଦୋଷମୁକ୍ତ କରିବା ସହ ୮ ମାସ ମଧ୍ୟରେ ତଳକୋର୍ଟରେ ମାମଲାର ଅନ୍ତ ଘଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଅଗ୍ରୱାଲଙ୍କ ପକ୍ଷରୁ ଆଇନଜୀବୀ ମିଲନ୍ କାନୁନ୍‌ଗୋ ଓ ପ୍ରତିପକ୍ଷ ପକ୍ଷରୁ ଟି. କେ. ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

# ବଜ୍ରପାତରେ ଦୋକାନ ଛାତ ଫାଟିଲା

ମାହାଙ୍ଗା,୨୨।୬(ଯଯାତି ସିଂହ)



ମାହାଙ୍ଗା ତହସିଲ ଅଧୀନ ସାହାପୁର ପଞ୍ଚାୟତ ବାଲିପଡ଼ିଆ ବଜାରରେ ଥିବା ଏକ ଟିଭି ମରାମତି ଦୋକାନରେ ଗୁରୁବାର ବଜ୍ରପାତ ଘଟି କୋଠଘର ଛାତ ଫାଟିଯାଇଛି। ଅପରାହ୍ନରେ ବଜ୍ରପାତ ସହ ପ୍ରବଳ ବର୍ଷା ହୋଇଥିଲା । ଏହି ସମୟରେ ସାହାପୁର ଗ୍ରାମର ସଞ୍ଜୟ କୁମାର ସାହୁଙ୍କ ଟିଭି ଦୋକାନରେ ବଜ୍ରପାତ ହୋଇଥିଲା। ଫଳରେ ଦୋକାନ ଘରର ଛାତ ଫାଟିଯାଇଛି। ଏଥିସହ ଘର ମଧ୍ୟରେ ଥିବା ଟିଭି, ଇନଭର୍ଟର ଓ ୟୁପିଏସ ସହ ବହୁ ଯନ୍ତ୍ରାଂଶ ପୋଡ଼ି ନଷ୍ଟ ହୋଇଯାଇଛି। ଅପରପକ୍ଷେ ସଞ୍ଜୟ ସେତେବେଳେ ଦୋକାନ ଘରେ କାମ କରୁଥିଲେ ମଧ୍ୟ ତାଙ୍କର କିଛି ହୋଇ ନ ଥିଲା।

# 'ଓଡ଼ିଆ ସାହିତ୍ୟ ଜଗତର ଅଦ୍ୱିତୀୟ ସ୍ରଷ୍ଟା ଥିଲେ ସୁରେନ୍ଦ୍ର'

ସାଲେପୁର,୨୨।୬(ଅରବିନ୍ଦ ଭୂୟାଁ)




ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ସାଲେପୁର ବ୍ଲକ ସତ୍ୟଭାମାପୁର ପଞ୍ଚାୟତ ଅନ୍ତର୍ଗତ ପୁରୁଷୋତ୍ତମପୁରଠାରେ କଥାସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ୧୦୧ତମ ରାଜ୍ୟସ୍ତରୀୟ ଜୟନ୍ତୀ ଓଡ଼ିଶା ସାହିତ୍ୟ ଏକାଡେମୀ, ସୁରେନ୍ଦ୍ର ମହାନ୍ତି ମେମୋରିଆଲ୍ ଟ୍ରଷ୍ଟ ଓ ସୁରେନ୍ଦ୍ର ମେମୋରିଆଲ୍ କ୍ଲବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ମନୋଜ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ସୁରେନ୍ଦ୍ର ମହାନ୍ତି ଓଡ଼ିଆ ସାହିତ୍ୟ ଜଗତର ଅଦ୍ୱିତୀୟ ସ୍ରଷ୍ଟା ଥିଲେ ବୋଲି କହିଥିଲେ। ତାଙ୍କ ରଚନା କାଳଜୟୀ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ବାସନ୍ତୀ ମହାନ୍ତି, ଜଗତ୍‌ସିଂହପୁର ସ୍ୱାମୀ ବିବେକାନନ୍ଦ ମେମୋରିଆଲ୍ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ଡ. ଜ୍ୟୋତିରଞ୍ଜନ ସାମଲ, ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ପ୍ରମୁଖ ଅତିଥି ରୂପେ ଯୋଗଦେଇ ସୁରେନ୍ଦ୍ର ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ଡାକ୍ତର ପ୍ରଫୁଲ୍ଲ କୁମାର ମହାନ୍ତିଙ୍କୁ ଭୂମିପୁତ୍ର ସମ୍ମାନ, ବିଶିଷ୍ଟ ବୈଜ୍ଞାନିକ ଡ. ଭାଗ୍ୟଧର ଭୋଇଙ୍କୁ ବିଜ୍ଞାନ ସମ୍ମାନ, ପ୍ରାଧ୍ୟାପକ ଭକ୍ତନାଥ ପଣ୍ଡାଙ୍କୁ ଶିକ୍ଷା ସମ୍ମାନ, ଅଧ୍ୟାପିକା ବୈଜୟନ୍ତୀ ସାହୁଙ୍କୁ ସ୍ୱୟଂସିଦ୍ଧା ସମ୍ମାନ, ଡ.ଶୋଭାବତୀ ସେନାପତିଙ୍କୁ ସାରସ୍ୱତ ସମ୍ମାନ, ନାଟ୍ୟକାର ଜୀବନ ଜେନାଙ୍କୁ କଳା ସମ୍ମାନ, ଅଭିମନ୍ୟୁ ଦାସଙ୍କୁ ଦେବଦୂତ ସମ୍ମାନ, ବିକ୍ରମ ସାମଲଙ୍କୁ କ୍ରୀଡ଼ା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଦେବେନ୍ଦ୍ର ନାଥ ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଶ୍ୱରଞ୍ଜନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅଶ୍ୱିନୀ ମିଶ୍ର, ଚକ୍ରଧର କାଣ୍ଡି, ସୌମ୍ୟରଞ୍ଜନ ନାୟକ, ରାମଚନ୍ଦ୍ର ପାଣି, ଲକ୍ଷ୍ମୀପ୍ରିୟା ମାଇତି, ଅଙ୍କିତା ଜେନା, ସୌମେନ୍ଦ୍ରୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଫୁଲ, ଫଳ ଚାଷ କରି ପାଲଟିଛନ୍ତି ପ୍ରେରଣା

ନିଶ୍ଚିନ୍ତକୋଇଲି, ୨୨।୬ (ଅଶୋକ କୁମାର ମହାପାତ୍ର)



## ସଫଳ ଚାଷୀ ସର୍ବେଶ୍ୱର

ସାମ୍ପ୍ରତିକ ସମାଜରେ ଉଚ୍ଚ ଶିକ୍ଷିତ ଯୁବତୀ, ଯୁବକମାନେ ଚାକିରି ପଛରେ ଗୋଡ଼ାଉଛନ୍ତି। ଶେଷରେ ନ ପାଇ ବେକାର ହୋଇଯାଉଛନ୍ତି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ନଡକାଇ ପଞ୍ଚାୟତ ଅନ୍ତର୍ଗତ ଏକରୁଖି ଗ୍ରାମର ଜଣେ ଉଚ୍ଚ ଶିକ୍ଷିତ ଯୁବକ ଚାଷରେ ସଫଳ ହୋଇ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ପ୍ରଥମେ ଫୁଲ ପରେ ଫଳ ଚାଷକୁ ଆଦରି ନେଇଛନ୍ତି। ଏବେ ସେ ବାର୍ଷିକ ଲକ୍ଷାଧିକ ଟଙ୍କା ଆୟ କରୁଛନ୍ତି। ସେ ହେଲେ ଏକରୁଖି ଗ୍ରାମର ସ୍ୱର୍ଗତ କରୁଣାକର ମିଶ୍ରଙ୍କ ଦ୍ୱିତୀୟ ପୁତ୍ର ସର୍ବେଶ୍ୱର ମିଶ୍ର (୪୯) । ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ମଧ୍ୟ କୌଣସି ଚାକିରି ପାଇ ନ ଥିଲେ। ଏହାପରେ ପରିବାର ପ୍ରତିପୋଷଣ କରିବା ନିମନ୍ତେ ରାଜ୍ୟ ବାହାରେ ଦାଦନ ଖଟିବାକୁ ପଛାଇ ନ ଥିଲେ। ତେବେ କରୋନା ମହାମାରୀ ସମୟରେ ତାଙ୍କ ଜୀବନର ଗତିପଥ ବଦଳିଯାଇଥିଲା। ମିଶ୍ର ସୁଦୂର ସୁରଟ ଛାଡି ନିଜ ପୈତୃକ ଗ୍ରାମକୁ ଫେରି ଆସିଥିଲେ। କୌଣସି କାମଧନ୍ଦା ନ ପାଇ ନିରାଶ ହୋଇ ଘରେ ବସିଥିଲେ। ଏହି ସମୟରେ ମିଶ୍ର ସୁଚିନ୍ତିତ ଉପାୟରେ ସ୍ଥାନୀୟ ଗ୍ରାମରେ ଥିବା ପୈତୃକ ସମ୍ପତ୍ତି ଉପରେ ଗେଣ୍ଡୁଫୁଲ ଚାଷ ଆରମ୍ଭ କରିଥିଲେ। ଏହି ଫୁଲ ଚାଷରୁ ମିଶ୍ରଙ୍କ ରୋଜଗାର ଭଲ ହୋଇଥିଲା। ଏହାପରେ ମିଶ୍ର ଫଳ ଚାଷ କରିବାକୁ ମନସ୍ଥ କରିଥିଲେ। ସେ ସୁଦୂର କଲିକତାରୁ ପିଜୁଳି, କାଗଜୀ ଲେମ୍ବୁ, ସପେଟା, କରମଙ୍ଗା, ବିଭିନ୍ନ ପ୍ରକାର ଆମ୍ବ, ଥାଇଲାଣ୍ଡ ବରକୋଳି, ଜାମୁଡୋଳ, ନଡିଆ ଗୁଆ ଚାରା ଆଦି ଆଣି ଉନ୍ନତ ପ୍ରଣାଳୀରେ ଚାଷ ଆରମ୍ଭ କରିଥିଲେ। ଏବେ ଏହି ଗଛଗୁଡ଼ିକରୁ ଫଳ ଆରମ୍ଭ ହୋଇଛି। ମିଶ୍ରଙ୍କ ବଗିଚାରେ ଫଳିଥିବା ପିଜୁଳି ଗୁଡିକର ଓଜନ ଅଧକେଜିରୁ ଅଧିକ ଅଟେ। ଏପରିକି ସେ ନାଲି ପିଜୁଳି ମଧ୍ୟ ଚାଷ କରିଛନ୍ତି। ଏହା ମଧୁମେହ ରୋଗୀଙ୍କ ପାଇଁ ଏକାନ୍ତ ଉପାଦେୟ । ଏହି ପିଜୁଳି ଲୋକଙ୍କ ଦ୍ୱାରା ବେଶ ଆଦୃତ ହେଉଛି। ବିନା ସରକାରୀ ପ୍ରୋତ୍ସାହରେ ମିଶ୍ର ହାଡଭଙ୍ଗା ପରିଶ୍ରମ କରି ଏଭିଳି ସଫଳତା ହାସଲ କରିଥିବା କହିଛନ୍ତି। ସେ ଫଳନ୍ତି ଗଛରୁ ଉନ୍ନତ ମାନର କଲମୀ ସୃଷ୍ଟି କରି ବେକାର ଯୁବତୀ ଯୁବକମାନଙ୍କୁ ଶିକ୍ଷା ପ୍ରଦାନ କରିବା ସହ ଫଳ ଚାଷ ନିମନ୍ତେ ପ୍ରେରଣା ଯୋଗାଉଛନ୍ତି। ସରକାରୀ ପ୍ରୋତ୍ସାହନ ସହ ଉନ୍ନତ ଜ୍ଞାନକୌଶଳ ଯୋଗାଇ ଦିଆଗଲେ ଅଧିକରୁ ଅଧିକ ଫଳଚାଷ କରିପାରିବେ ବୋଲି ମିଶ୍ର ମତବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ଗାଡ଼ି ସାଇଡମରାକୁ ନେଇ ଆକ୍ରମଣ ଘଟଣା: ୩ ଯୁବକ ଗିରଫ

ଯାଁଲା,୨୨।୬(ବୁଲା ବାରିକ): ଗାଡ଼ି ସାଇଡମରାକୁ ନେଇ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ଗୁରୁବାର ଇନ୍‌ଫୋଭ୍ୟାଲି ଥାନା ପୋଲିସ ୩ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଢେଙ୍କାନାଳ ଜିଲା ରାସୋଳ ଥାନା ଖଲିବୋରେଇ ଗ୍ରାମର କାହ୍ନା ନାୟକ ଓରଫ୍ ପ୍ରଣବ (୨୦), ଖୋର୍ଦ୍ଧା ଜିଲା ସଦର ଥାନା ଅନ୍ତର୍ଗତ କାଇପଦର ଗ୍ରାମର ମହେଶ ନାଏକ ଓରଫ୍ ଆକାଶ (୨୩) ଏବଂ ଚନ୍ଦକା ଥାନା କଣ୍ଟାବାଡ ଗ୍ରାମର ମଣ୍ଟୁ ନାଏକ ଓରଫ୍ ସୁବ୍ରତ (୧୯)। ତେବେ କାହ୍ନାଙ୍କ ନାମରେ କ୍ୟାପିଟାଲ ଥାନାରେ ପୂର୍ବରୁ ଦୁଇଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଆଉ ୨ ଯୁବକଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ସୂଚନା ମୁତାବକ, ଜଟଣୀ ଥାନା ଅଧୀନ ଯମୁନା ଗ୍ରାମର ବବୀନ୍ଦ୍ର ପରିଡା ରିୟଲ ଇଷ୍ଟେଟ ବ୍ୟବସାୟ କରନ୍ତି। ଗତ ମେ' ୨୮ରେ ସେ ଏକ ହୋଟେଲରେ ମିଟିଂ ସାରି କାରରେ ଘରକୁ ଫେରୁଥିଲେ। ଗୋବିନ୍ଦପୁର ଛକରୁ ଏକ ଘରୋଇ କଲେଜ ରାସ୍ତାରେ ୫ଜଣ ଯୁବକ ଏକ କାରରେ ଆସି ତାଙ୍କୁ ସାଇଡ ମାରିଥିଲେ। ଏହାକୁ ବବୀନ୍ଦ୍ର ବିରୋଧ କରିବାରୁ ଯୁବକମାନେ ତାଙ୍କୁ ଗାଳିଗୁଲଜ କରିବା ସହିତ ଲୁହା ପାଇପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ବବୀନ୍ଦ୍ର ସ୍ତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ନିରାକାରପୁର ହାଇସ୍କୁଲରେ ପ୍ରଧାନ ଶିକ୍ଷକ ନିଯୁକ୍ତ

ନିରାକାରପୁର,୨୨।୬(ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ଜିଲା ନିରାକାରପୁର ସରକାରୀ କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନ ଶିକ୍ଷକ ପଦବୀ ୨୦୧୬ ମସିହାରୁ ଖାଲିପଡିଥିଲା। ଏନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଏହି ପଦବୀ ପୂରଣ ହୋଇପାରୁ ନ ଥିଲା। ଗତ ସୋମବାର ଗଣ ଶିକ୍ଷା ବିଭାଗ ପକ୍ଷରୁ ଚିଠି ସଂଖ୍ୟା ୧୪୭୫୪/୧୯,୬,୨୩ରେ ପ୍ରକାଶ ପାଇଥିବା ନିଯୁକ୍ତି ସମ୍ପର୍କିତ ଚିଠି ୧୯ ନମ୍ବର ସିରିୟଲରେ ସ୍ନିଧା ଛୋଟରାୟଙ୍କୁ ଏହି ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀଭାବେ ନିଯୁକ୍ତି ମିଳିଛି। ଏହି ଖବର ପ୍ରଚାରିତ ହେବା ପରେ ଛାତ୍ରୀଛାତ୍ର, ଅଭିଭାବକଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି।

### ମଦ ଜବତ: ୨ଗିରଫ



ଖୋର୍ଦ୍ଧା,୨୨।୬(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩୦ ଲିଟର ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ନେଇ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଅଣ୍ଡା ଗ୍ରାମର ପ୍ରଦୀପ ମହାନ୍ତି(୪୨) ଏବଂ ମଳିପଡା ଗ୍ରାମର ସ୍ୱପ୍ନେଶ୍ୱର ମାଝି(୫୪)। ପ୍ରଦୀପଙ୍କଠାରୁ ୧୫ ଲିଟର ମଦ ଓ ସ୍ୱପ୍ନେଶ୍ୱରଙ୍କଠାରୁ ୧୫ ଲିଟର ମଦ ଜବତ ହୋଇଛି।

# କାମରେ ଆସୁନି ଜଳସେଚନ ପ୍ରକଳ୍ପ, ଚିନ୍ତାରେ ଚାଷୀ

ବେଗୁନିଆ,୨୨।୬(ହର ପ୍ରସନ୍ନ ପଣ୍ଡା)

**ବେଗୁନିଆ ବ୍ଲକ**
- ଆଗେଇପାରୁନି ଖରିଫ ଚାଷ କାର୍ଯ୍ୟ
- ବିଳମ୍ବ ମୌସୁମୀ, ଚାଷୀଙ୍କୁ ନିରାଶ
- ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି



ପାଣି ଅଭାବରୁ କ୍ଷେତରେ ଧାନ ତଳି ଉଜୁଡ଼ି ଯାଉଛି।

ଆଉ ଦିନ କେଇଟା ପରେ ଜୁନ୍ ମାସ ସରିବାକୁ ଥିବା ବେଳେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଖରିଫ୍ ଚାଷ କାର୍ଯ୍ୟ ଆଗେଇ ପାରୁନି। କାଁ ଭାଁ ଜମିରେ ଚାଷୀ ବିହନ ବୁଣି ଚାଷକାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ ଗଜା ହେଉନାହିଁ। ବିଳମ୍ବ ମୌସୁମୀ ପ୍ରବାହ ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ଅନ୍ୟପଟେ ବ୍ଲକ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ରହିଥିଲେ ମଧ୍ୟ ତାହା କାର୍ଯ୍ୟରେ ଆସୁନ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି ବୋଲି ଚାଷୀମାନେ କହିଛନ୍ତି।

ସୂଚନାଥାଉ କି, ବେଗୁନିଆ ବ୍ଲକର ୮୦ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ମୁଖ୍ୟ ଫସଲ ହେଲା ଧାନ। ତେବେ ଝଡ଼ତୋଫାନ, ଅଦିନିଆ ବର୍ଷା ତ' ଆଉ କେତେବେଳେ ନିଅଣ୍ଟିଆ ବର୍ଷା ଯୋଗୁ ଫସଲ ହାନି ହେଉଛି। ଚଳିତବର୍ଷ ମଧ୍ୟ ସମାନ ସମସ୍ୟା ଦେଖାଦେଇଛି। ମୌସୁମୀ ଆସିବାରେ ବିଳମ୍ବ ଯୋଗୁ ଜୁନରେ ନିଅଣ୍ଟିଆ ବର୍ଷା ହୋଇଥିବା ଆକଳନ କରାଯାଇଛି। ଫଳରେ ଚାଷ କାର୍ଯ୍ୟ ଆଗେଇ ପାରିନାହିଁ। ଅକ୍ଷୟ ତୃତୀୟା ପରେ ଖରିଫ୍ ଧାନ ଚାଷ ପାଇଁ ଚାଷୀମାନେ ପ୍ରସ୍ତୁତି ଆରମ୍ଭ କରିଥିଲେ। ମୌସୁମୀ ଆସିବ ବୋଲି ଜମିରେ ଧାନ ବିହନ ବୁଣି ଚାଷକାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। ଆଉ କେତେକ ଜମିରେ ମାଟିର ପାଗ ଦେଖି ଧାନ ବିହନ ତଳି ପକାଇଥିଲେ। ତେବେ ନିଅଣ୍ଟିଆ ବର୍ଷା ଯୋଗୁ କେତେକ ସ୍ଥାନରେ ଗଜା ମରୁଡି ହୋଇଯାଇଥିବା ବେଳେ କେତେକ ଚାଷୀଙ୍କ ବିହନ ଗଜା ହୋଇନାହିଁ। ତେବେ ସଅଳ କିସମ ଧାନ ତଳିର କାର୍ଯ୍ୟ ସମୟ ଗଡିଯାଉଥିବା ବେଳେ ମଧ୍ୟମ କିସମ ଧାନ ତଳି କାର୍ଯ୍ୟ ଆଗେଇ ପାରୁନାହିଁ ବୋଲି ସ୍ଥାନୀୟ ଅଞ୍ଚଳର ଚାଷୀମାନେ କହିଛନ୍ତି। ସାର କିସମ ଧାନ ସ୍ୱର୍ଣ୍ଣମସୁରୀ, ସୂର୍ଯ୍ୟମୁଖୀ, ଲଘୁଭୁତିଆ ଆଦି ଧାନର ତଳି ରୁଆ ପୋତା ପାଇଁ ଚାଷୀ ଅପେକ୍ଷା କରି ବସିଥିବା ବେଳେ ଜମି ସୁଖିଲା ପଡ଼ିଛି। ଫଳରେ ସମ୍ଭାବ୍ୟ ମରୁଡ଼ି ଆଶଙ୍କା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଅନ୍ୟପକ୍ଷରେ ଜମିରେ ପାଣି ମଡାଇବା ପାଇଁ ସରକାରଙ୍କ ପକ୍ଷରୁ ଯେଉଁସ୍ଥାନରେ ଜଳସେଚନ ପ୍ରକଳ୍ପ ରହିଛି ତାହା କାର୍ଯ୍ୟରେ ଆସୁନାହିଁ। ପ୍ରକଳ୍ପ କେଉଁଠି ଭାଙ୍ଗିରୁଜି ଗଲାଣି ତ' ଆଉ କେଉଁଠି ରକ୍ଷଣାବେକ୍ଷଣ ଅଭାବରୁ ଜଳ ସଞ୍ଚୟ ହୋଇପାରୁନି। ଏଥିପାଇଁ ପ୍ରଶାସନ, ଜଳସେଚନ ବିଭାଗ ଓ ଜନପ୍ରତିନିଧିଙ୍କୁ ଚାଷୀମାନେ ଦାୟୀ କରିଛନ୍ତି। ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ଦୃଷ୍ଟି ଦେଉନାହାନ୍ତି ବୋଲି ଚାଷୀ ବିଭୁପ୍ରସାଦ ପଣ୍ଡା, ରବୀନ୍ଦ୍ର ବେହେରା, ପରମାନନ୍ଦ ସାହୁ ପ୍ରମୁଖ କହିଛନ୍ତି। ସରକାରୀ ନିୟମାନୁସାରେ ବ୍ଲକ ଅଞ୍ଚଳରେ ୩୩ପ୍ରତିଶତ ଜଳସେଚନ ବ୍ୟବସ୍ଥା ରହିବାକୁ ଥିବା ବେଳେ ଏହି ବ୍ଲକ ଅଞ୍ଚଳରେ ୧୨ପ୍ରତିଶତ ଜଳସେଚନ ବ୍ୟବସ୍ଥା କରାଯାଇଛି।

## କ୍ରିପ୍ଟୋ ଖୋଳତାଡ଼: ପ୍ରୀତମଙ୍କୁ ରିମାଣ୍ଡରେ ଆଣିଲା ଏସ୍‌ଟିଏଫ୍

ଭୁବନେଶ୍ୱର,୨୨।୬(ସତ୍ୟଜିତ୍ ରାଉତ)

ପାକିସ୍ତାନର ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ)ର ଏଜେଣ୍ଟଙ୍କୁ ଓଟିପି ଶେୟାରିଂ ମାମଲାରେ କ୍ରିପ୍ଟୋ ଟ୍ରେଡିଂ ଲିଙ୍କ୍‌କୁ ନେଇ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଅଧିକ ଖୋଳତାଡ଼ ଜାରି ରଖିଛି। ଗିରଫ ୫ ଅଭିଯୁକ୍ତଙ୍କ ମଧ୍ୟରୁ ପ୍ରୀତମ୍ କର ଓ ସରୋଜ କୁମାର ନାୟକ କ୍ରିପ୍ଟୋ ଟ୍ରେଡିଂରେ ୧ କୋଟି ୩ଲକ୍ଷ ଟଙ୍କା ନିବେଶ କରିଥିବା ଏସ୍‌ଟିଏଫ୍ ପ୍ରମାଣ ପାଇଥିଲା। ତେବେ ଏନେଇ ଅଧିକ ତଥ୍ୟ ହାସଲ କରିବାକୁ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ନିବେଶ କରିଥିବା ପ୍ରୀତମଙ୍କୁ ଏସ୍‌ଟିଏଫ୍ ଗୁରୁବାର ଦୁଇଦିନିଆ ରିମାଣ୍ଡରେ ଆଣିଛି। ପାଞ୍ଚଦିନିଆ ରିମାଣ୍ଡ ପାଇଁ ଆବେଦନ ହୋଇଥିବାବେଳେ କୋର୍ଟ ଦୁଇଦିନ ଅନୁମତି ଦେଇଥିଲେ। ପ୍ରୀତମଙ୍କୁ ରିମାଣ୍ଡରେ ଆଣି ଏସ୍‌ଟିଏଫ୍ ଟିମ୍ ଅଧିକ ପଚରାଉଚରା କରୁଛି।

# ବିସ୍ଥାପିତ ବାସିନ୍ଦାଙ୍କୁ ଥଇଥାନ କରାଯାଉ



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଜଟଣୀ ବିକାଶ ପରିଷଦର କର୍ମକର୍ତ୍ତା ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨୨।୬(ପ୍ରଭାତ ପାଣିଗ୍ରାହୀ)

**ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

ରେଳୱେ ଦ୍ୱାରା ବିସ୍ଥାପିତ ବସ୍ତିବାସିନ୍ଦାଙ୍କୁ ଥଇଥାନ ଏବଂ ଭୁବନେଶ୍ୱର ଆଇଆଇଟି ପାଇଁ ବିସ୍ଥାପିତ ହରିପୁର ପଞ୍ଚାୟତ ପୋଡ଼ପଡ଼ା ଗ୍ରାମର ଦଳିତ ୧୭ଟି ପରିବାରକୁ ଜମିପଟ୍ଟା ପ୍ରଦାନ ଦାବିରେ ଜଟଣୀ ବିକାଶ ପରିଷଦ ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଦାବିପତ୍ର ପ୍ରଦାନ କରାଯାଇଛି। ବିସ୍ଥାପିତଙ୍କୁ ବର୍ତ୍ତମାନ ସୁଦ୍ଧା ଥଇଥାନ ନେଇ କୌଣସି ବ୍ୟବସ୍ଥା କରାଯାଇନାହିଁ। ଆଗକୁ ମୌସୁମୀ ଆସୁଛି। ଏଭଳି ସ୍ଥଳେ ବିସ୍ଥାପିତ ପରିବାର କେଉଁଠି ରହିବେ ବୋଲି ପରିଷଦ ପ୍ରଶ୍ନ କରିଛି। ତୁରନ୍ତ ଏହାର ସମାଧାନ କରାନଗଲେ ଆସନ୍ତା ୨୫ ତାରିଖରୁ ଜଟଣୀ ସୀତାରାମ ଛକଠାରେ ବିକାଶ ପରିଷଦ ପକ୍ଷରୁ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଅଭିଯୋଗ ଅନୁସାରେ, ରେଳୱେ ଅଧିକୃତ ଜାଗା ଉପରେ ବିଭିନ୍ନ ଓ୍ୱାର୍ଡରେ ଏକାଧିକ ପରିବାର ଦୀର୍ଘ ବର୍ଷ ଧରି ଘର କରି ରହି ଆସୁଥିଲେ। ରେଳୱେ ପକ୍ଷରୁ ବିନା ଥଇଥାନରେ ଉଚ୍ଛେଦ କରାଯାଇଛି। ଥଇଥାନ ନେଇ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ହୋଇନାହିଁ। ଫଳରେ ଭୂମିହୀନ ପରିବାର ଦୟନୀୟ ସ୍ଥିତିରେ ରହିଛନ୍ତି। ଜଟଣୀ ପୌର ପରିଷଦ ଦ୍ୱାରା ସର୍ଭେ କରାଯାଇ ଏହି ବସ୍ତିବାସିନ୍ଦାଙ୍କୁ ତାଲିକାଭୁକ୍ତ କରାଯାଇଛି ଏବଂ ଏମାନଙ୍କୁ ଘର ଯୋଗାଇଦେବା ପାଇଁ ପୂର୍ବରୁ ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। ତାହା ଏଯାବତ କାର୍ଯ୍ୟକାରୀ ହୋଇନି। ଏପରିକି ଜାଗା ମିଶନ ଯୋଜନାରେ ଥଇଥାନ କରିବା ପାଇଁ ବାରମ୍ବାର ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ଏହା ପୂରଣ କରାଯାଇନାହିଁ । ତେଣୁ ଏହି କ୍ଷତିଗ୍ରସ୍ତ ବାସିନ୍ଦାଙ୍କୁ ଜାଗା ମିଶନ ଯୋଜନାରେ ଥଇଥାନ କରିବା ପାଇଁ ବିକାଶ ପରିଷଦ ଦାବି କରିଛି। ସେହିପରି ଆଇଆଇଟି ଦ୍ୱାରା ବିସ୍ଥାପିତ ହୋଇଥିବା ହରିପୁର ପଞ୍ଚାୟତ ଅନ୍ତର୍ଗତ ପୋଡ଼ପଡ଼ା ଗ୍ରାମ ୧୯ପରିବାରଙ୍କୁ ଇନ୍ଦିରା ଆବାସ ଯୋଗାଇ ଦିଆଯାଇଥିଲା। ଏପର୍ଯ୍ୟନ୍ତ ଉକ୍ତ ପରିବାରଙ୍କୁ ସେହି ଜାଗାର ଘରପଟ୍ଟା ଦିଆଯାଇନାହିଁ। ତୁରନ୍ତ ଏଦିଗରେ ପଦକ୍ଷେପ ନିଆ ନ ଗଲେ ଗଣଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ପରିଷଦ ସଭାପତି ବିଜୟ କୁମାର ଛୋଟରାୟ, ସମ୍ପାଦକ ସୁଦର୍ଶନ ସୁନ୍ଦରାୟଙ୍କ ସମେତ ବିସ୍ଥାପିତ ଶତାଧିକ ପରିବାର ଉପସ୍ଥିତ ଥିଲେ।

## ଅଧ୍ୟାପକଙ୍କ ଘର ତାଲା ଭାଙ୍ଗି ସୁନାଅଲଙ୍କାର, ସ୍କୁଟି ନେଇଗଲେ

ବାଲୁଗାଁ,୨୨।୬(ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ଅଧୀନ ଗୋପୀନାଥପୁର ଛକ ନିକଟ ବାଲୁଗାଁ କଲେଜ ଅଧ୍ୟାପକ ମୃଦନୀ ଶଙ୍କର ପ୍ରସାଦ ମିଶ୍ରଙ୍କ ଘରୁ ବୁଧବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ତାଙ୍କ ଘର ଗ୍ରୀଲ୍ ଓ କବାଟ ତାଲା ଭାଙ୍ଗି ସୁନାଅଲଙ୍କାର, ଟଙ୍କା, ଲାପଟପ ସହ ସ୍କୁଟି ନେଇଯାଇଛନ୍ତି। ଏନେଇ ମୃଦନୀଙ୍କ ଅଭିଯୋଗକ୍ରମେ ଗୁରୁବାର ପୋଲିସ ଏକ ମାମଲା ରୁଜୁକରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ବୁଧବାର ସନ୍ଧ୍ୟାରେ ନିକଟ ବଡକୂଳ ପାନ୍ଥନିବାସକୁ ଏକ ବ୍ରତୋପନୟନ କାର୍ଯ୍ୟରେ ଯୋଗଦେବା ପାଇଁ ଅଧ୍ୟାପକ ମୃଦନୀ ଓ ତାଙ୍କ ପରିବାର ଯାଇ ସେଠାରେ ରାତିରେ ରହିଥିଲେ। ତେବେ ଘରେ କେହି ନ ଥିବାର ସୁଯୋଗରେ କେହି ଦୁର୍ବୃତ୍ତ ତାଙ୍କ ଘରେ ପଶି ଚୋରି କରିଥିଲେ। ଏକ ସ୍କୁଟି, ଆଲମିରାରୁ ପ୍ରାୟ୧୦ଭରିରୁ ଉର୍ଦ୍ଧ୍ୱ ସୁନାଅଲଙ୍କାର, ୧୦ହଜାର ଟଙ୍କା ଓ ଏକ ଲାପଟପ ଚୋରି ହୋଇଥିବା ନେଇ ଗୁରୁବାର ସକାଳେ ମୃଦନୀ ଦେଖିବାକୁ ପାଇଥିଲେ। ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଚୋରି ଘଟଣାର ତଦନ୍ତ ଜାରି ରହିଛି ବୋଲି ଆଇଆଇସି ରଶ୍ମିରଞ୍ଜନ ଦାଶ କହିଛନ୍ତି।

## 'ନିଶାମୁକ୍ତ ଜୀବନ ଦୀର୍ଘାୟୁ କରେ'

ବାଲିପାଟଣା,୨୨।୬(ଅଭିମନ୍ୟୁ ନାୟକ)

ଯୋଗ, ନିରାମିଷ ଓ ନିଶାମୁକ୍ତ ଜୀବନ ହିଁ ମଣିଷକୁ ଦୀର୍ଘାୟୁ କରେ ବୋଲି ଏକ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି କହିଛନ୍ତି। ବରିଷ୍ଠ ପୂର୍ବତନ ପ୍ରଧାନ ଶିକ୍ଷକ କୃତିବାସ ପାଣିଗ୍ରାହୀ କହିଥିଲେ, ସମସ୍ତେ ନିଷ୍ଠାର ସହିତ ନିରାମୟ ଜୀବନଯାପନ କଲେ ଦୀର୍ଘାୟୁ ହେବ। ବରିଷ୍ଠମାନେ ସମାଜକୁ ଶୃଙ୍ଖଳିତ ଭାବେ ଆଗକୁ ନେଇପାରିବେ। ଅଞ୍ଚଳର ସମସ୍ୟା ସହିତ ସେମାନେ ଓତପ୍ରୋତ ଭାବେ ଜଡିତ। ନିଜ ଅଞ୍ଚଳର ସମସ୍ୟା ସମାଧାନ ସେମାନଙ୍କ ତତ୍ତ୍ୱାବଧାନରେ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ବିଧାୟକ ଢାଲି ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ।

## ଖରିଫ ଫସଲ ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ଗମ୍ଭାରୀମୁଣ୍ଡା,୨୨।୬(ଦିଲୀପ ସ୍ୱାଇଁ)

ବାଣପୁର ଶାଳିଆ ପାଣି ପଞ୍ଚାୟତ ୨୦୨୩-୨୪ ବର୍ଷର ଖରିଫ୍ ଫସଲ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାଳିଆ ଡ୍ୟାମ ନିକଟ ପାଣି ପଞ୍ଚାୟତ ଭବନଠାରେ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ ବେହେରାଙ୍କ ସଭାପତିତ୍ୱରେ ଖୋର୍ଦ୍ଧା ଓ ଗଞ୍ଜାମ ଜିଲାର ୨୨ଟି ଡିଷ୍ଟ୍ରିବ୍ୟୁଟାରି ସଭାପତି ଓ ସମ୍ପାଦକ ଯୋଗଦେଇଥିଲେ। ଶାଳିଆ ଜଳସେଚନ ପ୍ରକଳ୍ପ କମିଟି ସଭାପତି ଅକ୍ଷୟ କୁମାର ନାୟକ, ସମ୍ପାଦକ ଗିରିଜା ପ୍ରସାଦ ନାୟକ, ବାଣପୁର କୃଷି ଅଧିକାରୀ ଅଜୟ କୁମାର କର, ଏସ୍‌ଡିଓ ମୁରଲୀଧର ବେହେରା, ଯନ୍ତ୍ରୀ ମନୋଜ କୁମାର ସାହୁ, ଗଞ୍ଜାମ ଯନ୍ତ୍ରୀ ବାଳକୃଷ୍ଣ ବିଶୋଇ, ୫ନମ୍ବର ପାଣି ପଞ୍ଚାୟତ ସଭାପତି ନକୁଳ ପ୍ରଧାନଙ୍କ ସମେତ ପାଣି ପଞ୍ଚାୟତ ଡିଷ୍ଟ୍ରିବ୍ୟୁଟାରିର ନିର୍ବାଚିତ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ପ୍ରତିନିଧିମାନେ ଶାଳିଆ ମୁଖ୍ୟ କେନାଲର ରକ୍ଷଣାବେକ୍ଷଣ ଦୀର୍ଘ ଦିନ ହେବ ହୋଇ ନ ଥିବା ଦର୍ଶାଇ ବିଭିନ୍ନ ପ୍ରଶ୍ନ ଏସ୍‌ଡିଓଙ୍କୁ ପଚାରିଥିଲେ। ତେବେ ଉତ୍ତର ସନ୍ତୋଷଜନକ ନ ମିଳିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଡ୍ୟାମ୍ ଚାଷୀମାନଙ୍କ ଜୀବିକାନିର୍ବାହ ନିମନ୍ତେ ଜଳ ଯୋଗାଇଆସୁଛି। ଏହା ପରେ ବେହେରା ଖୁବଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମସ୍ତ ଅଧିକାରୀ କେନାଲ ବୁଲି ଦେଖିବା ସହ ଆବଶ୍ୟକ କାର୍ଯ୍ୟ କରିବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିଶ୍ରୁତି ପାଳନରେ ଯଦି ବ୍ୟତିକ୍ରମ ହୁଏ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

# ଝିଅକୁ ଝୁରି ବାପାଙ୍କ ଆତ୍ମହତ୍ୟା

ନିରାକାରପୁର,୨୨।୬(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ଅଧୀନ ପଦ୍ମପୁର ଗ୍ରାମରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି। ଝିଅକୁ ଝୁରି ବାପା କୁଳମଣି ପ୍ରଧାନ ଆତ୍ମହତ୍ୟା କରିଛନ୍ତି ବୋଲି ସ୍ତ୍ରୀ ରଞ୍ଜିତା ପ୍ରଧାନ ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩/୨୩)ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, କୁଳମଣିଙ୍କ ବଡ଼ଝିଅ(ନାବାଳିକା)ଙ୍କୁ ଜଣେ ଯୁବକ ପ୍ରେମ ଜାଲରେ ଫସାଇଥିଲେ। ପରବର୍ତ୍ତୀ ସମୟରେ ସମ୍ପୃକ୍ତା ନାବାଳିକା ସମ୍ପର୍କ ନ ରଖିବାରୁ ଯୁବକ ଜଣଙ୍କ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଫଳରେ ଗତ ଅକ୍ଟୋବରରେ ନାବାଳିକା ଜଣଙ୍କ ଆତ୍ମହତ୍ୟା କରିଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଥିଲା। ଏହି ମାମଲା ବିଚାରାଧୀନ ରହିଛି। ତେବେ କେଉଁ କାରଣ ପାଇଁ କୁଳମଣି ଆତ୍ମହତ୍ୟା କଲେ ତାହା ତଦନ୍ତ ସାପେକ୍ଷ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ବ୍ଲକସ୍ତରୀୟ ନିଯୁକ୍ତି ମେଳା




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ପିଲାମାନେ।

ବେଗୁନିଆ,୨୨।୬(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକସ୍ତରୀୟ ନିଯୁକ୍ତି ମେଳା ଗୁରୁବାର ପୋଡାଡିହ, ଛତ୍ରପଡା ଏବଂ ଡାଳତୋଳା ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ବ୍ଲକ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ମେଳାରେ ୧୦ରୁ ୧୯ ବର୍ଷୀୟ କିଶୋରୀମାନେ ଉପସ୍ଥିତ ଥିଲେ। ଅଧାରୁ ପାଠ ଛାଡିଲେ ମଧ୍ୟ କିଭଳି ରୋଜଗାର କରିପାରିବେ ସେନେଇ ସଚେତନ କରାଯାଇଥିଲା। ବେରୋଜଗାର ଆଉ ରହିବେ ନାହିଁ ବୋଲି ସଚେତନ ସୃଷ୍ଟି କରାଯାଇଥିଲା। ପିଲାମାନଙ୍କ ଯୋଗ୍ୟତାକୁ ନେଇ ଇଚ୍ଛା ମୁତାବକ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ସୁଯୋଗ ପାଇବା ପାଇଁ ନାମ ପଞ୍ଜୀକରଣ କରାଯାଇଥିଲା। ସେହିପରି ଦିବ୍ୟାଙ୍ଗମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ନିଯୁକ୍ତି ବ୍ୟବସ୍ଥା କରାଯାଇଛି। ଖୋର୍ଦ୍ଧା ଜିଲା କୋଅର୍ଡିନେଟର ସ୍ୱାତୀ ତନ୍ମୟା ମିଶ୍ର, ବିଭିନ୍ନ ଟ୍ରେଡର ପ୍ରତିନିଧି, ସିଡିପିଓ ରଞ୍ଜୁବାଳା ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

**ଡ୍ରଗ୍ସ ବେପାରୀ ସୋମନାଥଙ୍କୁ ଗୁଳିକରି ହତ୍ୟା ଘଟଣା**

ଖୋର୍ଦ୍ଧା,୨୨।୬(ପ୍ରଭାତ ପାଣିଗ୍ରାହୀ)

**ତଦନ୍ତ ଶିଥିଳତା ନେଇ ଅସନ୍ତୋଷ**

ଡ୍ରଗ୍ସ ବେପାରୀ ସୋମନାଥ ଭୁଜବଳଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ତେବେ ହତ୍ୟାକାଣ୍ଡକୁ ବାରଦିନରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିପାରି ନାହିଁ। ଏହାକୁ ନେଇ ପୋଲିସର ତଦନ୍ତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କୁ ସପ୍ତାହକ ମଧ୍ୟରେ ଧରାଯିବ ବୋଲି ମୃତକଙ୍କ ପରିବାର ଲୋକଙ୍କୁ କହିଥିଲା ପୋଲିସ। ତେବେ ଘଟଣା ପରଠାରୁ ପୋଲିସ ଜଣଙ୍କ ପରେ ଜଣଙ୍କୁ ଥାନାକୁ ଆଣି ପଚରାଉଚୁରା ପରେ ଛାଡ଼ିଦେଉଥିବା ଜଣାପଡିଛି। ହତ୍ୟାକାଣ୍ଡ ପଛରେ ସଞ୍ଜୁ ନାମକ ଜଣେ ଯୁବକଙ୍କ ସମ୍ପୃକ୍ତି ରହିଛି ବୋଲି ମୃତକଙ୍କ ବାପା କୃଷ୍ଣଚନ୍ଦ୍ର ଗଣମାଧ୍ୟମରେ କହିଥିଲେ। ସଞ୍ଜୁ ଡ୍ରଗ୍ସ ଓ ଖଣି ମାଫିଆ। ସେ ମୋ ପୁଅକୁ ତାଙ୍କ ଗ୍ୟାଙ୍ଗରେ ମିଶିବାକୁ କହିଥିଲା। ସୋମନାଥ ରାଜି ନ ହେବାରୁ ସଞ୍ଜୁ ରାଗ ରଖି ଗୁଳି କରି ହତ୍ୟା କରିଛି ବୋଲି କୃଷ୍ଣଚନ୍ଦ୍ର କହିଥିଲେ। ଅନ୍ୟପକ୍ଷରେ ଗୁଳିକାଣ୍ଡରେ ବ୍ୟବହୃତ ପିକ୍‌ଅପ ଭ୍ୟାନକୁ ପୋଲିସ ଟ୍ରେସ୍ କରିଥିବା ଜଣାପଡିଛି। ଭ୍ୟାନରେ କେତେଜଣ ଥିଲେ, କିଏ ଏମାନଙ୍କୁ ପଠାଇଥିଲା, ପୋଲିସ ତାହାର ଖୋଲତାଡ଼ ଜାରି ରଖିଥିବା ଜଣାପଡ଼ିଛି।

ସୂଚନାଥାଉ କି, ଗତ ୭ ତାରିଖ ରାତିରେ ସୋମନାଥ ଠେଙ୍ଗାହାଟ ଛକରେ ଛିଡ଼ା ହୋଇ କଥା ହେଉଥିଲେ। ଏହି ସମୟରେ ଏକ ପିକ୍‌ଅପ ଭ୍ୟାନରେ କେତେଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ସୋମନାଥଙ୍କୁ ଅତର୍କିତ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। ଗୁଳି ତାଙ୍କ ହାତ, ପିଠି, ଛାତିରେ ବାଜିଥିବା ବେଳେ ୩ଟି ଲକ୍ଷ୍ୟଚ୍ୟୁତ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଖୋର୍ଦ୍ଧା ମେଡିକାଲ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗତ ୯ ତାରିଖ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ତେବେ ଗୁଳିକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିକରି ପରିବାର ଓ ସାହି ବାସିନ୍ଦା ଗଡ଼ଖୋର୍ଦ୍ଧା ଛକରେ ରାସ୍ତାରୋକୋ କରିଥିଲେ। ଅଭିଯୁକ୍ତଙ୍କୁ ସପ୍ତାହକ ମଧ୍ୟରେ ଧରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା। ତେବେ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ କିଏ, ଏଥିରେ କେଉଁମାନଙ୍କ ସମ୍ପୃକ୍ତି ରହିଛି, ଗ୍ୟାଙ୍ଗୱାର କିମ୍ବା ପୂର୍ବଶତ୍ରୁତାରୁ ତାଙ୍କୁ ହତ୍ୟା କରାଯାଇଛି ସେନେଇ ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ତଦନ୍ତରେ ବାଧା ଆଶଙ୍କାରେ କୌଣସି ତଥ୍ୟ ଦେବାକୁ ପୋଲିସ ମନା କରିଛି।

## ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

ଖୋର୍ଦ୍ଧା ସହରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ନିଶା କାରବାରର ହବ୍ ପାଲଟିଥିବା ବେଳେ ଚୋରା ବନ୍ଧୁକ କାରବାର ମଧ୍ୟ ବଢିଚାଲିଛି। ପୋଲିସକୁ ଖୋଲା ଚାଲେଞ୍ଜ ଦେଉଛନ୍ତି ଅପରାଧୀ। ଏକାଧିକ ଅସାମାଜିକ ଯୁବକଙ୍କ ପାଖରେ ବନ୍ଧୁକ ରହିଛି। କଥା କଥାକେ ଫୁଟାଉଛନ୍ତି ଗୁଳି। ବିଭିନ୍ନ ଗଳାବାଟ ଦେଇ ଚୋରା ବନ୍ଧୁକ ଖୋର୍ଦ୍ଧାରେ ପହଞ୍ଚୁଥିବା ଜଣାପଡିଛି। ଏଥିରେ ଏକ ଗ୍ୟାଙ୍ଗ ସକ୍ରିୟ ରହିଛି। ତେବେ ପୋଲିସ ଏହାକୁ ରୋକିବାରେ ବିଫଳ ହୋଇଥିବା ଚର୍ଚ୍ଚା ହେଉଛି। ସମସ୍ତଙ୍କ ମନରେ ଏକ ଅଜଣା ଭୟ ସଞ୍ଚାରିତ ହେଲାଣି, କେତେବେଳେ ମଧ୍ୟ ବନ୍ଧୁକ ଗୁଳି ଫୁଟିପାରେ। ଗତ ୧୫ତାରିଖ ପାନବରଜ ଗୁଳିକାଣ୍ଡ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ୨ଟି ବନ୍ଧୁକ, ୩ଟି ଗୁଳି ଜବତ କରିଛି।

## ଡ୍ରଗ୍ସ ବେପାରୀଙ୍କ ସାମ୍ରାଜ୍ୟ ବଢୁଛି

ଜଣେ ଖଣି, ଡ୍ରଗ୍ସ ବେପାରୀ ଏବେ ସକ୍ରିୟ ରହିଥିବା ଜଣାପଡ଼ିଛି। ଏସ୍‌ଟିଏଫ୍‌ର ସ୍କାନରରେ ରହିଥିବା ଏହି ବେପାରୀ ଜାମିନରେ ଆସିବା ପରେ ପୁଣିଥରେ ସାମ୍ରାଜ୍ୟ ବିସ୍ତାର କରିବାରେ ଲାଗିଛନ୍ତି। ସରକାରୀ ଜାଗାରେ ବହୁତଳ କୋଠା ନିର୍ମାଣ କରି ସେଠାରେ ନିଜ ଭାଇଗିରି ଚଳାଇଥିବା ବେଳେ ପୋଲିସ କିପରି ଜାଣିପାରୁନି କିମ୍ବା ଜାଣିଶୁଣି ତାଙ୍କୁ ପରୋକ୍ଷରେ ପ୍ରୋତ୍ସାହନ ଦିଆଯାଉଛି ବୋଲି ଆଲୋଚନା ହେଉଛି। କେତେଜଣ ଅସାଧୁ ପୋଲିସ କର୍ମଚାରୀ ତାଙ୍କଠାରୁ ମାସିକିଆ ବଟି ନେଇ ଏହାକୁ ସମର୍ଥନ ଜଣାଉଥିବା ଚର୍ଚ୍ଚା ହେଉଛି। ଅନ୍ୟପଟେ ସୋମନାଥଙ୍କୁ ଗୁଳି କରି ହତ୍ୟା ଘଟଣାରେ ସଞ୍ଜୁଙ୍କ ସମ୍ପୃକ୍ତି ରହିଛି ବୋଲି କୃଷ୍ଣଚନ୍ଦ୍ର କହିଥିଲେ। ସଞ୍ଜୁ ଜଣେ ଡ୍ରଗ୍ସ, ଖଣି ଓ ବନ୍ଧୁକ ବେପାରୀ ବୋଲି କହିବା ସହିତ ତାଙ୍କୁ ଗିରଫ କରାଯାଉ ନାହିଁ ବୋଲି କୃଷ୍ଣଚନ୍ଦ୍ର କହିଛନ୍ତି।

# ଶ୍ରୀମନ୍ଦିର ସିଂହଦ୍ୱାରର ରୁପା ଛାଉଣି କାର୍ଯ୍ୟ ଆରମ୍ଭ

- ବର୍ମାଟିକ କାଠରେ ପ୍ରସ୍ତୁତ ହେବ
- ବାହୁଡ଼ା ପୂର୍ବରୁ ସରିବ କାର୍ଯ୍ୟ
- ଭକ୍ତଙ୍କ ପାଇଁ ସିଂହଦ୍ୱାର ପ୍ରବେଶ କଟକଣା

ପୁରୀ,୨୨ା୬(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ସିଂହଦ୍ୱାରର ନୂତନ ରୁପା ଦ୍ୱାର ସ୍ଥାପନ କରାଯିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରିଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଦିନ ଯାତ୍ରାରେ ବାହାରିବା ପରେ କାମ ଆରମ୍ଭ ହେବ ବୋଲି ସ୍ଥିର କରାଯାଇଥିଲା। ସେହି ନିଷ୍ପତ୍ତି ଅନୁଯାୟୀ ଗୁରୁବାର ଶ୍ରୀମନ୍ଦିର ସିଂହଦ୍ୱାରର ରୁପା ଛାଉଣି ପାଇଁ ସିଂହଦ୍ୱାରରେ କାମ ଆରମ୍ଭ ହୋଇଛି। ପ୍ରଥମେ ସିଂହଦ୍ୱାରରେ ଅସ୍ଥାୟୀ ଫ୍ଲାଟରେ ଦୁଆର ତିଆରି କାର୍ଯ୍ୟ ଆରମ୍ଭ ହୋଇଛି। ସିଂହଦ୍ୱାର ଭଳି ଅବିକଳ ଅସ୍ଥାୟୀ ସିଂହଦ୍ୱାର ବୁଧବାର ରାତିରେ ଲଗାଯାଇଥିଲା। ମୁମ୍ବାଇରୁ ଦୁଇଟି ଷ୍ଟିଲ ଫ୍ରେମ ଆସି ପହଞ୍ଚିବା ପରେ ୧୫ରୁ ଊର୍ଦ୍ଧ୍ୱ ଶ୍ରମିକ ଏହାକୁ ଶ୍ରୀମନ୍ଦିର ସିଂହଦ୍ୱାର ମଧ୍ୟକୁ ନେଇଥିଲେ। ଏହି ଷ୍ଟିଲ ଫ୍ରେମ ନିର୍ମାଣ କାର୍ଯ୍ୟ ମୁମ୍ବାଇରେ ରୁପା ଦାନ କରିଥିବା ଦାତାଙ୍କ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ମୂଳ ସିଂହଦ୍ୱାର ଭଳି ମାପ, ଓଜନ, ଡିଜାଇନ ଓ ଉତ୍କଳୀୟ କାରୁକାର୍ଯ୍ୟ ସମ୍ପନ୍ନ ଅବିକଳ ସିଂହଦ୍ୱାର ପ୍ରସ୍ତୁତ କରାଯାଉଛି। ରୁପା ଛାଉଣି ପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଭାଗ ଅଞ୍ଚଳକୁ ସିଲ୍ କରି ଭକ୍ତଙ୍କ ପାଇଁ କଟକଣା ଥିବାବେଳେ କେବଳ ସେବାୟତମାନେ ପ୍ରବେଶ କରୁଛନ୍ତି। ରୁପା ଛାଉଣି କବାଟ ଫିଟିଂ ସମୟରେ ମାଜିଷ୍ଟ୍ରେଟଙ୍କ ମୁତୟନ ସହ ସିସିଟିଭି କ୍ୟାମେରା, ପୋଲିସ ଉପସ୍ଥିତିରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଷ୍ଟିଲ ଫ୍ରେମ ଉପରେ ବର୍ମାଟିକ କାଠରେ ପ୍ରସ୍ତୁତ ଦ୍ୱାର ଲଗାଯାଇ ରୁପା ଛାଉଣି କରାଯିବ। ବାହୁଡା ଯାତ୍ରା ପୂର୍ବରୁ ସିଂହଦ୍ୱାର ରୁପା ଛାଉଣି କାର୍ଯ୍ୟ ଶେଷ କରିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏ ନେଇ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ବି. ଡି. ଗଡନାୟକ କହିଛନ୍ତି, ବର୍ତ୍ତମାନ ଶ୍ରୀମନ୍ଦିର ସିଂହଦ୍ୱାରର ରୂପା ଛାଉଣି କାର୍ଯ୍ୟ ଆରମ୍ଭ ହୋଇଗଲାଣି। ପୂର୍ବ ପ୍ରସ୍ତୁତି ଅନୁଯାୟୀ କାର୍ଯ୍ୟ କରାଯାଉଛି। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି,ପୂର୍ବରୁ ନିଷ୍ପତ୍ତି ଅନୁଯାୟୀ ରଥ ଯାତ୍ରା ପରଦିନ କାଠ ଆସି ଡମି ଦ୍ୱାର ନିର୍ମାଣ କରାଯାଇଥିଲା। ଗୁରୁବାର ଷ୍ଟିଲ ଫ୍ରେମ ଆସି ପହଞ୍ଚିଛି। ରୁପା କାର୍ଯ୍ୟ ମଧ ଚାଲିଛି। ରୂପା କାର୍ଯ୍ୟ ସରିବା ପୂର୍ବରୁ ଷ୍ଟିମ ଫ୍ରେମ ଲଗାଯାଇ କାଠ ସେଟିଂ କରାଯିବ। ବର୍ମାଟିକ୍‌ରେ ପ୍ରସ୍ତୁତ କାଠ ଲଗାଯିବ। ଏହି ସମୟରେ ଭକ୍ତଙ୍କୁ ସିଂହଦ୍ୱାର ଦେଇ ଛଡାଯାଉ ନାହିଁ। କାର୍ଯ୍ୟ ସମୟରେ ହାଇସିକ୍ୟୁରିଟି ଜୋନ କରାଯିବ। ସମସ୍ତ ଜିନିଷକୁ ଦୃଷ୍ଟିରେ ରଖି ଟେକ୍ନିକାଲ କମିଟି ସହ ଆଲୋଚନା କରାଯାଇ କବାଟ କାର୍ଯ୍ୟ କରାଯାଉଛି। ତେଣୁ କୌଣସି ଅସୁବିଧା ହେବ ନାହିଁ ବୋଲି ଦାସ କହିଛନ୍ତି। ତେବେ ପୂର୍ବରୁ ଶ୍ରୀମନ୍ଦିର ଭିତରେ ୮ଟି ଦ୍ୱାରର ରୁପା ଛାଉଣି କରାଯାଇଥିବା ବେଳେ ଏବେ ଶ୍ରୀମନ୍ଦିର ସିଂହଦ୍ୱାରକୁ ରୁପା ଛାଉଣି କରାଯିବ।


ଶ୍ରୀମନ୍ଦିର ସିଂହଦ୍ୱାର ରୁପା ଛାଉଣି ପାଇଁ ଲୁହା ଫ୍ରେମ ନିଆଯାଉଛି ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୬।୨୦୨୩

| | |
|---|---|
| ୨,୫୪,୮୮୬ ଟଙ୍କା | |
| ସୁନା | ୧.୮୭୦ ଗ୍ରାମ୍ |
| ରୁପା | ୭୦୦ ମିଲିଗ୍ରାମ୍ |

## ସଂକ୍ଷେପରେ

### ଅଭିଜିତ୍ ମିଶ୍ରଙ୍କ ଜଗନ୍ନାଥ ଅଷ୍ଟକମ୍ ଉନ୍ମୋଚିତ

ପୁରୀ,୨୨ା୬(ଅଜିତ ମହାନ୍ତି)- କୋକିଳକଣ୍ଠୀ ସୁନନ୍ଦା ପଟ୍ଟନାୟକ ଓ ସୁରମଣି ରଘୁନାଥ ପାଣିଗ୍ରାହୀଙ୍କ ପରେ ଓଡ଼ିଶାର ଚର୍ଚ୍ଚିତ କଣ୍ଠଶିଳ୍ପୀ ଅଭିଜିତ ମିଶ୍ର ଓ କୋଲକାତାର କଣ୍ଠଶିଳ୍ପୀ ଜୟନ୍ତୀ ଚକ୍ରବର୍ତ୍ତୀଙ୍କ ମିଳିତ ସ୍ୱରରେ ଶଙ୍କରାଚାର୍ଯ୍ୟ ରଚିତ ଜଗନ୍ନାଥ ଅଷ୍ଟକମ୍ ଶରଧାବାଲିରେ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓଡ଼ିଶାର ରାଜ୍ୟ ସଭାପତି ତଥା ଗୀତିକାର ବଦ୍ରି ମିଶ୍ରଙ୍କ ପରିଚାଳନାରେ ତିନି ରଥ ସମ୍ମୁଖରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଯୋଜକ ରଣଦୀପ୍ ଭଟ୍ଟାଚାର୍ଯ୍ୟ, ସଙ୍ଗୀତ ସଂଯୋଜିକା ଉପାଲି ଚଟୋପାଧ୍ୟାୟ ଉପସ୍ଥିତ ଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଓଡ଼ିଶା ଓ କୋଲକାତାର ମିଳିତ ପ୍ରୟାସରେ ଅଧିକରୁ ଅଧିକ ଜଗନ୍ନାଥ ଭଜନ ପ୍ରସ୍ତୁତ କରାଯିବ ବୋଲି କଣ୍ଠଶିଳ୍ପୀ ଅଭିଜିତ ମିଶ୍ର ଓ ଗୀତିକାର ବଦ୍ରି ମିଶ୍ର ଜଣାଇଛନ୍ତି।

### ଯୋଗ ଦିବସ

ପୁରୀ,୨୨ା୬(ଅଜିତ୍ ମହାନ୍ତି)- ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପୁରୀ ପରିସରରେ ବିଶ୍ୱ ଯୋଗ ଦିବସ ଅବସରରେ କଲେଜର ୱାଇଆର୍‌ସି ଓ ଏନ୍‌ଏସ୍‌ଏସ୍‌ର ମିଳିତ ଆନୁକୂଲ୍ୟରେ ଯୋଗ ଦିବସ ପାଳନ କରାଯାଇଥିଲା। ଅଧ୍ୟକ୍ଷ ଡା. ଜଗବନ୍ଧୁ ମିଶ୍ର ଯୋଗଦେଇ ଯୋଗ ଶାସ୍ତ୍ରରର ପ୍ରୟୋଗ ଦ୍ୱାରା ଜନ ଜୀବନ ମୂଲ୍ୟବୋଧ ଯୁକ୍ତ ହେବା ସହିତ ଭାରତ ବିଶ୍ୱ ଗୁରୁ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ରାଜ୍ୟ ଯୁବ ରେଡକ୍ରସ ସଂଯୋଜକ ଗୋପାଳ କୃଷ୍ଣ ମିଶ୍ର ଯୋଗଦେଇ ଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡା. ହରପ୍ରିୟା ଦାଶ ଯୋଗମାର୍ଗରେ ରହି ସ୍ୱେଚ୍ଛାସେବୀଗଣ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବା ପାଇଁ କହିଥିଲେ। ୱାଇଆରସି କାଉନସିଲର ରବି ଶଙ୍କର ମିଶ୍ର ବେଦପାଠ କରିଥିଲେ। ବିଦ୍ୟାର୍ଥୀମାନେ ବିଭିନ୍ନ ଯୋଗ କରିବା ସହ ପ୍ରାଣାୟମ କରିଥିଲେ। ଶେଷରେ ଯୁବ ରେଡକ୍ରସ କାଉନ୍‌ସିଲର ରଶ୍ମିରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ଅଧାପକଙ୍କ ଘର ତାଲା ଭାଙ୍ଗି ସୁନା ଅଳଙ୍କାର, ସ୍କୁଟି ନେଇଗଲେ

ବାଲୁଗାଁ,୨୨ା୬(ସଂଗ୍ରାମ ପାଇକରାୟ)- ବାଲୁଗାଁ ଥାନା ଅଧୀନ ଗୋପୀନାଥପୁର ଛକ ନିକଟ ବାଲୁଗାଁ କଲେଜ ଅଧାପକ ମୃଦନୀ ଶଙ୍କର ପ୍ରସାଦ ମିଶ୍ରଙ୍କ ଘରୁ ବୁଧବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ତାଙ୍କ ଘର ଗ୍ରୀଲ୍ ଓ କବାଟ ତାଲା ଭାଙ୍ଗି ସୁନାଅଳଙ୍କାର, ଟଙ୍କା, ଲାପଟପ ସହ ସ୍କୁଟି ନେଇଯାଇଛନ୍ତି। ଏନେଇ ମୃଦନୀଙ୍କ ଅଭିଯୋଗକ୍ରମେ ଗୁରୁବାର ପୋଲିସ ଏକ ମାମଲା ରୁଜୁକରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ବୁଧବାର ସନ୍ଧ୍ୟାରେ ନିକଟ ବଡକୂଳ ପାନ୍ଥନିବାସକୁ ଏକ ବ୍ରତୋପନୟନ କାର୍ଯ୍ୟରେ ଯୋଗଦେବା ପାଇଁ ଅଧାପକ ମୃଦନୀ ଓ ତାଙ୍କ ପରିବାର ଯାଇ ସେଠାରେ ରାତିରେ ରହିଥିଲେ। ତେବେ ଘରେ କେହି ନ ଥିବାର ସୁଯୋଗରେ କେହି ଦୁର୍ବୃତ୍ତ ତାଙ୍କ ଘରେ ପଶି ଚୋରି କରିଥିଲେ। ଏକ ସ୍କୁଟି, ଆଲମିରାରୁ ପ୍ରାୟ୧୦ଭରିରୁ ଊର୍ଦ୍ଧ୍ୱ ସୁନାଅଳଙ୍କାର, ୧୦ହଜାର ଟଙ୍କା ଓ ଏକ ଲାପଟପ ଚୋରି ହୋଇଥିବା ନେଇ ଗୁରୁବାର ସକାଳେ ମୃଦନୀ ଦେଖିବାକୁ ପାଇଥିଲେ। ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଚୋରି ଘଟଣାର ତଦନ୍ତ ଜାରି ରହିଛି ବୋଲି ଆଇଆଇସି ରଶ୍ମିରଞ୍ଜନ ଦାଶ କହିଛନ୍ତି।

# ଆବାସ ଯୋଜନା କାର୍ଯ୍ୟାଦେଶରେ ଅନିୟମିତତା

ଗୋପ,୨୨ା୬
(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକର ଈଶାଣପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ଚୟନରେ ଅନିୟମିତତା ହୋଇଥିବା ନେଇ ବିଡିଓ ଦୀପ୍ତିରାଣୀ ଦାସଙ୍କ ନିକଟରେ ଗୁରୁବାର ଅଭିଯୋଗ ହୋଇଛି। ଯୋଗ୍ୟ ବଦଳରେ ମାତ୍ରାଧିକ ଅଯୋଗ୍ୟଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ପ୍ରକାଶ ଯେ, ଫନୀ ବାତ୍ୟାରେ ଏହି ପଞ୍ଚାୟତରେ ଥିବା ଶତାଧିକ ଚାଳଛପର ଘର ଭାଙ୍ଗିଥିଲା। ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଜନାରେ ଗୃହ ପାଇବା ପାଇଁ ୭୩ଜଣ ହିତାଧିକାରୀଙ୍କ ନାମ ଜିଓ ଟ୍ୟାଗ କରାଯାଇଥିଲା। ମାତ୍ର ପରେ କେନ୍ଦ୍ର ସରକାରଙ୍କ ନିୟମ ମୁତାବକ ପୂର୍ବରୁ କିଛି ଟଙ୍କା ପାଇଥିବା ଆବାସ ଯୋଜନା ଗୃହ ହିତାଧିକାରୀଙ୍କୁ ଏହି ଗୃହ ମିଳିବନି ବୋଲି ନିର୍ଦ୍ଦେଶ ଆସିଥିଲା। ସେ ଅନୁଯାୟୀ ପୁନଃ ତଦନ୍ତ କରାଯାଇ ୩୭ଜଣଙ୍କ ନାମ ରହିଥିଲା। ହେଲେ ଏହି ଚୟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ସହ ଯେଉଁମାନଙ୍କୁ ଗୃହ ମିଳିଛି ଓ ଯେଉଁମାନଙ୍କ ଭୂମି ନ ଥିବା କେତେକ ଲୋକଙ୍କୁ ଏହି ଆବାସ ଗୃହ କାର୍ଯ୍ୟାଦେଶ ଦିଆଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳର ଜଣେ ସାମାଜିକ କର୍ମୀ ବିଡିଓଙ୍କୁ ଅଭିଯୋଗ କରିଛନ୍ତି। ସରକାରୀ ନିୟମ ଅନୁସାରେ ଗ୍ରାମସଭାରେ ଏହି ଗୃହ ଚୟନ ହେବାର ରହିଥିବାବେଳେ କେବଳ କାଗଜପତ୍ର ଗ୍ରାମସଭା କରାଯାଇଥିବା ମଧ ଅଭିଯୋଗ ରହିଛି। ତୁରନ୍ତ ଏହି ଅଭିଯୋଗ ଉପରେ ଗୁରୁତ୍ୱ ଦେଇ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ମିଳିବାକୁ ଦାବି କରାଯାଇଥିବା ବେଳେ ଏପରି ଅନିୟମିତତା କରିଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ ଅଭିଯୋଗକୁ ତଦନ୍ତ କରାଯିବା ସହ ଅଯୋଗ୍ୟଙ୍କୁ କଟାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ଦିଆଯିବ ବୋଲି କହିଛନ୍ତି।

# ବାଇକ୍ ସହ ୨ କାର୍ ଜବତ, ଜଣେ ଗିରଫ

କୋଣାର୍କ,୨୨ା୬(ଜ୍ୟୋତିରାଜ ମହାନ୍ତି)

ପୁରୀ – କୋଣାର୍କ ବେଳାମାର୍ଗ ରାସ୍ତାରେ ୨ଟି ରାହାଜାନି ଘଟଣାରେ ଚନ୍ଦ୍ରଭାଗା ମେରାଇନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କୋଣାର୍କ ରାଉଳପାଟଣା ଗ୍ରାମର ପିଲୁ ଓରଫ ସଦୟାନାଥ ଲେଙ୍କା(୨୬)। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଫେରାର ହୋଇଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୧୮/୨୩) ରୁଜୁକରି ସଦୟାନାଥଙ୍କୁ କୋର୍ଟଚାଲାଣ କରିଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲକୁ ପଠାଇଦିଆଯାଇଛି। ଅଭିଯୁକ୍ତଙ୍କଠାରୁ ବ୍ୟବହାର କରୁଥିବା ଏକ ବାଇକ୍(ନଂ.ଓଡି ୦୨ ଏଏଲ୍ ୪୨୭୪) ସହିତ ଏକ କାର୍ (ଓଡି ୦୨ ସିଏଫ୍ ୬୩୬୭)ସହିତ ୨ଟି ମୋବାଇଲି ଫୋନ ସହିତ କିଛି ଟଙ୍କା ପୋଲିସି ଜବତ କରିଛି।ପ୍ରକାଶ ଯେ, ଗତ ୧୯ ତାରିଖରେ ପୁରୀ ଠାରୁ କୋଣାର୍କ ଅଭିମୁଖେ ଆସୁଥିବା ଏକ ଦମ୍ପତି ଓ ଗତ ୨୦ ତାରିଖରେ କୋଣାର୍କରୁ ପୁରୀକୁ ବାଇକ୍‌ରେ ଯାଉଥିବ ଅନ୍ୟ ଏକ ଦମ୍ପତିଙ୍କଠାରୁ ୨ଦୁର୍ବୃତ୍ତ ରାହାଜାନି କରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକାରୀ କୋଣାର୍କ ବାଲି ଦୋକାନ ନିକଟସ୍ଥ ଗୟଳ ଗ୍ରାମର ପବିତ୍ର ନାୟକ। ଅଭିଯୋଗ ପାଇ ଚନ୍ଦ୍ରଭାଗା ମେରାଇନ ଥାନା ଅଧିକାରୀ ରବୀନ୍ଦ୍ର ସେଠୀ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥିଲେ। ଗୁରୁବାର ପୂର୍ବାହ୍ନରେ କୌଣସି ସୂତ୍ରରୁ ଖବରପାଇ କୋଣାର୍କ ବସ୍‌ଷ୍ଟାଣ୍ଡରେ ରାହାଜାନି କରିଥିବା ୨ ଦୁର୍ବୃତ୍ତ ଏକ କାର୍‌ରେ ବୁଲୁଥିଲେ। ପୋଲିସର ଏକ ଟିମ୍ ସେଠାରେ ଚଢ଼ାଉ କରି ଜଣକୁ ଧରି ଗିରଫ କରିଥିଲା ବେଳେ ଅନ୍ୟଜଣେ ଫେରାର ହୋଇଯାଇଥିଲା।

# ଆଶୀର୍ବାଦର ଅନୁଭୂତି ଭବନରେ ରଥଯାତ୍ରାର ଦୃଶ୍ୟ

ପୁରୀ,୨୨ା୬(ଅଜିତ ମହାନ୍ତି)

ମହାପ୍ରଭୁ ନିଜର କର୍ମବେଦୀ ଛାଡି ନବଦିନ ଯାତ୍ରାରେ ଜନ୍ମବେଦୀ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରୁଛନ୍ତି। ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ରକୁ ଆସିଥାନ୍ତି। ତେବେ ପୁରୀକୁ ଆସୁଥିବା ଭକ୍ତ ଏବଂ ପର୍ଯ୍ୟଟକମାନଙ୍କୁ ମହାନ ସାଂସ୍କୃତିକ ଉତ୍ସବରେ ଅନନ୍ୟ ଅନୁଭୂତି ପ୍ରଦାନ କରିବା ପାଇଁ ଅଭିନବ ଉପାୟ ଅବଲମ୍ବନ କରିଛି ଆଶୀର୍ବାଦ ଅଟା। ଗତ ବର୍ଷ ଭଳି ଚଳିତ ବର୍ଷ ମଧ ଆଶୀର୍ବାଦ ଅଟା ତରଫରୁ ଏକ ସ୍ୱତନ୍ତ୍ର ଏବଂ ଅପ୍ରତୀମ ମନମୁଗ୍ଧକର ୨୭୦ ଡିଗ୍ରୀ ଦୃଶ୍ୟାୟନ ହୋଇଛି। ଯାହାକି ଭକ୍ତଙ୍କୁ ଓଡ଼ିଶାର ଆକର୍ଷଣୀୟ ଓ ବଳିଷ୍ଠ ସଂସ୍କୃତି ତଥା ରଥଯାତ୍ରାର ମହାନତାର ଝଲକ ପ୍ରଦାନ କରୁଛି। ଆଶୀର୍ବାଦ ପକ୍ଷରୁ ଏକ ଟେକ୍ନୋଲାଜି ଦ୍ୱାରା ପରିଚାଳିତ ମନମୁଗ୍ଧକର ଅନୁଭୂତି ତିଆରି କରାଯାଇଛି। ଯାହାର ନାମ ରଖାଯାଇଛି ଆଶୀର୍ବାଦ ଓଡ଼ିଶା ଅନୁଭୂତି ଭବନ। ଏହି ଭବନରେ ରଥଯାତ୍ରା ସମ୍ପର୍କରେ ଦୃଶ୍ୟ ପ୍ରଦର୍ଶନ କରାଯାଉଛି। ତେବେ ଅଂଶଗ୍ରହଣକାରୀମାନେ ଏକ ଇଣ୍ଟରଆକ୍ଟିଭ୍ ୪ ଷ୍ଟେପ୍ ଆଡଭାଣ୍ଟେଜ୍ ଗେମ୍‌ରେ ଭାଗ ନେଇ ଆଶୀର୍ବାଦ ଅନୁଭୂତି ଭବନରେ ସ୍ୱତନ୍ତ୍ର ଅନୁଭୂତି ପାଇପାରବେ। ଯେଉଁଠାରେ ଏକ ଆକର୍ଷଣୀୟ ୨୭୦ ଡିଗ୍ରୀ ଭିଡିଓ ଅପେକ୍ଷା କରିଥାଏ। ଆଡଭାନ୍ସଡ ମଲ୍‌ଟି-ଡିରେକ୍ସନ ଲେଜର୍ ଟେକ୍ନୋଲୋଜି ବ୍ୟବହାର କରି ଭକ୍ତମାନେ ଓଡ଼ିଶାର ବଳିଷ୍ଠ ସଂସ୍କୃତି, ସାମୁଦ୍ରିକ ବେଳାଭୂମି ଓ ପ୍ରାକୃତିକ ଦୃଶ୍ୟର ଆନିମେଶନ୍ ଏକ ଭାବାବେଗପୂର୍ଣ୍ଣ ୩ ଡାଇମେନଶନାଲ୍ ଉପସ୍ଥାପନ ମାଧ୍ୟମରେ ଦେଖିବାକୁ ପାଉଛନ୍ତି। ଏହି ଅବସରରେ ଏସର୍ବିୟୁଟିଫ୍ ଏକଜିକ୍ୟୁଟିଭ୍, ଷ୍ଟାପଲ୍, ସ୍ନାକ୍ସ ଏବଂ ମିଲସ୍, ଫୁଡସ୍ ବିଜେନସ୍ ଲିମିଟେଡର ଏସ୍. ଗଣେଶ କୁମାର ଉପସ୍ଥିତ ଥିଲେ।



ଆଶୀର୍ବାଦ ଅଟା ପକ୍ଷରୁ ଶରଧାବାଲିରେ ହୋଇଥିବା ଓଡ଼ିଶା ଅନୁଭୂତି ଭବନ ।

## କ୍ରିପ୍ଟୋ ଖୋଳତାଡ଼: ପ୍ରତୀମଙ୍କୁ ରିମାଣ୍ଡରେ ଆଣିଲା ଏସ୍‌ଟିଏଫ୍

ଭୁବନେଶ୍ୱର,୨୨ା୬
(ବ୍ୟୁରୋ)

ପାକିସ୍ତାନର ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍‌ସ (ଆଇଏସ୍‌ଆଇ)ର ଏଜେଣ୍ଟଙ୍କୁ ଓଟିପି ଶେୟାରିଂ ମାମଲାରେ କ୍ରିପ୍ଟୋ ଟ୍ରେଡିଂ ଲିଙ୍କ୍‌କୁ ନେଇ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଅଧିକ ଖୋଳତାଡ଼ ଜାରି ରଖିଛି। ଗିରଫ ୫ ଅଭିଯୁକ୍ତଙ୍କ ମଧ୍ୟରୁ ପ୍ରୀତମ୍ କର ଓ ସରୋଜ କୁମାର ନାୟକ କ୍ରିପ୍ଟୋ ଟ୍ରେଡିଂରେ ୧ କୋଟି ୩ଲକ୍ଷ ଟଙ୍କା ନିବେଶ କରିଥିବା ଏସ୍‌ଟିଏଫ୍ ପ୍ରମାଣ ପାଇଥିଲା। ତେବେ ଏନେଇ ଅଧିକ ତଥ୍ୟ ହାସଲ କରିବାକୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନିବେଶ କରିଥିବା ପ୍ରୀତମଙ୍କୁ ଏସ୍‌ଟିଏଫ୍ ଗୁରୁବାର ଦୁଇଦିନିଆ ରିମାଣ୍ଡରେ ଆଣିଛି। ପାଞ୍ଚଦିନିଆ ରିମାଣ୍ଡ ପାଇଁ ଆବେଦନ ହୋଇଥିବାବେଳେ କୋର୍ଟ ଦୁଇଦିନ ଅନୁମତି ଦେଇଥିଲେ। ପ୍ରୀତମଙ୍କୁ ରିମାଣ୍ଡରେ ଆଣି ଏସ୍‌ଟିଏଫ୍ ଟିମ୍ ଅଧିକ ପଚରାଉଚରା କରୁଛି।

# ୮.୫ ଲକ୍ଷର ବ୍ରାଉନସୁଗାର ଜବତ, ବେପାରୀ ଗିରଫ


ଗିରଫ ଅଭିଯୁକ୍ତ ଏବଂ ଜବତ ହୋଇଥିବା ବ୍ରାଉନସୁଗାର ।

ନିମାପଡ଼ା,୨୨ା୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ନିମାପଡ଼ା ଥାନା ଅନ୍ତର୍ଗତ ଓମଫେଡ ଛକ, ଡେଲଟା ଛକ, ଗୋଲେଇ ଛକ, ଜେଲ ଛକରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଓମଫେଡ ଛକରୁ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ଅନିଲ ରାଉତ। ତାଙ୍କଠାରୁ ୮ଲକ୍ଷ ୫୦ହଜାର ଟଙ୍କାର ବ୍ରାଉନସୁଗାର ଜବତ କରାଯାଇଛି। ଏ ନେଇ ନିମାପଡ଼ା ଅବକାରୀ ଥାନା ପକ୍ଷରୁ ଏକ ମାମଲା(ନଂ.୪୩/୨୩) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ବିଚାର ବିଭାଗୀୟ ତାଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରି ଜେଲ ପଠାଇ ଦେଇଛନ୍ତି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରା, ଏଏସ୍‌ଆଇ ଜିତେନ୍ଦ୍ର ବେହେରା, ପ୍ରଦୀପ୍ତ ପଣ୍ଡା, ସବିତା ସାହୁ ପ୍ରମୁଖ ସଦଳବଳେ ଏହି ଚଢ଼ାଉ କରିଥିଲେ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଖାଦ୍ୟ, ପାନୀୟଜଳ ବଣ୍ଟନ

ପୁରୀ,୨୨ା୬(ଅଜିତ ମହାନ୍ତି)

ଘୋଷଯାତ୍ରା ଉପଲକ୍ଷେ ଜ୍ୟୋତି ସଙ୍ଗୀତ ପରିଷଦ ପକ୍ଷରୁ ଗୁରୁବାର ମେଡିକାଲ ଛକ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପୁରୀକୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ପାନୀୟ ଜଳ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଶ୍ରଦ୍ଧାଳୁଙ୍କୁ ପାନୀୟ ଜଳ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସଙ୍ଗୀତ ନିର୍ଦ୍ଦେଶକ ବିପିନ୍ ବାରିକ, ବରିଷ୍ଠ ନାଗରିକ ମଞ୍ଚର ମଦନମୋହନ ଜେନା, ଓଡିଶା ଗ୍ରାମ୍ୟ ବ୍ୟାଙ୍କର ରିଟାର୍ଡ ଆସୋସିଏଶନର ଶିବ ପ୍ରସାଦ ପାତ୍ର, ସନରାଇଜ ଷ୍ଟୁଡିଓର ସନାତନ ବେହେରା ଏବଂ ପ୍ରଭାତ ରନ୍ ବିଶୋଇ , ବିକ୍ରମ ବେହେରା ଏବଂ ସିଦ୍ଧାର୍ଥ ପାତ୍ର ପ୍ରମୁଖ ସାମିଲ ଥିଲେ। କାର୍ଯ୍ୟକ୍ରମକୁ ନାରାୟଣ ଚନ୍ଦ୍ର ସିହ୍ନା ପରିଚାଳନା କରିଥିଲେ। ସେହିପରି ସେବା ସଂଯୋଗ ଆଇଜିଏମଆଇ ପକ୍ଷରୁ ମାଗଣା ଖାଦ୍ୟ ବଣ୍ଟନ କରାଯାଇଛି। ରଥଯାତ୍ରା ଅବସରରେ ୫ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ଖାଦ୍ୟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। କଲେଜ ଛକସ୍ଥିତ ଚୌଧୁରୀ ଜେରକ୍ସଠାରେ ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା କମଳକାନ୍ତ ମିଶ୍ର, ସମ୍ପାଦକ କାଳନ୍ଦୀଚରଣ ପଲେଇ, ସଭାପତି ତରୁଣ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଲୋକାନାଥ ଚୌଧୁରୀଙ୍କ ନେତୃତ୍ୱରେ ସଭ୍ୟ ବିକ୍ରମ ବେହେରା, ଉଲ୍ଲାସବାଳା ଦାସ, ପ୍ରସନ୍ନ ସ୍ୱାଇଁ, ଅଜୟ ଜେନା, ସଞ୍ଜୟ ପ୍ରଧାନ, ବନ୍ଦନା ଦାସ, ଦୀପ୍ତିରାଣୀ ମିଶ୍ର, ସସ୍ମିତା ବାରିକ, ଅନିଲ ଦଳାଇ ପ୍ରମୁଖ ସାମିଲ ଥିଲେ। ଓଡ଼ିଶା ବ୍ରାହ୍ମଣ ସମାଜ ପକ୍ଷରୁ ମହାପ୍ରଭୁଙ୍କ ପହଣ୍ଡି ସମୟରେ ବେଦପାଠ କରାଯିବା ସହ ରଥଯାତ୍ରା ସେବା ଅବସରରେ ନରେନ୍ଦ୍ର କୋଣ ତଥା ଆଦି ନୃସିଂହ ମନ୍ଦିର ନିକଟରେ ପ୍ରାୟ ୧୦ହଜାର ଲୋକଙ୍କ ପାଇଁ ନିଃଶୁଳ୍କ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଆଚାର୍ଯ୍ୟ ରତିକାନ୍ତ ଦାଶଶର୍ମାଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ପାଣି ବାଣ୍ଟିବା ସହ ବ୍ରାହ୍ମଣ ସମାଜର କାର୍ଯ୍ୟକର୍ତ୍ତା ବୃନ୍ଦ ପୋଲିସଙ୍କୁ ବୁଲି ବୁଲି ବୁଟ ସୋଲା ବଣ୍ଟନ କରିଛନ୍ତି। ବୟସ୍କଙ୍କୁ ସହାୟକ ହେବା ପାଇଁ ପର୍ଶୁରାମ ସେନା ଦ୍ୱାରା ଶୀତଳ ବାମ୍ପ ଜଳ ରୁମାଲ ବଣ୍ଟନ କରାଯାଇଥିଲା।

# ଗୌଡ଼ୀୟ ମଠର ବୈଷ୍ଣବ ଭକ୍ତଙ୍କୁ ମାର୍ଜନ ସେବାର ସୁଯୋଗ ଦିଆଯାଉ

ପୁରୀ,୨୨ା୬(ଅଜିତ ମହାନ୍ତି)

ଶ୍ରୀକ୍ଷେତ୍ର ସାରସ୍ୱତ ଗୌଡ଼ୀୟ ବୈଷ୍ଣବ ସଂଘ, ପୁରୀ ପକ୍ଷରୁ ଗୁରୁବାର ଏକ ବଡ଼ଦାଣ୍ଡସ୍ଥିତ ଚୈତନ୍ୟ ଗୌଡ଼ୀୟ ମଠ ପରିସରରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗୌଡ଼ୀୟ ମିଶନର ସଭାପତି ଭକ୍ତିସୁନ୍ଦର ସନ୍ନ୍ୟାସୀ ମହାରାଜ ସୂଚନା ଦେଇ କହିଥିଲେ, ଶ୍ରୀ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଦ୍ୱାରା ପ୍ରେରିତ ହୋଇ ରାଜା ପ୍ରତାପ ରୁଦ୍ରଦେବଙ୍କ ସ୍ୱୀକୃତି ଦ୍ୱାରା ଶ୍ରୀଗୁଣ୍ଡିଚା ମନ୍ଦିର ମାର୍ଜନ ସେବା ଚାଲିଛି। ଏଥିରେ ଭାରତ ବର୍ଷର ଶତାଧିକ ଗୌଡ଼ୀୟ ମଠର ସାଧୁ ବୈଷ୍ଣବ, ଭକ୍ତ ଶ୍ରୀ ଗୁଣ୍ଡିଚା ମନ୍ଦିର ସେବା କରି ନିଜକୁ ଧନ୍ୟ ମନେ କରନ୍ତି ଏବଂ ସେମାନଙ୍କ ଭାବନା ଅନୁସାରେ ରଥଯାତ୍ରାରେ ଅନେକ ସେବା କାର୍ଯ୍ୟ ମଧ୍ୟରେ ଏହା ଅନ୍ୟତମ। ତେବେ ଶ୍ରୀମନ୍ଦିର ପ୍ରଶାସନ ରଥଯାତ୍ରା ଅବସରରେ ବିନା ସୂଚନାରେ ଆକସ୍ମିକ ଭାବେ ଏହି ଶ୍ରୀଗୁଣ୍ଡିଚା ମନ୍ଦିର ମାର୍ଜନ ସେବାରୁ ଗୌଡ଼ୀୟ ସମ୍ପ୍ରଦାୟ ମଠର ବୈଷ୍ଣବ ଭକ୍ତଙ୍କୁ ବଞ୍ଚିତ କରିଛନ୍ତି। ଯାହା ଅତ୍ୟନ୍ତ ଦୁଃଖଦାୟକ। ଶ୍ରୀଗୁଣ୍ଡିଚା ମନ୍ଦିର ମାର୍ଜନ ସେବା ପାଇଁ କେଉଁ ମଠ ଅଧିକୃତ ଅଟନ୍ତି ଓ ଶହେ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗୌଡ଼ୀୟ ସାମ୍ପ୍ରଦାୟର ବୈଷ୍ଣବମାନେ ଯେଉଁ ସେବା କରିଆସୁଥିଲେ, ଏହା କେଉଁ ସେବାରେ ଅନ୍ତର୍ଭୁକ୍ତ। ପରିମାଣିକ ଟିକେଟ ପ୍ରଦାନ କରି ପ୍ରତି ବର୍ଷ ଭକ୍ତଙ୍କୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରିବାର ବିଧି ଥିଲା। ଚଳିତବର୍ଷ କେଉଁ ପରିସ୍ଥିତିରେ ଏହି ବିଧିକୁ ଭଙ୍ଗ କରାଗଲା। ଗୌଡିୟ ମଠର ବୈଷ୍ଣବମାନଙ୍କୁ ଚଳିତବର୍ଷ ଶ୍ରୀଗୁଣ୍ଡିଚା ମନ୍ଦିର ମାର୍ଜନ ସେବାରୁ ବଞ୍ଚିତ କରିବାର ମୁଖ୍ୟ କାରଣ କ'ଣ ବୋଲି ଭକ୍ତି ସୁନ୍ଦର ସନ୍ନ୍ୟାସୀ କହିଥିଲେ। ସେହିପରି ଗୌଡ଼ୀୟ ବୈଷ୍ଣବ ସଂଘର ସହ ସମ୍ପାଦକ ଭକ୍ତି ବେଦାନ୍ତ ବୋଧାୟନ ମହାରାଜ କହିଥିଲେ, ପ୍ରାଚୀନ ଗ୍ରନ୍ଥ ଶ୍ରୀ ଚୈତନ୍ୟ ଚରିତାମୃତ ଗ୍ରନ୍ଥର ମଧ୍ୟଲୀଳା ଦ୍ୱାଦଶ ଅଧାୟରେ ବିଶେଷ ଭାବେ ବର୍ଣ୍ଣିତ ରହିଛି ଯେ, ଶ୍ରୀଗୁଣ୍ଡିଚା ମନ୍ଦିର ମାର୍ଜନ ସେବା ଗୌଡ଼ୀୟ ମଠର ବୈଷ୍ଣବଙ୍କର ପରମ୍ପରା। ଏଣୁ ଶ୍ରୀମନ୍ଦିର ପ୍ରଶାସନ ଗୌଡ଼ୀୟ ମଠର ବୈଷ୍ଣବ ଭକ୍ତଙ୍କୁ ପୁନଃ ଶ୍ରୀଗୁଣ୍ଡିଚା ମନ୍ଦିର ମାର୍ଜନ ସେବାର ସୁଯୋଗ ପ୍ରଦାନ କରାଯାଉ ବୋଲି ସେ ନିବେଦନ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଶ୍ରୀକୃଷ୍ଣ ଚୈତନ୍ୟ ମିଶନର ସମ୍ପାଦକ ଭକ୍ତି ବିବେକ ମଧୁସୂଦନ ମହାରାଜ, ଶ୍ରୀକ୍ଷେତ୍ର ଭକ୍ତି ବିବେକ ପରମାର୍ଥି ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରୀକ୍ଷେତ୍ର ସାରସ୍ୱତ ଗୌଡ଼ୀୟ ବୈଷ୍ଣବ ସଂଘ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଦସ୍ୟ ।

## ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ : ୬୦ ମେଣ୍ଢା ଜୀବନ୍ତ ଦଗ୍ଧ

ବୌଦ୍ଧ, ୨୨।୬(ଅଜିତ ବାରିକ): ବୌଦ୍ଧ ଜିଲା ହରଭଙ୍ଗା ଥାନା ଅର୍ନ୍ତଗତ କୋଡାଶିଙ୍ଗା ଗ୍ରାମର ଶୁକଦେବ କର୍ଣ୍ଣଙ୍କ ମେଣ୍ଢା ଗୁହାଳରେ ଗୁରୁବାର ମଧାହ୍ନ ସମୟରେ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ୬୦ଟି ମେଣ୍ଢା ଜୀବନ୍ତ ଦଗ୍ଧ ହୋଇଥିବା ଅଭିଯୋଗ ହୋଇଛି। ସକାଳେ ଶୁକଦେବ ପାଳିଥିବା ମେଣ୍ଢାଙ୍କୁ ଚରାଇ ମଧାହ୍ନ ସମୟରେ ଗୁହାଳରେ ଭର୍ତ୍ତି କରିଥିଲେ । ସେ ବିଶ୍ରାମ ନେବା ସମୟରେ ଶର୍ଟସର୍କିଟରୁ ଗୁହାଳ ଘରେ ନିଆଁ ଲାଗିଯାଇଥିଲା । ସାହି ପଡିଶା ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହିତ ହରଭଙ୍ଗା ଅଗ୍ନିଶମବାହିନୀକୁ ଖବର ଦେଇଥିଲେ । ଖବରପାଇ ହରଭଙ୍ଗା ଅଗ୍ନିଶମବାହିନୀ ନିଆଁକୁ ଆୟତ୍ତ କଲାବେଳକୁ ଗୁହାଳ ଘର ପୋଡି ପାଉଁଶ ହୋଇଯାଇଥିଲା।

## ସଂକ୍ଷେପରେ

### ସମୃଦ୍ଧ ବିଶ୍ୱ ଗଢ଼ିବା ପାଇଁ ଜି-୨୦ ରାଷ୍ଟ୍ରସମୂହ ପ୍ରତିଶ୍ରୁତିବଦ୍ଧ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୨।୬(ସୁନିତ୍ ମିଶ୍ର): ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ନିବେଶ କଲେ ମାନବ ଜାତିର ପ୍ରଗତିରେ ହିଁ ନିବେଶ ହୋଇଥାଏ। ଜି-୨୦ର ରାଷ୍ଟ୍ର ସମୂହ ଓ ସଦସ୍ୟମାନେ ଜ୍ଞାନ, କୌଶଳ, ସାମାଜିକ ଆର୍ଥିକ ଦୂରତାକୁ ହ୍ରାସ କରିବା ସହ ଜୀବନବ୍ୟାପୀ ଶିକ୍ଷା ଗ୍ରହଣର ସୁଯୋଗ ମାଧମରେ ନାଗରିକଙ୍କୁ ସଶକ୍ତ କରିବା ସହ ଏକ ସମୃଦ୍ଧ ବିଶ୍ୱ ଗଢ଼ିବା ପାଇଁ ଆଗେଇ ଆସିବା ଖୁସିର ବିଷୟ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ପୁଣେଠାରେ ଅନୁଷ୍ଠିତ '୪ର୍ଥ ଶିକ୍ଷା ୱାର୍କିଂ ଗ୍ରୁପ୍ ଏବଂ ମନ୍ତ୍ରୀସ୍ତରୀୟ ବୈଠକ'ରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ଭାରତ ଅଧକ୍ଷତାରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀର ଶିକ୍ଷା ୱାର୍କିଂ ଗ୍ରୁପ୍ ବୈଠକ ଶିକ୍ଷାକୁ ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଏବଂ ଫଳାଫଳର ପ୍ରତିବଦ୍ଧତାକୁ ଦୋହରାଇଛି। ସବୁ ଦେଶ ନାଗରିକଙ୍କୁ ଶିକ୍ଷା ଏବଂ ଦକ୍ଷତା ଉପରେ ଅଧିକ ପ୍ରାଧାନ୍ୟ ଦେବା ସହ ନାଗରିକଙ୍କ ଶିକ୍ଷା ଆହରଣକୁ ଜୀବନବ୍ୟାପୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିବାକୁ ହେବ। ଜି -୨୦ ବୈଠକ ମନ୍ତ୍ରୀସ୍ତରୀୟ ଆଲୋଚନାରୁ ଉର୍ଦ୍ଧ୍ୱକୁ ଯାଇ ସ୍କୁଲ ଶିକ୍ଷା, ଉଚ୍ଚ ଶିକ୍ଷା ଏବଂ ଦକ୍ଷତା ପରିସଂସ୍ଥାନର ୫.୨ କୋଟିରୁ ଉର୍ଦ୍ଧ୍ୱ ଷ୍ଟେକ୍‌ହୋଲ୍ଡର ଯୋଡ଼ିହେବା ଖୁସିର ବିଷୟ। ସମଗ୍ର ବିଶ୍ୱର ଶିଶୁ ଓ ଯୁବପିଢ଼ି ସାମଗ୍ରିକ ଶିକ୍ଷାରୁ କିପରି ଲାଭ ପାଇବେ ଏବଂ ଏକବିଂଶ ଶତାବ୍ଦୀର କୌଶଳରେ ସଶକ୍ତ ହେବେ ସେନେଇ ଆମକୁ ସୁନିଶ୍ଚିତ କରିବାକୁ ପଡ଼ିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ଟ୍ରେନ୍‌ରୁ ଟଙ୍କା ଆଦାୟ କରୁଥିବା ନକଲି ଟିଟିଇ ଗିରଫ

କୋରାପୁଟ,୨୨।୬(ଅମିତାଭ ବେହେରା)- ଗୁରୁବାର କୋରାପୁଟ-ବିଶାଖାପାଟଣା ଯାତ୍ରୀବାହୀ ଟ୍ରେନ୍‌ରେ ଯାତ୍ରୀଙ୍କ ଟିକେଟ ଯାଞ୍ଚ କରୁଥିବା ବେଳେ ଜଣେ ନକଲି ଟିଟିଇକୁ ରେଳବାଇ ପୋଲିସ ଗିରଫ କରିଥିବା କୋରାପୁଟ ଜିଆରପି ଓଆଇସି ବି.କେ. ଭୋଇ କହିଛନ୍ତି। ଗିରଫ ନକଲି ଟିଟିଇଙ୍କ ନାମ ବୁଦୁରି ନାଗ, ତାଙ୍କ ଘର ଛତିଶଗଡ଼ ରାଜ୍ୟରେ ବୋଲି ଜଣାପଡିଛି। କୋରାପୁଟରୁ ବିଶାଖାପାଟଣା ଯାଉଥିବା ପାସେଞ୍ଜର ଟ୍ରେନ୍‌ରେ ଉପରୋକ୍ତ ନକଲି ଟିଟିଇ ଚଢ଼ି ଯାତ୍ରୀମାନଙ୍କଠାରୁ ଟିକେଟ ଯାଞ୍ଚ କରୁଥିଲେ। ସେ ଟିକେଟ୍ ଯାଞ୍ଚ ଆଳରେ ଯାତ୍ରୀଙ୍କଠାରୁ ଜୋରଜବରଦସ୍ତି ଟଙ୍କା ଆଦାୟ କରୁଥିଲେ। ତେବେ କେତେଜଣ ଯାତ୍ରୀଙ୍କ ସନ୍ଦେହ ହେବାରୁ ସେମାନେ ଏନେଇ ଲକ୍ଷ୍ମୀପୁର ଷ୍ଟେଶନ ପୋଲିସକୁ ଜଣାଇଥିଲେ। ଟ୍ରେନ୍ ମଧାହ୍ନରେ ଲକ୍ଷ୍ମୀପୁର ଷ୍ଟେଶନ ପହଞ୍ଚିବା ମାତ୍ରେ ଆର୍‌ପିଏଫ୍ ପୋଲିସ ଏହି ନକଲି ଟିଟିଇଙ୍କୁ ଧରିଥିଲେ। ପଚରାଉଚରା ବେଳେ ସେ ନିଜ ଭୁଲ୍ ସ୍ୱୀକାର କରିଛନ୍ତି। ପରେ ନାଗଙ୍କୁ କୋରାପୁଟ ରେଳବାଇ ପୋଲିସକୁ ହସ୍ତାନ୍ତର କରାଯାଇଛି। କୋରାପୁଟ ରେଳବାଇ ଥାନାରେ ୧୦/୨୩ରେ ଏକ ମାମଲା ରୁଜୁ ହୋଇଛି। ନାଗଙ୍କଠାରୁ ୧୪୦ ଟଙ୍କା ଜବତ ହୋଇଛି। ତାଙ୍କ ନକଲି ପରିଚୟପତ୍ର ଜବତ ହୋଇଛି। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜିଆରପି ଓଆଇସି ଭୋଇ କହିଛନ୍ତି।

### ୧୧୫ ପୌରାଞ୍ଚଳରେ ୮୩୩.୨୧ କୋଟି ଟଙ୍କା ବ୍ୟୟରେ ହେବ ୧୦,୯୪୫ ପ୍ରକଳ୍ପ

ଭୁବନେଶ୍ୱର,୨୨।୬(ସୁନିତ୍ ମିଶ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ(ମୁକ୍ତା) ଅଧୀନରେ ଥିବା ପ୍ରତ୍ୟେକ ୱାର୍ଡ ସକାଶେ କାର୍ଯ୍ୟ ଯୋଜନାକୁ ଅନୁମୋଦନ କରିଛନ୍ତି। ମୋଟ ୮୩୩.୨୧ କୋଟି ଟଙ୍କା ବ୍ୟୟରେ ୧୧୫ଟି ପୌରାଞ୍ଚଳରେ ଚଳିତ ଆର୍ଥିକ ବର୍ଷରେ ୧୦୯୪୫ ପ୍ରକଳ୍ପ କାର୍ଯ୍ୟକାରୀ ହେବା ନେଇ ନିଷ୍ପତ୍ତି ହୋଇଛି। ଏନେଇ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୌରସଂସ୍ଥାଗୁଡିକ ଲାଗି ମଞ୍ଜୁରୀ ନିର୍ଦ୍ଦେଶନାମା ସହିତ ଜାରି ହୋଇଥିବା ବଜେଟ ଏବଂ ନିର୍ଦ୍ଦିଷ୍ଟ ସଂଖ୍ୟାର ପ୍ରକଳ୍ପକୁ ଉଲ୍ଲେଖ କରାଯାଇଛି। ମିଶନ୍ ଶକ୍ତି ଏସ୍‌ଏଚ୍‌ଜି ଏବଂ ବସ୍ତି ବିକାଶ ସଂଘ ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ପ୍ରକଳ୍ପଗୁଡିକ ଗୋଷ୍ଠୀ ସହଭାଗୀ ମାଧମରେ କାର୍ଯ୍ୟକାରୀ ହେବ। ଡିସେମ୍ବର ୨୦୨୩ ସୁଦ୍ଧା ସମସ୍ତ ଅନୁମୋଦିତ ପ୍ରକଳ୍ପର ସଫଳ ରୂପାୟନ ପାଇଁ ବର୍ତ୍ତମାନ ସମୟ ଆସିଛି ବୋଲି ରାଜ୍ୟ ସହରାଞ୍ଚଳ ବିକାଶ ସଂସ୍ଥା (ସୁଡା)ର ନିର୍ଦ୍ଦେଶକ ତଥା ମୁକ୍ତାର ରାଜ୍ୟ ନୋଡାଲ ଅଧିକାରୀ ସାରଦା ପ୍ରସାଦ ପଣ୍ଡା କହିଛନ୍ତି। ଏମ୍‌ଏସ୍‌ଜି/ଏସ୍‌ଡିଏ ନେତା ତଥା ଅଧିକାରୀଙ୍କ ଏକ ଯୋଜନାବଦ୍ଧ ସିବିଟି ତାଲିମକୁ ସହରୀ ପରିଚାଳନା କେନ୍ଦ୍ର (ୟୁଏମ୍‌ସି)ର ବୈଷୟିକ ସହାୟତା ସହିତ ଗୁରୁବାରଠାରୁ ଆରମ୍ଭ ହୋଇଛି ବୋଲି ସାରଦା ସୂଚନା ଦେଇଛନ୍ତି।



## ବଜ୍ରପାତରେ ମନ୍ଦିରର ନୀଳଚକ୍ର ଖସିପଡ଼ିଲା

ନିରାକାରପୁର,୨୨।୬
(ମାନସ ଚନ୍ଦ୍ର ପଟ୍ଟନାୟକ )

ମୌସୁମୀ ଛୁଇଁବା ପୂର୍ବରୁ ଗୁରୁବାର ପୂର୍ବାହ୍ନରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ହେବା ସହ ବଜ୍ରପାତ ହୋଇଛି। ତେବେ ବଜ୍ରପାତ ଘଟି ଖୋର୍ଦ୍ଧା ଜିଲା ନିରାକାରପୁର ନିକଟ ଗଡ଼ଖାରଦ ପାହାଡ଼ ଉପରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରର ନୀଳଚକ୍ର ତଳକୁ ଖସିପଡ଼ିଥିଲା। ତେବେ ନୀଳଚକ୍ରଟି ଆଂଶିକ କ୍ଷତି ହୋଇଥିବା ବେଳେ ବାନା କିଛି ଦୂରରେ ପଡ଼ିଥିବା ସ୍ଥାନୀୟବାସିନ୍ଦା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ମନ୍ଦିର ପୂଜକ ପ୍ରଶାନ୍ତ ପଣ୍ଡା କୁହନ୍ତି, ମହାପ୍ରଭୁଙ୍କ କୃପାରୁ ଗ୍ରାମରୁ ରିଷ୍ଟ ଖଣ୍ଡନ ହୋଇଗଲା। ଅଘଟଣ ଯାହା ଘଟିଥାନ୍ତା, ଠାକୁର ରକ୍ଷା କରିଦେଲେ ବୋଲି ସେ କହିଛନ୍ତି।

# ବନ କର୍ମଚାରୀଙ୍କୁ ମିଳିବ ଆଧୁନିକ ଅସ୍ତ୍ରଶସ୍ତ୍ର

### ଶିମିଳିପାଳ ସୁରକ୍ଷା ପ୍ରସଙ୍ଗ

- ଅଭୟାରଣ୍ୟ ସୁରକ୍ଷା କଡ଼ାକଡ଼ି କରାଯିବ
- ଅପରାଧୀଙ୍କୁ ଧରିବାକୁ କମ୍ବିଂ ଜୋରଦାର କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୨।୬(ଅନିଲ ଦାସ)

ଶିମିଳିପାଳ ଅଭୟାରଣ୍ୟରେ ୨ ଜଣ ବନ କର୍ମଚାରୀଙ୍କୁ ଶିକାରୀମାନେ ହତ୍ୟା କରିବା ଘଟଣାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନେଇଛନ୍ତି। ଅଭୟାରଣ୍ୟର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ନିଷ୍ପତ୍ତି ନିଆଯାଇଛି। ଅଭୟାରଣ୍ୟର ଆଖପାଖ ଗ୍ରାମଗୁଡ଼ିକରେ ବେଆଇନ ଅସ୍ତ୍ରଶସ୍ତ୍ର ଉତ୍ପାଦନ ୟୁନିଟ୍‌କୁ ଜବତ କରିବା ସହ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ନିୟମିତ କମ୍ବିଂ ଅପରେଶନ କରାଯିବ। ଗୋଇନ୍ଦା ନେଟ୍‌ୱର୍କକୁ ସୁଦୃଢ଼ କରାଯିବ। ଏଥିପାଇଁ ଜିଲା ପୋଲିସ ଓ ବନ ବିଭାଗ ମିଳିତ ଭାବେ ସ୍ପେଶାଲ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି) ବିକଶିତ କରିବେ। ଜଙ୍ଗଲ ବିଭାଗ ଓ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ କର୍ତ୍ତୃପକ୍ଷ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଆଗ୍ନେୟାସ୍ତ୍ରର ବ୍ୟବହାର ସମ୍ପର୍କରେ ମୟୂରଭଞ୍ଜ ଜିଲା ପୋଲିସ ତରଫରୁ ବନ କର୍ମଚାରୀଙ୍କୁ ନିୟମିତ ପ୍ରଶିକ୍ଷଣ ଦିଆଯିବ। ପୁରୁଣା ଅସ୍ତ୍ରଶସ୍ତ୍ର ବଦଳରେ ଜିଲା ପୋଲିସ ସହିତ ପରାମର୍ଶ କରାଯାଇ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ଆଧୁନିକ ଅସ୍ତ୍ରଶସ୍ତ୍ର ପ୍ରଦାନ କରାଯିବ। ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ୍ ଯୋଗଦେଇ ନିକଟରେ ସଶସ୍ତ୍ର ଶିକାରୀଙ୍କ ଦ୍ୱାରା ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ୨ ଜଣ ବନ କର୍ମଚାରୀଙ୍କ ମୃତ୍ୟୁ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅଭୟାରଣ୍ୟର ସୁରକ୍ଷା ପାଇଁ ଉଭୟ ସ୍ୱଳ୍ପ ଏବଂ ଦୀର୍ଘମିଆଦୀ ଭିତ୍ତିରେ ଅଧିକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି କହିଥିଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଦେବୀଦତ୍ତ ବିଶ୍ୱାଳ କହିଥିଲେ, ବନରକ୍ଷୀ(ଫରେଷ୍ଟ ଗାର୍ଡ)ଏବଂ ଫରେଷ୍ଟର ପଦବୀ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଓଡ଼ିଶା ସବ୍‌ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ( ଓଏସ୍‌ଏସ୍‌ଏସ୍‌ସି)କୁ ଅନୁରୋଧ କରାଯାଇଛି। ନୂତନ ନିଯୁକ୍ତି ମିଳିବା ପର୍ଯ୍ୟନ୍ତ ବିଭାଗର ଅନ୍ୟ ଶାଖାରେ ଥିବା ମାନବ ସମ୍ବଳକୁ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ମୁତୟନ କରାଯାଉଛି। ଏସ୍‌ଟିଆର ସୁରକ୍ଷା ପାଇଁ ଉଭୟ ଜଙ୍ଗଲ ଓ ପୋଲିସକୁ ନେଇ ଏକ ସ୍ୱତନ୍ତ୍ର ଯୁଗ୍ମ ଟାସ୍କଫୋର୍ସ ଗଠନ କରିବାକୁ ଡିଜିପି ପରାମର୍ଶ ଦେଇଛନ୍ତି । ବନ ବିଭାଗ ଓ ପୋଲିସକୁ ନେଇ ଏହା ଗଠନ କରାଯିବ। ଏହା କ୍ଷେତ୍ର ନିର୍ଦ୍ଦେଶକ, ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଏସ୍‌ଟିଆର୍ ତଥା ଆର୍‌ସିସିଏଫ୍) ବାରିପଦାଙ୍କ ତତ୍ତ୍ୱାବଧାନରେ ରହିବ। ଦୃଢ଼ ଗୋଇନ୍ଦା ନେଟ୍‌ୱର୍କକୁ ଭିତ୍ତି କରି ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଏବଂ ଉତ୍ପାଦନ ୟୁନିଟ୍‌ଗୁଡ଼ିକରେ ଚଢ଼ାଉ କରିବା ପାଇଁ ନିୟମିତ କମ୍ବିଂ ଅପରେଶନ କରିବା ଏବଂ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲଙ୍କ ସମେତ ବନ ବିଭାଗ, ପୋଲିସ ପ୍ରଶାସନର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ବିଜେଡିର ଆଗୁଆ ନିର୍ବାଚନ ରଣନୀତି: ପ୍ରସ୍ତୁତ ରହିବାକୁ ବିଧାୟକ, ମନ୍ତ୍ରୀ, ନେତାଙ୍କୁ ସଙ୍କେତ

ଭୁବନେଶ୍ୱର,୨୨।୬(ଅନିଲ ଦାସ)

ସାଧାରଣ ନିର୍ବାଚନକୁ ଆଉ ଅଳ୍ପ କେତେ ମାସ ରହିଛି। ଏଥିପାଇଁ ଶାସକ ଦଳ ବିଜେଡି ଜୋରଦାର ପ୍ରସ୍ତୁତି କରୁଥିବା ନେଇ ଚର୍ଚ୍ଚା ହେଉଛି। ଦଳରେ ଥିବା ଅସନ୍ତୋଷକୁ ପ୍ରଶମିତ କରିବା ସହ ଗତ ନିର୍ବାଚନଠାରୁ ଚଳିତ ନିର୍ବାଚନରେ ଅଧିକ ଲୋକ ସଭା ସିଟ୍ ହାତେଇବା ନେଇ ରଣନୀତି ପ୍ରସ୍ତୁତି ହେଉଛି। ଅଧାରୁ ଅଧିକ ବିଧାନସଭା ଆସନରେ ଭଲ ସ୍ଥିତିରେ ଥିବା ଦଳୀୟ ପ୍ରାର୍ଥୀଙ୍କୁ ସବୁଜ ସଙ୍କେତ ମିଳିଛି। ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ପ୍ରସ୍ତୁତ ରହିବାକୁ ଦଳ ପକ୍ଷରୁ ଆଗୁଆ ସଙ୍କେତ ଦିଆଯାଇଛି । ଅକ୍ଷୟ ତୃତୀୟାରୁ ରଥଯାତ୍ରା ମଧ୍ୟରେ ୩ ଥରରେ ମୋଟ୍ ୭୯ ଜଣ ନେତାଙ୍କୁ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ଦଳର ସଭାପତି ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିବା କୁହାଯାଉଛି। ବିଜେଡି ସଭାପତି ଗତ ଅକ୍ଷୟ ତୃତୀୟାରୁ ଦଳୀୟ ଟିକେଟ ଆଶାୟୀ କେତେକ ବିଧାୟକ ଓ ନେତାମାନଙ୍କୁ ନବୀନ ନିବାସ ଡାକି ଆଗାମୀ ନିର୍ବାଚନ ନିମନ୍ତେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି। ଯେଉଁ ନେତାମାନଙ୍କୁ ନବୀନ ନିବାସ ଡକାଯାଉଛି, ସେଥିରୁ କେତେକଙ୍କୁ ନବୀନ ନିବାସର କର୍ମଚାରୀଙ୍କ ଦ୍ୱାରା ଫୋନ୍ କଲ୍ ଯାଉଥିବାବେଳେ ଆଉ କେତେକ ନେତାଙ୍କୁ ଦଳର ସଂଗଠନ ସମ୍ପାଦକଙ୍କ ମାଧ୍ୟମରେ ଡକାଯାଉଥିବା ଜଣାପଡ଼ିଛି । ଅକ୍ଷୟ ତୃତୀୟାରେ 'ଶଙ୍ଖ ଭବନ' ଉଦ୍‌ଘାଟନ ଦିନ ସକାଳେ ମୋଟ ୪୫ଜଣ ବିଧାୟକଙ୍କୁ ନବୀନ ନିବାସ ଡକାଯାଇଥିବା ବେଳେ ମେ' ଶେଷ ସପ୍ତାହରେ ଆଉ ୧୩ ଜଣ ଏବଂ ରଥଯାତ୍ରା ଓ ତା'ପରଦିନ ଆଉ ୨୧ଜଣ ବିଧାୟକ ଓ ନେତାଙ୍କୁ ଡାକି ନିର୍ବାଚନ ରଣନୀତି ସମ୍ପର୍କରେ ଆଲୋଚନା କରାଯାଇଥିବା ଜଣାପଡ଼ିଛି।

## 'ଧାର୍ଯ୍ୟ ସମୟ ଭିତରେ କାମ ଶେଷ କରିବାକୁ ନିର୍ଦ୍ଦେଶ'

### ଏନ୍‌ଏଚ୍‌ଏଆଇ ସିଜିଏମ୍‌ଙ୍କୁ ଚିଠି ଲେଖିଲେ ପରିବହନ ସଚିବ

ଭୁବନେଶ୍ୱର, ୨୨।୬(ସୁନିତ୍ ମିଶ୍ର)

ଜାତୀୟ ରାଜପଥ(ଏନ୍‌ଏଚ୍)–୧୬ରେ ଆସୁଥିବା ଖୋର୍ଦ୍ଧାରୁ ଚଣ୍ଡିଖୋଲ ରାସ୍ତା ମଧ୍ୟରେ ଦୁର୍ଘଟଣା ଏବଂ ମୃତ୍ୟୁହାର ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ହ୍ରାସ କରିବାକୁ ଗତ ମାସରେ ଅନୁଷ୍ଠିତ ବୈଠକରେ ନିଆଯାଇଥିବା ନିଷ୍ପତ୍ତିକୁ ତ୍ୱରିତ କାର୍ଯ୍ୟକାରୀ କରିବା ସହ ଧାର୍ଯ୍ୟ ସମୟରେ କାର୍ଯ୍ୟ ଶେଷ କରିବାକୁ ଏନ୍‌ଏଚ୍‌ଏଆଇ ମୁଖ୍ୟ ଜେନେରାଲ ମ୍ୟାନେଜରଙ୍କୁ ବୁଧବାର ବାଣିଜ୍ୟ ଓ ପରିବହନ ସଚିବ ଉଷା ପାଢୀ ଚିଠି ଲେଖିଛନ୍ତି।

ଖୋର୍ଦ୍ଧାରୁ ଚଣ୍ଡିଖୋଲ ରାସ୍ତା ମଧ୍ୟରେ ରାସ୍ତା ପାର୍ଶ୍ୱରେ ବେଆଇନ ପାର୍କିଂ ଏବଂ ଜବରଦଖଲ ହଟାଇବା ନେଇ ଗତ ମାସ ୪ ତାରିଖରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଆସନ୍ତା ଜୁଲାଇ ୧୫ ତାରିଖ ସୁଦ୍ଧା ଭୁବନେଶ୍ୱର–କଟକ ରାସ୍ତାରେ ଲେନ୍ ଡ୍ରାଇଭିଂ ଲାଗୁ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏଥିସହ ଏନ୍‌ଏଚ୍‌ଏଆଇ ହେଲ୍ପ ଲାଇନ ନମ୍ବର ୧୦୩୩ ସମ୍ପର୍କରେ କ୍ୟାମ୍ପେନ କରାଯିବାକୁ କୁହାଯାଇଥିଲା। ପୋଲିସ ଏବଂ ଏନ୍‌ଏଚଏଆଇ ପାଟ୍ରୋଲିଂ ଗାଡ଼ି ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବା, କ୍ରାସ୍ ଆନାଲିସିସ୍ ଟିମ୍‌କୁ କାର୍ଯ୍ୟରେ ଲଗାଯିବା, ଖୋର୍ଦ୍ଧା–ଚଣ୍ଡିଖୋଲ ରାସ୍ତା ଉନ୍ନତିକରଣ, ପ୍ରଶସ୍ତିକରଣ ଲାଗି ଅଡିଟ୍ ଟିମ୍ ଦେଇଥିବା ସ୍ୱତନ୍ତ୍ର ପ୍ରସ୍ତାବକୁ ଜୁଲାଇ ୩୧ ସୁଦ୍ଧା କାର୍ଯ୍ୟକାରୀ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ସେଭ୍ ଲାଇଫ ଫାଉଣ୍ଡେଶନ ଏହି ରାସ୍ତାରେ ଥିବା ମୁଖ୍ୟ ୫ଟି ବ୍ଲାକ ସ୍ପଟକୁ ନେଇ ଦେଇଥିବା ପ୍ରସ୍ତାବ କାର୍ଯ୍ୟକାରୀ କରାଯିବା ସହ ଚଣ୍ଡିଖୋଲ ଛକକୁ ଇଞ୍ଜିନିୟରିଂ ଟିମ୍ ଦ୍ୱାରା ପୁନଃନିର୍ମାଣପରିବର୍ତ୍ତନ କରାଯିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଅସ୍ଥାୟୀ ଜବରଦଖଲ ସ୍ଥାନ ଗୁଡ଼ିକରେ ପାର୍କିଂ ନ କରିବା ଲାଗି ସାଇନ୍ ବୋର୍ଡ ଲଗାଇବା ସହ ମଙ୍ଗୁଳି, ଡ୍ରିମ୍ ଛକ, ପାହାଳ ଭଳି ସ୍ଥାନରୁ ସ୍ଥାୟୀ ଜବରଦଖଲ ଉଚ୍ଛେଦ କରିବା ଏବଂ ଜୁଲାଇ ୩୧ ସୁଦ୍ଧା ରାସ୍ତା ପାର୍ଶ୍ୱରେ ଲୁହା ବାଡ଼ କରିବା ସମ୍ପର୍କିତ ନିଷ୍ପତ୍ତି ଉପରେ ତ୍ୱରିତ ପଦକ୍ଷେପ ନେବାକୁ ପାଢ଼ୀ ଚିଠିରେ ଉଲ୍ଲେଖ କରିଛନ୍ତି। ଏହାସହ ଚଳିତ ମାସ ଶେଷ ସପ୍ତାହରେ ଏନେଇ ଆଉ ଏକ ବୈଠକ ହେବ ବୋଲି ସେ କହିଛନ୍ତି।

## କୋଲକାତାରୁ ଖାଲି ହାତରେ ଫେରିଲା ପୋଲିସ

### ବଲିଉଡ୍ ଗାୟକ ସୌରିନ୍ ଭଟ୍ଟଙ୍କ ନାଁରେ ଯୌନ ନିର୍ଯାତନା ମାମଲା

କଟକ,୨୨।୬ (କାର୍ତ୍ତିକ ସାହୁ)

ବଲିଉଡ୍ କଣ୍ଠଶିଳ୍ପୀ ସୌରିନ୍ ଭଟ୍ଟଙ୍କୁ ନ ପାଇ କୋଲକାତାସ୍ଥିତ ତାଙ୍କ ଘରୁ ଖାଲି ହାତରେ ଫେରିବାକୁ ବାଧ ହୋଇଛି କମିଶନରେଟ୍ ପୋଲିସ। ଜଣେ ଓଡ଼ିଆ ଗାୟିକାଙ୍କ ଅଭିଯୋଗ ଆଧାରରେ କଟକ ମହିଳା ଥାନା ପୋଲିସ ମାମଲା ରୁଜୁ କରିବା ପରେ ସୌରିନଙ୍କୁ ଆଣିବା ପାଇଁ କୋଲକାତାସ୍ଥିତ ତାଙ୍କ ଘରେ ବୁଧବାର ରାତିରେ ଚଢ଼ାଉ କରିଥିଲା। ହେଲେ ସେଠାରେ ସେ ନ ଥିଲେ। ସେ ଏବେ ଦିଲ୍ଲୀରେ ଅଛନ୍ତି ବୋଲି ତାଙ୍କ ପରିବାର ଲୋକେ କହିଥିଲେ। ଏଥିସହ ସୌରିନ୍‌ଙ୍କ ପରିବାର ଲୋକେ ଯୁବତୀ ଜଣଙ୍କ ସୌରିନଙ୍କୁ ବ୍ଲାକ୍‌ମେଲ୍ କରୁଥିବା ପାଲଟା ଅଭିଯୋଗ ଆଣିଥିବା ପୋଲିସ କହିଛି।। ସୂଚନାଯୋଗ୍ୟ, ବ୍ୟାଙ୍କ କର୍ମଚାରୀ ଭାବେ ବୃତ୍ତିଗତ ଜୀବନ ଜିଉଁଥିବା ଜଣେ ଓଡ଼ିଆ ଗାୟିକାଙ୍କୁ ସୌରିନ୍ ଯୌନ ଶୋଷଣ ଓ ନିର୍ଯାତନା ଦେଇଆସୁଥିଲେ ବୋଲି ସମ୍ପୃକ୍ତ ଯୁବତୀ ମହିଳା ଥାନାରେ ଏତଲା ଦେଇଥିଲେ। ସୌରିନ୍ ସମ୍ପୃକ୍ତା ଯୁବତୀଙ୍କୁ ବିବାହ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ସୌରିନ୍ ବିବାହିତ ଓ ତାଙ୍କର ଏକ ଝିଅ ଅଛନ୍ତି ବୋଲି ଯୁବତୀ ଜଣଙ୍କ ଜାଣିବାକୁ ପାଇଥିଲେ। ସେ ତାଙ୍କଠାରୁ ଦୂରେଇବାରେ ତାଙ୍କର ନଗ୍ନ ଫଟୋ ଓ ଭିଡିଓ ଦେଖାଇ ସୌରିନ୍ ତାଙ୍କୁ ବ୍ଲାକ୍‌ମେଲ୍ ସହ ଯୌନ ଶୋଷଣ କରୁଥିଲେ। ଯୁବତୀ ବିରୋଧ କଲେ ତାଙ୍କୁ ମାଡ଼ ମଧ୍ୟ ମାରୁଥିଲେ। ଏପରି କି ଯୁବତୀ ଜଣଙ୍କୁ ସେ ଜଗତପୁର ନିକଟରେ କାର୍‌ରୁ ଠେଲି ମାରିଦେବାକୁ ଉଦ୍ୟମ କରିଥିଲେ। ମହିଳା ଥାନା ପୋଲିସ ଯୁବତୀଙ୍କ ଡାକ୍ତରୀ ପରୀକ୍ଷା କରାଇବା ପରେ ସୌରିନ୍‌ଙ୍କୁ ଥାନାରେ ହାଜର ହେବା ପାଇଁ କୁହାଯାଇଥିଲା। ହେଲେ ସେ ଥାନାକୁ ନ ଆସିବାରୁ ପୋଲିସ ପକ୍ଷରୁ କୋଲକାତାସ୍ଥିତ ତାଙ୍କ ବାସଭବନରେ ଚଢ଼ାଉ କରିବାକୁ ପଦକ୍ଷେପ ନିଆଯାଇଥିଲା। ଜଣେ ମହିଳା ଏସ୍‌ଆଇଙ୍କ ନେତୃତ୍ୱରେ ୫ ଜଣିଆ ପୋଲିସ ଟିମ୍ ଏଥିରେ ସାମିଲ ହୋଇଥିଲେ। କୋଲକାତା ପୋଲିସ ସହାୟତାରେ ଏହି ଚଢ଼ାଉ କରାଯାଇଥିଲା। ଅନ୍ୟପକ୍ଷରେ ଗିରଫ ଭୟରେ ସୌରିନ୍ ଫେରାର ଥିବା କୁହାଯାଉଛି।

## ଜରୁରିକାଳୀନ ସେବା ପାଇଁ ଉଡ଼ିଲା ଡ୍ରୋନ୍ | ଉଦ୍‌ଘାଟନ କଲେ ଏମ୍‌ପି ଅଚ୍ୟୁତ ସାମନ୍ତ

ଫୁଲବାଣୀ,୨୨।୬(ରାକେଶ ରାଉତ)

କନ୍ଧମାଳ ଜିଲାର ଦୁର୍ଗମ ଅଞ୍ଚଳରେ ଜରୁରିକାଳୀନ ସେବା ଯୋଗାଇବା ପାଇଁ ବିଧିବଦ୍ଧ ଭାବେ ଡ୍ରୋନର ଉଡାଣ ଆରମ୍ଭ ହୋଇଛି। ଗୁରୁବାର କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ ହୋଇଛି। ଉତ୍ତର ପୂର୍ବାଞ୍ଚଳକୁ ବାଦ୍ ଦେଲେ ସମଗ୍ର ଦେଶରେ ଏହା ପ୍ରଥମ ବୋଲି ସୂଚନା ଦିଆଯାଇଛି। ସମ୍ପୂର୍ଣ୍ଣ ଭାବେ ସ୍ୱୟଂଚାଳିତ ଏବଂ ବାତାନୁକୂଳିତ ଏହି ଡ୍ରୋନ୍ ସମୁଦ୍ର ପତନଠାରୁ ଏକ ହଜାର ମିଟର ଉଚ୍ଚତାରେ ଘଣ୍ଟାକୁ ୧୦୦ କିମିରୁ ଉର୍ଦ୍ଧ୍ୱ ବେଗରେ ଉଡ଼ିବାର କ୍ଷମତା ରଖିଛି। ଅନ୍ତର୍ଜାତୀୟ ସଂସ୍ଥା ୟୁଏସ୍‌ଏଡ୍‌ର ସହଯୋଗରେ କନ୍ଧମାଳ ଜିଲାକୁ ଏଭଳି ତିନୋଟି ଡ୍ରୋନ୍ ବାଙ୍ଗାଲୁରୁର ଷ୍ଟାର୍ଟଅପ୍ କମ୍ପାନୀ ରେଡ୍‌ୱିଙ୍ଗ ଯୋଗାଇ ଦେଇଛି। ପ୍ରଥମ ପର୍ଯ୍ୟାୟରେ ଫୁଲବାଣୀରୁ ବାଲିଗୁଡାକୁ ଡ୍ରୋନ ଉଡାଣ ଭରିଥିଲା। ଏହି ଅବସରରେ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ଐତିହାସିକ ପଦକ୍ଷେପ ବୋଲି ଏମ୍‌ପି କହିଥିଲେ।

## ବିଭିନ୍ନ ପ୍ରକଳ୍ପ ପାଇଁ ଦିଆଯାଇଥିବା ଅର୍ଥ ଧାର୍ଯ୍ୟ ସମୟରେ ଖର୍ଚ୍ଚ ହେବା ଜରୁରୀ: ସଚିବ

ଭୁବନେଶ୍ୱର, ୨୨।୬(ସୁନିତ୍ ମିଶ୍ର)

ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ବିଭାଗ ଅଧୀନରେ ଥିବା ସମସ୍ତ ଯୋଜନାର ସମୀକ୍ଷା କରିଛନ୍ତି। ଲୋକସେବା ଭବନସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସଞ୍ଜୟ ସିଂହ ଅଧକ୍ଷତା କରି କହିଛନ୍ତି, ବିଭିନ୍ନ ପ୍ରକଳ୍ପ ବ୍ୟୟ ପାଇଁ ଦିଆଯାଇଥିବା ଅର୍ଥ ଧାର୍ଯ୍ୟ ସମୟ ମଧ୍ୟରେ ଖର୍ଚ୍ଚ ହେବା ଜରୁରୀ। ବଜେଟ ଅନୁଦାନ ଓ ବିଲ୍ ପଇଠ ଆଦି ସମସ୍ୟା ଯଦି କାହାର ଥାଏ ଏହାର ସମାଧାନପୂର୍ବକ ପରବର୍ତ୍ତୀ ମାସିକ ବୈଠକ ପୂର୍ବରୁ ସମସ୍ତ ଡିଭିଜନ ଅନ୍ୟୁନ ୫ କୋଟି ଟଙ୍କା ପ୍ରକଳ୍ପ ନିମନ୍ତେ ବ୍ୟୟ କରି ରିପୋର୍ଟ ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବିଜୁ ସେତୁ ଯୋଜନା ଅଧୀନରେ ପ୍ରକଳ୍ପଗୁଡିକ ପାଇଁ ଉପୁଜୁଥିବା ସମସ୍ୟା ଯଥା ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଓ ଆନ୍ତଃ ରାଜ୍ୟ ସମସ୍ୟାଗୁଡିକୁ ତୁରନ୍ତ ସମାଧାନ ପୂର୍ବକ ଅଞ୍ଚଳ ସର୍ଭେ କରାଯାଇ ଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ଭୂ-ଅଧିଗ୍ରହଣ ଓ ଜଙ୍ଗଲ ଜମି ସମସ୍ୟା ସମାଧାନ ନିମିତ୍ତ ଆସନ୍ତା ଜୁଲାଇ ୧୫ରେ ଏକ ବୈଠକ ଆହ୍ୱାନ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଜୁ ସେତୁ ଯୋଜନା ଅଧୀନରେ ୨୦୨୩–୨୪ ଆର୍ଥିକ ବର୍ଷରେ ଅନ୍ୟୁନ ୨୦୦ଟି ପ୍ରକଳ୍ପର ସର୍ଭେ କାର୍ଯ୍ୟ ଓ ଜିଏଡି ମଞ୍ଜୁର ଆସନ୍ତା ଜୁଲାଇ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବା ଦରକାର ବୋଲି ସେ କହିଛନ୍ତି। ଏଥିପାଇଁ ବିଭାଗୀୟ ଅଧିକାରୀମାନେ ଜୁଲାଇ ୧୦ ସୁଦ୍ଧା ରିପୋର୍ଟ ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି । ଏହାସହ ଚଳିତ ଆର୍ଥିକ ବର୍ଷରେ ବିଜୁ ସେତୁ ଯୋଜନା ଅଧୀନରେ ୩୬୦ ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ଓ ପ୍ରଶାସନିକ ଅନୁମୋଦନ ଜୁଲାଇ ଶେଷ ସୁଦ୍ଧା ସାରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ନାବାଳକଙ୍କୁ ୨୦ ବର୍ଷ ଜେଲ

### ମହିଳାଙ୍କୁ ଗଣବଳାତ୍କାର ମାମଲା

ଅନୁଗୋଳ, ୨୨।୬
(ଅମିତ କୁମାର ସାମଲ)

ଅନୁଗୋଳସ୍ଥିତ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ଚିଲଡ୍ରେନ୍ ସ୍ୱତନ୍ତ୍ର କୋର୍ଟରେ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଛି। ୨୦୧୮ ମସିହାରେ ଘଟିଥିବା ଏକ ଗଣବଳାତ୍କାର ମାମଲାର ବିଚାର କରି ଅଦାଲତର ଜଜ୍ ରଞ୍ଜିତା ଜ୍ୟୋତିଷି ଅଭିଯୁକ୍ତମାନଙ୍କ ସହ ସାମିଲ ହଣ୍ଡପା ଥାନା ଅଞ୍ଚଳର ଜଣେ ନାବାଳକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ନଚେତ୍ ଅନାଦାୟସ୍ଥଳେ ଏକ ବର୍ଷ ଅଧିକ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ୨୦୧୮ ମେ ୩ରେ ସମ୍ବଲପୁର ଜିଲାର ଏକ ଦମ୍ପତି କାର୍‌ରେ କଟକ ଅଭିମୁଖେ ଯାଉଥିଲେ। ଅନୁଗୋଳ ଜିଲା କିଶୋରନଗର ବ୍ଲକ ନାକିଚିଠାରେ ସେମାନେ କିଛି ସମୟ ପାଇଁ ଅଟକିଥିଲେ। ପରେ କଟକ ଅଭିମୁଖେ ବାହାରିଲେ। ସ୍ୱାମୀ କାର୍ ଚଳାଇବାକୁ ପ୍ରସ୍ତୁତ ହେଉଥିବା ବେଳେ ପଛ ଡୋର୍ ପଡ଼ିବାର ଶବ୍ଦ ଶୁଣିଥିଲେ। ତେଣୁ ସ୍ତ୍ରୀ କାର୍ ପଛ ସିଟ୍‌ରେ ବସିଥିବା ଭାବି ସେ ଗାଡ଼ି ଚଳାଇ କିଛିବାଟ ଚାଲିଯାଇଥିଲେ। ଏହି ସମୟରେ ଉକ୍ତ ରାସ୍ତାରେ ଆସୁଥିବା ସମ୍ପୃକ୍ତ ନାବାଳକଙ୍କ ସମେତ ୫ ଅଭିଯୁକ୍ତ ମହିଳାଙ୍କୁ ଏକୁଟିଆ ଦେଖି ତାଙ୍କୁ କମରେଇ ନିକଟସ୍ଥ ଜଙ୍ଗଲକୁ ନେଇ ଗଣବଳାତ୍କାର କରିଥିଲେ। ତେବେ ବଇଣ୍ଡା ଠାରେ ସ୍ତ୍ରୀ ଗାଡ଼ିରେ ନ ଥିବା ସ୍ୱାମୀ ଜାଣିପାରି ସେଠାରୁ ପୁନର୍ବାର ନାକଚି ଫେରି ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଏ ନେଇ ସ୍ୱାମୀ ହଣ୍ଡପା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପରବର୍ତ୍ତୀ ସମୟରେ ସମ୍ପୃକ୍ତା ମହିଳାଙ୍କୁ ପାରାଦୀପସ୍ଥିତ ସମ୍ପର୍କୀୟଙ୍କ ଘରୁ ଉଦ୍ଧାର କରାଯିବା ପରେ ଗଣବଳାତ୍କାର ସମ୍ପର୍କରେ ପୋଲିସ ଜାଣିବାକୁ ପାଇଥିଲା। ଏହି ଘଟଣାରେ ପୋଲିସ ନାବାଳକଙ୍କ ସମେତ ୫ ଜଣଙ୍କୁ ଗିରଫ କରିଥିଲା। ଆଠମଲ୍ଲିକସ୍ଥିତ କୋର୍ଟରେ ମାମଲାର ଶୁଣାଣି କରାଯାଇ ୪ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏ କାରାଦଣ୍ଡ ଦିଆଯାଇଥିଲା। ତେବେ ସମ୍ପୃକ୍ତ ନାବାଳକଙ୍କ ମାମଲା ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ଚିଲଡ୍ରେନ୍ ସ୍ପେଶାଲ କୋର୍ଟକୁ ସ୍ଥାନାନ୍ତର ହୋଇଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ତାପସ ରଞ୍ଜନ ମିଶ୍ର ପରିଚାଳନା କରିଥିଲେ।

## ଆନ୍ଧ୍ର ଅନୁପ୍ରବେଶକୁ ରୋକିଲା ଓଡ଼ିଶା ପ୍ରଶାସନ

ପଟ୍ଟାଙ୍ଗି,୨୨।୬(ଶରତ ଧଳ)

ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପୁଣି ଆଉ ଏକ ନୂଆ ବିବାଦ ଆରମ୍ଭ କରିଛି। ଏହାକୁ ନେଇ ସୀମାନ୍ତ ଗ୍ରାମବାସୀ ଓଡ଼ିଶାର ପ୍ରଶାସନିକ ଅଧିକାରୀଙ୍କୁ ପୂର୍ବରୁ ବାରମ୍ବାର ଜଣାଇଥିଲେ ମଧ୍ୟ ସେମାନେ କୌଣସି ଗୁରୁତ୍ୱ ଦେଇ ନ ଥିଲେ। ତେବେ ଗ୍ରାମବାସୀଙ୍କ ଚାପରେ ତରବରିଆ ଭାବେ ଗୁରୁବାର ଘଟଣା ସ୍ଥଳରେ ସେମାନେ ପହଞ୍ଚି ଆନ୍ଧ୍ରର ଅନୁପ୍ରବେଶ ରୋକିବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ ସୀମାନ୍ତ ତଳଗୋଲୁର ପଞ୍ଚାୟତରେ ।

ତଳଗୋଲୁର ପଞ୍ଚାୟତର ୪ଟି ଗ୍ରାମ ଜାମୁଗୁଡା, ଡୁମୁରିଗୁଡା, କାମ୍ବିରି ଓ କତାବାଲସା ଗ୍ରାମବାସୀ ଜଙ୍ଗଲଜମି ଉପରେ ନିର୍ଭର କରି ଚଳି ଆସୁଛନ୍ତି। ଗତ କିଛିଦିନ ହେଲା ଆନ୍ଧ୍ରର ନୂତନ ଜିଲାର ମାନ୍ୟତା ପାଇଥିବା ପାଡେରୁ ଆଲୁରି ସୀତାରାମରାଜୁ ଅଧୀନରେ ଥିବା ଆରୁକୁ ତହସିଲ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀ ଓଡ଼ିଶାର ଉପରୋକ୍ତ ସୀମାନ୍ତ ଗ୍ରାମଗୁଡିକରେ ଅନୁପ୍ରବେଶ କରି ଜଙ୍ଗଲଜମି ଚିହ୍ନଟୀକରଣ କରିବା ସହ ସର୍ଭେ କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଘଟଣା ସମ୍ପର୍କରେ ୪ ଗ୍ରାମର ଗ୍ରାମବାସୀ ସ୍ଥାନୀୟ ତହସିଲ କାର୍ଯ୍ୟାଳୟର ଲିଖିତ ଦୃଷ୍ଟି ଆକର୍ଷଣ କରିଥିଲେ। ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ଏନେଇ ସୁଙ୍କି ରାଜସ୍ୱ ନିରୀକ୍ଷକଙ୍କୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତହସିଲଦାରଙ୍କ ନିର୍ଦ୍ଦେଶକୁ ସୁଙ୍କି ରାଜସ୍ୱ କାର୍ଯ୍ୟାଳୟ ଗୁରୁତ୍ୱ ଦେଇ ନ ଥିଲା। ଏହାର ଫାଇଦା ଆନ୍ଧ୍ରର ଆରୁକୁ ତହସିଲ କାର୍ଯ୍ୟାଳୟ ଉଠାଇ ଚାଲିଥିଲା। ଫଳରେ ଏହାକୁ କେନ୍ଦ୍ରକରି ଓଡ଼ିଶାର ଉପରୋକ୍ତ ଗ୍ରାମର ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ଗ୍ରାମବାସୀ ଜିଲା ପ୍ରଶାସନଠାରୁ ଆରମ୍ଭ କରି ବିଧାୟକ ଏବଂ ଜିଲା ପରିଷଦ ସଭ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୌଣସି ସୁଫଳ ନ ମିଳିବାରୁ ଶେଷରେ ପୁଣି ଗ୍ରାମବାସୀ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ତହସିଲଦାର ଧାରୁଆ ଉପଜିଲାପାଳ ବେଣୁଧର ଶବରଙ୍କ ସହ ଆଲୋଚନା କରିଥିଲେ। ପରେ ଉପଜିଲାପାଳ ଶବରଙ୍କ ଅଧକ୍ଷତାରେ ଏକ ଟିମ୍ ଗଠିତ ହୋଇଥିଲା। ଏହି ଟିମ୍‌ରେ ତହସିଲଦାର ଧାରୁଆ, ରେଭିନ୍ୟୁ ସୁପରଭାଇଜର ଗୋଲକ ପରିଡ଼ା ଓ ସୁଙ୍କି ପୋଲିସ ଯାଇ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ସୂଚନା ଆଧାରରେ ଉପସ୍ଥିତ ଆନ୍ଧ୍ର କର୍ମଚାରୀଙ୍କୁ ଏପରି ଅନୁପ୍ରବେଶ ନ କରିବାକୁ ପରାମର୍ଶ ଦେଇଥିଲେ। ପରେ ଆନ୍ଧ୍ର ଆରୁକୁ ତହସିଲ ପକ୍ଷରୁ ହେଉଥିବା ସର୍ଭେ କାର୍ଯ୍ୟ ବନ୍ଦ ହୋଇଥିଲା। ଆନ୍ଧ୍ରର ଏପରି ଅନୁପ୍ରବେଶ ସମ୍ପର୍କିତ ଖବର ଗତ ଡିସେମ୍ବରରେ ପ୍ରଥମେ ଧରିତ୍ରୀରେ ପ୍ରକାଶ ପାଇଥିଲା। ସେତେବେଳେ ଏହି ଖବରକୁ ସରକାରୀ ସ୍ତରରେ କୌଣସି ଗୁରୁତ୍ୱ ପ୍ରଦାନ କରା ନ ଯିବାରୁ ଏବେ ପୁଣି ଆନ୍ଧ୍ର ଅନୁପ୍ରବେଶ କରି ସର୍ଭେ କାର୍ଯ୍ୟ କରିବାକୁ ସାହସ କଲା ବୋଲି ମତପ୍ରକାଶ ପାଉଛି। ଏନେଇ ତହସିଲଦାର ଧାରୁଆଙ୍କୁ ପଚାରିବାରୁ ସେ କହିଲେ, ଅକ୍ଷାଂଶ ଓ ଦ୍ରାଘିମା ଚିହ୍ନଟ କରି ଆନ୍ଧ୍ରର ଆରୁକୁ ତହସିଲ ଅଧିକାରୀ ଓ କର୍ମଚାରୀଙ୍କୁ ଏହା ଓଡ଼ିଶାର ଜାଗା ବୋଲି ଅବଗତ କରାଇଛୁ। ଉଭୟ ରାଜ୍ୟର ତହସିଲ କାର୍ଯ୍ୟାଳୟ ଅଧିକାରୀଙ୍କ ଦସ୍ତଖତରେ ଏକ ରିପୋର୍ଟ ରାଜ୍ୟ ସରକାରଙ୍କୁ ଅବଗତ କରାଇଛୁ ବୋଲି ସେ କହିଥିଲେ।



ଆନ୍ଧ୍ର ଭିଆରଓ କେ. ରୁକ୍ମଣୀ, ତହସିଲଦାର ଜି. ବେଣୁଗୋପାଳ ରାଓ ପ୍ରସ୍ତୁତ ରିପୋର୍ଟରେ ଦସ୍ତଖତ କରୁଛନ୍ତି। ପାଖରେ ପଟ୍ଟାଙ୍ଗି ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ଉପସ୍ଥିତ ଅଛନ୍ତି।

**ସୁଇସ୍ ବ୍ୟାଙ୍କରେ ଭାରତୀୟଙ୍କ ଜମା ୧୧% ହ୍ରାସ**
ସୁଇସ୍ ବ୍ୟାଙ୍କଗୁଡ଼ିକରେ ଭାରତୀୟ ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକର ଜମା ରାଶିରେ ୧୧% ହ୍ରାସ ପାଇଥିବା ଜଣାପଡ଼ିଛି। ସୁଇଜରଲାଣ୍ଡର କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଗୁରୁବାର ଜାରି ବାର୍ଷିକ ତଥ୍ୟ ଅନୁସାରେ ୨୦୨୨ରେ ଭାରତୀୟଙ୍କ ଜମା ଅର୍ଥ ୩.୪୨ ବିଲିୟନ୍ ସୁଇସ୍ ଫ୍ରାଙ୍କସ (ପ୍ରାୟ ୩୦,୦୦୦ କୋଟି ଟଙ୍କା) ହ୍ରାସ ପାଇଛି।

# ସ୍ତ୍ରୀଙ୍କୁ ନିଶା ଦେଇ ବଳାତ୍କାର ପାଇଁ 'ଅତିଥି ନିମନ୍ତ୍ରଣ'

- ଯୌନକ୍ରିୟା ବେଳେ ଭିଡିଓ ରେକର୍ଡ କରୁଥିଲେ
- ୫୧ ଅଭିଯୁକ୍ତଙ୍କୁ ଗିରଫ କଲାଣି ଫରାସୀ ପୋଲିସ

ପ୍ୟାରିସ୍,୨୨।୬

ଫ୍ରାନ୍ସର ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କୁ ସବୁଦିନ ରାତିରେ ନିଶା ଦେଉଥିଲେ। ସେ ତାଙ୍କୁ ବଳାତ୍କାର କରିବା ଲାଗି ଅନ୍ୟ ପୁରୁଷମାନଙ୍କୁ ନିମନ୍ତ୍ରଣ କରୁଥିଲେ। ମହିଳା ଜଣକ ଏନେଇ କିଛି ଜାଣିପାରୁ ନ ଥିଲେ। ୨୦୧୧ରୁ ୨୦୨୦ ପର୍ଯ୍ୟନ୍ତ ଏପରି ଚାଲିଥିଲା। ୧୦ ବର୍ଷ ମଧ୍ୟରେ ମହିଳାଙ୍କୁ କରାଯାଇଥିବା ବଳାତ୍କାରର ୯୨ଟି ମାମଲା ତଦନ୍ତକାରୀମାନେ ଜାଣିବାକୁ ପାଇଛନ୍ତି। ବଳାତ୍କାରୀମାନଙ୍କ ମଧ୍ୟରୁ ୫୧ ଜଣଙ୍କ ବୟସ ୨୬ରୁ ୭୩ ବର୍ଷ। ସେମାନଙ୍କୁ ଗିରଫ କରାଯାଇଥିବାବେଳେ ଅବଶିଷ୍ଟ ବଳାତ୍କାରୀମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ଫେରାର ଅଭିଯୁକ୍ତମାନଙ୍କ ମଧ୍ୟରେ ଜଣେ ଲେଖାଏ ଟ୍ରକ୍ ଡାଇଭର, ମ୍ୟୁନିସିପାଲ କାଉନ୍ସିଲର, ବ୍ୟାଙ୍କ ଆଇଟି କର୍ମଚାରୀ, ଜେଲ ସୁରକ୍ଷାକର୍ମୀ, ନର୍ସ ଓ ଖବରଦାତା ରହିଛନ୍ତି।

ଫ୍ରାନ୍ସର ମଜାନ୍‌ରେ ରହୁଥିବା ଡୋମିନିକ୍ ପି. ନିଜ ସ୍ତ୍ରୀଙ୍କ ଖାଦ୍ୟରେ ଚିନ୍ତା ନିବାରକ ଔଷଧ ଲୋରାଜେପାମ୍ ମିଶାଉଥିଲେ। ସ୍ତ୍ରୀ ଖାଇବା ପରେ ଶୋଇପଡୁଥିଲେ। ଏହା



ଦେଖି ସେ ତଥାକଥିତ ଅତିଥିମାନଙ୍କୁ ନିଜ ଘରକୁ ଡକାଉଥିଲେ ସୁପ୍ତ ସ୍ତ୍ରୀଙ୍କ ସହ ଯୌନ ସମ୍ପର୍କ ରଖିବା ପାଇଁ। 'ଅତିଥିମାନେ' ତାଙ୍କୁ ବଳାତ୍କାର କରୁଥିବାବେଳେ ଡୋମିନିକ୍ ତା'ର ଭିଡିଓ ରେକର୍ଡିଂ କରି ଏକ ୟୁଏସ୍‌ବି ଡ୍ରାଇଭ୍‌ରେ ରଖୁଥିଲେ। 'ଆବ୍ୟୁଜେସ୍' ନାମକ ଉକ୍ତ ଫାଇଲକୁ ପୋଲିସ ଠାବ କରିଛି। ଅନେକ 'ଅତିଥି' ୨୦୧୧ରୁ ୨୦୨୦ ମଧ୍ୟରେ ବହୁବାର ବଳାତ୍କାର କରିଥିବା ତଦନ୍ତରୁ ଜଣାପଡ଼ିଛି।

ଡୋମିନିକ୍ ନିଜ ସ୍ତ୍ରୀଙ୍କୁ ୫୦ ବର୍ଷ ପାଇଁ ବିବାହ କରିଥିଲେ। ସେମାନଙ୍କ ୩ ସନ୍ତାନସନ୍ତତି ଅଛନ୍ତି। ସ୍ତ୍ରୀ ଯେପରି ନିଦରୁ ଉଠି ନ ପଡ଼ିବେ ସେଥିପାଇଁ ଡୋମିନିକ୍ ତମାଖୁ ସେବନ ଛାଡ଼ିଦେଇଥିଲେ ଏବଂ ପର୍ଫ୍ୟୁମ୍ ମଧ୍ୟ ବ୍ୟବହାର ମଧ୍ୟ କରୁ ନ ଥିଲେ। ଏପରିକି ହଠାତ୍ ତାପମାତ୍ରାରେ ପରିବର୍ତ୍ତନକୁ ଏଡ଼ାଇବା ପାଇଁ ସେ ଅତିଥିମାନଙ୍କୁ ଗରମ ପାଣିରେ ହାତ ଧୋଇବାକୁ ପ୍ରବର୍ତ୍ତାଉଥିଲେ। ପଡ଼ୋଶୀଙ୍କ ମଧ୍ୟରୁ କେହି ଯେପରି ସନ୍ଦେହ ନ କରିବେ ସେଥିପାଇଁ ନିକଟସ୍ଥ ଏକ ସ୍କୁଲରେ କାର୍ ଛାଡ଼ିଆସିବାକୁ ସେ କହୁଥିଲେ। ଗିରଫ 'ଅତିଥି'ଙ୍କ ମଧ୍ୟରୁ ଅନେକେ କହିଛନ୍ତି, ଏହା ବଳାତ୍କାର ନୁହେଁ। କାରଣ ଯୌନ ସମ୍ପର୍କକୁ ନେଇ ମହିଳାଙ୍କ ଆପତ୍ତି ଥିବା ସେମାନେ ଜାଣି ନ ଥିଲେ। ମହିଳା ଜଣକ ଡିପ୍ରେସନ୍‌କୁ ଚାଲିଯିବା ପୂର୍ବରୁ ଡୋମିନିକ୍‌ଙ୍କୁ ଛାଡ଼ପତ୍ର ଦେବା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।



ଇସ୍ରାଏଲ୍ ଅଧିକୃତ ୱେଷ୍ଟବ୍ୟାଙ୍କ ନିକଟ ରାମାଲ୍ଲାହରେ ଆକ୍ରମଣରେ ନିହତ ଜଣେ ପାଲେଷ୍ଟିନୀୟଙ୍କ ଶେଷକୃତ୍ୟ ବେଳେ ତାଙ୍କର ଜଣେ ସମ୍ପର୍କୀୟା ଦୁଃଖରେ ଭାଙ୍ଗିପଡ଼ିଛନ୍ତି।

# ଭାରତରେ ଖବରଦାତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବନ୍ଦ ହେଉ

ଚେନ୍ନାଇ, ୨୨।୬

ଭାରତୀୟ ଗଣମାଧ୍ୟମ ଆକ୍ରମଣର ସମ୍ମୁଖୀନ ହୋଇଥିବା କମିଟି ଟୁ ପ୍ରୋଟେକ୍ଟ ଜର୍ନାଲିଷ୍ଟସ୍ (ସିପିଜେ) କହିଛି। ଭାରତରେ ଖବରଦାତାମାନଙ୍କୁ ଧମକ ବନ୍ଦ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପରାମର୍ଶ ଦେବା ନିମନ୍ତେ ସିପିଜେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ନିବେଦନ କରିଛି। ଆମେରିକାକୁ ମୋଦିଙ୍କ ଗସ୍ତ ପୂର୍ବରୁ ସିପିଜେ ଏକ ବିବୃତିରେ କହିଥିଲା, ଭାରତ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର, ତଥାପି ଗଣମାଧ୍ୟମ ପାଇଁ ଏହା ବିଶ୍ୱର ସବୁଠୁ ବିପଜ୍ଜନକ ରାଷ୍ଟ୍ର। ସିପିଜେ ଏବଂ ଏହାର ସହଯୋଗୀ ସଂଗଠନ ବୁଧବାର ୱାଶିଂଟନ ପୋଷ୍ଟରେ ଏକ ପୂରାପୃଷ୍ଠା ଛାପିଥିଲେ। ଭାରତରେ ଖବରଦାତାମାନେ କିପରି ଶାରୀରିକ

**ମୋଦିଙ୍କୁ କହିବା ଲାଗି ବାଇଡେନ୍‌ଙ୍କୁ ସିପିଜେର ନିବେଦନ**



ସିପିଜେ ଅଧ୍ୟକ୍ଷା ଜୋଡି ଗିନ୍‌ସେବର୍ଗ

ହିଂସା, ନିର୍ଯାତନା, ମିଛ ମୋକଦ୍ଦମା ଓ ସାମାଜିକ ଗଣମାଧ୍ୟମରେ ଘୃଣିତା ପ୍ରଚାରର ସମ୍ମୁଖୀନ ହେଉଛନ୍ତି, ତାହା ଏଥିରେ ଦର୍ଶାଯାଇଛି। ଏହାକୁ ସେମାନେ 'ମିଡିଆ କ୍ରାକ୍‌ଡାଉନ୍' କହିଛନ୍ତି। ଉଦ୍ଦେଶ୍ୟମୂଳକ ଭାବେ ଅଟକ ରଖାଯାଇଥିବା ୬ ଖବରଦାତାଙ୍କୁ ମୁକ୍ତ କରିବା ପାଇଁ ମୋଦିଙ୍କୁ କହିବାକୁ ସେମାନେ ବାଇଡେନ୍‌ଙ୍କୁ ଅନୁରୋଧ କରିଛନ୍ତି। ଭାରତ ସର୍ବବୃହତ ଗଣତନ୍ତ୍ର ହୋଇଥିବାରୁ ମୁକ୍ତ ଓ ସ୍ୱାଧୀନ ଗଣମାଧ୍ୟମ ସୁନିଶ୍ଚିତ କରିବା ଆବଶ୍ୟକ। ଆଲୋଚନାର ମୁଖ୍ୟ ପ୍ରସଙ୍ଗ ଭାବେ ଆମେରିକା ଏହାକୁ ସ୍ଥାନ ଦେବ ବୋଲି ଆଶା କରାଯାଉଥିବା ସିପିଜେର ଅଧ୍ୟକ୍ଷ ଜୋଡି ଗିନ୍‌ସେବର୍ଗ କହିଛନ୍ତି। ମୋଦି କ୍ଷମତାକୁ ଆସିବା ପରଠୁ ଗଣମାଧ୍ୟମ ଉପରେ କାର୍ଯ୍ୟାନୁଷ୍ଠାନ ବଢ଼ିଥିବା ସେ କହିଛନ୍ତି।

**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଡି-୮୩୬-ଟନେଲ୍, ତାରିଖ ୨୨।୦୬।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଚକ୍ରଧରପୁର ଡିଭିଜନର ଗୋଇଲକେରା-ପୋସୋଟିଆ ସେକ୍ସନ ମଧ୍ୟରେ କାଣ୍ଟିଲିଭର୍‌ର ସ୍ଥାପନ ପାଇଁ ସ୍କ୍ୱେୟାର୍ ଷ୍ଟବ୍‌ସର ବ୍ୟବସ୍ଥା ସହିତ ଅପ୍ ଏବଂ ଡାଉନ୍ ସରଣ୍ଡା ଟନେଲ୍‌ରେ ପୁରୁଣା ପ୍ରକାର କାଣ୍ଟିଲିଭର ସପୋର୍ଟ ଚ୍ୟାନେଲ୍‌ର ସଂଶୋଧନ । **ଟେଣ୍ଡର ମୂଲ୍ୟ:** ₹ ୩୮,୮୩,୯୮୪.୪୮; **ଇଏମ୍‌ଡି:** ₹ ୭୭,୭୦୦/- । **ସମାପ୍ତି ଅବଧି:** ୦୬ ମାସ । **ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ:** ତା୧୭।୦୭।୨୦୨୩ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଏବଂ ସମୟ:** ତା୧୭।୦୭।୨୦୨୩ରିଖ ୧୫.୩୦ ଘଟିକା । **ଇ-ଟେଣ୍ଡର ଖୋଲାଯିବା ସ୍ଥାନ:** ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଦ.ପୂ. ରେଳପଥ । ଇ-ଟେଣ୍ଡର http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡର୍‌ମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-318)

**ODISHA PUBLIC SERVICE COMMISSION**

**ADVERTISEMENT NO. 11 OF 2023-24**

**Recruitment to the posts of Mining Officer in Group-A of Odisha Mineral Administrative Service Cadre under Steel & Mines Department.**

**WEBSITE - www.opsc.gov.in**

**No.D-72:** Online applications are invited from the prospective candidates through the Proforma application form to be made available on the website **(https://www.opsc.gov.in)** for recruitment to **23 (Twenty-Three)** posts of **Mining Officer** in Group-A of Odisha Mineral Admininstrative Services under Steel & Mines Department in the Scale of Pay of Rupees 56100/- in Level -12, Cell- 1 of the pay matrix as per ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time.

**2. VACANCY POSITION:**
As per requisition filed by the Steel & Mines Department, out of a total number of 23 (08-w) vacancies, 09 (03-w) vacancies are reserved for UR category, 04 (01-w) vacancies are reserved for SEBC category, 04 (02-w) vacancies are reserved for SC category and 06 (02-w) vacancies are reserved for ST category. Also, 01 vacancy is reserved for Persons with Disabilities under Hearing Impaired (HI) category with 40 % & more permanent disability.

**3. AGE:**
A candidate must have attained the age of 21 (twenty-one) years and must not be above the age of 38 (thirty-eight) years as on the 1st day of May, 2023 i.e., he/she must have been born not earlier than 2nd May 1985 and not later than 1st May 2002.

**4. EDUCATIONAL QUALIFICATION:**
A candidate must have possessed 2nd Class Degree in Mining Engineering from any recognized University in India.

**5. EXAMINATION FEE:**
The examination fee for all categories of candidates has been exempted as per GA&PG Department Notification No. 9897/Gen, dt. 11.04.2022.

**6. METHOD OF SELECTION:**
The selection of candidates for recruitment to the posts of Mining Officer will be made on the basis of Written Test and Viva Voce Test.

**The link for registration shall be available from 01.07.2023 to 31.07.2023 (Note: 31.07.2023 is the last date for submission of Registered Online Application.)**

The candidates are advised to visit the Website of the Commission at **http://opsc.gov.in for detail information for applying to the above post.**

CUTTACK
DATE - 21.06.2023
OIPR-12002/11/0047/2324

Sd./- SECRETARY
ODISHA PUBLIC SERVICE COMMISSION
CUTTACK



ବ୍ରିଟେନ୍‌ର ସୋମେରସେଟ୍‌ରେ ଗ୍ଲାଷ୍ଟୋନ୍‌ବରି ଫେଷ୍ଟିଭାଲ ପାଇଁ ଉତ୍ସବସ୍ଥଳରେ ସମବେତ ପର୍ଯ୍ୟଟକ।

**ଭାରତ ସରକାର**
**ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ**
**(ପୋର୍ଟ ୱିଙ୍ଗ୍)**
**୧, ଟ୍ରାନ୍ସପୋର୍ଟ ଭବନ, ପାର୍ଲାମେଣ୍ଟ ଷ୍ଟ୍ରିଟ୍, ନୂଆଦିଲ୍ଲୀ-୧୧୦୦୦୧**
**ବିଚାରକ ପରିଷଦରେ ଖାଲି ପଦବୀ ପୂରଣ କରିବା ପାଇଁ ସଂକ୍ଷିପ୍ତ ବିଜ୍ଞାପନ**

ପ୍ରମୁଖ ବନ୍ଦର କର୍ତ୍ତୃପକ୍ଷ ଅଧିନିୟମ, ୨୦୨୧ ଅଧୀନରେ ଗଠିତ ପ୍ରମୁଖ ବନ୍ଦର ବିଚାରକ ପରିଷଦ ନିମନ୍ତେ ପ୍ରିଜାଇଡିଂ ଅଫିସର (ଜଣେ) ଏବଂ ସଦସ୍ୟ (ଦୁଇଜଣ) ପଦବୀ ପୂରଣ କରିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ପ୍ରିଜାଇଡିଂ ଅଫିସର ପଦବୀ ପାଇଁ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି/ ଭାରତର ଯେକୌଣସି ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ଯୋଗ୍ୟ ହେବେ । ସଦସ୍ୟ ପଦବୀ ପାଇଁ ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ ମୁଖ୍ୟ ସଚିବ କିମ୍ବା ସମତୁଲ୍ୟ କିମ୍ବା ଭାରତ ସରକାରଙ୍କ ଅବସରପ୍ରାପ୍ତ ସଚିବ କିମ୍ବା ସମତୁଲ୍ୟ ଯୋଗ୍ୟ ହେବେ । ସବିଶେଷ ବିଜ୍ଞାପନ ମନ୍ତ୍ରଣାଳୟର ୱେବ୍‌ସାଇଟ୍ (https://shipmin.gov.in)ରେ ଦେଖାଯାଇପାରିବ ।

ଉପଯୁକ୍ତ ପଦ୍ଧତି ମାଧ୍ୟମରେ ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ହେଉଛି ତା୧୯।୦୭।୨୦୨୩ରିଖ ୫.୩୦ ଘଟିକା । ଏ ବାବଦୀୟ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ ।

CBC 37201/11/0005/2324

**Government of Odisha**
**Office of the Chief Construction Engineer**
**Rural Works Circle, Sambalpur.**
E-mail Id serwcirclesbp@yahoo.com
**Bid Identification No. Bridge Tender Online RWCSBP-11 No: 1371 Dated: 26.06.2023**

**No.O-250:** The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 08 (Eight) nos of Bridge work under Biju Setu Yojana for the year 2022-23.

1. Name of work : Bridge works under BSY for the year 2022-23.
2. No. of Work : 08 (Eight) nos of Bridge work Details as per DTCN
3. Estimated Cost : Approximately cost Rs.305.44 lakhs to Rs.769.27 lakhs
4. Class of Contractor : 'A' & 'Spl.' Class
5. Cost of tender paper and mode of deposit : Rs. 10,000/- per set.( to be deposited On-line) in favour concerned Executive Engineer
6. Mode of Submission of tender : Tender should be submitted only online in website www.tendersorissa.gov.in (https://tendersodisha.gov.in.)
7. EMD and mode of deposit : 1% of estimated cost of the work to be remitted. online as mentioned in DTCN.

8. Summary of key dates are provided below:

| Procurement Officer | Bid Identification No. | Availability of Tender online for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Bridge Tender Online RWCSBP- 11/ 2023-24 | 05.07.2023 at 11.00 A.M. | 19.07.2023 upto 5.00 P.M. | 16.07.2023 upto 5.00 P.M. | 20.07.2023 at 11.00 A.M. | To be intimated later |

*Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in)
* Subsequent modification/ corrigendum/Addendum if required shall appear in website only.
* The amount put to bid is exclusive of GST.
* Bidder should inspect the road before bidding and quote his rate accordingly.

Sd./- Chief Construction Engineer
Rural Works Circle, Sambalpur
OIPR-25091/11/0018/2324

**ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

No.CAD-1032:
**CORRIGENDUM TO TENDER**
**NIT No.21/OMC/CIVIL/2023**

The Class of Contractor may be read as Special and Super Class. All other terms & conditions of the above NIT shall remain un-changed.
Please visit Govt. website www.tendersodisha.gov.in
The other Terms and Conditions are remaining unchanged.

Sd./- Chief General Manager (Civil)
OIPR-30005/11/0062/2324

## ଅଜାଣତରେ କୋଟିପତି ପାଲଟିଲେ ୨୨ ଶ୍ରମିକ

ଜବଲପୁର,୨୨।୬

ମଧ୍ୟପ୍ରଦେଶର ବାଲାଘାଟ ଜିଲା ୱାରାସେଓନିର ୨୨ ଜଣ ଆଦିବାସୀ ଶ୍ରମିକ ଅଜାଣତରେ ରାତାରାତି କୋଟିପତି ପାଲଟିଯାଇଛନ୍ତି। ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ୮୦ କୋଟି ଟଙ୍କା ଜମା ହୋଇଛି। ତଦନ୍ତ ପାଇଁ ମୁମ୍ବାଇ କ୍ରାଇମବ୍ରାଞ୍ଚ ୟୁନିଟ୍ ଶ୍ରମିକମାନଙ୍କ ଘରେ ପହଞ୍ଚିବା ପରେ ସେମାନେ ଏହି ବିଷୟ ଜାଣି ବିସ୍ମିତ ହୋଇଯାଇଛନ୍ତି। ଶ୍ରମିକମାନଙ୍କ ଆଇଡିଗୁଡ଼ିକୁ ବ୍ୟବହାରକରି ସେମାନଙ୍କ ନାମରେ ଜାଲ୍ ଆକାଉଣ୍ଟ ଖୋଲାଯିବା ପରେ ଟଙ୍କା ଜମା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ଭୋପାଳରୁ ପ୍ରାୟ ୪୬୦ କି.ମି. ଦୂର ତଥା ମହାରାଷ୍ଟ୍ର ସୀମାନ୍ତ ୱାରାସେଓନିର ଏକ ଘରୋଇ ବ୍ୟାଙ୍କରେ ଏହି ଶ୍ରମିକମାନଙ୍କ ଆକାଉଣ୍ଟ ରହିଛି। ତଦନ୍ତ ଶେଷ ହେବା ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ଥାନୀୟ ସବ୍‌ଡିଭିଜନାଲ ପୋଲିସ ଅଫିସର ଅରବିନ୍ଦ ଶ୍ରୀବାସ୍ତବ ସୂଚନା ଦେଇଛନ୍ତି।

## ମଣିପୁର ହିଂସା: ୨ ଯବାନ ଆହତ

ଇମ୍ଫାଲ,୨୨।୬

ଦେଢ଼ ମାସରୁ ଅଧିକ ଦିନ ଧରି ମଣିପୁରରେ ଲାଗି ରହିଥିବା ହିଂସାରେ ପୂର୍ଣ୍ଣଚ୍ଛେଦ ପଡ଼ିପାରୁ ନାହିଁ। ମଣିପୁର ଇମ୍ଫାଲସ୍ଥିତ ଏନ୍. ବୋଲଜାଙ୍ଗରେ ଗୁରୁବାର ସକାଳେ କେତେଜଣ ହତିଆରଧାରୀ ଯୁବକ ଯବାନଙ୍କୁ ଉପରକୁ ଆକ୍ରମଣ କରିଛନ୍ତି। ଗୁଲିମାଡ଼ରେ ୨ ଯବାନ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ଆର୍ମି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରୁ ସେନାକୁ ଆଇଏନ୍‌ଏସ୍‌ଏଏସ୍ ଲାଇଟ୍ ମେଶିନ୍ ଗନ୍ ମିଳିଥିବାବେଳେ ସ୍ଥାନୀୟ ଅଞ୍ଚଳରେ ସର୍ଚ୍ଚ ଅପରେଶନ୍ ଚାଲିଛି।

**CHILIKA DEVELOPMENT AUTHORITY**
**(A Govt. of Odisha Agency)**
Plot No. 493(P), Pallaspalli, Pokhariput Road, Bhubaneswar - 751020
**EXPRESSION OF INTEREST**
**RE-TENDER NOTICE**
**(No. 1307/CDA/2023) Dated: 17th June 2023**

No. CAD-1023: Sealed Expression of Interest are invited by the undersigned from the reputed Government Organisation/Government undertaking for the work "Consultancy proposal for preparation of Tender Document & Tender Schedule including evaluation of Bids and Pre & Post dredging survey for the Desiltation work in Chilika Lake". The organisation can only participate if they are having adequate experience in this type of work atleast for a period of 5 years in "Computation of desiltation work" in India in marine/brackish ecosystems.

The interested organisations may participate by giving two packets separately sealed i.e. **'Technical Bid'** & **'Price Bid'**.

The EOI as mentioned above should reach in the Office of the undersigned on or before 7th of July 2023 upto 5.00 P.M. and which will be opened on 10th of July 2023 at 11.30 A.M. in the O/o. the Chief Executive, Chilika Development Authority, Bhubaneswar. The detail of Terms of Reference will be made available in the website of Chilika Development Authority (i.e. **www.chilika.com**) from 23rd June 2023 to 7th July 2023 upto 5.00 P.M.

Sd./- Addl. Chief Executive, Chilika Development Authority
OIPR-08138/11/0005/2324

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା,କଟକ**
**Directorate of Fisheries, Odisha, Cuttack**
Ph:0671-2414061, Fax:0671-2410521
Email:director.odifish@gmail.com/director@orissafisheries.com
website:www.odishafisheries.com
Order No.9978/ DOF-MV-MISC-0009-2023, Dated:21.06.2023
**RE-QUOTATION CALL NOTICE**

**No.M-24:** Sealed quotation/ tender is invited from interested reputed Travel Agencies/ Tour Operator or private individuals for providing two number of Non-AC / AC preferably Tiago/ Bolt/ Celereo or any higher version vehicle/ Bolero Diesel driven vehicles having sitting capacity not more than 5 including Driver, for official use in the Directorate of Fisheries, Odisha, Cuttack on monthly rent basis. Please also quote rate and mileage offered per Km. in bid sheet for Non-AC and AC separately. The intending party must satisfy the Agreement laid down in Annexure-A which would be provided at the time of receipt paper.The vehicle must be in Road worthy condition shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage Permit, Proof of up-to-date tax payment, pollution control certificate etc, which are mandatory for plying of vehicle.

1. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
2. The Driver should be well behaved, gentle and obedient in nature.
3. A Sum of Rs.5000/- (Rupees five thousand) only shall be deposited by the intending bidders in shape of Account payee Bank Draft drawn in favour of the D.D.O, Directorate of Fisheries, Odisha, Cuttack and submit along with the tender as security deposit. After completion of tender process, the amount will be refunded to unsuccessful bidders.
4. The monthly rate of hire charge be quoted separately in the general bid information (excluding fuel & lubricants).
5. The vehicle must achieve a fuel efficiency of 17 Kms per liter.
6. The details of the make and year of manufacture of the vehicle, registration number, mileage (Kms / liter) and name of the Driver with Driving License No. and period of validity should be specially provided in the general bid information to be furnished with the Quotation/ Tender (Annexure-A).
7. The Quotation completed in all respect should reach the undersigned on or before 28.06.2023 by 2 P.M. & the same will be opened on 28.06.2023 at 3 P.M. The opening will be done by Addl. Director (Admin.) Directorate of Fisheries, Odisha, Cuttack. The interested bidders or their authorized agents may also attend the opening at the scheduled date/ time. If in case the date of receipt/ opening will be declared holiday, the next day will be taken as receipt / opening tender.
8. The application form of quotation/ tender containing General Bid Information & Terms and conditions for hiring of Vehicles etc. will be available with the Mechanical Section of this Directorate on payment of Rs.100/- (Rupees one hundred) only in the office hour only till receipt of tender paper or can be downloaded from Odisha Govt. Website www.Odisha.gov.in. In case the application form is downloaded from Govt. website, the applicant shall furnish a Demand Draft for an amount of Rs.100/ (Rupees One hundred) only towards the cost of application along with the application.
9. He must submit the income tax, pan card/Tan & GST No.

Sd./- DIRECTOR
OIPR-06030/11/0003/2324

# ଆସାମ ବନ୍ୟାରେ ୫ ଲକ୍ଷ ପ୍ରଭାବିତ



ଗୁଆହାଟୀ,୨୨।୬

ଆସାମରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାଯୋଗୁ ୧୨ ଜିଲାର ପାଖାପାଖି ୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟାରେ ଉଦାଲଗୁରି ଜିଲା ଟାମୁଲପୁରର ଜଣଙ୍କର ମୃତ୍ୟୁ ଘଟିଥିବା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ସୂଚନା ଦେଇଛି। ବକ୍ସା, ବାରପେଟା, ଚିରାଙ୍ଗ, ଡାରାଙ୍ଗ, ଧୁବ୍ରି, ଡିବ୍ରୁଗଡ଼, କାମରୁପ, କୋଖରାଝର, ଲଖିମପୁର, ନାଲବାରି, ସୋନିତପୁର ଏବଂ ଉଦାଲଗୁରି ଜିଲାର ୪,୯୫,୭୦୦ ଲୋକ ପ୍ରଭାବିତ ହେବା ଆଶଙ୍କା ଉପୁଜିଛି। କେବଳ ବାରପେଟାରେ ୩,୨୫,୬୦୦ ଲୋକ ପାଣି ଘେରରେ ଥିବାବେଳେ ନାଲବାରିରେ ୭୭,୭୦୦ ଏବଂ ଲଖିମପୁରରେ ୨୫,୭୦୦ ଲୋକ ପ୍ରଭାବିତ ହୋଇଛନ୍ତି।

**OFFICE OF THE SUPERINTENDING ENGINEER**
**RWS&S DIVISION, BALASORE**
Tel: 06782-262249, Fax: 262931,
email: eerwss_bls@nic.in, eerwssbls@gmail.com.
**NATIONAL COMPETITIVE BIDDING THROUGH e-Tendering**
**Identification No. 09 / 2023-24 Dt. 21.06.2023**

**No.O-253:** The Superintending Engineer, RWS&S Division, Balasore on behalf of the Governor of Odisha invites bids from bidders of eligible class registered with the Odisha State Government and bidders of equivalent Grade / Class registered with Central Government / MES / Railways for the works detailed in the table below to be eventually drawn up in P1 contract with design and execution of the following Piped Water Supply Projects.

1. Nos. of Work : RPWS Scheme to Bireshpur & adj. villages under Jaleswar block of Balasore district.
2. Estimated cost : Rs. 269.76 lakhs
3. Period of completion : 330 days
4. Availability of bid document in Portal: : Dt. 28.06.2023 at 10.00 hours to 12.07.2023 up to 17.00 hours through online.
5. Seeking of Clarification : Dt. 01.07.2023 at 10.00 hours to Dt. 07.07.2023 up to 15.00 hours
6. Date of opening of Bid : Dt. 13.07.2023 at 11.00 hours in the O/O EE, RWSS Division, Balasore.
7. Name and address of the Officer Inviting Tender : Superintending Engineer, RWS&S Division, Balasore

Bid Cost will be receipt through electronic payment by NEFT / RTGS. Further details can be seen from the e-Procurement Portal: http://tendersodisha.gov.in.

Sd./- Superintending Engineer
RWS&S Division, Balasore
OIPR-25013/11/0004/2324

**ସଂରକ୍ଷିତ ଆସନରେ କଂଗ୍ରେସ ନିଯୁକ୍ତ କରିବ ସଂଯୋଜକ**

ଭୁବନେଶ୍ୱର,(ସୁନିତ୍ ମିଶ୍ର): ଓଡ଼ିଶାରେ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ବର୍ଗରୁ ଉତ୍ତମ ଓ ଦକ୍ଷତାସମ୍ପନ୍ନ ନେତୃତ୍ୱ ସୃଷ୍ଟିକରିବା ଦିଗରେ ସମସ୍ତ ଅନୁସୂଚିତ ଜାତି/ଜନଜାତି ଲୋକ ସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀରେ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏଥିପାଇଁ ରାଜ୍ୟରେ ଥିବା ୩ଟି ଅନୁସୂଚିତ ଜାତି ଲୋକ ସଭା, ୨୪ଟି ଅନୁସୂଚିତ ଜାତି ବିଧାନସଭା, ୫ଟି ଅନୁସୂଚିତ ଜନଜାତି ଲୋକ ସଭା ଓ ୩୩ଟି ଜନଜାତି ବିଧାନସଭା ନିର୍ବାଚନମଣ୍ଡଳୀରେ ନେତୃତ୍ୱ ବିକାଶ ପାଇଁ ଜଣେ ଲେଖାଏ ସଂଯୋଜକ ନିଯୁକ୍ତି କରାଯିବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି।



ପାଟନାଠାରେ ଗୁରୁବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କୁ ଭେଟି ଆଲୋଚନା କରୁଛନ୍ତି।

# ଶିବରାଜ ସରକାର ଗାଦିରୁ ହଟିବ: କମଲ ନାଥ

ଭୋପାଳ,୨୨।୬

ମଧ୍ୟପ୍ରଦେଶରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ଭାଜପା ଏବଂ କଂଗ୍ରେସ ନିଜ ପ୍ରସ୍ତୁତିକୁ ଜୋରଦାର କରିଛନ୍ତି। ଏହି ଅବସରରେ ରାଜ୍ୟର ପୂର୍ବତନ କଂଗ୍ରେସ ମୁଖ୍ୟମନ୍ତ୍ରୀ ତଥା ପିସିସି ମୁଖ୍ୟ କମଲ ନାଥ ଭାଜପା ସରକାରକୁ ଟାର୍ଗେଟ କରିଛନ୍ତି। ଶାଜାପୁରର ଆକୋଦିଆଠାରେ ଏକ ସଭାରେ କମଲ କହିଛନ୍ତି, ୪ ମାସ ପରେ ରାଜ୍ୟ ବିଧାନସଭା ନିର୍ବାଚନ ହେବ। ଏଥର ଆମଦଳ ପକ୍ଷରୁ କେବଳ ସ୍ଥାନୀୟ ପ୍ରାର୍ଥୀଙ୍କୁ ପ୍ରାଥମିକତା ଦେବ। ଆଉ ଶିବରାଜ ସିଂ ଚୌହାନଙ୍କ ସରକାରଙ୍କ ପତନ ନିଶ୍ଚିତ। ପୂର୍ବାପେକ୍ଷା



କମଲ ନାଥ

ଅଧିକ ଆସନ ପାଇ କଂଗ୍ରେସ ସରକାର ଗଠନ କରିବ। ଆଉ କଂଗ୍ରେସ ଛାଡି ଭାଜପାରେ ଯୋଗ ଦେଇଥିବା ବିଧାୟକମାନେ ଏଥର ଉଚିତ ଶିକ୍ଷା ପାଇବେ। ଗତ ୧ ବର୍ଷରେ ମଧ୍ୟପ୍ରଦେଶ ସରକାର ୩ ଲକ୍ଷ କୋଟି ଋଣ ନେଇଥିଲେ। କିନ୍ତୁ ଯୁବବର୍ଗ, କୃଷକ ଏବଂ ଶିକ୍ଷକମାନଙ୍କୁ ଏହାର ସୁବିଧା ଦେବା ପରିବର୍ତ୍ତେ ଭାଜପା ବଡ ବଡ ଠିକା ଦେଇଥିଲା। ଆଉ ଏଥିରୁ ମୋଟା ଆକାରର କମିଶନ ହାତେଇଥିଲା। ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାରୁ ଶିବରାଜ ଏକ ଭୂମି ପୂଜା ଯନ୍ତ୍ରରେ ପରିଣତ ହୋଇ ନଡ଼ିଆକୁ ପକେଟରେ ରଖିଛନ୍ତି। ସବୁଆଡେ ବୁଲିବୁଲି ପ୍ରକଳ୍ପର ଭୂମିପୂଜନ କରୁଛନ୍ତି। ସେ ୧୮ ବର୍ଷ ଧରି ରାଜ୍ୟର ଭଉଣୀ, କୃଷକ, ଶିକ୍ଷକଙ୍କୁ ମନେ ପକାଇ ନ ଥିଲେ। ଏବେ ନିର୍ବାଚନ ଆସୁଥିବାରୁ ସେ ସମସ୍ତଙ୍କୁ ମନେ ରଖିବା ଆରମ୍ଭ କରି ଦେଇଛନ୍ତି ବୋଲି କମଲ ନାଥ କହିଛନ୍ତି।

## ମଣିପୁର ମୁଖ୍ୟମନ୍ତ୍ରୀ ଅପାରଗ: ଡି. ରାଜା

ଇମ୍ଫାଲ,୨୨।୬

ମଣିପୁର ହିଂସାକୁ ନେଇ ରାଜନୈତିକ ଦଳଗୁଡ଼ିକ ଭାଜପା ସରକାରକୁ ଟାର୍ଗେଟ କରୁଛନ୍ତି। ଏହି କ୍ରମରେ ସିପିଆଇ ଜାତୀୟ ସାଧାରଣ ସଚିବ ତଥା ପୂର୍ବତନ ଏମ୍‌ପି ଡି. ରାଜା ମଣିପୁର ହିଂସା ସମ୍ପର୍କରେ କହିଛନ୍ତି, କିଏ ଏହି ସମସ୍ୟା ସୃଷ୍ଟି କରିଛି? ମଣିପୁର ମୁଖ୍ୟମନ୍ତ୍ରୀ ଅପାରଗ ହୋଇ ପଡିଛନ୍ତି। ସେଠାକାର ଲୋକେ ସରକାରଙ୍କ ଉପରେ ବିଶ୍ୱାସ ହରାଇଛନ୍ତି। କଂଗ୍ରେସ, ଜେଡି ୟୁ, ସିପିଆଇ, ଟିଏମ୍‌ସି, ଏଏପି, ଏଏଫ୍‌ବି, ଏନ୍‌ସିପି ଏବଂ ଆରଏସ୍‌ପିର ଏକ ପ୍ରତିନିଧି ଦଳ ମଣିପୁର ହିଂସା, ଉତ୍ତର ପୂର୍ବାଞ୍ଚଳରେ ସଂଘଟିତ ଘଟଣା ଓ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଆମକୁ କହିଛନ୍ତି। ଆମେ ସେଗୁଡିକ ଶୁଣିଛୁ ଏବଂ ବୁଝିପାରୁଛୁ ପରିସ୍ଥିତି ଜଟିଳ ରହିଛି।

# ନାଁ ବଦଳାଇ ଆଉ ଥରେ ଘୋଷଣା କରୁଛନ୍ତି ସରକାର: ସ୍ମୃତି

**ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାକୁ ଭାଜପାର ଟାର୍ଗେଟ**

ଭୁବନେଶ୍ୱର, ୨୨।୬(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଓଡ଼ିଶାରେ ପୁଷ୍ଟି ଓ ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'କୁ କ୍ୟାବିନେଟ୍‌ରେ ଅନୁମୋଦନ ଦେଇଛନ୍ତି। ଏହା ଘୋଷଣା ସର୍ବସ୍ୱ ରାଜ୍ୟ ସରକାରଙ୍କ ଆଉ ଏକ ପ୍ରହସନ। ରାଜ୍ୟ ସରକାର କେବଳ ଏହାର ନାଁ ବଦଳେଇ ଆଉ ଥରେ ଘୋଷଣା କରୁଛନ୍ତି। ତେବେ ପର ଡିଅଣରେ ଅତିଥି ସତ୍କାର କରନ୍ତୁ ପଛେ ଯୋଜନାର ସଫଳ ରୂପାୟନ କରନ୍ତୁ। ଏହା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ଏକ ଅଂଶ। କେନ୍ଦ୍ର ସରକାର ଶିଶୁ ଓ ମହିଳାଙ୍କ ସ୍ୱାସ୍ଥ୍ୟର ବିକାଶ ପାଇଁ ସମନ୍ୱିତ ଶିଶୁ ବିକାଶ ଯୋଜନା(ଆଇସିଡିଏସ୍), ପୋଷଣ ଅଭିଯାନ, ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନା କରିଛନ୍ତି ବୋଲି ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ମୃତି କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାରମ୍ବାର ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ, ମା'ମାନଙ୍କ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଥରେ ନୁହେଁ ବାରମ୍ବାର ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପରେ ମୁଖ୍ୟମନ୍ତ୍ରୀଙ୍କ ଏବେ ଚେତା ପଶିଲା।

**ବିଜୁଳି ସମସ୍ୟା ସରକାରଙ୍କ ମୁଖା ଖୋଲିଦେଇଛି: ଭାଜପା**

ଭୁବନେଶ୍ୱର, ୨୨।୬(ସୁନିତ୍ ମିଶ୍ର): ବିଜୁଳି ସମସ୍ୟା ରାଜ୍ୟ ସରକାରଙ୍କ ଅସଲ ମୁଖାକୁ ଖୋଲି ଦେଇଛି। ରାଜ୍ୟରେ ସର୍ବଦା ଅଘୋଷିତ ବିଦ୍ୟୁତ୍ କାଟ ହେଉଥିବାରୁ ସାଧାରଣ ଉପଭୋକ୍ତା ଯମ ଯନ୍ତ୍ରଣା ଅନୁଭବ କରୁଛନ୍ତି। ରାଜ୍ୟବାସୀଙ୍କ ନିକଟରେ ବିଜୁଳି ପହଞ୍ଚାଇବା ସରକାରଙ୍କ ମୌଳିକ ଦାୟିତ୍ୱ। ହେଲେ ସରକାର ଏଥିରେ ବିଫଳ ହୋଇଛନ୍ତି ବୋଲି ଭାଜପା ନେତା ମନୋଜ ମହାପାତ୍ର କହିଛନ୍ତି।

# ପଞ୍ଚାୟତ ସ୍ତରରେ ଜାତୀୟ ପେନ୍‌ସନ ଦିଆଯାଉ: ବିଜେଡି

**ଲୋକେ ହଇରାଣ ହେଉଥିବାବେଳେ ଭାଜପା ନେତାଙ୍କ ପାଟି ଖୋଲୁନି**



ଖବରଦାତା ସମ୍ମିଳନୀରେ ଶ୍ରୀମୟୀ ମିଶ୍ର ଓ ଓମ୍ ପ୍ରକାଶ ସାହୁ।

ଭୁବନେଶ୍ୱର,୨୨।୬(ଅନିଲଦାସ)

ଓଡ଼ିଶାରେ ଜାତୀୟ ପେନ୍‌ସନ ପାଉଥିବା ୨୦ ଲକ୍ଷ ଲୋକ ଅଛନ୍ତି। ଯେଉଁଥିରୁ ୫୦% ଅର୍ଥ ଓଡ଼ିଶା ସରକାର ବହନ କରୁଛନ୍ତି। ବାର୍ଦ୍ଧକ୍ୟ ଏବଂ ଭିନ୍ନକ୍ଷମ ପେନ୍‌ସନ ସମେତ ଜାତୀୟ ପେନ୍‌ସନ ପାଉଥିବା ହିତାଧିକାରୀମାନେ ସେମାନଙ୍କ ପେନ୍‌ସନ ପାଇଁ ଗ୍ରାମାଞ୍ଚଳର ବହୁ ଦୂରରେ ଅବସ୍ଥିତ ବ୍ୟାଙ୍କକୁ ଯିବାକୁ ପଡୁଥିବାରୁ ସେମାନେ ହଇରାଣ ହେଉଛନ୍ତି। ବିଜୁ ଜନତା ଦଳ ଓଡ଼ିଶାରେ ବ୍ୟାଙ୍କିଙ୍ଗ୍ କଭରେଜ ଏବଂ ନେଟ୍‌ୱର୍କର ଉନ୍ନତି ପାଇଁ ଦଶନ୍ଧି ପୂର୍ବରୁ କେନ୍ଦ୍ର ସମ୍ମୁଖରେ ଦାବିକରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହା ଆଶ୍ଚର୍ଯ୍ୟଜନକ ଯେ ଓଡ଼ିଶାର ଭାଜପା ଏମ୍‌ପିମାନେ ଏହି ପ୍ରସଙ୍ଗରେ ନୀରବ ରହିଛନ୍ତି। ଓଡ଼ିଶାର ବ୍ୟାଙ୍କିଙ୍ଗ୍ କଭରେଜରେ ଉନ୍ନତି ଆଣିବା ପାଇଁ କେନ୍ଦ୍ର ଆଗରେ ସେମାନେ ସ୍ୱର ଉତ୍ତୋଳନ କରୁନାହାନ୍ତି। ଓଡ଼ିଶାର କେନ୍ଦ୍ରମନ୍ତ୍ରୀମାନେ ମଧ୍ୟ ଚୁପ୍ ରହିଛନ୍ତି। ରାଜ୍ୟରେ ବ୍ୟାଙ୍କିଙ୍ଗ୍ କଭରେଜ ଯୋଗୁ ଅସୁବିଧା ଭୋଗୁଥିବା ବୃଦ୍ଧାବୃଦ୍ଧ ଏବଂ ଭିନ୍ନକ୍ଷମ ହିତାଧିକାରୀଙ୍କ ପାଇଁ ପାଟି ଫିଟାଉନାହାନ୍ତି ବୋଲି ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର କହିଛନ୍ତି।

ଜାତୀୟ ପେନ୍‌ସନଧାରୀଙ୍କ ଦୁରବସ୍ଥା ସଂକ୍ରାନ୍ତରେ ଗୁରୁବାର ଶଙ୍ଖ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଓଡ଼ିଶାର ୨୮ ଲକ୍ଷ ଲୋକ ମଧୁବାବୁ ପେନ୍‌ସନ ପାଉଛନ୍ତି, ଯେଉଁଥିରେ ବାର୍ଦ୍ଧକ୍ୟ ଏବଂ ଭିନ୍ନକ୍ଷମ ପେନ୍‌ସନ ହିତାଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି। ଓଡ଼ିଶା ସରକାର ଗ୍ରାମପଞ୍ଚାୟତ ସ୍ତରରେ ସେମାନଙ୍କ ପେନ୍‌ସନ ପ୍ରଦାନ କରୁଛନ୍ତି। ଓଡ଼ିଶାରେ ଉପଯୁକ୍ତ ବ୍ୟାଙ୍କିଙ୍ଗ୍ କଭରେଜ୍ ଅଭାବରୁ ବ୍ୟାଙ୍କଗୁଡ଼ିକ ହିତାଧିକାରୀଙ୍କ ନିଜ ଗ୍ରାମଠାରୁ ବହୁ ଦୂରରେ ଅବସ୍ଥିତ। କେନ୍ଦ୍ର ଦ୍ୱାରା ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଅବହେଳା ହେତୁ ଓଡ଼ିଶାର ବ୍ୟାଙ୍କିଙ୍ଗ୍ ନେଟ୍‌ୱର୍କ ଅତ୍ୟନ୍ତ ଦୁର୍ବଳ ରହିଛି। ୬୦%ରୁ ଅଧିକ ପଞ୍ଚାୟତରେ ଆଜି ମଧ କୌଣସି ବ୍ୟାଙ୍କ ସେବା ମିଳିପାରୁ ନାହିଁ। କେନ୍ଦ୍ର ସରକାର ଓଡ଼ିଶାରେ ବ୍ୟାଙ୍କ ସେବା ବୃଦ୍ଧି କରିବା ଆବଶ୍ୟକ। ଯଦ୍ୱାରା ଜାତୀୟ ପେନ୍‌ସନ ପାଉଥିବା ବୃଦ୍ଧାବୃଦ୍ଧ ତଥା ଭିନ୍ନକ୍ଷମ ହିତାଧିକାରୀଙ୍କୁ ବହୁ ଦୂରକୁ ଯାତ୍ରା କରିବାକୁ ପଡ଼ିବ ନାହିଁ। ରାଜ୍ୟ ସରକାର ଯେଭଳି ପଞ୍ଚାୟତ ସ୍ତରରେ ମଧୁବାବୁ ପେନ୍‌ସନ ପ୍ରଦାନ କରୁଛନ୍ତି ଅନୁରୂପ ଭାବେ ଜାତୀୟ ପେନ୍‌ସନ ପ୍ରଦାନ ଲାଗି ଶ୍ରୀମୟୀ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଓମ୍ ପ୍ରକାଶ ସାହୁ ଉପସ୍ଥିତ ଥିଲେ।

# କଂଗ୍ରେସ ନେତା ନଜରବନ୍ଦୀ



ନିଜ ବାସଭବନରେ କଂଗ୍ରେସ ନେତା ସୁଦର୍ଶନ ଦାସ।

ରାଇବଣିଆ, ୨୨।୬(ନବୀନ ସାହୁ)

୫-ଟି ସଚିବଙ୍କ ଜଳେଶ୍ୱର ଗସ୍ତ ପୂର୍ବରୁ ପୋଲିସର ନଜରବନ୍ଦୀରେ କଂଗ୍ରେସ ନେତା ସୁଦର୍ଶନ ଦାସ। ଗୁରୁବାର ଅପରାହ୍ନ ୪ଟାରୁ ଜଳେଶ୍ୱର ନୂଆବଜାରସ୍ଥିତ ତାଙ୍କ ବାସଭବନ ଆଗରେ ପୋଲିସ ଜଗି ରହିଛି। ଜଳେଶ୍ୱର ଏସଡ଼ିପିଓ ଦିଲୀପ ସାହୁ, ଜଳେଶ୍ୱର ଥାନା ଅଧିକାରୀ ରୋଜାଲିନ ବେହେରାଙ୍କ ସମେତ ଅନେକ ପୋଲିସ ଅଧିକାରୀ ଦାସଙ୍କୁ ନଜର ବନ୍ଦୀରେ ରଖିଛନ୍ତି।

ଶୁକ୍ରବାର ୫-ଟି ସଚିବଙ୍କ ଗସ୍ତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ କଂଗ୍ରେସ ପକ୍ଷରୁ ମାନବଶୃଙ୍ଖଳ କାର୍ଯ୍ୟକ୍ରମ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଆମ୍ବଲିଅଠା ବାଇପାସ୍‌ଠାରୁ ନୂଆବଜାର ଛକ ପର୍ଯ୍ୟନ୍ତ ଏହି ମାନବଶୃଙ୍ଖଳ ଅନୁଷ୍ଠିତ ହେବାର

**ପିସିସି ସଭାପତିଙ୍କ ନାପସନ୍ଦ**

କାର୍ଯ୍ୟକ୍ରମ କଂଗ୍ରେସ ଘୋଷଣା କରିଛି। ସଚିବ କେଉଁ ବୈଧାନିକ ପଦବୀରେ ଜଳେଶ୍ୱର ଆସୁଛନ୍ତି ବୋଲି ପ୍ରଶ୍ନ କରିବା ସହିତ ସେ ମନ୍ତ୍ରୀଙ୍କ ତଳେ ନା ମନ୍ତ୍ରୀ ତାଙ୍କ ତଳେ ବୋଲି କଂଗ୍ରେସ ନେତା ଦାସ ଆଗରୁ ଖବରଦାତା ସମ୍ମିଳନୀରେ ପ୍ରଶ୍ନ କରିଥିଲେ। କଂଗ୍ରେସର ଏହି ପ୍ରତିବାଦକୁ ଭଣ୍ଡୁର କରିବା ପାଇଁ ପୋଲିସ ଦାସଙ୍କୁ ନଜରବନ୍ଦୀରେ ରଖିଛନ୍ତି। ପ୍ରଶାସନ ପକ୍ଷରୁ ଏଭଳି କାର୍ଯ୍ୟକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଦୃଢ ଭାବେ ନିନ୍ଦା କରିଛନ୍ତି। ସେ କହିଛନ୍ତି ଗଣତାନ୍ତ୍ରିକ ଉପାୟରେ କଂଗ୍ରେସ କର୍ମୀଙ୍କ ପ୍ରତିବାଦକୁ ରୋକାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

**ଫୁର୍‌ସତ୍**

# ପଞ୍ଜୁରିରେ ମୋଷ୍ଟ ୱାଣ୍ଟେଡ୍ ମାଙ୍କଡ଼

ଭୋପାଳ





ଧରାପଡ଼ିଲା ମୋଷ୍ଟ ୱାଣ୍ଟେଡ୍ ମାଙ୍କଡ଼। ମଧ୍ୟପ୍ରଦେଶ ରାଜଗଡ଼ରୁ ଏହି ମାଙ୍କଡ଼କୁ ପ୍ରାଣୀ ଉଦ୍ଧାରକାରୀ ଦଳ ଧରିବାରେ ସକ୍ଷମ ହୋଇଛି। କିଛିଦିନ ହେବ ରାଜଗଡ଼ରେ ଉତ୍ପାତ ଆରମ୍ଭ କରିଥିଲା ଏହି ଦୁଷ୍ଟ ମାଙ୍କଡ଼। ଲୋକେ ଏହି ମୋଷ୍ଟ ୱାଣ୍ଟେଡ୍ ମାଙ୍କଡ଼ର ଉପଦ୍ରବରେ ଅତିଷ୍ଠ ହୋଇପଡ଼ିଥିଲେ। ଛୋଟ ପିଲାଠାରୁ ଆରମ୍ଭ କରି ସାଧାରଣ ଲୋକ ଏବଂ କେତେଜଣ ପୋଲିସ କର୍ମଚାରୀ ମଧ ମାଙ୍କଡ଼ର ଆକ୍ରମଣରୁ ରକ୍ଷା ପାଇନାହାନ୍ତି। ପାଖାପାଖି ୨ ସପ୍ତାହ କାଳ ସ୍ଥାନୀୟ ଅଞ୍ଚଳରେ ଉତ୍ପାତ କରୁଥିଲା ଏହି ମାଙ୍କଡ଼।

ଦିନ ଯେତେ ବିତୁଥିଲା, ସ୍ଥାନୀୟ ଅଞ୍ଚଳରେ ଏହି ମାଙ୍କଡ଼ ସେତେ ଭୟ ଖେଳାଇବାରେ ଲାଗିଥିଲା। ସ୍ଥିତି ଏମିତି ହୋଇ ପଡ଼ିଲା ଯେ, ଗାଁ ଲୋକେ ଘରୁ ବାହାରିବାକୁ ଭୟ କଲେ। କେତେଜଣ ଘର ଛାତରେ ବନ୍ଧୁକ ଧରି ମାଙ୍କଡ଼କୁ ମାରିବା ପାଇଁ ଜଗି ବସିଲେ। ସାଧାରଣ ଭାବେ ମାଙ୍କଡ଼ଟି ଖାଦ୍ୟ ଅନ୍ୱେଷଣରେ ଘରକୁ ଘର ବୁଲୁଥିବାବେଳେ ହଠାତ୍ ସେଠାରେ ଥିବା ଲୋକଙ୍କ ମୁହଁକୁ ମୁଥ ମାରି ସେମାନଙ୍କୁ କ୍ଷତାକ୍ତ କରିଦେଉଥିଲା। ଖାଲି ସେତିକି ନୁହେଁ, ମାଙ୍କଡ଼ ଆକ୍ରମଣର ଶିକାର ହୋଇଥିବା ଅନେକଙ୍କୁ ହସ୍ପିଟାଲ ଯାଇ କ୍ଷତସ୍ଥାନରେ ଷ୍ଟିଚ୍ ପକାଇବାକୁ ପଡ଼ିଛି।

୧୪ ଦିନ ଭିତରେ ମାଙ୍କଡ଼ଟି ମୋଟ ୨୦ ଜଣଙ୍କୁ ଆକ୍ରମଣ କରିଛି, ଯେଉଁଥିରେ ୮ ଜଣ ଛୋଟ ଛୁଆ ଅଛନ୍ତି। ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ମାଙ୍କଡ଼କୁ ଧରିବା ପାଇଁ ପ୍ରଥମେ ଚେଷ୍ଟା କରିଥିଲା। ଏଥିପାଇଁ କେତେଜଣ ପୋଲିସ ଅଧିକାରୀଙ୍କୁ ମାଙ୍କଡ଼ର ଆକ୍ରୋଶର ଶିକାର ହେବାକୁ ପଡ଼ିଥିଲା। ଶେଷରେ ମାଙ୍କଡ଼କୁ ଧରିବା ଲାଗି ପୋଲିସ ୨୧ ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କଲା। ସ୍ଥାନୀୟ ପ୍ରଶାସନ ମାଙ୍କଡ଼ ଧରିବାରେ ବିଫଳ ହେବା ପରେ ଉଜ୍ଜୈନରୁ ପ୍ରାଣୀ ଉଦ୍ଧାରକାରୀ ଦଳର ସହାୟତା ଲୋଡ଼ାଗଲା। ଡ୍ରୋନ୍ ଯୋଗେ ମାଙ୍କଡ଼କୁ ଟ୍ରେସ୍ କରାଗଲା। ମାଙ୍କଡ଼କୁ ଠାବ କରିବା ପରେ ଟ୍ରାଙ୍କୁଲାଇଜର ଦେଇ ତାକୁ ଅଚେତ କରାଗଲା। ପରେ ତାକୁ ଏକ ପିଞ୍ଜରାରେ ବନ୍ଦ କରି ବନ ବିଭାଗ ରଖିଲା। ଅମାନିଆ ମାଙ୍କଡ଼କୁ ଧରିବା ପାଇଁ ପାଖାପାଖି ୪ ଘଣ୍ଟାର ଅପରେଶନ୍ କରାଯାଇଥିଲା। ମାଙ୍କଡ଼କୁ କାବୁ କରିବା ପରେ ସ୍ଥାନୀୟ ଲୋକେ ଜୟ ଶ୍ରୀ ରାମ, ଜୟ ବଜରଙ୍ଗବାଲୀ ଉଚ୍ଚାରଣ କରିବା ଆରମ୍ଭ କରିଥିଲେ। ମାଙ୍କଡଟିକୁ ଘନ ଜଙ୍ଗଲ ମଧ୍ୟରେ ଛଡ଼ାଯିବ, ଯାହାଫଳରେ ସେ ସାଧାରଣତ ଜନବସତିଠାରୁ ଦୂରରେ ରହିବ ବୋଲି ବନ ବିଭାଗ ଅଧିକାରୀ ଗୌରବ ଗୁପ୍ତା କହିଛନ୍ତି।

# ବିବାହ ନେଇ ଗୁଜବ

**ହାଇଦ୍ରାବାଦ:** ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ନାୟିକା ରଶ୍ମିକା ମନ୍ଦାନାଙ୍କୁ ନେଇ ଏବେ ପୁଣି ଚର୍ଚ୍ଚା ଜୋର ଧରିଛି। ତେବେ ଏହି ଚର୍ଚ୍ଚା ରଶ୍ମିକାଙ୍କ କ୍ୟାରିୟର୍‌କୁ ନେଇକି ନୁହେଁ ବରଂ ତାଙ୍କ ମ୍ୟାରେଜ୍‌କୁ ନେଇ ଏବେ ବିଭିନ୍ନ ଗଣମାଧ୍ୟମରେ ନାନା ରକମର ଖବର ଛାପିବାରେ ଲାଗିଛି। ଅଭିନେତା ବିଜୟ ଦେବରକୋଣ୍ଡା ଏବଂ ରଶ୍ମିକାଙ୍କ ଅନ୍‌ସ୍କ୍ରିନ୍ ଯୋଡ଼ି ସମସ୍ତଙ୍କୁ ପସନ୍ଦ। ଅନ୍ୟପକ୍ଷେ କହିବାକୁ ଗଲେ କପୁଲଙ୍କ ଯୋଡ଼ି ସିନେପ୍ରେମୀଙ୍କ ଫେଭରାଇଟ୍। ପୂର୍ବରୁ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ନେଇ ଗୁଜବ ଇଣ୍ଡଷ୍ଟ୍ରିରେ ବ୍ୟାପି ଯାଇଥିଲା। ଏହି ଘଟଣାକୁ କିଛିଦିନ ବିତିଯିବା ପରେ ଏବେ ପୁଣି ରଶ୍ମିକା ଓ ବିଜୟଙ୍କ ସମ୍ପର୍କକୁ ନେଇ ଏକ ନୂଆ ଖବର ସାମ୍ନାକୁ ଆସିଛି। ଦୁହେଁ କୁଆଡ଼େ ବାହାହେବାକୁ ଯାଉଛନ୍ତି। ନିକଟରେ ରଶ୍ମିକା ଓ ବିଜୟଙ୍କ ପରିବାର ଏକ ହୋଟେଲରେ ଡିନର କରୁଥିବା ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ଭିଡିଓଟି ଖୁବ୍ ଭାଇରାଲ ହେଉଥିବାବେଳେ ଦୁହିଁଙ୍କ ପରିବାର ସେମାନଙ୍କ ବାହାଘର ପାଇଁ ପ୍ରସ୍ତୁତ ହେଉଥିବା କୁହାଯାଉଛି। ଏ ନେଇ ବିଜୟ କିମ୍ବା ରଶ୍ମିକା କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ନିକଟରେ ରଶ୍ମିକା ଓ ରଣବୀର କପୁରଙ୍କ ଅଭିନୀତ ଫିଲ୍ମ 'ଆନିମଲ୍'ର ଶୁଟିଂ ସରିଛଇି, ଯାହା ଅଗଷ୍ଟ ୧୧ରେ ମୁକ୍ତିଲାଭ କରିବ।



ରଶ୍ମିକା ମନ୍ଦାନା

# ସବୁଠୁ ବାସୋପଯୋଗୀ ସହର ସୂଚୀରେ ଭାରତରୁ ୫



ହାଇଦ୍ରାବାଦ

ବିଶ୍ୱରେ ଏମିତି ଅନେକ ସହର ରହିଛି, ଯେଉଁଠାରେ ଲୋକ ରହିବାକୁ ପସନ୍ଦ କରନ୍ତି। ନିକଟରେ ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ୍ (ଇଆଇୟୁ) ପକ୍ଷରୁ ବିଶ୍ୱର ସବୁଠୁ ବାସୋପଯୋଗୀ ସହର ଗୁଡ଼ିକର ଏକ ନାମ ତାଲିକା ପ୍ରକାଶ ପାଇଛି। ଏହି ସୂଚୀରେ ବିଶ୍ୱର ମୋଟ ୧୭୩ ସହରର ନାମ ସ୍ଥାନ ପାଇଛି, ଯେଉଁଥିରେ ଭାରତର ୫ ସହର ବେଙ୍ଗାଲୁରୁ, ଅହମ୍ମଦାବାଦ, ଚେନ୍ନାଇ, ନୂଆଦିଲ୍ଲୀ ଏବଂ ମୁମ୍ବାଇ ରହିଛି। ସହରରେ ସ୍ୱାସ୍ଥ୍ୟ ସୁବିଧା, ଇନ୍‌ଫ୍ରାଷ୍ଟ୍ରକ୍ଚର, ପରିବେଶ ଆଦିକୁ ଭିତ୍ତିକୁ ନେଇ ଏହି ଲିଷ୍ଟ ପ୍ରସ୍ତୁତ କରାଯାଇଛି।

ସବୁଠୁ ଅଧିକ ବାସପଯୋଗୀ କ୍ଷେତ୍ରରେ ଅଷ୍ଟ୍ରେଲିଆର ଭିଏନା ନାମ ସର୍ବାଗ୍ରେ ଥିବାବେଳେ ଡେନ୍‌ମାର୍କର କୋପେନହାଗେନ୍ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଅଷ୍ଟ୍ରେଲିଆର ମେଲବର୍ନ ଓ ସିଡ୍‌ନୀ ତାଲିକାର ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛି। ଜାପାନର ଓସାକା ୧୦ମ ସ୍ଥାନ ଅଧିକାର କରିଛି। ଇଆଇୟୁ ତାଲିକାରେ ଭାରତର ଦିଲ୍ଲୀ, ମୁମ୍ବାଇ ୧୪୧ ସ୍ଥାନରେ ଥିବାବେଳେ ଚେନ୍ନାଇ ୧୪୪ତମ, ଅହମ୍ମଦାବାଦ ୧୪୭ତମ ଏବଂ ବେଙ୍ଗାଲୁରୁ ୧୪୮ତମ ସ୍ଥାନରେ ରହିଛି।

# ଲିଙ୍ଗ ବଦଳାଇବେ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ଝିଅ



**କୋଲକାତା:** ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ଝିଅ ସୁଚେତନା ଭଟ୍ଟାଚାର୍ଯ୍ୟ ଲିଙ୍ଗ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ଏ ନେଇ କରାଯିବାକୁ ଥିବା ପ୍ରାଥମିକ ପ୍ରକ୍ରିୟା ସୁଚେତନା ଆରମ୍ଭ କରିଦେଇଥିବା କହିଛନ୍ତି। ନିଜର ଏ ପ୍ରକାର ନିଷ୍ପତ୍ତି ପାଇଁ ସେ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ନିକଟରେ ସୁଚେତନା ସମଲିଙ୍ଗୀ ୱାର୍କଶପ୍‌କୁ ଯାଇଥିଲେ, ଯେଉଁଠାରେ ସେ ନିଜକୁ ଜଣେ ପୁରୁଷ ଭାବେ ଚିହ୍ନଟ କରିବା ସହ ନିଜ ଶରୀରକୁ ମଧ ପୁରୁଷଙ୍କ ଭଳି ପରିବର୍ତ୍ତନ କରିବାକୁ ଚାହୁଁଥିବା କହିଛନ୍ତି।

ସୁଚେତନାଙ୍କୁ ଏବେ ୪୧ ବର୍ଷ। ପିଲାଟି ଦିନରୁ ତାଙ୍କର ପୁରୁଷଙ୍କ ପରି ସ୍ୱଭାବ ଥିଲା। କିନ୍ତୁ ସେତେବେଳେ ସମଲିଙ୍ଗୀ କମ୍ୟୁନିଟିକୁ ନେଇ ସେତେ ସତର୍କ ନ ଥିଲେ। କିନ୍ତୁ ଏବେ ସେ ଜଣେ ସମ୍ପୂର୍ଣ୍ଣ ପୁରୁଷ ହେବାକୁ ନିଷ୍ପତ୍ତି ନେଇଛନ୍ତି। ଘରଲୋକେ ମଧ ତାଙ୍କୁ ଏଥିରେ ସମ୍ପୂର୍ଣ୍ଣ ସହମତି ଦେଉଛନ୍ତି। ନିଜର ଏକ ସାକ୍ଷାତ୍କାରରେ ସେ କହିଛନ୍ତି, ଏ ପ୍ରକାର ନିଷ୍ପତ୍ତି ମୋର ନିଜସ୍ୱ। ଏଥିପାଇଁ ତାଙ୍କ ପରିବାର ଲୋକଙ୍କୁ ସମାଲୋଚନା କରା ନ ଯାଉ। ପିଲାଟିବେଳୁ ବାପା ବୁଦ୍ଧଦେବ ଝିଅର ଏ ପ୍ରକାର ସ୍ୱଭାବ ସମ୍ପର୍କରେ ଅବଗତ ଥିବା ସେ କହିଛନ୍ତି। ସୁଚେତନାଙ୍କ ଏ ପ୍ରକାର ନିଷ୍ପତ୍ତି ଲୋକଙ୍କ ପକ୍ଷେ ସହଜରେ ଗ୍ରହଣଯୋଗ୍ୟ ନ ହେଲେ ମଧ ପ୍ରତ୍ୟେକ ବ୍ୟକ୍ତିଙ୍କ ଭାବନାକୁ ସମ୍ମାନ କରିବା ତାଙ୍କ ମତ।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୩ ଜୁନ୍, ୨୦୨୩

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭାରତୀୟ ଦଳରେ ୩ ଓଡ଼ିଆ



ନକୁଳ ବଡ଼ନାୟକ



ପଙ୍କଜ ଭୁଏ



ମହମ୍ମଦ ଜାଫର ଇକ୍‌ବାଲ

**ଦୃଷ୍ଟିବାଧିତ ଆଇବିଏସ୍‌ଏ ବିଶ୍ୱ କ୍ରିକେଟ**

**ଭୁବନେଶ୍ୱର, ୨୨।୬ (ସରୋଜ ଜେନା)**

ଦୃଷ୍ଟିବାଧିତ ଆଇବିଏସ୍‌ଏ ବିଶ୍ୱ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଗୁରୁବାର ୧୭ ଜଣିଆ ଭାରତୀୟ ଦଳ ଘୋଷଣା କରିଛି ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ ସଂଘ(କାବି)। ଅନ୍ତର୍ଜାତୀୟ ଦୃଷ୍ଟିବାଧିତ କ୍ରୀଡା ମହାସଂଘ(ଆଇବିଏସ୍‌ଏ) ପକ୍ଷରୁ ୱାର୍ଲ୍ଡ ଗେମ୍ସ ୨୦୨୩ ଆୟୋଜିତ ହେବ। ୧୮ରୁ ୨୭ ଅଗଷ୍ଟ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଦୃଷ୍ଟିବାଧିତ କ୍ରିକେଟକୁ ସାମିଲ କରାଯାଇଥିବା ବେଳେ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାରୁ ୩ ଜଣ ଖେଳାଳି ମହମ୍ମଦ ଜାଫର୍ ଇକ୍‌ବାଲ, ନକୁଳ ବଡନାୟକ ଓ ପଙ୍କଜ ଭୁଏଙ୍କୁ ସାମିଲ କରାଯାଇଛି। ବି-୧ ଓ ବି-୨ ବର୍ଗରୁ ୬ ଜଣ ଲେଖାଏ ଖେଳାଳିଙ୍କୁ ଚୟନ କରାଯାଇଥିବା ବେଳେ ବି-୩ ବର୍ଗରୁ ୫ ଜଣ ଖେଳାଳିଙ୍କୁ ସାମିଲ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସଦ୍ୟ ସମାପିତ ଟି୨୦ ବିଶ୍ୱକପ ବିଜୟୀ ହୋଇଥିଲା ଭାରତୀୟ ଦଳ। ସମାନ ଇଭେଣ୍ଟ ପାଇଁ ମହିଳା ଦଳ ମଧ୍ୟ ଘୋଷଣା କରାଯାଇଛି। ଟୁର୍ନାମେଣ୍ଟ ପୂର୍ବରୁ ଭାରତୀୟ ଦଳ ବେଙ୍ଗାଲୁରୁରେ ଏକ ଟ୍ରେନିଂ କ୍ୟାମ୍ପରେ ଭାଗନେବ।

ଭାରତୀୟ ଦଳ ବେଶ୍ ଶକ୍ତିଶାଳୀ ରହିଛି ବୋଲି କହିଛନ୍ତି କାବିର ସଭାପତି ମହନ୍ତେଶ ଜି. କିଭାଦାସାନ୍ନାଭାର। ବିଗତ କିଛି ବର୍ଷ ମଧ୍ୟରେ ଯେଉଁଭଳି ନୂତନ ପ୍ରତିଭା ସାମ୍ନାକୁ ଆସୁଛନ୍ତି ତାହା ଅତ୍ୟନ୍ତ ଖୁସିର ବିଷୟ। ଏହା ସହିତ ଅନେକ ପୂର୍ବତନ ଖେଳାଳି ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ସେ କହିଛନ୍ତି। ଏଭଳି ବୃହତ୍ ଟୁର୍ନାମେଣ୍ଟ ଦେଶରେ ଦୃଷ୍ଟିବାଧିତ କ୍ରିକେଟକୁ ଆଗକୁ ବଢିବାରେ ସହାୟକ ହେବ ବୋଲି କହିଛନ୍ତି କାଭିର ସାଧାରଣ ସମ୍ପାଦକ ତଥା ଚୟନ କମିଟି ମୁଖ୍ୟ ଜନ୍ ଡେଭିଡ୍।

**ଭାରତୀୟ ଦଳ:** ବସପ୍ପା ୱାଡାଗୋଲ, ମହମ୍ମଦ ଜାଫର ଇକବାଲ, ମହାରାଜା ଶିବାସୁବ୍ରମନିଆନ, ଓମ୍‌ପ୍ରକାଶ ପାଲ, ନରେଶ ଭାଇ ବାଲୁଭାଇ ତୁମ୍ଡା, ନୀଲେଶ ଯାଦବ(ବି-୧), ଅଜୟ କୁମାର ରେଡ୍ଡୀ ଇଲ୍ଲୁରୀ, ଭେଙ୍କଟେଶ୍ୱର ରାଓ ଡୁନ୍ନା, ପଙ୍କଜ ଭୁଏ, ରାମବୀର ସିଂ, ନକୁଳ ବଡନାୟକ, ଇର୍ଫାନ ଦିୱାନ(ବି-୨), ପ୍ରକାଶ ଜୟରାମ୍ମାୟା, ସୁନୀଲ ରମେଶ, ଦୀପକ ମଲିକ, ଦୁର୍ଗା ରାଓ ଟୋମ୍ପାକି, ରବି ଅମିଟି (ବି-୩)।

# ବର୍ଲିନରେ ଓଡ଼ିଆ ଝିଅଙ୍କ ଚମକ

**ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସ**

**୨ କିମି ଟାଇମ୍ ଟ୍ରାଏଲ୍‌ରେ ଜିତିଲେ ରୌପ୍ୟ ପଦକ**

**ଭୁବନେଶ୍ୱର, ୨୨।୬ (ତପନ ସ୍ୱାଇଁ)**

ଜର୍ମାନୀର ବର୍ଲିନଠାରେ ଚାଲିଥିବା ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସରେ ଚମକ ଦେଖାଇଛନ୍ତି ଓଡ଼ିଶାର ପ୍ରତିଭାସମ୍ପନ୍ନ ସାଇକ୍ଲିଷ୍ଟ କଳ୍ପନା ଜେନା। ସେ ସାଇକ୍ଲିଂର ୨ କିଲୋମିଟର ଟାଇମ୍ ଟ୍ରାଏଲ୍ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। କଳ୍ପନା ୫:୪୨.୪୨ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟତମ ଭାରତୀୟ ସାଇକ୍ଲିଷ୍ଟ ଶିବାନୀ ୫:୨୨.୪୧ ସେକେଣ୍ଡ ସହ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। କୋଷ୍ଟାରିକାର ଆନା ଜୁମ୍ବାଡୋ ୫:୪୬.୬୩ ସେକେଣ୍ଡ ସହିତ ବ୍ରୋଞ୍ଜ ପଦକ ପାଇଛନ୍ତି।

ଆଠଗଡ଼ ବ୍ଲକ ରେଗେଡ଼ାପଡ଼ା ଗ୍ରାମର ଏକ ଆର୍ଥିକ ଦୁର୍ବଳ ଶ୍ରେଣୀ ପରିବାରରୁ କଳ୍ପନା ଆସିଛନ୍ତି। ତାଙ୍କ ମା' ଗୀତାଞ୍ଜଳି ଜେନା ଓ ବାପା ଗଦାଧର ଜେନା କୃଷି ଶ୍ରମିକଭାବେ କାର୍ଯ୍ୟ କରନ୍ତି। ୨୦୧୯ ପ୍ରାରମ୍ଭରୁ କଳ୍ପନା ବ୍ୟାଡ୍‌ମିଣ୍ଟନ, ଆଥ୍‌ଲେଟିକ୍ସ ଓ ଫୁଟ୍‌ବଲରେ ଟ୍ରେନିଂ ନେଉଛନ୍ତି। ତାଙ୍କ ସାଇକ୍ଲିଂ ପ୍ରତିଭାକୁ ଚିହ୍ନିଥିଲେ ଏକାଧିକ ଥର ଜାତୀୟ ସାଇକ୍ଲିଂ ଚାମ୍ପିୟନ ଝାଡ଼ଖଣ୍ଡର ସତବୀର ସିଂ ସହୋତା। କଳ୍ପନା ୱାର୍ଲ୍ଡ ଗେମ୍ସ ପାଇଁ ଚୟନ ହେବା ପୂର୍ବରୁ ବିବେକାନନ୍ଦ ମହାନ୍ତିଙ୍କଠାରୁ କୋଚିଂ ନେଉଥିଲେ। କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅଭ୍ୟାସ ପାଇଁ ତାଙ୍କୁ ଏକ ରେସିଂ ସାଇକେଲ ଉପହାର ସ୍ୱରୂପ ଦେଇଥିଲେ। ଏହା ବେଶ୍ ଫଳପ୍ରଦ ହୋଇଥିଲା। ୱାର୍ଲ୍ଡ ଗେମ୍ସକୁ ଯିବା ପୂର୍ବରୁ ସେ ୯ ଥର ଜାତୀୟ ସାଇକ୍ଲିଂ ଚାମ୍ପିୟନ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ମୀନତି ମହାପାତ୍ରଙ୍କୁ ଭେଟି ଆଶୀର୍ବାଦ ନେଇଥିଲେ। ୱାର୍ଲ୍ଡ ଗେମ୍ସରେ ରୌପ୍ୟ ପଦକ ଜିତିଥିବାରୁ ତାଙ୍କ ପ୍ରତି ଅଭିନନ୍ଦନର ସୁଅ ଛୁଟିଛି। ଏସ୍‌ଓବି-ଓଡ଼ିଶା ସଭାପତି କସ୍ତୁରୀ ମହାପାତ୍ର, ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଅର୍ପିତା ମହାପାତ୍ର, ବିଆର୍‌ଏମ୍-ଆଶାର ଉପସଭାପତି ପ୍ରଦୀପ୍ତ ରଥ, ଅନ୍ତର୍ଜାତୀୟ ଦୃଷ୍ଟିବାଧିତ କ୍ରିକେଟର ମହମ୍ମଦ ଜାଫର ଇକବାଲ, କିଟ୍ ଓ କିସ୍‌ର କ୍ରୀଡ଼ା ମହାସଚିବ ଗଗନେନ୍ଦୁ ଦାଶ, ଏସ୍‌ଓବି-ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ ପ୍ରମୁଖ କଳ୍ପନାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ପଦକ ପ୍ରଦର୍ଶନ କରୁଛନ୍ତି ସାଇକ୍ଲିଷ୍ଟ କଳ୍ପନା ଜେନା।

## ବାଂଲାଦେଶକୁ ହରାଇ ଲେବାନନର ଅଭିଯାନ

**ବେଙ୍ଗାଲୁରୁ, ୨୨।୬ (ପି.ଟି.):** ସ୍ଥାନୀୟ ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ପୂର୍ବତନ ଚାମ୍ପିୟନ ବାଂଲାଦେଶ ବିପକ୍ଷରେ ୨-୦ ଗୋଲ୍‌ରେ ବିଜୟ ହାସଲ ସହ ଲେବାନନ ଚଳିତ ସାଫ୍ ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଏହାର ଅଭିଯାନ ଆରମ୍ଭ କରିଛି। ଲେବାନନକୁ ଟୁର୍ନାମେଣ୍ଟର ଅନ୍ୟତମ ଟାଇଟଲ ଦାବିଦାର ମନେକରାଯାଉଛି। ଦଳ ପକ୍ଷରୁ ପ୍ରଥମ ଗୋଲ ଖେଳର ୭୪ତମ ମିନିଟରେ ହସନ ମାଟୋକ୍ ସ୍କୋର କରିଥିଲେ। ଦ୍ୱିତୀୟ ଗୋଲ୍‌ଟିକୁ ଖଲିଲ ବାଦର ଇଞ୍ଜୁରି ଟାଇମ୍‌ରେ ସ୍କୋର କରିଥିଲେ। ଫିଫା ର୍‍ୟାଙ୍କିଙ୍ଗରେ ଲେବାନନ ୯୯ତମ ସ୍ଥାନରେ ରହିଥିବା ବେଳେ ବାଂଲାଦେଶ ବହୁ ତଳେ ୧୯୨ତମ ସ୍ଥାନରେ ରହିଛି। ର୍‍ୟାଙ୍କିଙ୍ଗ ତାଲିକାରେ ବଡ଼ ବ୍ୟବଧାନ ରହିଥିଲେ ମଧ୍ୟ ମ୍ୟାଚ ରୋମାଞ୍ଚକ ରହିଥିଲା। ପ୍ରଥମାର୍ଦ୍ଧ ଖେଳରେ ଉଭୟ ଦଳ ରକ୍ଷଣାତ୍ମକ ନୀତି ଅବଲମ୍ବନ କରିଥିଲେ। ତେବେ ଲେବାନନ ଅପେକ୍ଷାକୃତ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦଳ ଦୁଇଟି ଗୋଲ୍ ଦେବାର ସୁଯୋଗ ପାଇଥିଲେ ମଧ୍ୟ ଫିନିଶିଂର ଅଭାବ ରହିଥିଲା। ପ୍ରଥମାର୍ଦ୍ଧ ଖେଳ ଗୋଲ୍ ଶୂନ୍ୟ ରହିଥିଲା।

# ୫୪ ଜଣିଆ ଭାରତୀୟ ଦଳ ଘୋଷଣା

**ଏସିଆନ୍ ଆଥ୍‌ଲେଟିକ୍ ଚାମ୍ପିୟନଶିପ୍**

**ନୂଆଦିଲ୍ଲୀ, ୨୨।୬ (ପି.ଟି.):** ଗୁରୁବାର ଭାରତୀୟ ଆଥ୍‌ଲେଟିକ୍ ମହାସଂଘ ପକ୍ଷରୁ ଏସିଆନ୍ ଆଥ୍‌ଲେଟିକ୍ ଚାମ୍ପିୟନଶିପ୍ ପାଇଁ ୫୪ ଜଣିଆ ଦଳ ଘୋଷଣା କରାଯାଇଛି। ଜୁଲାଇ ୧୨-୧୬ ତାରିଖ ମଧ୍ୟରେ ବ୍ୟାଙ୍କକରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଚଳିତ ସିଜନର ବିଭିନ୍ନ ଟୁର୍ନାମେଣ୍ଟର ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଦଳ ଚୟନ କରିଥିଲା ଭାରତୀୟ ଆଥଲେଟିକ ମହାସଂଘ(ଏଏଫ୍‌ଆଇ)ର ଚୟନ କମିଟି। ମୁରଲୀ ଶ୍ରୀଶଙ୍କର, ତାଜିନ୍ଦର ପାଲ ସିଂ ତୁର୍ ଓ ଡେକାଥେଲନ୍ ଚାମ୍ପିୟନ ତେଜସ୍ୱିନ ଶଙ୍କରଙ୍କ ପରି ଖେଳାଳିଙ୍କୁ ଏହି ଦଳରେ ସ୍ଥାନ ମିଳିଛି। ଏହି ଦଳରେ ୨୬ ଜଣ ମହିଳା ଖେଳାଳିଙ୍କୁ ସ୍ଥାନ ମିଳିଛି। ଅନ୍ୟପକ୍ଷରେ ଅଲିମ୍ପିକ୍ସ ଚାମ୍ପିୟନ ନୀରଜ ଚୋପ୍ରା ଓ ଷ୍ଟିପଲ ଚେଜର ଅବିନାଶ ସାବ୍‌ଲେଙ୍କୁ ଏହି ଦଳରେ ସାମିଲ କରାଯାଇ ନାହିଁ। ଉଭୟ ଅଗଷ୍ଟ ମାସରେ ବୁଦାପେଷ୍ଟରେ ହେବାକୁ ଥିବା ବିଶ୍ୱ ଚାମ୍ପିୟନଶିପ୍ ପାଇଁ ପ୍ରସ୍ତୁତି ଜାରି ରଖିଛନ୍ତି।

# ୱିଣ୍ଟର ଅଲିମ୍ପିକ୍ସ ଲକ୍ଷ୍ୟରେ ରଞ୍ଜିତା

**ଭୁବନେଶ୍ୱର, ୨୨।୬ (ସରୋଜ ଜେନା)**

ଓଡ଼ିଶାର ଏକମାତ୍ର ସ୍କି ଓ ସ୍ନୋ ବୋର୍ଡ ଖେଳାଳି ରଞ୍ଜିତା ବେହେରାଙ୍କୁ ଭେଟିଛନ୍ତି ଭାରତୀୟ ସ୍କି ଓ ସ୍ନୋ ବୋର୍ଡ ସଭାପତି ରୂପଚାନ୍ଦ ନେଗୀ। ମହାପ୍ରଭୁଙ୍କ ରଥଯାତ୍ରା ଦର୍ଶନ କରି ଫେରିବା ପରେ ସେ ଭୁବନେଶ୍ୱରରେ ରଞ୍ଜିତା ଏବଂ ରାଜ୍ୟ ସ୍କି ଓ ସ୍ନୋ ବୋର୍ଡ ସଂଘର କର୍ମକର୍ତ୍ତାଙ୍କୁ ଭେଟିଥିଲେ। ରଞ୍ଜିତାଙ୍କ ସହିତ ଆଗାମୀ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟଗୁଡିକ ସମ୍ପର୍କରେ ଆଲୋଚନା କରିବା ସହିତ ସଫଳତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ନରୱେ, ଅଷ୍ଟ୍ରିଆ ଓ ଇଟାଲୀର ନାମୀ ସ୍କୁଲରେ ପ୍ରଶିକ୍ଷଣ ପାଇଁ ସମସ୍ତ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଆଲୋଚନା ପରେ ରୂପଚାନ୍ଦ ନେଗୀ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ। ରଞ୍ଜିତା ଓଡ଼ିଶାର ଗର୍ବ ଓ ଗୌରବ। ଓଡ଼ିଶା ପରି ଏକ ବରଫବିହୀନ ରାଜ୍ୟରୁ ଆସି ମଧ୍ୟ ସେ ଯେଉଁଭଳି ପ୍ରଦର୍ଶନ କରିଛନ୍ତି ତାହା ପ୍ରଶଂସାଯୋଗ୍ୟ। ମିଲାନୋ କର୍ଟିନାରେ ହେବାକୁ ଥିବା ଶୀତକାଳୀନ ଅଲିମ୍ପିକ୍ସ ପାଇଁ ସେ ଯୋଗ୍ୟତା ଅର୍ଜନ କରିବା ନେଇ ଆମେ ଆଶାବାଦୀ ବୋଲି ନେଗୀ କହିଥିଲେ। ଆଗକୁ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ରଞ୍ଜିତା ଭଲ ପ୍ରଦର୍ଶନ କରିବାର ଆଶା କରାଯାଉଛି। ସ୍କି ଓ ସ୍ନୋ ବୋର୍ଡ ଏକ ବ୍ୟୟସାପେକ୍ଷ ଖେଳ ହୋଇଥିବାରୁ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଉପଯୁକ୍ତ ସହାୟତା ମିଳିବା ନେଇ ସେ ଆଶା କରୁଛନ୍ତି ବୋଲି କହିଥିଲେ। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରୀଡାର ପ୍ରଚାର ପ୍ରସାର ପାଇଁ ବିଶ୍ୱ ପ୍ରସିଦ୍ଧ । ତେଣୁ ରଞ୍ଜିତାଙ୍କୁ ମଧ୍ୟ ଉପଯୁକ୍ତ ସହାୟତା ମିଳିବା ନେଇ ଆଶାବାଦୀ ଥିବା କହିଥିଲେ ନେଗୀ। ଶେଷରେ ଓଡ଼ିଶା ସ୍କି ଓ ସ୍ନୋ ବୋର୍ଡ ସଂଘର ସଭାପତି ଡ. ଅନୁପ ନାୟକ ନେଗୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।



ରୂପଚାନ୍ଦ ନେଗୀ (ବାମ) ଓ ଡ. ଅନୁପ ନାୟକଙ୍କ ସହ ରଞ୍ଜିତା ବେହେରା (ମଝି)।

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

**୰ଡାକ୍ତର ଜଗନ୍ନାଥ ମହାପାତ୍ର**

ପୂର୍ବତନ ପୌରାଧ୍ୟକ୍ଷ, ଭୁବନେଶ୍ୱର
ଇଣ୍ଡିଆନ୍ ମେଡ଼ିକାଲ୍ ଆସୋସିଏସନ୍ ଭୁବନେଶ୍ୱର ଶାଖାର ପ୍ରତିଷ୍ଠାତା ସଭାପତି
ସହିଦନଗର ଦୁର୍ଗାପୂଜା କମିଟିର ପ୍ରତିଷ୍ଠାତା ସଭାପତି

ଆବିର୍ଭାବ
୧୪.୦୧.୧୯୩୯

ତିରୋଧାନ
୧୪.୦୬.୨୦୨୩



ଗଭୀର ଦୁଃଖ ସହିତ ଜଣାଉଅଛୁ ଯେ, ଆମ୍ଭମାନଙ୍କର ପୂଜନୀୟ ଦିଗ୍‌ଦର୍ଶକ, ସହିଦନଗରସ୍ଥ ଅବିନାଶ କ୍ଲିନିକ୍ ଓ ଜଗନ୍ନାଥ ହସ୍ପିଟାଲ୍‌ର ପ୍ରତିଷ୍ଠାତା ଡ଼କ୍ଟର ଜଗନ୍ନାଥ ମହାପାତ୍ର ତା ୧୪.୦୬.୨୦୨୩ରିଖରେ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଇହଧାମ ତ୍ୟାଗ କରିଛନ୍ତି।

-: ଶୋକସନ୍ତପ୍ତ :-

ଡ଼ାକ୍ତର ସଂଘମିତ୍ରା ମିଶ୍ର (ପତ୍ନୀ), ଡ଼ାକ୍ତର ଅବିନାଶ ମହାପାତ୍ର (ପୁତ୍ର), ଅପରାଜିତା ମହାପାତ୍ର (କନ୍ୟା), ଡ଼ାକ୍ତର ରଚନା ରଥ (ବୋହୂ), ବିଭୂଦତ୍ତ ଦାଶ (ଜ୍ୱାଇଁ), କୌସ୍ତୁଭ ଦାଶ (ନାତି), କୈବଲ୍ୟ ମହାପାତ୍ର (ନାତି) ଏବଂ ମହାପାତ୍ର ପରିବାରର ଅନ୍ୟ ସମସ୍ତ ସଦସ୍ୟବୃନ୍ଦ

ଜଗନ୍ନାଥ ହସ୍ପିଟାଲ୍ (ଜଗନ୍ନାଥ ହେଲ୍‌ଥ କେୟାର ପ୍ରା.ଲିଃ)
ଅଧ୍ୟକ୍ଷ : ଡ଼ାକ୍ତର ଅବିନାଶ ମହାପାତ୍ର
ପରିଚାଳନା ନିର୍ଦ୍ଦେଶକ : ଡ଼ାକ୍ତର ଅରଜିତ୍ ମହାପାତ୍ର
ନିର୍ଦ୍ଦେଶକ : ଡ଼ାକ୍ତର ବିଶ୍ୱଜିତ୍ ମିଶ୍ର, ଡ଼ାକ୍ତର ସଂଘମିତ୍ରା ମିଶ୍ର (ପତ୍ନୀ)
ଡ଼ାକ୍ତର ସଂଘମିତ୍ରା ଶତପଥୀ ତଥା ଜଗନ୍ନାଥ ହସ୍ପିଟାଲ୍, ଅବିନାଶ କ୍ଲିନିକ୍‌ର ସମସ୍ତ ଡାକ୍ତର ଏବଂ କର୍ମଚାରୀବୃନ୍ଦ

AN EXCLUSIVE PERINATAL CENTRE

# ପୁମାସ୍‌କୁ ହରାଇଲା ଜାଗୁଆର୍ସ

**ଭୁବନେଶ୍ୱର, ୨୨।୬ (ବିଜୟ ରଣା)**

ଟି୨୦ ଫର୍ମାଟରେ ଖେଳାଯାଉଥିବା ଓଡ଼ିଶା କ୍ରିକେଟ ଲିଗ୍‌ରେ ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚରେ ଓଡ଼ିଶା ଜାଗୁଆର୍ସ ଡିଏଲ୍‌ଏସ୍ ପଦ୍ଧତିରେ ୩୭ ରନରେ ଓଡ଼ିଶା ପୁମାସ୍‌କୁ ପରାସ୍ତ କରିଛି। କଟକସ୍ଥିତ ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଜାଗୁଆର୍ସ ଦଳ ଗୋବିନ୍ଦ ପୋଦ୍ଦାରଙ୍କ ଶତକ (୫୦ବଲ୍‌ରୁ ୧୦୧ରନ) ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୫୬ ରନ କରିଥିଲା। ପ୍ରତିଯୋଗିତାରେ

**ପୋଦ୍ଦାରଙ୍କ ଶତକ**



ପୋଦ୍ଦାରଙ୍କ ଏହା ହେଉଛି ଦ୍ୱିତୀୟ ଶତକ। ଶୁଭଙ୍କର ବିଶ୍ୱାସ ୨୧ ବଲ୍‌ରୁ ୨୨ରନ କରିଥିଲେ। ବିପକ୍ଷ ଦଳ ତରଫରୁ ଶ୍ରେଷ୍ଠ ବୋଲିଂ କରିଥିବା ରାହୁଲ ଚୌଧାରୀ ତାଙ୍କ ୪ ଓଭର ବୋଲିଂରେ ୧ ମେଡେନ ସହ ୧୪ ରନ ବିନିମୟରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବର୍ଷାଯୋଗୁ ଖେଳ ସ୍ଥଗିତ ରଖାଯିବା ବେଳକୁ ଓଡ଼ିଶା ପୁମାସ ୧୦.୧ ଓଭରରେ ୫ ଉଇକେଟ ବିନିମୟରେ ୪୯ ରନ କରିଥିଲା। ଦଳ ପକ୍ଷରୁ ସ୍ୱସ୍ତିକ ସାମଲ ସର୍ବାଧିକ ୨୯ ରନ (୩୩ ବଲ୍ ) କରିଥିବା ବେଳେ ବିପକ୍ଷ ଦଳର ପପୁ ରାୟ ୮ରନ ବିନିମୟରେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚରେ ବିଜୟୀ ଦଳର ଗୋବିନ୍ଦ ପୋଦ୍ଦାର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବର୍ଷା ଯୋଗୁ ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଓଡ଼ିଶା ପାନ୍ଥର୍ସ ଓ ଓଡ଼ିଶା ଚିତାସ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚକୁ ବାତିଲ କରିଦିଆଯାଇଛି।

**Classified Everyday**
**0674-2580101, 2549949**



REAL ESTATE

SALE

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-74698

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା 300/-. 7978663279. D-74875

Resale 2/3BHK GF Flat, Garage, Mahatab Road, 1k.m. Lingaraj Temple, Old Town, Bhubaneswar. 64 Lakhs. 9337124748. D-73771





Spa Kerala body Massage only best Therapist @699/-, Bhubaneswar. 9337672475. D-0610

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

Newly open Salon/SPA with expert therapist (health benefits). 8114322659. D-75120

Newly open Relax, Refresh Paras Aurvedic SPA at Bhubaneswar. 9124433891. D-0633

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74697

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପ୍ରଭାତ ଚନ୍ଦ୍ର ପରିଜା**
ବ୍ଲୁ ଅରଚିଡ୍, କିଟ୍‌ଛକ, ପଟିଆ, ଭୁବନେଶ୍ୱର
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଲାଗୁଛି ଯାହା ଲେଖିଲେ ମଧ୍ୟ ତୁମ ପାଇଁ କମ୍ ହେବ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
**ଇତି:** ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୦୬୩୫

**୧୪ତମ ଶ୍ରାଦ୍ଧବାର୍ଷିକୀ**



**୰ବାନାମ୍ବର ସେଠୀ**
ସା: ଝାରଡ଼ା, ରାଧାକୃଷ୍ଣପୁର, କଣାସ, ପୁରୀ
ତିରୋଧାନ: ୨୬।୦୬।୨୦୦୯
ଆଜି ତୁମର ୧୪ତମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ ।
ଶୋକସନ୍ତପ୍ତ: ସ୍ତ୍ରୀ, ପୁଅ, ବୋହୂ, ନାତି ଓ ନାତୁଣୀ ।
ଧ-୦୬୩୬

**ନବମ ଶ୍ରାଦ୍ଧବାର୍ଷିକୀ**



**୰ଉଗ୍ରେସନ ବାରିକ**
ହାଟମଇତାପୁର, ମଇତାପୁର, ବାଲେଶ୍ୱର
ଧରାବତରଣ: ୦୧।୦୧।୧୯୫୨
ସ୍ୱର୍ଗାରୋହଣ: ୨୩।୦୬।୨୦୧୪
ଭଗବାନଙ୍କ କୃପାରୁ ଯେଉଁଠି ଅଛନ୍ତି ଶାନ୍ତିରେ ଥାଆନ୍ତୁ।
ଶୁଭେଚ୍ଛା ସହିତ: କମଳାକାନ୍ତ, ସୂର୍ଯ୍ୟକାନ୍ତ, ରମାକାନ୍ତ ଓ ପରିବାରବର୍ଗ ।
ଧ-୦୬୩୭

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତା ଭୁଲେଶ୍ୱରୀ ପଣ୍ଡା**
ସାଇକୃପା, ୯୭୩/୨୧୫୧, ପ୍ରକୃତି ବିହାର, ବରମୁଣ୍ଡା, ଭୁବନେଶ୍ୱର
ଆବିର୍ଭାବ- ୧୯୫୦ | ତିରୋଧାନ- ୨୧.୦୭/୨୦୧୫
(ଆଷାଢ ଶୁକ୍ଳ ପଞ୍ଚମୀ)
ମା, ତୁ ଚାଲି ଯିବାର ୮ ବର୍ଷ ବିତିଗଲା। ତୋର ଅନୁପସ୍ଥିତିରେ ସବୁ କିଛି ଖାଲି ଖାଲି ଲାଗୁଛି। ପ୍ରତ୍ୟେକ ଜନ୍ମରେ ତୋର ସନ୍ତାନ ଭାବରେ ଜନ୍ମ ନେବା ଲାଗି ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା। ତୋର ସ୍ନେହ, ତ୍ୟାଗ, ପରୋପକାରିତା, କର୍ତ୍ତବ୍ୟନିଷ୍ଠା, ଶୃଙ୍ଖଳାବୋଧ ଭଳି ଆଦର୍ଶରେ ଅନୁପ୍ରାଣିତ ହୋଇ ଜୀବନର ଚଲା ପଥରେ ଆଗେଇବା ଲାଗି ଆମେମାନେ ଚେଷ୍ଟିତ। ତୁ ଯୋଉଁଠି ବି ଥାଆ ଇଶ୍ୱରଙ୍କ କୃପାରୁ ଭଲରେ ଥାଆ, ତୋ ଭଳି ଜଣେ ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ ତୋର ହତଭାଗ୍ୟ ପରିବାରବର୍ଗ
ଧ-୭୪୫୫୧

**ଜାତୀୟ ଜୁନିୟର ପୁରୁଷ ହକି**

## ମଧ୍ୟପ୍ରଦେଶ ଚାମ୍ପିୟନ, ଓଡ଼ିଶା ଚତୁର୍ଥ

**ରାଉରକେଲା, ୨୨।୬ (ଦୀନେଶ ମିଶ୍ର)**

ରାଉରକେଲା ବିର୍ସା ମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଚାଲିଥିବା ୧୩ତମ ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍ ଗୁରୁବାର ଉଦ୍‌ଯାପିତ ହୋଇଛି। ମଧ୍ୟପ୍ରଦେଶ ୪-୨ ଗୋଲରେ ଚଣ୍ଡିଗଡ଼କୁ ପରାସ୍ତ କରି ଚାମ୍ପିୟନ ହୋଇଛି। ବିଜୟୀ ଦଳ ତରଫରୁ ଫରୱାର୍ଡ ଖେଳାଳି ଶ୍ରୀୟାସ ଧୁପେ (୧୭ ଓ ୪୬ତମ ମିନିଟ୍) ଦୁଇଟି ଗୋଲ ଦେଇଥିବା ବେଳେ ଅଲ୍ଲୀ ଅହମ୍ମଦ (୫୨ତମ) ଓ ମହମ୍ମଦ କନାଇନ ଡାଡ (୨୫ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଚଣ୍ଡିଗଡ଼ ପକ୍ଷରୁ ସୁମିତ (୯ମ ମିନିଟ୍) ଓ ସୁରେନ୍ଦ୍ର ସିଂ (୩୧ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟପକ୍ଷରେ ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ହୋଇଥିବା ପ୍ଲେ-ଅଫ୍ ମ୍ୟାଚରେ ହରିୟାଣା ୩-୧ ଗୋଲରେ ଓଡିଶାକୁ ପରାସ୍ତ କରିଥିଲା। ହରିୟାଣା ଦଳ ପକ୍ଷରୁ ଶୁଭମ (୪ର୍ଥ ମିନିଟ୍) ଅଧିନାୟକ ରୋହିତ (୨୮ତମ) ଓ ପ୍ରିକସିତ ପାଲ (୫୨ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଓଡିଶା ପକ୍ଷରୁ ଏକମାତ୍ର ଗୋଲ୍ ଆକାଶ ସୋରେଙ୍ଗ (୫୩ ମିନିଟ୍) ସ୍କୋର କରିଥିଲେ।

# କଳିଙ୍ଗ ଓପନ ଜିମ୍ନାଷ୍ଟିକ୍ସର ସ୍ମରଣୀୟ ସ୍ମୃତି

କଳିଙ୍ଗ ଓପନ ଜାତୀୟ ଆମନ୍ତ୍ରଣୀୟ ଜିମ୍ନାଷ୍ଟିକ ପ୍ରତିଯୋଗିତା ନିକଟରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତା ବିଭିନ୍ନ ଦୃଷ୍ଟିକୋଣରୁ ସ୍ମରଣୀୟ ସ୍ମୃତି ଛାଡ଼ିଛି। ଏଥର ପ୍ରତିଯୋଗିତାରେ ୨୦ ରାଜ୍ୟରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ରାଜ୍ୟ ବାହାରୁ ୩୦ ଜଣ ଜଜ୍ ଓ ରେଫରି ଦାୟିତ୍ୱ ସମ୍ପାଦନ କରିଥିଲେ। ବେଙ୍ଗଲ ଦଳ ଉଭୟ ବାଳକ ଓ ବାଳିକା ବିଭାଗରେ ଚାମ୍ପିୟନ ହୋଇଥିଲା। ମହାରାଷ୍ଟ୍ର ରନରଅପ୍ ଓ ଓଡ଼ିଶା ତୃତୀୟ ସ୍ଥାନ ଅଧିକାର କରିଥିଲା।

ପ୍ରସ୍ତୁତି: ତପନ ସ୍ୱାଇଁ

ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ଓ ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରରେ ନିକଟରେ ଅନୁଷ୍ଠିତ ହୋଇଯାଇଛି ଦ୍ୱିତୀୟ କଳିଙ୍ଗ ଓପନ ଜାତୀୟ ଆମନ୍ତ୍ରଣୀୟ ଜିମ୍ନାଷ୍ଟିକ ପ୍ରତିଯୋଗିତା। ଏକାଡେମୀ ଅଧ୍ୟକ୍ଷା ମୀରାରାଣୀ ଦାସ ଓ ସମ୍ପାଦକ ଯଶୋବନ୍ତ ଦାସଙ୍କ କଠିନ ପରିଶ୍ରମର ଫଳସ୍ୱରୂପ ୩ ଦିନଧରି ଅନୁଷ୍ଠିତ ଏହି ପ୍ରତିଯୋଗିତା ସ୍ମରଣୀୟ ସ୍ମୃତି ଛାଡ଼ିଛି। ଏଥର ପ୍ରତିଯୋଗିତାରେ ୨୦ ରାଜ୍ୟରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ଓଡ଼ିଶା ବାହାରୁ ୩୦ ଜଣ ଜଜ୍ ଓ ରେଫରି ଦାୟିତ୍ୱ ସମ୍ପାଦନ କରିଥିଲେ। ବାହାରୁ ଆସିଥିବା ଖେଳାଳି ଓ ଅଫିସିଆଲମାନେ ଏଠାକାର ସୁବିଧା ସୁଯୋଗକୁ ପ୍ରଶଂସା ନ କରି ରହିପାରି ନାହାନ୍ତି। ବେଙ୍ଗଲ ଦଳ ଉଭୟ ବାଳକ ଓ ବାଳିକା ବିଭାଗରେ ଚାମ୍ପିୟନ ହୋଇଥିବାବେଳେ ମହାରାଷ୍ଟ୍ର ରନରଅପ୍ ଓ ଓଡ଼ିଶା ତୃତୀୟ ସ୍ଥାନ ଅଧିକାର କରିଥିଲା। ୧୪ ମେଡାଲ ସହିତ ୮ ବର୍ଷରୁ କମ୍ ବାଳିକା/ବାଳକ ବର୍ଗରେ ଓଡ଼ିଶା ଚାମ୍ପିୟନ ହୋଇଥିଲା। ଓଡ଼ିଶାକୁ ଗର୍ବିତ କରିଥିବା କୃତୀ ପ୍ରତିଯୋଗୀଙ୍କ ମଧ୍ୟରେ ଥିଲେ ଯଶରାଜ ମହାନ୍ତି, ଦେବାଂଶ ପାଣିଗ୍ରାହୀ, ଆର୍ଯ୍ୟନ ସାହୁ, କୋମଳ ପ୍ରିୟଦର୍ଶିନୀ, ସରନ୍ୟା ମିଶ୍ର, ଏ. ମହାନ୍ତି, ପ୍ରତ୍ୟୁଷ ରଞ୍ଜନ ପ୍ରଧାନ, ସୁହାନା ଲେଙ୍କା, ନବ୍ୟଶ୍ରୀ ଖଣ୍ଡାଇ ଓ କେଶମ ଖାଁ। ପ୍ରତିଯୋଗିତା ମୁଖ୍ୟତଃ ବାଳିକା ବର୍ଗରେ ଫ୍ଲୋର ଏକ୍ସରସାଇଜ୍, ବାଲାସିଂ ବିମ୍, ଟେବୁଲ ଭଲ୍ଟ ଓ ଅନ୍‌ଇଭେନ୍ ବାର୍ ଏବଂ ବାଳକ ବର୍ଗରେ ଫ୍ଲୋର ଏକ୍ସରସାଇଜ୍, ଟେବୁଲ ଭଲ୍ଟ, ରୋମାନ ରିଙ୍ଗ୍, ପାରାଲାଲ ବାର୍, ହୋରାଇଜୋଣ୍ଟାଲ ବାର୍ ଓ ପୋମେଲ ହର୍ସ ଆଦି ଇଭେଣ୍ଟରେ ହୋଇଥିଲା। ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ଆଇନଗତ ପରାମର୍ଶଦାତା ସୁବ୍ରତ ମହାପାତ୍ର, କୋଷାଧ୍ୟକ୍ଷ ଦେବବ୍ରତ ପଟ୍ଟନାୟକ, ମୁଖ୍ୟ ପୃଷ୍ଠପୋଷକ ଅତିଶ କୁମାର ରାଉତ ପ୍ରମୁଖ ପ୍ରତିଯୋଗିତାର ସୁପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।


ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଚାମ୍ପିୟନ ବେଙ୍ଗଲ ଦଳ



ପୋଡିୟମ ଉପରେ ଓଡ଼ିଶାର କୃତୀ ପ୍ରତିଯୋଗୀ।

## ବିଗ୍‌ନରଙ୍କ ପାଇଁ ଆଦର୍ଶ


ଡ. ଅଂଶୁମାନ ବାନାର୍ଜୀ

ଗତ ଜାତୀୟ ଟୁର୍ନାମେଣ୍ଟ ଅବସରରେ ଯେଉଁ ଦୁଇଜଣ ଅନ୍ତର୍ଜାତୀୟ ଜଜ୍ ପ୍ରତିଯୋଗିତାର ସଫଳ ଆୟୋଜନ କ୍ଷେତ୍ରରେ ସକ୍ରିୟ ଯୋଗଦାନ ଦେଇଥିଲେ ତାଙ୍କ ମଧ୍ୟରେ ଅନ୍ୟତମ ଥିଲେ ଡ. ଅଂଶୁମାନ ବାନାର୍ଜୀ। ପଶ୍ଚିମବଙ୍ଗର ହୁଗ୍‌ଲି ଜିଲାସ୍ଥିତ ଭଦ୍ରେଶ୍ୱରର ଅଂଶୁମାନ କୋଲକାତା ସାଇରେ ୧୦ ବର୍ଷ ଧରି ଜିମ୍ନାଷ୍ଟିକ୍ସ କରିବା ସହ ଜଣେ ଖେଳାଳିଭାବେ ୨୦ରୁ ଅଧିକ ଜାତୀୟ ପଦକ ହାସଲ କରିଛନ୍ତି। ସ୍କୁଲ ସ୍ତରରୁ ଆରମ୍ଭ କରି ସବ୍‌ଜୁନିୟର, ଜୁନିୟର, ସିନିୟର ସ୍ତରରେ ଜାତୀୟ ପ୍ରତିଯୋଗିତା ଖେଳିବା ସହ ନ୍ୟାଶନାଲ ଗେମ୍ସ, ଫେଡେରେଶନ କପ୍ ଆଦି ଅନେକ ବଡ଼ ପ୍ରତିଯୋଗିତାରେ ଭାରତ ପକ୍ଷରୁ ଅଂଶଗ୍ରହଣ କରିଛନ୍ତି ଏବଂ ପଦକ ଜିତିଛନ୍ତି। ଜଣେ ଖେଳାଳିଭାବେ ସେ ୧୯୯୫ରୁ ୨୦୦୬ ପର୍ଯ୍ୟନ୍ତ ଜିମ୍ନାଷ୍ଟିକ୍ସରେ ସକ୍ରିୟ ଥିଲେ। ଭଦ୍ରେଶ୍ୱରରେ ସ୍କୁଲ ଓ କଲେଜ କ୍ୟାରିୟର ପରେ କଲ୍ୟାଣୀ ବିଶ୍ୱବିଦ୍ୟାଳୟରେ ଫିଜିକାଲ ଏଜୁକେଶନରେ ବିପିଏଡ୍, ଏମ୍‌ପିଏଡ୍, ପିଏଚ୍‌ଡି ଏବଂ ସାଇରେ ଏନ୍‌ଆଇଏସ୍ କୋର୍ସ କରିଛନ୍ତି ଏହି ଜିମ୍ନାଷ୍ଟ ଜଜ୍। ୨୦୦୬ରୁ ଜାତୀୟ ଜଜ୍‌ଭାବେ କାର୍ଯ୍ୟ ଆରମ୍ଭ କରିଥିବା ଅଂଶୁମାନ ପରେ ଅନ୍ତର୍ଜାତୀୟ ଜଜ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ଏବେ ଜଣେ ଲେଭଲ-୪ ଜଜ୍। ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ସମ୍ପର୍କରେ ମତଦେଇ ସେ କହିଛନ୍ତି ଯେ, "ଜିମ୍ନାଷ୍ଟିକ୍ସ ଆରମ୍ଭ କରିବା ପାଇଁ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ଏକ ଆଦର୍ଶ ଅନୁଷ୍ଠାନ। ଆଗକୁ ଏହି ଏକାଡେମୀରୁ ବହୁ ଜିମ୍ନାଷ୍ଟ ବାହାରି ଦେଶର ନାଁ ଉଜ୍ଜ୍ୱଳ କରିପାରିବେ ବୋଲି ମୁଁ ଜୋର୍ ଦେଇ କହିପାରିବି। ବିଗ୍‌ନର୍ସଙ୍କ ପାଇଁ ଏପରି ଟୁର୍ନାମେଣ୍ଟ ପୂରା ଭାରତରେ ନାହିଁ। ଜେଏମ୍ ସ୍ପୋର୍ଟ୍ସ ଯେଉଁ କାମ କରୁଛି ଏହାକୁ ପୂରା ଦେଶରେ ଅଗ୍ରଗାମୀ ବୋଲି କୁହାଯାଇପାରିବ। କେବଳ ପଞ୍ଜୀକୃତ ଟୁର୍ନାମେଣ୍ଟ ହେଲେ ଜିମ୍ନାଷ୍ଟିକ୍ସର ଉନ୍ନତି ହୋଇପାରିବ ନାହିଁ। ଜେଏମ ସ୍ପୋର୍ଟ୍ସ ଯେପରି ଉଦ୍ୟମ କରୁଛି ସେପରି ଭାରତରେ ଆହୁରି ଅନେକ ଟୁର୍ନାମେଣ୍ଟ ହେବା ଆବଶ୍ୟକ। ପ୍ରତିବର୍ଷ ଏପରି ପ୍ରତିଯୋଗିତା ହେବା ଉଚିତ। ଭବିଷ୍ୟତରେ ଜଣେ ଭଲ ଜିମ୍ନାଷ୍ଟ ହେବାପାଇଁ ହେଲେ ଏଠାରେ ପ୍ରଶିକ୍ଷଣ ନେବା ଅତ୍ୟନ୍ତ ଜରୁରୀ ବୋଲି ଅଂଶୁମାନ ପ୍ରକାଶ କରିଛନ୍ତି।

## 'ଜିମ୍ନାଷ୍ଟିକ୍ସ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇଥାଏ'

କଳିଙ୍ଗ ଓପନ ଆମନ୍ତ୍ରଣୀୟ ଜାତୀୟ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତାରେ ସବୁଠାରୁ ସିନିୟର ଅନ୍ତର୍ଜାତୀୟ ଜଜ୍ ଥିଲେ ମୁମ୍ବାଇର ସଞ୍ଜୀବନୀ ସୁନୀଲ ପୂର୍ଣ୍ଣ ପତ୍ରୀ। ସେ ଦୀର୍ଘ ୪୫ ବର୍ଷ ଧରି ଜିମ୍ନାଷ୍ଟିକ୍ସ ସହିତ ଜଡ଼ିତ ଅଛନ୍ତି। ତାଙ୍କୁ ଯେତେବେଳେ ୮ ବର୍ଷ ହୋଇଥିଲା ସେତେବେଳେ ଜିମ୍ନାଷ୍ଟିକ୍ସ ଆରମ୍ଭ କରିଥିଲେ। ଜଣେ ଖେଳାଳିଭାବେ ତାଙ୍କର ଜିମ୍ନାଷ୍ଟିକ୍ସ କ୍ୟାରିୟର ୮ ବର୍ଷରେ ସୀମିତ ରହିଥିଲେ ମଧ୍ୟ ଏହା ମଧ୍ୟରେ ସେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସ୍ତରରେ ଏବଂ ରାଜ୍ୟସ୍ତରରେ ମହାରାଷ୍ଟ୍ରର ପ୍ରତିନିଧିତ୍ୱ କରି ପ୍ରଦର୍ଶନର ଛାପ ଛାଡ଼ିଥିଲେ। ଆହତ ସମସ୍ୟା ଯୋଗୁ ଜଣେ ଖେଳାଳିଭାବେ ସେ ଅଧିକ ଦିନ ତିଷ୍ଠିପାରି ନ ଥିଲେ। ମାତ୍ର ଜଣେ କୋଚ୍ ଏବଂ ଜଜ୍‌ଭାବେ ସେ ଏବେ ମଧ୍ୟ ଜିମ୍ନାଷ୍ଟିକ୍ସ ସହ ଜଡ଼ିତ ହୋଇ ରହିଛନ୍ତି। ଗ୍ରାଜୁଏଶନ ପରେ ସେ ଫିଜିକାଲ ଏଜୁକେଶନରେ ବିପିଏଡ୍, ଏମ୍‌ପିଏଡ୍ ଏବଂ ପରେ ପଟିଆଲାସ୍ଥିତ ଏନ୍‌ଆଇଏସ୍‌ରେ ଏକ ବର୍ଷ ଡିପ୍ଲୋମା କୋର୍ସ କରିଥିଲେ। କୋର୍ସ ପରେ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ତାଙ୍କୁ ଜିମ୍ନାଷ୍ଟିକ୍ସ କୋଚ୍‌ଭାବେ ନିଯୁକ୍ତି ମିଳିଥିଲା। ୨୮ ବର୍ଷ ଧରି କୋଚ୍ ଦାୟିତ୍ୱ ତୁଲାଇବା ପରେ ପ୍ରଶାସକଭାବେ ତାଙ୍କୁ ପ୍ରମୋଶନ ଦିଆଯାଇଥିଲା। ମାତ୍ର ତାହା ତାଙ୍କୁ ପସନ୍ଦ ନ ଥିଲା। ସେ ଭିଆର୍‌ଏସ୍ ନେଇ ଫ୍ରିଲାନ୍ସ କୋଚିଂ ଦେବା ଆରମ୍ଭ କଲେ ଏବଂ ଏବେ ମଧ୍ୟ ତାହା କରୁଛନ୍ତି। ୧୯୯୩ରେ ସେ ଅନ୍ତର୍ଜାତୀୟ ଜଜ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ଲାଇସେନ୍ସପ୍ରାପ୍ତ ଜଜ୍‌ଭାବେ ବିଭିନ୍ନ ଜାତୀୟ ପ୍ରତିଯୋଗିତା ପରିଚାଳନାରେ ଗୁରୁଦାୟିତ୍ୱ ତୁଲାଇ ଆସୁଛନ୍ତି। ଏବେ ଦେଶରେ ପ୍ରାୟତଃ ୮୦ ଭାଗ ପ୍ରତିଯୋଗିତାରେ ସେ ଜଜ୍ ଦାୟିତ୍ୱ ତୁଲାଇ ଆସୁଛନ୍ତି ବୋଲି ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି। ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ପରିସର ଏବଂ ପରିବେଶ ତାଙ୍କୁ ବେଶ୍ ଉତ୍ସାହିତ କରିଛି। "ଏଠାରେ ଜିମ୍ନାଷ୍ଟିକ୍ସର ଏତେ ସୁନ୍ଦର ଭିତ୍ତିଭୂମି ରହିଛି ବୋଲି ଜାଣି ନ ଥିଲି। ଜେଏମ୍ ସ୍ପୋର୍ଟ୍ସର ଅଧ୍ୟକ୍ଷ ମୀରା ରାଣୀ ଦାସ ପ୍ରତିଯୋଗିତାର ସୁପରିଚାଳନା ପାଇଁ କଠିନ ପରିଶ୍ରମ କରିଛନ୍ତି। ଏହା ଏକ ବିରଳ ଟୁର୍ନାମେଣ୍ଟ। ଜିମ୍ନାଷ୍ଟିକ୍ସର ପ୍ରଚାର ଓ ପ୍ରସାର ପାଇଁ ଏହାଠାରୁ ଆଉ ଭଲ କିଛି ହୋଇପାରିଥାନ୍ତା ବୋଲି ଭାବି ପାରୁନି। ଜିମ୍ନାଷ୍ଟିକ୍ସ ଟେକ୍ନିକାଲି ବହୁତ ଜଟିଳ ଇଭେଣ୍ଟ। ଏଠାରେ ଆୟୋଜିତ ଟୁର୍ନାମେଣ୍ଟରେ ସବୁ ବୟସ ବର୍ଗର ପିଲାଙ୍କ ପାଇଁ ପ୍ରଦର୍ଶନର ସୁଯୋଗ ରହିଛି। ସେମାନଙ୍କୁ ପଏଣ୍ଟ ମଧ୍ୟ ମିଳିଛି। ଏହା ସେମାନଙ୍କୁ ଭବିଷ୍ୟତରେ ବହୁତ ସହାୟକ ହେବ। ଏପରି ଏକ ଟୁର୍ନାମେଣ୍ଟ ବ୍ୟକ୍ତିଗତ ଉଦ୍ୟମରେ ଆୟୋଜନ କରିବା ସହଜ କଥା ନୁହେଁ। ସବୁ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଏବଂ କୃତୀ ଜିମ୍ନାଷ୍ଟଙ୍କୁ ଆର୍ଥିକ ପୁରସ୍କାର ମିଳିବା ନିଶ୍ଚିତ ପ୍ରଶଂସନୀୟ। ଆମେ ଦୂରରୁ ଆସି ଟୁର୍ନାମେଣ୍ଟ ପରିଚାଳନା କରୁଛୁ। ସ୍ଥାନୀୟ କର୍ମକର୍ତ୍ତା ଓ ଅଫିସିଆଲମାନେ ସହଯୋଗ କଲେ ଏହା ଆହୁରି ସୁନ୍ଦର ହୋଇପାରିବ। ସମସ୍ତଙ୍କ ରହିବା, ଖାଦ୍ୟପେୟର ବ୍ୟବସ୍ଥା ଏବଂ ବିଶେଷ କରି ସ୍କୋରିଂ ସିଷ୍ଟମ ପ୍ରତିଯୋଗିତାକୁ ଅଧିକ ସରସ ସୁନ୍ଦର କରିଛି। ୨୦୧୬ରେ ଦୀପା କର୍ମକାରଙ୍କ ଉତ୍ଥାନ ପରେ ଭାରତରେ ଜିମ୍ନାଷ୍ଟିକ୍ସର ଏକ ବୈପ୍ଳବିକ ପରିବର୍ତ୍ତନ ଆସିଲା। ବହୁତ ଘରୋଇ ଜିମ୍ନାଷ୍ଟିକ୍ସ ସେଣ୍ଟର ଖୋଲିବା ଆରମ୍ଭ ହେଲା ଏବଂ ଅନେକ ବ୍ୟକ୍ତି ଏଥିସହ ଜଡ଼ିତ ହେଲେ। ଏବେ ମଧ୍ୟ ବହୁତ ପିଲା ଜିମ୍ନାଷ୍ଟିକ୍ସ କରୁଛନ୍ତି। ମାତ୍ର ଜୁନିୟର ସ୍ତରରୁ ଆସିବା ପରେ ପଲିସିର ଅଭାବ ଯୋଗୁ ସେମାନେ ବିଶେଷ ଆଗକୁ ଯାଇ ପାରୁନାହାନ୍ତି। ଜେଏମ ଏକାଡେମୀ ଏକ ଫିଡିଂ ସେଣ୍ଟର। ଏଠାରୁ ଭଲ ପ୍ରଦର୍ଶନ କରୁଥିବା ପିଲାଙ୍କୁ ହାଇପରଫର୍ମାନ୍ସ ସେଣ୍ଟର ନିଆଯାଇ ଟ୍ରେନିଂ ଦିଆଗଲେ ନିଶ୍ଚିତ ପିଲାଙ୍କ ପ୍ରଦର୍ଶନରେ ଉନ୍ନତି ଆସିବ। ଜଣେ ଖେଳାଳିଭାବେ ଜିମ୍ନାଷ୍ଟିକ୍ସକୁ କ୍ୟାରିୟର କରିବା ବହୁତ ସୁନ୍ଦର କଥା। ଏହା କେବଳ ଖେଳ ଶିଖାଇ ନ ଥାଏ ବ୍ୟକ୍ତିତ୍ୱ ବିକାଶରେ ମଧ୍ୟ ସହାୟକ ହୋଇଥାଏ। କାରଣ ଏହା ଏକ ଇଣ୍ଡିଭିଜୁଆଲ ଖେଳ ହୋଇଥିବାରୁ ଏକାଗ୍ରତା ଆବଶ୍ୟକ ହୋଇଥାଏ। ଏଥିରେ ପ୍ରତିଯୋଗିତା ବିପକ୍ଷ ସହ ନୁହେଁ ବରଂ ପରିପୂର୍ଣ୍ଣତା ସହ ହୋଇଥାଏ। ଯିଏ ଯେପରି ପ୍ରଦର୍ଶନ କରିଥାଏ ସେ ସେପରି ପଏଣ୍ଟ ପାଇଥାଏ। ଏଥିରେ କାହାକୁ ହରାଇବାର ନଥାଏ। ନିଜକୁ ପ୍ରମାଣିତ କରିବା ଆବଶ୍ୟକ ରହିଥାଏ" ବୋଲି ସଞ୍ଜୀବନୀ ପ୍ରକାଶ କରିଛନ୍ତି।


ସଞ୍ଜୀବନୀ ସୁନୀଲ ପୂର୍ଣ୍ଣ ପତ୍ରୀ

# ଚାମ୍ପିୟନ୍ସ ଲିଗ୍....

ୟୁରୋପରେ ଫୁଟ୍‌ବଲ ଅତ୍ୟନ୍ତ ଲୋକପ୍ରିୟ। ସ୍ପେନ୍‌ର ଲା ଲିଗା, ଜର୍ମାନୀର ବୁନ୍ଦେସ ଲିଗା, ଫ୍ରାନ୍ସର ଫ୍ରେଞ୍ଚ ଲିଗ୍ ଓ ଇଟାଲୀର ସେରୀ ଏ ପରି ଲିଗ୍‌ଗୁଡ଼ିକ ବେଶ୍ ଲୋକପ୍ରିୟ। ଏହା ବ୍ୟତୀତ ପ୍ରିମିୟର୍ ଲିଗ୍ ଓ ଚାମ୍ପିୟନ୍ସ ଲିଗ୍ ପରି ଟୁର୍ନାମେଣ୍ଟଗୁଡିକ ଖେଳାଯାଏ। ଏହି ସମସ୍ତ ଲିଗ୍‌ର ଶ୍ରେଷ୍ଠ ଦଳଗୁଡିକ ଏଥିରେ ଅଂଶଗ୍ରହଣ କରିଥାନ୍ତି। ୟୁରୋପର ଅନ୍ୟତମ ଶ୍ରେଷ୍ଠ ଲିଗ୍ ହେଉଛି ୟୁଏଫା ଚାମ୍ପିୟନ୍ସ ଲିଗ୍। ୧୯୫୫ରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ଏହି ଲିଗ୍‌କୁ ଇତିମଧ୍ୟରେ ୬୮ ବର୍ଷ ପୂରିଗଲାଣି। ବିଜେତା ଦଳକୁ ୨ କୋଟି ପାଉଣ୍ଡର ପୁରସ୍କାର ରାଶି ପ୍ରଦାନ କରାଯାଇଥାଏ। ରିୟଲ ମାଡ୍ରିଡ୍ ସଫଳତମ ଦଳ ଭାବରେ ୧୪ଥର ଏହି ଟୁର୍ନାମେଣ୍ଟ ବିଜୟୀ ହେବାରେ ସକ୍ଷମ ହୋଇଛି। ଚଳିତ ସିଜନରେ ଇଣ୍ଟର ମିଲାନକୁ ୧-୦ରେ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ମାଞ୍ଚେଷ୍ଟର ସିଟି।

**ଫର୍ମାଟ:** ବିଭିନ୍ନ ୟୁରୋପୀୟ ଲିଗ୍‌ର ୩୨ଟି ଶ୍ରେଷ୍ଠ ଟିମ୍ ଏଥିରେ ଅଂଶଗ୍ରହଣ କରିଥାନ୍ତି। ୩୨ ଦଳକୁ ୮ଟି ଗ୍ରୁପରେ ବିଭକ୍ତ କରାଯାଏ। ଟାଇଟଲ ବିଜେତା ଦଳ ୟୁଏଫା ସୁପର କପ ଓ ଫିଫା କ୍ଲବ ବିଶ୍ୱକପ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥାନ୍ତି।

**ରେକର୍ଡ:** ଚାମ୍ପିୟନ୍ସ ଲିଗ୍ ଇତିହାସରେ ସବୁଠାରୁ ସଫଳ ଦଳ ରହିଛି ରିୟଲ ମାଡ୍ରିଡ୍। ୧୪ ଥର ଟାଇଟଲ ଜିତିବା ସହିତ ମାଡ୍ରିଡ୍ ଚାମ୍ପିୟନ୍ସ ଲିଗ୍ ଇତିହାସର ସଫଳତମ ଦଳ ରହିଛି। ପ୍ରଥମ ୫ ସଂସ୍କରଣରେ ଦଳ ଚାମ୍ପିୟନ ହୋଇଥିବା ବେଳେ ବିଗତ ୧୦ ସଂସ୍କରଣରେ ୫ ଥର ବିଜୟୀ ହୋଇଛି। ସମୁଦାୟ ୨୩ଟି କ୍ଲବ୍ ଏହି ସମ୍ମାନଜନକ ଲିଗ୍ ଚାମ୍ପିୟନ ହୋଇଥିବା ବେଳେ ୧୩ଟି ଦଳ ଥରେ ଲେଖାଏ ଚାମ୍ପିୟନ୍ ହୋଇଛନ୍ତି। ୨୦୧୯-୨୦ ସିଜନରେ ବୁନ୍ଦେଶଲିଗା ଚାମ୍ପିୟନ ଦଳ ବାୟେର୍ନ ମ୍ୟୁନିକ୍ ଚମତ୍କାର ପ୍ରଦର୍ଶନ କରିଥିଲା। ଦଳ ଉକ୍ତ ସିଜନରେ ଗୋଟିଏ ମଧ୍ୟ ମ୍ୟାଚ୍‌ରେ ପରାଜିତ ହୋଇ ନ ଥିଲା। ଅପରାଜେୟ ଭାବରେ ଟାଇଟଲ୍ ଜିତିବାର ରେକର୍ଡ ଏହି କ୍ଲବ ନାମରେ ରହିଛି। ଲା ଲିଗାର କ୍ଲବ୍‌ଗୁଡିକ ୧୯ଟି ଟାଇଟଲ ହାସଲ କରିଥିବା ବେଳେ ୧୧ ଥର ରନର ଅପ୍ ରହିଛନ୍ତି। ଦ୍ୱିତୀୟ ସ୍ଥାନରେ ଥିବା ଇଂଲଣ୍ଡର କ୍ଲବ୍‌ଗୁଡିକ ୧୫ ଥର ଚାମ୍ପିୟନ ହୋଇଥିବା ବେଳେ ୧୧ ଥର ରନରଅପ୍ ରହିଛନ୍ତି। ୧୨ ଥର ଟାଇଟଲ ଜିତିବା ସହିତ ଇଟାଲୀର କ୍ଲବ ଗୁଡିକ ତୃତୀୟ ସ୍ଥାନରେ ରହିଛନ୍ତି।

ଚାମ୍ପିୟନ୍ସ ଲିଗ୍‌ରେ ସର୍ବାଧିକ ମ୍ୟାଚ୍ ଖେଳିବାର ରେକର୍ଡ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ନାମରେ ରହିଛି। ସ୍ପେନ୍‌ର ଆଇକର କାସିଲାସ ୧୭୭ ମ୍ୟାଚ୍ ଖେଳିଥିବା ବେଳେ ଆର୍ଜେଣ୍ଟିନାର ଲିଓନେଲ ମେସି ୧୬୩ ମ୍ୟାଚ ଖେଳିଛନ୍ତି। ରୋନାଲ୍ଡୋ ୧୮୩ ମ୍ୟାଚ୍‌ରୁ ସର୍ବାଧିକ ୧୪୦ ଗୋଲ ଦେଇଥିବା ବେଳେ ୧୨୯ ଗୋଲ୍ ସହିତ ମେସି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୯୧ ଗୋଲ୍ ସହିତ ରବର୍ଟ ଲିଓଣ୍ଡୋସ୍କି ତୃତୀୟ ସ୍ଥାନରେ ରହିଛନ୍ତି।

ପୁରସ୍କାର: ଚାମ୍ପିୟନ ଦଳକୁ ୨ କୋଟି ପାଉଣ୍ଡର ପୁରସ୍କାର ମିଳୁଥିବା ବେଳେ ରନର୍‌ଅପ୍ ଦଳକୁ ୧.୫୫ କୋଟି ପାଉଣ୍ଡ ପ୍ରଦାନ କରାଯାଇଥାଏ। ସେମି ଫାଇନାଲିଷ୍ଟ ଦଳକୁ ୧.୨୫ କୋଟି ପାଉଣ୍ଡ ଓ କ୍ୱାର୍ଟର ଫାଇନାଲିଷ୍ଟ ଦଳକୁ ୧.୦୬ କୋଟି ପାଉଣ୍ଡ ପୁରସ୍କାର ମିଳିଥାଏ। ବିଗତ ଦୁଇ ସିଜନ ହେବ ଲିଗ୍ ପକ୍ଷରୁ ଶ୍ରେଷ୍ଠ ଖେଳାଳି ଓ ଶ୍ରେଷ୍ଠ ଯୁବ ଖେଳାଳି ପୁରସ୍କାର ପ୍ରଦାନ କରାଯାଉଛି। ୨୦୨୧-୨୨ ସିଜନରେ ରିୟଲ ମାଡ୍ରିଡର କରିମ୍ ବେଞ୍ଜେମାଙ୍କୁ ସିଜନର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା। ଅନ୍ୟପକ୍ଷରେ ୨୦୨୨-୨୩ ସିଜନ ପାଇଁ ମାଞ୍ଚେଷ୍ଟର ସିଟିର ରୋଡ୍ରିଙ୍କୁ ଏହି ପୁରସ୍କାର ମିଳିଛି।

-ସରୋଜ ଜେନା



ଟ୍ରଫି ସହ ଚାମ୍ପିୟନ ମାଞ୍ଚେଷ୍ଟର ସିଟି ଦଳ

### ସର୍ବାଧିକ ଗୋଲ୍

କ୍ରିଷ୍ଟିଆନୋ ରୋନାଲ୍ଡୋ:୧୪୦ (ମାଞ୍ଚେଷ୍ଟର ୟୁନାଇଟେଡ(୨୧ଗୋଲ୍/୫୯ ମ୍ୟାଚ୍), ରିୟଲ ମାଡ୍ରିଡ୍(୧୦୫ ଗୋଲ୍/୧୦୧ ମ୍ୟାଚ୍), ଜୁଭେଣ୍ଟସ୍(୧୪ ଗୋଲ/୨୩ ମ୍ୟାଚ୍)।

ଲିଓନେଲ ମେସି: ୧୨୯(ବାର୍ସେଲୋନା(୧୨୦ ଗୋଲ୍/୧୪୯ ମ୍ୟାଚ୍), ପିଏସ୍‌ଜି(୯ ଗୋଲ୍/୧୪ ମ୍ୟାଚ୍)।

ରବର୍ଟ ଲିଓଣ୍ଡୋସ୍କି:୯୧ (ବୋରୁସିଆ ଡର୍ଟମୁଣ୍ଡ(୧୭ ଗୋଲ୍/୨୮ ମ୍ୟାଚ୍), ବାୟେର୍ନ ମ୍ୟୁନିକ୍(୬୯ ଗୋଲ୍/୭୮ ମ୍ୟାଚ୍), ବାର୍ସେଲୋନା(୫ଗୋଲ୍/୫ ମ୍ୟାଚ୍ )

କରିମ୍ ବେଞ୍ଜେମା:୯୦(ଲିଓନ୍(୧୨ଗୋଲ୍/୧୯ ମ୍ୟାଚ୍), ରିୟଲ ମାଡ୍ରିଡ୍(୭୮ ଗୋଲ୍/୧୩୩ ମ୍ୟାଚ୍)।

ରାଉଲ ଗୋଞ୍ଜାଲେଜ୍: ୭୧( ରିୟଲ ମାଡ୍ରିଡ୍ ୬୬ ଗୋଲ୍/୧୩୦ ମ୍ୟାଚ୍), ସାଲ୍‌କେ ୦୪(୫ଗୋଲ୍/୧୨ ମ୍ୟାଚ୍)।

## ଯୋଗ

ଛେତ୍ରୀଙ୍କ ହ୍ୟାଟ୍ରିକ ଗୋଲରେ
ଭାରତ ଗୋଲକରି ଚାରି ଶୂନ
ସାଫ୍ ଫୁଟବଲରେ ଆରମ୍ଭ
ହୋଇଛି ଭାରତର ଅଭିଯାନ
ଯୋଗ ବାଜିବାରୁ ଧନ
କ୍ରିଷ୍ଟିଆନୋ, ଅଲୀ ଲିଓନେଲ
ପଛକୁ ଚତୁର୍ଥରେ ଛେତ୍ରୀ ସ୍ଥାନ।

ଦେଶର ଟପ୍ ରେସ୍ ୱାକର ମଧ୍ୟରେ
ପଞ୍ଜାବର ମଞ୍ଜୁ ରାଣୀ
ଧନ୍ୟ ଆନ୍ତଃରାଜ୍ୟ
ଆଥଲେଟ ମିଟ୍‌ରେ
ଗୋଲ୍ଡେନ ପଦକ ଜିଣି
ରାହାଦେଲା ଯୋଗ ଟାଣି
ଫ୍ୟାମିଲି ପରିବେଶ ହର୍ଡଲ୍ସକୁ କାଟି
ମଞ୍ଜୁ ଆଜି ଶ୍ରେଷ୍ଠ ମଣି।

ଧ୍ୟାନ ପ୍ରାଣାୟମ ଆସନ ଯୋଗ
ଦେହକୁ ନ ଛୁଏଁ ରୋଗ
ସୁସ୍ୱାସ୍ଥ୍ୟର ଚାବିକାଠି ସିଏ ଜାଣେ
ଡେଲି କରେ ଯିଏ ଯୋଗ
ଦୂର କରେ ଲୋକ ରାଗ
ଷ୍ଟ୍ରେସ ସାଇଲେଣ୍ଟ କିଲର ହଟଇ
ରହେ ନାହିଁ ତା'ର ଦାଗ।

-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୩/୨୦୨୩ Bhubaneswar, Friday, June 23/ 2023

# ୭୫ ବର୍ଷ ପୂର୍ତ୍ତିରେ ଭାଗନେବେ ୫୦ ଲକ୍ଷ

## ଆଜି ବିଶ୍ୱ ଅଲିମ୍ପିକ୍ସ ଦିବସ



ଆଥ୍‌ଲେଟମାନଙ୍କ ମଧ୍ୟରେ କ୍ରୀଡା ଭାବନା ସୃଷ୍ଟି କରିବା ଦିଗରେ ଅଲିମ୍ପିକ୍ସର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୧୯୪୮ରେ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିବା ବେଳେ ଚଳିତ ବର୍ଷ ଏହାର ୭୫ ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ଏହି ଅବସରରେ ସମଗ୍ର ବିଶ୍ୱର ୫ଟି ମହାଦେଶର ୫୦ ଲକ୍ଷରୁ ଅଧିକ ଲୋକ ଏଥିରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଏହା ସହିତ ଚଳିତ ବର୍ଷର ଥିମ୍ ରହିଛି 'ଲେଟ୍ସ ମୁଭ୍'। ଆଥ୍‌ଲେଟମାନଙ୍କ ମଧ୍ୟରେ ଉତ୍କର୍ଷ, ବନ୍ଧୁତା ଓ ସମ୍ମାନ ପାଇଁ ଏହି ଉତ୍ସବକୁ ପାଳନ କରାଯାଉଛି।

ଇତିହାସ: ପ୍ରଥମ ଥର ପାଇଁ ୧୮୯୪ରେ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ଗଠନ ହୋଇଥିଲା। କ୍ରୀଡାର ମଜା ସାମଗ୍ରିକ ଭାବରେ ଉଠାଇବା ପାଇଁ ପିଅର୍ ଡେ କୋବେର୍ଟିନ୍ ଏହା ପ୍ରତିଷ୍ଠା କରିଥିଲେ। ୧୯୪୮, ଜୁନ୍ ୨୩ ତାରିଖରେ ପ୍ରଥମ ଥର ପାଇଁ ଏହି କମିଟି ପକ୍ଷରୁ ଅଲିମ୍ପିକ୍ସ ଦିବସ ପାଳନ କରାଯାଇଥିଲା। ସେ ସମୟରେ ମାତ୍ର ୯ଟି ଦେଶ ଅଲିମ୍ପିକ୍ସ କମିଟିର ସଦସ୍ୟ ରହିଥିଲେ। ଇତି ମଧ୍ୟରେ ୭୫ ବର୍ଷ ପୂରି ଯାଇଥିବା ବେଳେ ୫ଟି ମହାଦେଶର ୧୩୦ ରାଷ୍ଟ୍ର ଏହାର ସଦସ୍ୟତା ଗ୍ରହଣ କରି ସାରିଛନ୍ତି।

ଏସିଆରୁ ନେଇ ଆମେରିକା ପର୍ଯ୍ୟନ୍ତ ସର୍ବତ୍ର ଏହି ଦିବସକୁ ଅତ୍ୟନ୍ତ ଧୁମ୍‌ଧାମରେ ପାଳନ କରାଯାଇଥାଏ। ପାନାମା, ରୋମାନିଆ ଓ କାଜାକସ୍ତାନ ପରି ଦେଶରେ ମେ' ମାସରୁ ଏହି ସେଲିବ୍ରେଶନ ପାଇଁ ପ୍ରସ୍ତୁତି ଆରମ୍ଭ ହେଲାଣି। ପ୍ୟାରିସ୍ ୨୦୨୪କୁ ଦୃଷ୍ଟିରେ ରଖି ୭୦ ଦେଶ କାର୍ଯ୍ୟକ୍ରମ ରଖିଛନ୍ତି। ଅନ୍ୟପକ୍ଷରେ ଡକାରରେ ହେବାକୁ ଥିବା ୨୦୨୬ ୟୁଥ୍ ଅଲିମ୍ପିକ୍ସକୁ ସେଲିବ୍ରେଟ୍ କରିବାକୁ ନିଷ୍ପତ୍ତି ନେଇଛି ସେନେଗାଲ। ୨୦୩୨ରେ ହେବାକୁ ଥିବା ବ୍ରିସବେନ୍ ଅଲିମ୍ପିକ୍ସ ପାଇଁ ପୂର୍ବତନ ଅଲିମ୍ପିଆନମାନଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜିତ ହେବ।

**ଲେଟ୍ସ ମୁଭ୍:** ଚଳିତ ବର୍ଷର ଥିମ୍ ରହିଛି ଲେଟ୍ସ ମୁଭ୍। ୮୦ ପ୍ରତିଶତ ଯୁବପିଢ଼ି ନିଜର ଦୈନନ୍ଦିନ ଶାରୀରିକ ପରିଶ୍ରମ କରନ୍ତି ନାହିଁ। ଏହାକୁ ଦୃଷ୍ଟିରେ ରଖି ଯୁବସମାଜକୁ ମାନସିକ ଓ ଶାରୀରିକ ସୁସ୍ଥତା ପ୍ରଦାନ କରିବାକୁ ଏହି ଥିମ୍ ଚୟନ କରାଯାଇଛି।

କ୍ରୀଡା ଆମକୁ ଶାରୀରିକ ଓ ମାନସିକ ଭାବରେ ସୁସ୍ଥ ରଖିଥାଏ। ତେଣୁ ସମସ୍ତେ କ୍ରୀଡାକୁ ସାଦରେ ଗ୍ରହଣ କରିବା ଉଚିତ ବୋଲି କହିଛନ୍ତି ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟିର ମୁଖ୍ୟ ଥୋମାସ୍ ବାକ୍।

# ଡିନିଲାନାଙ୍କ ସହ ଚୁକ୍ତି କଲା ଓଏଫ୍‌ସି

ଭୁବନେଶ୍ୱର, ୨୨।୬
(ସରୋଜ ଜେନା)

ଡିଫେଣ୍ଡର ଡିନିଲାନାଙ୍କ ସହିତ ୩ ବର୍ଷର ଚୁକ୍ତି ସ୍ୱାକ୍ଷର କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ମିଜୋରାମର ଏହି ପ୍ରତିଭାବାନ ଡିଫେଣ୍ଡରଙ୍କୁ ଗୁରୁବାର କ୍ଲବରେ ସାମିଲ କରାଯାଇଛି। ଜୁନିୟର ସ୍ତରରେ ଭଲ ପ୍ରଦର୍ଶନ କରିଥିବା ଡିନିଲାନା ୨୦୧୮-୧୯ ସିଜନରେ ପ୍ରଥମ ଥର ପାଇଁ ଇଣ୍ଡିଆନ୍ ସୁପର ଲିଗରେ ଖେଳିଥିଲେ। ଦୁଇ ସିଜନ ଧରି ଚେନ୍ନାୟିନ୍ ଏଫ୍‌ସି ପାଇଁ ଖେଳିବା ପରେ ଜାମସେଦ୍‌ପୁର ଏଫ୍‌ସି ତାଙ୍କୁ ସାଇନ୍ କରିଥିଲା। ୨୦୨୦-୨୧ ସିଜନରେ ଜାମସେଦପୁର ପାଇଁ ୧୫ ମ୍ୟାଚ୍ ଖେଳିବା ସହିତ ଦଳକୁ ଚାମ୍ପିୟନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଡିନାଲାନାଙ୍କ ଉପସ୍ଥିତିରେ ଓଏଫ୍‌ସି ଅଧିକ ଶକ୍ତିଶାଳୀ ହେବା ସହିତ ଦଳର ବ୍ୟାକ୍ ଲାଇନ ଆହୁରି ମଜଭୁତ ହେବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି।

# ସିଇଓ ନିଯୁକ୍ତି ପାଇଁ ଆଇଓଏକୁ ନିର୍ଦ୍ଦେଶ

ଲାଉସାନେ, ୨୨।୬ (ପି.ଟି.)

ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସିଇଓ/ ସେକ୍ରେଟାରି ଜେନେରାଲ ନିଯୁକ୍ତି ଦେବାରେ ବିଳମ୍ବ କରୁଥିବାରୁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଉଦ୍‌ବେଗ ପ୍ରକାଶ କରିବା ସହ ଏହା ଦୁର୍ଭାଗ୍ୟଜନକ ବୋଲି କହିଛି। ଏଥିସହିତ ୟୁନାଇଟେଡ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ନିୟମ ଓ ନିର୍ଦ୍ଦେଶାବଳୀକୁ ଅନୁସରଣ କରି କୁସ୍ତିଯୋଦ୍ଧା ପ୍ରସଙ୍ଗକୁ ତୁରନ୍ତ ସମାଧାନ ଦିଗରେ ବିହିତ ପଦକ୍ଷେପ ନେବାକୁ କହିଛି। ବୁଧବାର ଆଇଓସିର କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ବସିଥିଲା। ଏଥିରେ ଭାରତ ବ୍ୟତୀତ ଆଫଗାନିସ୍ତାନ, ଗୁଆଟେମାଲା ଓ ସୁଦାନ ନ୍ୟାଶନାଲ ଅଲିମ୍ପିକ କମିଟିର ସାମ୍ପ୍ରତିକ ପରିସ୍ଥିତି ଉପରେ ଆଲୋଚନା ହୋଇଥିଲା।

# ଧାରଣାରତ କୁସ୍ତିଯୋଦ୍ଧାଙ୍କ ଲାଗି ଗୋଟିଏ ବାଉଟ୍

**ନୂଆଦିଲ୍ଲୀ, ୨୨।୬ (ପି.ଟି.):** ଆଗାମୀ ଏସିଆନ ଗେମ୍ସ ଓ ୱାର୍ଲ୍ଡ ଚାମ୍ପିୟନଶିପ୍ ଲାଗି ସିଲେକ୍ସନ ଟ୍ରାଏଲ ହେବ। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) କିନ୍ତୁ ସର୍ବଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ବିଦାୟୀ ସଭାପତି ବ୍ରିଜ୍ ଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣି ଧାରଣାରେ ବସିଥିବା ୬ କୁସ୍ତିଯୋଦ୍ଧାଙ୍କ ପାଇଁ କୋହଳ ଅବଲମ୍ବନ କରିଛି। ସେମାନଙ୍କୁ କେବଳ ଗୋଟିଏ ଲେଖାଏଁ ବାଉଟ୍‌ରେ ଭାଗ ନେବାକୁ ପଡ଼ିବ। ଏହି କୁସ୍ତିଯୋଦ୍ଧାମାନେ ହେଲେ ଭିନେଶ ଫୋଗଟ, ବଜରଙ୍ଗ ପୁନିଆ, ସାକ୍ଷୀ ମଲିକ, ସଙ୍ଗୀତା ଫୋଗଟ, ସାତ୍ୟିୱାର୍ଟ କାଡିଆନ ଓ ଜିତେନ୍ଦର କିନ୍‌ହା। ଅଗଷ୍ଟ ୫ରୁ ୧୫ ମଧ୍ୟରେ ହେବାକୁଥିବା ଟ୍ରାଏଲ୍ସର ବିଜେତା ବିପକ୍ଷରେ ସେମାନଙ୍କୁ ଲଢ଼ିବାକୁ ହେବ। ଦୀର୍ଘଦିନ ହେଲା ଧାରଣାରେ ବସିଥିବାରୁ କୁସ୍ତିଯୋଦ୍ଧାମାନେ ଆଗାମି ଦୁଇ ବଡ଼ ଇଭେଣ୍ଟ ଲାଗି ନିଜକୁ ଭଲଭାବେ ପ୍ରସ୍ତୁତ କରି ନ ଥିବାରୁ ସେମାନଙ୍କୁ ଏସିଆନ ଗେମ୍ସ ସିଲେକ୍ସନ ଟ୍ରାଏଲ୍ସରେ ଭାଗ ନେବା ଲଢାଗି ଅନୁମତି ଦେବା ଲାଗି କ୍ରୀଡ଼ା ମନ୍ତ୍ରଣାଳୟକୁ ଅନୁରୋଧ କରିଥିଲେ।







THE TRUST OF HERO

SCAN FOR BEST RESALE VALUE

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj - Phase -II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or call our toll-free no.: 1800 266 0018 or visit us on www.HeroMotoCorp.com.

70116 70116

Accessories and features shown may not be a part of standard fitment. Always wear a helmet while riding a two-wheeler. **Highest sales for any 2 Wheeler Corporate Entity in the world for Calendar Year 2022 – Data Source: DNA Consult & Advisory's report Assessment of Global Two Wheelers Market (CY22). ^^Based on offers from empaneled dealers on Wheels of Trust platforms. Terms & Conditions apply. For more details, please visit your nearest authorized Hero outlet.

BUY ONLINE AT eshop.heromotocorp.com
CALL TOLL-FREE 1800 266 0018

AUTHORIZED DEALERS: BHUBANESWAR: ROHAN HERO: 9289922474. BHARAT HERO: 7799766378. DD HERO: 7799766329. ARUNDHATI HERO: 9289923183. CUTTACK: JMG HERO: 9289922178. SUNNY HERO: 9289922697. ESSEN HERO: 9289923078. ANGUL: PARBATI HERO: 9289922902. BALASORE: NEELAM HERO: 9289922519. BARIPADA: ADITYA HERO: 7799766370. BHADRAK: SANJIB HERO: 9289922608. CHANDIKHOL: S. K. HERO: 9289922900. JAJPUR ROAD: SOUMIK HERO: 9289922611. JALESWAR: SAI HERO: 9289922844. JATNI: VISHAL HERO: 9289922984. KEONJHAR: SUPREME HERO: 9289922182. NAYAGARH: BHAGABATI HERO: 9289922687. PURI: SANJIB HERO: 9289923107. BEHRAMPUR: DHARMA NAGAR: LAKSHMI MOTORS: 9289923187. GAJAPATI NAGAR: LAKSHMI AUTOMOTIVES: 9289922184. JEYPORE: SUPREME HERO: 9289922183. PHULBANI: NARAYANI HERO: 9289922991. RAYGADA: AJIT HERO: 9289922819. BARGARH: AAKASH HERO: 9289922181. BHAWANIPATNA: ARUNDHATI HERO: 9289922837. BOLANGIR: ARUNDHATI HERO: 9289923033. JHARSUGUDA: VIJAYLAXMI HERO: 9289922595. ROURKELA: DUA HERO: 9289922179. SAMBALPUR: SRI SHYAM HERO: 9289922484. SONEPUR: JAI JAWAN HERO: 9289922800. SUNDERGARH: ROBOTECH HERO: 9289923063. DHENKANAL: SOM HERO: 9289922614. TALCHER: TARINI HERO: 9289922736. HERO SURE (BUY, SELL, EXCHANGE ANY USED TWO WHEELER): BHUBANESHWAR: ARUNDHATI MOTOBIKES: 7682841658. ROURKELA: DUA MOTORS: 6372753989.

FCB INTERFACE/6570/JUNE 2023/ODIYA

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ